# ଧରିତ୍ରୀ
DHARITRI

ସମ୍ବଲପୁର, ମଙ୍ଗଳବାର, ଅଗଷ୍ଟ ୯/୨୦୨୨ (୧୪ ପୃଷ୍ଠା) | Sambalpur, Tuesday, August 9/2022 | Page 14 | ₹ 7.00 | ★★

୧୮ଶ ଭାଗ ୨୩୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




## ଏସିଆ କପ୍ ଖେଳିବେନି ବୁମ୍ରା

ଭାରତର ସିନିୟର ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍ରା ଏସିଆ କପ୍ ଟି୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଖେଳିବେ ନାହିଁ।

୧୪

୧୦

## ସାମନ୍ଥାଙ୍କ ସଂଘର୍ଷ କାହାଣୀ

ଅର୍ଥାଭାବରୁ ଅନେକ ସମୟରେ ଦିନକୁ ମାତ୍ର ଦୁଇଓଳା ଖାଇ ରହିବାକୁ ପଡୁଥିବା ସାଉଥ୍ ଫିଲ୍ମ ଅଭିନେତ୍ରୀ ସାମନ୍ଥା ରୁଥ୍ ପ୍ରଭୁ କହିଛନ୍ତି।



# ସ ସ ସ

**ତଥାଗତ ସତପଥୀ**

ସର୍ବୋଚ୍ଚରୁ ସର୍ବନିମ୍ନ ସମାନ (ସ ସ ସ)। ଭାରତରେ ମହିଳାମାନେ ବିଭିନ୍ନ କ୍ଷେତ୍ରରେ ନିଜର ପାରଦର୍ଶିତା ପ୍ରଦର୍ଶନ କରୁଥିବା ଦେଖିବାକୁ ମିଳିଛି। ବ୍ରିଟେନ୍‌ର ବର୍ମିଂହାମ୍‌ଠାରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ମହିଳା ଆଥ୍‌ଲେଟମାନେ ଅନେକ ପଦକ ଜିତି ନିଜର ଦକ୍ଷତା ଦେଖାଇପାରିଛନ୍ତି। ଡାକ୍ତରଙ୍କଠାରୁ ଆରମ୍ଭକରି ମହାକାଶଚାରୀ ପର୍ଯ୍ୟନ୍ତ ସବୁଥିରେ ମହିଳା ଓ ଯୁବତୀଙ୍କ ଉପସ୍ଥିତି ଏକ ସକାରାତ୍ମକ ବାର୍ତ୍ତା ଦେଉଛି। ପାର୍ଲାମେଣ୍ଟରେ ମହିଳାଙ୍କ ଲାଗି ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ନେଇ ଅନେକ ଦଶନ୍ଧି ଧରି ବିଚାରବିମର୍ଶ ଚାଲିଛି। କେନ୍ଦ୍ରଠାରୁ ଆରମ୍ଭକରି ପଞ୍ଚାୟତ ସ୍ତରରେ ମହିଳାମାନେ କିଭଳି ଅଧିକରୁ ଅଧିକ ରାଜନୀତିରେ ପ୍ରବେଶ କରିବେ ସେଥିଲାଗି ପ୍ରୟାସ ମଧ୍ୟ ହେଉଛି। ହେଲେ ଏବେ ମଧ୍ୟପ୍ରଦେଶର ଦାମୋହ ଜିଲା ଗଇସାବାଦ୍ ପଞ୍ଚାୟତରେ ଘଟିଥିବା ଏକ ଘଟଣା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଏକ ଅନ୍ଧାର ଦିଗକୁ ସୂଚିତ କରିଥିବା ଦେଖିବାକୁ ମିଳିଛି। ଘଟଣାଟି ହେଲା, ସମ୍ପୃକ୍ତ ପଞ୍ଚାୟତରେ ଅନୁସୂଚିତ ବର୍ଗର ଜଣେ ମହିଳା ସରପଞ୍ଚ ନିର୍ବାଚନରେ ଜିତିଥିବା ବେଳେ ଆଉ କେତେ ଜଣ ମହିଳା ଅନ୍ୟ ପଦବୀରେ ବିଜୟ ଲାଭ କରିଥିଲେ। ସେମାନଙ୍କ ପାଇଁ ଶପଥ ଗ୍ରହଣ ଉତ୍ସବର ଆୟୋଜନ କରାଯାଇଥିଲା। ଦେଖିଲା ବେଳକୁ ବିଜୟୀ ମହିଳାଙ୍କ ସ୍ଥାନରେ ସେମାନଙ୍କ ସ୍ୱାମୀମାନେ ଶପଥ ନେଇଥିଲେ। ଶପଥ ଗ୍ରହଣ ସମୟର ଫଟୋ ପ୍ରସାରିତ ହେବା ପରେ ଜିଲା ଅଧିକାରୀ ପଞ୍ଚାୟତ ଅଧିକାରୀଙ୍କୁ ରିପୋର୍ଟ ମାଗିଛନ୍ତି।

ଉପରଲିଖିତ ଘଟଣା କେବଳ ନାରୀମାନଙ୍କ ରାଜନୈତିକ ସଶକ୍ତୀକରଣର ବିଫଳତା ଦର୍ଶାଉ ନାହିଁ, ସାମାଜିକ ସ୍ତରରେ ମହିଳାଙ୍କ ସ୍ଥିତିକୁ ଦେଖାଉଛି। ଭାରତବର୍ଷରେ ପଞ୍ଚାୟତ ସ୍ତରରେ ନିର୍ବାଚିତ ହେଉଥିବା ମହିଳାଙ୍କ ମଧ୍ୟରୁ ଅଧିକାଂଶଙ୍କ ସ୍ୱାମୀ, ଶ୍ୱଶୁର କିମ୍ବା ଭାଇମାନେ ରାଜନୀତିରେ ସକ୍ରିୟ ରହି ସବୁ କାମ କରିଥାଆନ୍ତି। ଅନେକ ମହିଳା ସରପଞ୍ଚ ଘରେ ରହି ଚୁଲି ଫୁଙ୍କିଥାଆନ୍ତି। ଏପରି କି ମହିଳା ବିଧାୟକ ଓ ସାଂସଦମାନଙ୍କ କ୍ଷେତ୍ରରେ ବହୁଆଡ଼େ ପୁରୁଷମାନେ ପ୍ରଶାସନିକ କାର୍ଯ୍ୟଠାରୁ ଆରମ୍ଭ କରି ଠିକାଦାରି କାମ ବୁଝାଶୁଝା କରୁଥିବା ଶୁଣିବାକୁ ମିଳେ। ତେଣୁ ମହିଳାମାନଙ୍କ ଉନ୍ନତି ଲାଗି ସେହି ବର୍ଗରୁ ଅଧିକ ପ୍ରତିନିଧିତ୍ୱ ହେବା ଉଦ୍ଦେଶ୍ୟ ରଖାଯାଇ ରାଜନୀତିରେ ସେମାନଙ୍କୁ ଗୁରୁତ୍ୱ ଦିଆଯାଉଥିବା କୁହାଯାଉଥିଲେ ମଧ୍ୟ ବାସ୍ତବରେ ସାମାଜିକ ସ୍ତରରେ ସେହି ଧ୍ୱନିର ଏକ ବିକୃତ ଚିତ୍ର ଦେଖିବାକୁ ମିଳୁଛି। ଯଦି ମଧ୍ୟପ୍ରଦେଶର ଗଇସାବାଦ୍ ପଞ୍ଚାୟତରେ ପୁରୁଷମାନେ ନେଉଥିବା ଶପଥଗ୍ରହଣର ସ୍ଥଳ ଓ ସେହି ଲୋକମାନଙ୍କୁ ଦେଖାଯାଏ ସେମାନେ କଦାପି ଭାବି ନ ଥିବେ ଯେ, ଏହି ଘଟଣାଟି ଏତେ ବଡ଼ ଆକାର ଧାରଣ କରିବ। ସମ୍ଭବତଃ ଏଭଳି ଧାରା ସେଠାରେ ପୂର୍ବରୁ ଗଡ଼ି ଆସୁଥିବ। ଏ କ୍ଷେତ୍ରରେ ଶପଥ ନେଉଥିବା ବ୍ୟକ୍ତିଙ୍କ ଅପେକ୍ଷା ସ୍ଥାନୀୟ ସରକାରୀ ଅଧିକାରୀଙ୍କ ବିରୋଧରେ କଠୋର ଦଣ୍ଡ ବିଧାନ କରାଯିବା ଉଚିତ। ସେହି ଅଧିକାରୀ ଅନୁମତି ଦେବାରୁ ଆଜି ସ୍ଥିତି ଏପରି ହୋଇଛି। ଶପଥ ଗ୍ରହଣ ସମୟର ଭିଡିଓ ଚାରିଆଡ଼େ ପ୍ରସାରିତ ହୋଇ ନ ଥିଲେ ଘଟଣାଟି ଚପିଯାଇଥାଆନ୍ତା।

ଆଶ୍ଚର୍ଯ୍ୟର କଥା ଯେ ଏସବୁ କାହାରିକୁ ବ୍ୟଥିତ କରେନାହିଁ। ଭାରତୀୟ ସମାଜ ପୁରୁଷପ୍ରଧାନ ହୋଇଥିବାରୁ ଏଭଳି ଘଟଣାରେ କେହି ବ୍ୟସ୍ତ ହୁଅନ୍ତି ନାହିଁ। ମଧ୍ୟପ୍ରଦେଶର ଘଟଣାକୁ ମିଡିଆରେ ପ୍ରସାରିତ କରିଦିଆଯିବା ଫଳରେ କିଛିଟା ପ୍ରତିକ୍ରିୟା ପ୍ରକାଶ ପାଇଲା। ନଚେତ୍ ଏହି ଦେଶର ପୁରପଲ୍ଲୀରେ ସମସ୍ତେ ମହିଳାଙ୍କୁ ସାମାଜିକ ସ୍ଥିତିରେ ନ୍ୟୂନ କରି ରଖିଥାନ୍ତି। ଉତ୍ତର ଭାରତରେ ବୋହୂମାନଙ୍କୁ ଯୌତୁକକୁ ନେଇ ପୋଡ଼ି ମାରିଦେଲେ ମଧ୍ୟ ପଡ଼ୋଶୀଙ୍କର କୌଣସି ଫରକ ପଡ଼େନାହିଁ। ସାଧାରଣରେ ଦେଖାଯାଏ, ଅଳ୍ପ କେତୋଟି ପରିବାରକୁ ଛାଡ଼ିଦେଲେ, ମୃତ ମହିଳାଙ୍କ ନିଜ ପରିବାର ମଧ୍ୟ ବିଶେଷ ବ୍ୟସ୍ତତା ପ୍ରକାଶ କରନ୍ତି ନାହିଁ। ସତେଯେମିତି ଝିଅ ଜନ୍ମ ନେଇଥିଲେ ଏଭଳି ଦଶା ଭୋଗିବା ସ୍ୱାଭାବିକ। ନିକଟରେ ଯେଉଁ କୌତୂହଳପୂର୍ଣ୍ଣ ବିବାଦ 'ରାଷ୍ଟ୍ରପତି' ଓ 'ରାଷ୍ଟ୍ରପତ୍ନୀ' ଶବ୍ଦକୁ ନେଇ ଉପୁଜିଥିଲା ତାହା କେବଳ ଭାରତ ଭଳି ଦେଶରେ ଘଟିପାରେ। ହିନ୍ଦୀ ଭାଷାରେ ପତିର ଅର୍ଥ ହେଉଛି ସ୍ୱାମୀ। ଯଦି ରାଷ୍ଟ୍ରପତି ଶବ୍ଦକୁ ଭାଗ କରାଯାଏ, ତେବେ ରାଷ୍ଟ୍ର କିମ୍ବା ଦେଶର ପତି କିମ୍ବା ସ୍ୱାମୀ ଏକ ପୁରୁଷ ମାନସିକତା। କିନ୍ତୁ ତାହାର ଅର୍ଥ ନୁହେଁ ଯେ, ଯିଏ ରାଷ୍ଟ୍ରପତି ହେଲେ ସିଏ ସମଗ୍ର ଦେଶର ସବୁ ମହିଳାଙ୍କ ସ୍ୱାମୀ। ତେବେ ସେହି ଚିନ୍ତାଧାରାକୁ କୌଣସି ବ୍ୟକ୍ତି ବିରୋଧ କରିବାର ଦୃଷ୍ଟାନ୍ତ ନାହିଁ। ଅନ୍ୟପଟେ ଯଦି ଅଣହିନ୍ଦୀଭାଷୀ କୌଣସି ବ୍ୟକ୍ତି, ଜାଣତରେ କିମ୍ବା ଅଜାଣତରେ, ରାଷ୍ଟ୍ରପତ୍ନୀ ଶବ୍ଦ ବ୍ୟବହାର କରେ ତେବେ ସେଥିରୁ ଖିଅ ଟାଣି ପ୍ରବଳ ବିରୋଧ କରାଯାଏ ଯେ ସେହି ପଦବୀରେ ବସିଥିବା ବ୍ୟକ୍ତି ସମସ୍ତଙ୍କର ମାଇପ ନୁହେଁ।

ଏହିଭଳି ବିକୃତ ମହିଳାବିରୋଧୀ ମନୋଭାବ ଭାରତୀୟଙ୍କ ଶିରାପ୍ରଶିରାରେ ପ୍ରବାହିତ ହେଉଥିବାରୁ ରାଷ୍ଟ୍ରପତ୍ନୀ ଶବ୍ଦ ବ୍ୟବହାର ପରେ ଯେଉଁ ବିବାଦ ସୃଷ୍ଟି ହେଲା ସେହି ବିବାଦକୁ ବିରୋଧ କରି କେହି କହିଲେ ନାହିଁ ଯେ ରାଷ୍ଟ୍ରପତି ଶବ୍ଦରେ ହିଁ ମୂଳରୁ ପୁରୁଷପ୍ରଧାନ (ପେଟ୍ରିଆର୍କି) ଚିନ୍ତାଧାରା ବୁଡ଼ିରହିଛି। ଇଂଲିଶରେ 'ପ୍ରେସିଡେଣ୍ଟ' ଶବ୍ଦ ସମ୍ପୂର୍ଣ୍ଣ ଭାବେ ଲିଙ୍ଗ ନିରପେକ୍ଷ। କିନ୍ତୁ ହିନ୍ଦୀରେ ରାଷ୍ଟ୍ରପତି ଶବ୍ଦକୁ ସେହି ଲିଙ୍ଗ ନିରପେକ୍ଷ ମାନ୍ୟତା ଦିଆଯାଇ ପାରିବ ନାହିଁ। ଏଭଳି ପରିସ୍ଥିତିରେ ରାଷ୍ଟ୍ରକର୍ତ୍ତା କିମ୍ବା ଦେଶମୁଖ୍ୟ ବୋଲି ଶବ୍ଦ ଗ୍ରହଣଯୋଗ୍ୟ ହୋଇପାରେ। ସେହିଭଳି ପଦବୀରେ ପୁରୁଷ କିମ୍ବା ମହିଳାଙ୍କର କୌଣସି ଭିନ୍ନତା ଦର୍ଶାଯାଇ ପାରିବ ନାହିଁ। ଯେତେବେଳେ ଗୋଟିଏ ସମାଜ ପୁରାତନ ଚିନ୍ତାକୁ ଧରି ବସିଥାଏ, ସେତେବେଳେ ଅନାବଶ୍ୟକ ବିବାଦ ଉପୁଜେ। ଏହାର ପ୍ରତିକାର କରିବାକୁ ହେଲେ ପ୍ରଶାସନିକ ସ୍ତରରେ ଓ ଶିକ୍ଷାରେ ଶବ୍ଦ ବ୍ୟବହାରକୁ ଲିଙ୍ଗ ନିରପେକ୍ଷ କରିବାକୁ ହେବ। ଭାରତର ପ୍ରତ୍ୟେକଟି ଆଇନକୁ ମଧ୍ୟ ପୁନର୍ବାର ନିରୀକ୍ଷଣ କରି ଲିଙ୍ଗ ନିରପେକ୍ଷ କରିବା ଅତ୍ୟନ୍ତ ଆବଶ୍ୟକ। ଏହି କାର୍ଯ୍ୟ କଷ୍ଟସାଧ୍ୟ ନୁହେଁ। କେବଳ ମାନସିକ ପରିବର୍ତ୍ତନର ଆବଶ୍ୟକତା ରହିଛି। ଦୁଃଖର ବିଷୟ ଯେ, ଏହି ଦେଶରେ ମାତୃଶକ୍ତିକୁ ବିଭିନ୍ନ ରୂପରେ ପୂଜା କରାଯାଉଥିଲେ ମଧ୍ୟ ମହିଳାମାନେ ସ୍ୱୟଂ ନିଜର ଗୁରୁତ୍ୱକୁ ହ୍ରାସ କରିଦେବା ପାଇଁ ଇଚ୍ଛୁକ ଥିବାରୁ ମଧ୍ୟପ୍ରଦେଶ ଭଳି ଘଟଣା ଘଟିବା ସମ୍ଭବପର ହେଉଛି। ଏହା କେବଳ ମଧ୍ୟପ୍ରଦେଶରେ ସୀମିତ ନୁହେଁ, ଦେଶର କୋଣଅନୁକୋଣ ଏପରିକି ଓଡ଼ିଶାରେ ମଧ୍ୟ ଦୈନନ୍ଦିନ ଏଇଭଳି ଦୃଷ୍ଟାନ୍ତ ଦେଖିବାକୁ ମିଳିଥାଏ।

# ଓଡ଼ିଶାରେ 'ଅଚ୍ଛେଦିନ୍': ଶାହା

***୨୦୧୯ ସାଧାରଣ ନିର୍ବାଚନ ସମୟରେ ଭାଜପାର ତତ୍କାଳୀନ ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ଏବେକାର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଓଡ଼ିଶା ଗସ୍ତରେ ଆସି ନବୀନ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ପୋଡ଼ା ଟ୍ରାନ୍ସଫର୍ମର କହି ବଙ୍ଗୋପସାଗରରେ ଫିଙ୍ଗି ଦେବାକୁ ରାଜ୍ୟବାସୀଙ୍କୁ ଆହ୍ୱାନ ଦେଇଥିଲେ। ରାଜ୍ୟବାସୀ କିନ୍ତୁ ଶାହାଙ୍କ କଥାକୁ ବେଖାତିର କରି ପୁନର୍ବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ବିପୁଳ ସମର୍ଥନ ଦେଇ କ୍ଷମତାରେ ବସାଇଥିଲେ। ସୋମବାର ଓଡ଼ିଶା ଗସ୍ତରେ ଆସିଥିବା ଶାହା କଟକରେ କହିଛନ୍ତି ଯେ ଓଡ଼ିଶାରେ 'ଅଚ୍ଛେଦିନ୍' ଆସିଛି। କିନ୍ତୁ ୨୦୨୪ ସାଧାରଣ ନିର୍ବାଚନରେ ଭାଜପା ଓଡ଼ିଶାରେ ଶାସନ କରିବ ବୋଲି ଶାହା ଭୁବନେଶ୍ୱରର ଏକ କାର୍ଯ୍ୟକ୍ରମରେ କହିଛନ୍ତି। ପୂର୍ବରୁ ଦେଖାଦେଇଛି ଯେ ଅମିତଙ୍କ କଥାର ଓଲଟା ପ୍ରମାଣ ହୋଇଛି। ଏଥିରୁ ବୁଝାପଡ଼ୁଛି ଓଡ଼ିଶାବାସୀ ଏଥର ମଧ୍ୟ ଶାହାଙ୍କ କଥାକୁ ପ୍ରତ୍ୟାଖ୍ୟାନ କରିବେ।***



'ପ୍ରଜାତନ୍ତ୍ର'ର ୭୫ତମ ବାର୍ଷିକ ଉତ୍ସବରେ ଯୋଗଦେଇଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା।

**କଟକ ଅଫିସ,୮।୮**

ଓଡ଼ିଶାରେ ଅଚ୍ଛେଦିନ୍ (ଭଲ ଦିନ) ଆସିଛି। ଏହି ମାଟିରେ ଜନ୍ମିତ ଦ୍ରୌପଦୀ ମୁର୍ମୁ ଦେଶର ରାଷ୍ଟ୍ରପତି ହୋଇପାରିଛନ୍ତି। ଏହା ଆଦିବାସୀ ଏବଂ ଗରିବଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ। ସେହିପରି ଓଡ଼ିଶାରୁ ଅଶ୍ୱିନୀ ବୈଷ୍ଣବ, ଧର୍ମେନ୍ଦ୍ର ପ୍ରଧାନ, ବିଶ୍ୱେଶ୍ୱର ଟୁଡୁ କେନ୍ଦ୍ରମନ୍ତ୍ରୀ ହୋଇଛନ୍ତି। ବିଶ୍ୱଭୂଷଣ ହରିଚନ୍ଦନ ଆନ୍ଧ୍ରପ୍ରଦେଶରେ ରାଜ୍ୟପାଳ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶାସନ କାଳରେ ଓଡ଼ିଶାକୁ ଯେଉଁଭଳି ଗୁରୁତ୍ୱ ମିଳିଛି, ତାହା ଆଗରୁ କେବେ ମିଳିନାହିଁ। ଓଡ଼ିଶାରେ ଖଣିଜ ପଦାର୍ଥ ଭରପୂର। ଆଗାମୀ ଦିନରେ ଓଡ଼ିଶାର ଉଜ୍ଜ୍ୱଳ ଭବିଷ୍ୟତ ଦେଖିପାରୁଛି ବୋଲି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା 'ପ୍ରଜାତନ୍ତ୍ର'ର ୭୫ତମ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଏଭଳି ମତବ୍ୟକ୍ତ କରିଛନ୍ତି। ସୋମବାର କଟକର ଇନ୍‌ଡୋର ଷ୍ଟାଡିୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିଶିଷ୍ଟ ଲେଖିକା ଡ.ପ୍ରତିଭା ରାୟ ଯୋଗଦେଇଛନ୍ତି।

ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଉତ୍କଳ ଭୂମିର ସର୍ବୋଚ୍ଚ ନେତା ବୋଲି ସମ୍ବୋଧନ କରିବା ସହିତ ଧର୍ମେନ୍ଦ୍ରଙ୍କୁ ନିଜ ମିତ୍ର କହିଛନ୍ତି। ଏଥିସହିତ ଭର୍ତ୍ତୃହରିଙ୍କୁ ଦେଶର ଶ୍ରେଷ୍ଠ ଏମ୍‌ପି ଓ ପ୍ରତିଭା ରାୟଙ୍କୁ ଭଉଣୀ ବୋଲି ସମ୍ବୋଧନ କରିଛନ୍ତି। ଶାହା କହିଛନ୍ତି, ସେ ପଶ୍ଚିମ ଭୂମିରୁ ଆସି ପୂର୍ବ ଭୂମିରେ ପାଦ ରଖିଛନ୍ତି। ସେଠାରେ ବି ଜଗନ୍ନାଥ, ଏଠି ବି ଜଗନ୍ନାଥ ଅଛନ୍ତି। ମହାପ୍ରଭୁ ଜଗନ୍ନାଥ ହିଁ ପୂର୍ବରୁ ପଶ୍ଚିମ ପର୍ଯ୍ୟନ୍ତ ସମଗ୍ର ଦେଶକୁ ଭକ୍ତ ଓ ସଂସ୍କୃତିରେ ଯୋଡ଼ି ରଖିଛନ୍ତି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ, ସାରା ଦେଶ ଏବେ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ କରୁଛି। ଅଗଷ୍ଟ ୯ କ୍ରାନ୍ତି ଦିବସ ଆମ ଇତିହାସର ଏକ ରେଡ୍ ଲେଟର ଡେ। ଏହି ଅବସରରେ ସମସ୍ତ ସଂଗ୍ରାମୀଙ୍କୁ ପ୍ରଣାମ ଜଣାଉଛି। ଗଣତାନ୍ତ୍ରିକ ସମାଜରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହା ଆମର ମହାନ୍ ସାଂସ୍କୃତିକ ଐତିହ୍ୟ, ନୈତିକ ମୂଲ୍ୟବୋଧକୁ ବଜାୟ ରଖିବା ଏବଂ ଜାତୀୟ ଏକତା ଏବଂ ସାମ୍ପ୍ରଦାୟିକ ସଦ୍‌ଭାବକୁ ପ୍ରୋତ୍ସାହିତ କରିବା ଉଚିତ। କୌଣସି ଭୟ ଏବଂ ଅନୁଗ୍ରହ ବିନା ଗଣମାଧ୍ୟମ ତାହାର କର୍ତ୍ତବ୍ୟ ପାଳନ କରିବା ଉଚିତ। ଲୋକଙ୍କ ବିଶ୍ୱାସ ଆଧାରରେ ଗଣମାଧ୍ୟମ ଚାଲିଥାଏ। ତେଣୁ ରାଜନୀତି ଅପେକ୍ଷା ଗଣମାଧ୍ୟମ ଲୋକଙ୍କ ପ୍ରକୃତ ପ୍ରସଙ୍ଗକୁ ପ୍ରାଥମିକତା ଦେବା ଉଚିତ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ସ୍ୱାଧୀନତା ସଂଗ୍ରାମୀ ଡ. ହରେକୃଷ୍ଣ ମହତାବ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଦେଶକୁ ଏକତ୍ରୀକରଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ପଟେଲ ଭାରତର ଗଡ଼ଜାତ ଅଞ୍ଚଳ ଏବଂ ସ୍ୱାଧୀନ ରାଜ୍ୟଗୁଡ଼ିକୁ ଦେଶ ସହ ମିଶାଇବାରେ ☞ପୃଷ୍ଠା-୪

# ଶେଷ ଦିନରେ ୪ ସ୍ୱର୍ଣ୍ଣ ସହ ଭାରତ ୪ର୍ଥ

## ରାଜ୍ୟଗୋଷ୍ଠୀ କ୍ରୀଡ଼ା ଉଦ୍‌ଯାପିତ

**ବର୍ମିଂହାମ୍, ୮।୮:** ରାଜ୍ୟଗୋଷ୍ଠୀ କ୍ରୀଡ଼ାର ୨୨ତମ ସଂସ୍କରଣ ସୋମବାର ବର୍ମିଂହାମ୍‌ରେ ଶେଷ ହୋଇଛି। ଅନ୍ତିମ ଦିବସରେ ୪ ସ୍ୱର୍ଣ୍ଣ ସହ ଭାରତକୁ ମୋଟ ୬ଟି ପଦକ ମିଳିଛି। ବ୍ୟାଡ୍‌ମିଣ୍ଟନ ମହିଳା ସିଙ୍ଗଲ୍ସରେ ପି.ଭି. ସିନ୍ଧୁ, ପୁରୁଷ ସିଙ୍ଗଲ୍ସରେ ଲକ୍ଷ୍ୟ ସେନ୍ ଏବଂ ପୁରୁଷ ଡବଲ୍ସରେ ଚିରାଗ ଶେଟ୍ଟି ଓ ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ସେହିପରି ଟେବୁଲ ଟେନିସ୍‌ର ପୁରୁଷ ସିଙ୍ଗଲ୍ସରେ ଅଚନ୍ତ ଶରଥ କମଲ ସ୍ୱର୍ଣ୍ଣ ପଦକ ପାଇ ଦେଶକୁ ଗର୍ବିତ କରିଛନ୍ତି। ପୁରୁଷ ହକିରୁ ଭାରତ ରୌପ୍ୟ ପାଇଥିବାବେଳେ ଟେବୁଲ ଟେନିସ୍‌ର ପୁରୁଷ ☞ପୃଷ୍ଠା-୪

# ଯୁକ୍ତ୨ କଳାରେ ୮୨.୧୦% ଉତ୍ତୀର୍ଣ୍ଣ

## ଧନ୍ଦାମୂଳକରେ ୭୦.୩୫%

- **ଉଭୟରେ ଛାତ୍ରୀ ଆଗରେ**
- **କଳା: ଖୋର୍ଦ୍ଧା ସର୍ବାଧିକ ୮୭.୮୦%, ନବରଙ୍ଗପୁର ସର୍ବନିମ୍ନ ୬୪.୧୬%**
- **ଧନ୍ଦାମୂଳକ: ବାଲେଶ୍ୱର ସର୍ବାଧିକ ୯୩.୮୯%, କଳାହାଣ୍ଡି ସର୍ବନିମ୍ନ ୩୭.୨୯% ପାସ୍**

**ଭୁବନେଶ୍ୱର, ୮।୮(ବ୍ୟୁରୋ)**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ କଳା ଓ ଧନ୍ଦାମୂଳକ ପରୀକ୍ଷାଫଳ ସୋମବାର ପ୍ରକାଶ ପାଇଛି। କଳାରେ ୮୨.୧୦ ପ୍ରତିଶତ ଓ ଧନ୍ଦାମୂଳକ ଶିକ୍ଷାରେ ୭୦.୩୫ ପ୍ରତିଶତ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। ଅପରାହ୍ନ ୪ଟାରେ ଭୁବନେଶ୍ୱରସ୍ଥିତ ପରିଷଦ କାର୍ଯ୍ୟାଳୟରେ ସିଏଚ୍‌ଏସ୍‌ଇ ଅଧ୍ୟକ୍ଷ ଅଶ୍ୱିନୀ ମିଶ୍ର ପରୀକ୍ଷାଫଳ ଘୋଷଣା କରିଛନ୍ତି।

ଚଳିତବର୍ଷ ମୋଟ ୨,୦୮,୬୩୧ ଜଣ ଯୁକ୍ତ୨ କଳା ପରୀକ୍ଷା ଦେଇଥିଲେ। ଏମାନଙ୍କ ମଧ୍ୟରୁ ୧,୭୧,୨୮୮ ଜଣ କୃତକାର୍ଯ୍ୟ ହୋଇଛନ୍ତି। ପାସ୍ ହାର ରହିଛି ୮୨.୧୦%। ଏଥର ବି ଝିଅମାନେ ଆଗରେ ରହିଛନ୍ତି। ଛାତ୍ରୀଙ୍କ ପାସ୍‌ହାର ୮୭.୪୫% ଓ ଛାତ୍ରଙ୍କ ପାସ ହାର ୭୫.୦୮%। ପ୍ରଥମ ଶ୍ରେଣୀରେ ୬୨,୭୩୪ଜଣ ଉତ୍ତୀର୍ଣ୍ଣ ହୋଇଥିବାବେଳେ ଦ୍ୱିତୀୟ ଶ୍ରେଣୀରେ ୪୧,୧୯୩ ଏବଂ ତୃତୀୟ ଶ୍ରେଣୀରେ ୬୭,୩୪୧ ଜଣ କୃତକାର୍ଯ୍ୟ ହୋଇଛନ୍ତି। ଖୋର୍ଦ୍ଧା ଜିଲାରେ ସର୍ବାଧିକ ୮୭.୮୦% ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଥିବା ବେଳେ ନବରଙ୍ଗପୁର ଜିଲାରେ ସର୍ବନିମ୍ନ ପାସ୍‌ହାର ୬୪.୧୬% ରହିଛି। ଅନ୍ୟପକ୍ଷରେ ୯୦ ପ୍ରତିଶତ ଉପରେ ମାର୍କ ରଖିଥିବା ଛାତ୍ରୀଛାତ୍ରଙ୍କ ସଂଖ୍ୟା ବଢ଼ିଛି। କଳାରେ ଗତବର୍ଷ ୯୭ଜଣ ୯୦% ଉପରେ ମାର୍କ ରଖିଥିବାବେଳେ ଏଥର ୧୭୭ଜଣ ଛାତ୍ରୀଛାତ୍ର ରହିଛନ୍ତି। ୨୮ଟି ଉଚ୍ଚ ମାଧ୍ୟମିକ ସ୍କୁଲର ପିଲାମାନେ ଶତପ୍ରତିଶତ ପାସ କରିଥିବାବେଳେ କୌଣସି ସ୍କୁଲର ରେଜଲ୍ଟ ଶୂନ୍ୟ ହୋଇ ନ ଥିବା ସିଏଚ୍‌ଏସ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ☞ପୃଷ୍ଠା-୪







**ମନ୍ଦିରରେ ଦଳାଚକଟା: ୩ ମୃତ**

ରାଜସ୍ଥାନର ସିକର ଜିଲାରେ ଥିବା ଖତୁ ଶ୍ୟାମଜୀ ମନ୍ଦିର ବାହାରେ ସୋମବାର ଦଳାଚକଟାରେ ୩ ମହିଳା ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୪ ଜଣ ଆହତ ହୋଇଛନ୍ତି। ଏକାଦଶୀ ତିଥି ଥିବାରୁ ରାଜସ୍ଥାନ ଓ ଅନ୍ୟ ପଡୋଶୀ ରାଜ୍ୟରୁ ଲକ୍ଷାଧିକ ଶ୍ରଦ୍ଧାଳୁ ପ୍ରସିଦ୍ଧ ମନ୍ଦିରକୁ ଦର୍ଶନ ପାଇଁ ଆସିଥିଲେ। ସେମାନେ ପ୍ରବେଶ ଲାଗି ରାତିରୁ ମନ୍ଦିର ଆଗରେ ଧାଡ଼ି ଲଗାଇଥିଲେ। ଭୋର ୪ଟା ୩୦ରେ ଦ୍ୱାର ଖୋଲିବା ମାତ୍ରେ ପ୍ରବେଶ ଲାଗି ଠେଲାପେଲାରୁ ଦଳାଚକଟା ଘଟିଥିଲା। ଭିଡ଼ ନିୟନ୍ତ୍ରଣରେ ବିଫଳତା ଲାଗି ଖତୁ ଶ୍ୟାମଜୀ ଥାନାର ଭାରପ୍ରାପ୍ତ ଅଧିକାରୀ ରିୟା ଚୌଧରୀଙ୍କୁ ନିଲମ୍ବନ କରାଯାଇଛି।



# ଥମୁନି ଚାଇନା ଆକ୍ରୋଶ



ଚାଇନା ସେନା ପକ୍ଷରୁ ତାଇୱାନ ଦ୍ୱୀପ ଚାରିପଟେ ମିଳିତ ସମରାଭ୍ୟାସ ବେଳେ ଯୁଦ୍ଧ ବିମାନ ଭିତରେ ଜଣେ ପାଇଲଟ୍।

- ତାଇୱାନ ଚାରିପଟେ ଘେରାବନ୍ଦୀ
- ପୁଣି ସମରାଭ୍ୟାସ କରିବାକୁ ଘୋଷଣା
- ବେଜିଂ ସାମରିକ କାର୍ଯ୍ୟକଳାପ ବନ୍ଦ କରୁ: ତାଇୱାନ

ବେଜିଂ/ତାଇପେଇ, ୮।୮

ଆମେରିକା କଂଗ୍ରେସ ସ୍ପିକର ନାନ୍ସି ପେଲୋସିଙ୍କ ତାଇୱାନ ଗସ୍ତକୁ ନେଇ ଚାଇନାର ଆକ୍ରମଣାତ୍ମକ ଆଭିମୁଖ୍ୟ ଜାରି ରହିଛି। ଏହି ଦ୍ୱୀପରାଷ୍ଟ୍ର ସୀମା ନିକଟରେ ରବିବାର ୪ ଦିନିଆ ସମରାଭ୍ୟାସ ଶେଷ କରିବା ପରେ ମଧ୍ୟ ଚାଇନା ସୋମବାର ସେଠାରେ ନୂଆ ମିଲିଟାରୀ ଡ୍ରିଲ୍ ଘୋଷଣା କରିଛି। ଏହି ଦ୍ୱୀପକୁ ଚାଇନାର ୩ ସେନା ଚାରିପଟୁ ଘେରିରହିଛନ୍ତି। ତାଇୱାନ ପ୍ରତିରକ୍ଷାକୁ ଚାପଗ୍ରସ୍ତ କରିବା ପାଇଁ ଚାଇନା ଏପରି ରଣନୀତି ପ୍ରସ୍ତୁତ କରିଛି। ଏହି ଡ୍ରିଲ୍‌ରେ ଆଣ୍ଟାଇ-ସବମେରାଇନ୍, କମ୍ବାଟ୍ ଭେହିକିଲ୍, ସ୍ନାଇପର, ଅସ୍ତ୍ରଶସ୍ତ୍ର ପରିବହନକାରୀ ଯାନ ଆଦି ଅନ୍ତର୍ଭୁକ୍ତ। ତେବେ ଏହି ସମରାଭ୍ୟାସ କେବେ ଶେଷ ହେବ ତାହା ଚାଇନା ସ୍ପଷ୍ଟ କରିନାହିଁ। ବେଜିଂ ସମ୍ପୂର୍ଣ୍ଣ ସ୍ୱଚ୍ଛ, ବୃତ୍ତିଗତ ଢଙ୍ଗରେ ନିଜ ଜଳସୀମାରେ ସମରାଭ୍ୟାସ କରୁଛି ବୋଲି ତାଇୱାନକୁ ନିଜର ଦାବି କରିଆସୁଥିବା ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଅନ୍ୟପଟେ ବେଜିଂର ସମରାଭ୍ୟାସକୁ ତାଇୱାନ ନିନ୍ଦା କରିଛି। ଚାଇନା ଜାଣିଶୁଣି ଉତ୍ତେଜନାପୂର୍ଣ୍ଣ ସ୍ଥିତି ସୃଷ୍ଟି କରୁଛି। ତୁରନ୍ତ ଏହି ଦେଶ ସାମରିକ କାର୍ଯ୍ୟକଳାପ ବନ୍ଦ କରି ସୀମାନିକଟରୁ ହଟୁ ବୋଲି ତାଇୱାନ ଦାବି କରିଛି। ତାଇୱାନ କାହା ସହ ବିବାଦ ଚାହୁଁନାହିଁ। ସଂଯମତାର ସହ ନିଜ ସାର୍ବଭୌମତ୍ୱ ଓ ଗଣତନ୍ତ୍ରକୁ ସୁରକ୍ଷା ଦେବା ପାଇଁ ଆତ୍ମରକ୍ଷା କରୁଛି। ତାଇୱାନ ନିର୍ଭୟରେ ଜାତୀୟ ନିରାପତ୍ତା ବଜାୟ ରଖିବ ବୋଲି ଏହାର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି।

ଚାଇନା ନୂଆ ସମରାଭ୍ୟାସ ଘୋଷଣା କରିବା ପୂର୍ବରୁ ତାଇୱାନ ରାଷ୍ଟ୍ରପତି ସାଇ ଇଙ୍ଗ୍-ୱେନ୍ ସୋମବାର କାରବିଆନ୍ ଦେଶ ସେଣ୍ଟ ଭିନ୍‌ସେଣ୍ଟ ଆଣ୍ଡ୍ ଗ୍ରେନାଡାଇନ୍‌ସ ପ୍ରଧାନମନ୍ତ୍ରୀ ରାଲ୍ଫ ଗୋନସାଲଭେସ୍‌ଙ୍କୁ ଭେଟିଛନ୍ତି। ଚାଇନା ପକ୍ଷରୁ ଚାପ ପକାଯିବା ସତ୍ତ୍ୱେ ଗୋନ୍‌ସାଲଭେସ୍‌ଙ୍କ ଏହି ଗସ୍ତ ତାଙ୍କୁ ପ୍ରଭାବିତ କରିଛି ବୋଲି ୱେନ୍ କହିଛନ୍ତି। ଏଥିସହ ତାଇୱାନ ଗଣତନ୍ତ୍ରକୁ ରକ୍ଷା କରିବା ପାଇଁ ସେ ଅନ୍ତର୍ଜାତୀୟ ସମୁଦାୟର ସହଯୋଗ ମାଗିଛନ୍ତି। ଚାଇନାର ସାମରିକ କାର୍ଯ୍ୟକଳାପକୁ ତାଇୱାନ ବେଶ୍ ଶାନ୍ତ ଭାବେ ସମ୍ଭାଳିବ ବୋଲି ଏହାର ପ୍ରତିରକ୍ଷା ମନ୍ତ୍ରଣାଳୟ ମୁଖପାତ୍ର ସନ୍ ଲି-ଫାଙ୍ଗ୍ କହିଛନ୍ତି। ଅପରପକ୍ଷେ ଚାଇନାର ଏଭଳି ଆକ୍ରମଣାତ୍ମକ ଆଭିମୁଖ୍ୟକୁ ଆମେରିକା ସମେତ ଜାପାନ, ଅଷ୍ଟ୍ରେଲିଆ ମଧ୍ୟ ନିନ୍ଦା କରିଛନ୍ତି। ପେଲୋସିଙ୍କ ଗସ୍ତକୁ ନେଇ ଚାଇନା ଏପରି ଉଗ୍ର ହେବାର କୌଣସି କାରଣ ନାହିଁ ବୋଲି ୱାଶିଂଟନ୍‌ରେ ଅବସ୍ଥାପିତ ଜାପାନ ରାଷ୍ଟ୍ରଦୂତ ବି-ଖ୍ରିମ୍ ସିଆଓ କହିଛନ୍ତି। ଆମେ ଦଶନ୍ଧି ଧରି ଚାଇନା ପକ୍ଷରୁ ବିପଦ ଆଶଙ୍କାରେ ରହିଛୁ। ସମ୍ପ୍ରତି ବେଜିଂ ଅନ୍ତର୍ଜାତୀୟ ଶାନ୍ତି ପାଇଁ ବଡ଼ ବିପଦ ହୋଇ ଉଭାହୋଇଛି ବୋଲି ସେ ପ୍ରକାଶ କରିଛନ୍ତି। ଅଷ୍ଟ୍ରେଲିଆ ବହିର୍ବ୍ୟାପାର ମନ୍ତ୍ରୀ ପେନି ଓଙ୍ଗ୍ ଉଭୟ ପକ୍ଷ ଶାନ୍ତ ରହିବାକୁ ନିବେଦନ କରିଛନ୍ତି।

## କ'ଣ କରିପାରିବ ତାଇୱାନ

**ତାଇପେଇ, ୮।୮:** ସମ୍ପ୍ରତି ଚାଇନା-ତାଇୱାନ ମଧ୍ୟରେ ଯୁଦ୍ଧଭଳି ସ୍ଥିତି ଉପୁଜିଥିବାବେଳେ ବେଜିଂ ଏହି ଦ୍ୱୀପରାଷ୍ଟ୍ରକୁ ଆକ୍ରମଣ କରିବା ଆଶଙ୍କା ଦେଖାଦେଇଛି। ଏହାକୁ ଦୃଷ୍ଟିରେ ରଖି ତାଇୱାନ ଏହାର ୩ ସେନାକୁ ହାଇ ଆଲର୍ଟରେ ରଖିଛି। ରାଜଧାନୀ ତାଇପେଇ ସମେତ ଅନେକ ସହରରେ ଲୋକଙ୍କୁ ଯୁଦ୍ଧ କଳା ତାଲିମ ଦିଆଯାଉଛି। ବିଶେଷଜ୍ଞଙ୍କ ମତରେ ଚାଇନା ତାଇୱାନ ଉପରେ ଆକ୍ରମଣ କଲେ ପ୍ରାୟ ୨୦ ଲକ୍ଷ ସକ୍ରିୟ ସୈନ୍ୟ ଆବଶ୍ୟକ ପଡ଼ିପାରେ। ଆକଳନ ଅନୁସାରେ ବେଜିଂ ନିକଟରେ ଏବେ ୨୦ ଲକ୍ଷ ସକ୍ରିୟ ସୈନ୍ୟ ରହିଛନ୍ତି। ତେଣୁ ଗୋଟିଏ ଯୁଦ୍ଧରେ ଚାଇନା ଏହାର ସମସ୍ତ ଆକ୍ଟିଭ୍ ସୈନ୍ୟଙ୍କୁ ମୁତୟନ କରିବାକୁ ଚାହିଁବ ନାହିଁ। କାରଣ ରୁଷିଆ-ୟୁକ୍ରେନ୍ ଯୁଦ୍ଧରେ ମସ୍କୋର ସମ୍ପୂର୍ଣ୍ଣ ୟୁକ୍ରେନ୍ ଦଖଲ ସ୍ୱପ୍ନ ଏକପ୍ରକାର ବିଫଳ ହୋଇସାରିଛି। ବିଶାଳ ଚାଇନା ସୈନ୍ୟଙ୍କ ତୁଳନାରେ ତାଇୱାନର ସାମରିକ ଶକ୍ତି ବେଶ୍ ଛୋଟ। ସଦ୍ୟ ଆକଳନ ଅନୁସାରେ ଏହି ଦ୍ୱୀପ ରାଷ୍ଟ୍ରର ସକ୍ରିୟ ସୈନ୍ୟଙ୍କ ସଂଖ୍ୟା ମାତ୍ର ୧ ଲକ୍ଷ ୭୦ ହଜାର। ଯୁଦ୍ଧ ହେଲେ ଚାଇନାରେ ଆଉ ୬୦ କୋଟି ଲୋକ ସେନାରେ ଯୋଗ ଦେଇପାରିବେ। ହେଲେ ତାଇୱାନ ମାତ୍ର ୧୦ ଲକ୍ଷ ଲୋକଙ୍କୁ ସେନାରେ ଭର୍ତ୍ତି କରାଇପାରିବ। ୨୦୦୮ରେ ଆମେରିକା ନାଭାଲ ୱାର କଲେଜର ରିସର୍ଚ୍ଚ ପ୍ରଫେସରଙ୍କ ଦ୍ୱାରା ପ୍ରସ୍ତାବିତ 'ପୋର୍‌କ୍ୟୁପାଇନ୍ ଡକ୍ଟ୍ରିନ୍' ରଣନୀତି ତାଇୱାନ ବାଛିପାରେ। ଏହା ଏପରି ଏକ ରଣନୀତି ଯେଉଁଠାରେ ସାମ୍ନାବାଲାଠାରୁ ଦୁର୍ବଳ ରାଷ୍ଟ୍ର ହେବାକୁ ଥିବା କ୍ଷୟକ୍ଷତି ରୋକିବା ପାଇଁ ପ୍ରସ୍ତୁତ କରିବା ସହ କମ୍ ସାମରିକ ବଳରେ ଶତ୍ରୁ ଦେଶକୁ ରୋକିପାରିବ। ଏଥିରେ ଛୋଟ ଦେଶ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରିପାରିବ। ନିଜ ଗୋଇନ୍ଦାବିଭାଗକୁ ଶକ୍ତିଶାଳୀ କରିବା ସହ ସୁରକ୍ଷାବଳ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା ସୁନିଶ୍ଚିତ କରିବା ଏହି ବ୍ୟବସ୍ଥାର ପ୍ରଥମ ପର୍ଯ୍ୟାୟ। ଆମେରିକାରୁ ଆସିଥିବା ଅତ୍ୟାଧୁନିକ ବାୟୁସେନା ବିମାନ ଯୋଗେ ସମୁଦ୍ରରେ ଚାଇନା ସେନାକୁ ତାଇୱାନ ଟାର୍ଗେଟ କରିପାରିବ। ଏହାବାଦ୍ ତାଇୱାନ ନିଜ ଭୌଗୋଳିକ ସ୍ଥିତି ଏବଂ ଜନସଂଖ୍ୟାକୁ ଦେଶ ସୁରକ୍ଷାରେ ଉପଯୋଗ କରିପାରିବ।



ଶି ଜିନ୍‌ପିଙ୍ଗ



ସାଇ ଇଙ୍ଗ୍-ୱେନ୍

### ଚାଇନା ବନାମ ତାଇୱାନ

| | | |
|---|---|---|
| ୧,୩୯୮ | ଜନସଂଖ୍ୟା (ନିୟୁତରେ) | ୨୩.୬୦ |
| ୭୫,୪୮,୬୪,୭୬୯ | ମାନବ ସମ୍ବଳ | ୧,୨୨,୫୭,୪୬୭ |
| ୬୧,୯୨,୬୮,୬୯୦ | ସାମରିକ ସେବା ପାଇଁ ଯୋଗ୍ୟ | ୧୦,୬୦,୭୪୨ |
| ୧,୯୫,୭୦,୫୬୮ | ସେନାରେ ଭର୍ତ୍ତି ପାଇଁ ଯୋଗ୍ୟ | ୩,୦୬,୪୩୭ |
| ୨୦,୦୦,୦୦୦ | ସକ୍ରିୟ ସେନା | ୧,୭୦,୦୦୦ |
| ୫,୧୦,୦୦୦ | ରିଜର୍ଭ ସେନା | ୧୫,୦୦,୦୦୦ |
| ୬,୨୪,୦୦୦ | ପାରାମିଲିଟାରୀ ଫୋର୍ସ | ୧୧,୫୦୦ |
| ୨୩୦ | ପ୍ରତିରକ୍ଷା ବଜେଟ୍ (ବିଲିୟନ) | ୧୬.୮୦ |
| ୩,୨୮୫ | ବାୟୁସେନା ବିମାନ | ୭୪୧ |
| ୧,୨୦୦ | ଫାଇଟର ଏୟାରକ୍ରାଫ୍ଟ | ୨୮୮ |
| ୯୧୨ | ହେଲିକପ୍ଟର | ୨୦୮ |
| ୨୮୧ | ଆଟାକ୍ ହେଲିକପ୍ଟର | ୯୧ |
| ୫,୨୫୦ | ଟ୍ୟାଙ୍କ | ୧,୧୧୦ |
| ୩୫,୦୦୦ | ସଶସ୍ତ୍ର ଯାନ | ୩,୪୭୨ |
| ୩,୧୬୦ | ମୋବାଇଲ୍ ରକେଟ୍ ପ୍ରୋଜେକ୍ଟର | ୧୧୫ |

## ଦୁର୍ଘଟଣା: ପରିବାରର ୫ ମୃତ


**ହାଇଦ୍ରାବାଦ, ୮।୮:** ଆନ୍ଧ୍ରପ୍ରଦେଶର ପ୍ରକାଶମ ଜିଲା କୁମ୍‌ବମ୍ ନିକଟ ଅମରାବତୀ-ଅନନ୍ତପୁର ଜାତୀୟ ରାଜପଥରେ ସୋମବାର ଟ୍ରକ୍ ସହ ପିଟି ହୋଇ ଏକ କାର୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ କାର୍‌ରେ ଥିବା ସମସ୍ତ ୫ ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ପାଲନାଡୁ ଜିଲାର ହୋଇଥିବାବେଳେ ସମସ୍ତେ ଗୋଟିଏ ପରିବାରର ବୋଲି ପୋଲିସ କହିଛି। ଦ୍ରୁତଗତି ଯୋଗୁ ଦୁର୍ଘଟଣା ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

## କୋଭିଡ୍ ସକ୍ରିୟ ମାମଲା ୧.୩୫ ଲକ୍ଷକୁ ବୃଦ୍ଧି

**ନୂଆଦିଲ୍ଲୀ, ୮।୮(ପି.ଟି.):** ଦେଶରେ ଗୋଟିଏ ଦିନରେ ୧୬,୧୬୭ ନୂଆ ସଂକ୍ରମିତ ଚିହ୍ନଟ ହେବା ସହ ମୋଟ ସଂକ୍ରମିତଙ୍କ ସଂଖ୍ୟା ୪,୪୧,୬୧,୮୯୯କୁ ବୃଦ୍ଧି ପାଇଛି। ଏଥିସହିତ ସକ୍ରିୟ ମାମଲା ସଂଖ୍ୟା ୧,୩୫,୫୧୦ରେ ପହଞ୍ଚିଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। ସୋମବାର ସକାଳ ସୁଦ୍ଧା ୨୪ ଘଣ୍ଟା ମଧ୍ୟରେ ୪୧ ଜଣଙ୍କ ଜୀବନ ଯିବା ସହ କୋଭିଡ୍ ଜନିତ ମୋଟ ମୃତ୍ୟୁସଂଖ୍ୟା ୫,୨୬,୭୩୦କୁ ବୃଦ୍ଧି ପାଇଛି।

## ଟ୍ରିପଲ ମର୍ଡର: ପୂର୍ବତନ ୟୁପି ଏମ୍‌ପିଙ୍କୁ ଆଜୀବନ ଜେଲ

**ଜଉନପୁର, ୮।୮(ଆଇଏଏନ୍‌ଏସ୍):** ଉତ୍ତରପ୍ରଦେଶରେ ୨୭ ବର୍ଷ ତଳର ଏକ ଟ୍ରିପଲ ମର୍ଡର ମାମଲାର ବିଚାରକରି ଜଉନପୁରର ଏକ ଅଦାଲତ ମଚଲିଶହରର ପୂର୍ବତନ ଏମ୍‌ପି ଉମାକାନ୍ତ ଯାଦବଙ୍କୁ ଆଜୀବନ ଜେଲଦଣ୍ଡାଦେଶ ସହ ୫ ଲକ୍ଷ ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି। ତାଙ୍କ ବ୍ୟତୀତ ଅନ୍ୟ ୭ ଦୋଷୀଙ୍କୁ ଆଜୀବନ ଜେଲଦଣ୍ଡ



ହୋଇଛି। ୧୯୯୫ ଫେବୃୟାରୀରେ ଜଉନପୁରର ଶାହଗଞ୍ଜ ଜିଆର୍‌ପି ହାଜତରେ ଥିବା ରାଜକୁମାର ଯାଦବଙ୍କୁ ମୁକୁଳାଇ ନେବା ଲାଗି ହୋଇଥିବା ଗୁଳିକାଣ୍ଡରେ ତତ୍କାଳୀନ କନ୍‌ଷ୍ଟେବଲ ଅଜୟ ସିଂ, ଲଲନ ସିଂ ଏବଂ ଅନ୍ୟ ଜଣେ ବ୍ୟକ୍ତି ନିହତ ହୋଇଥିଲେ। ଉମାକାନ୍ତ ଯାଦବ ଓ ତାଙ୍କ ସହଯୋଗୀମାନେ ରାଇଫଲ ଓ ପିସ୍ତଲ ସହ ଜିଆର୍‌ପି ଥାନାକୁ ଆସି ଜବରଦସ୍ତ ରାଜକୁମାରଙ୍କୁ ନେଇଯିବା ପାଇଁ ଉଦ୍ୟମ କରିଥିଲେ। ଏଥିରେ ବିଫଳ ହେବାରୁ ସେମାନେ ଗୁଳି ଚଳାଇଥିଲେ ବୋଲି ଏତଲାରେ ଦର୍ଶାଯାଇଥିଲା।

# ୪ ଦିନ ପୂର୍ବରୁ ସରିଲା ମୌସୁମୀ ଅଧିବେଶନ

ନୂଆଦିଲ୍ଲୀ, ୮।୮(ପି.ଟି.)

ନିର୍ଦ୍ଧାରିତ ସମୟର ୪ ଦିନ ପୂର୍ବରୁ ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ସୋମବାର ଶେଷ ହୋଇଛି। ଅଧିବେଶନ ଜୁଲାଇ ୧୮ରେ ଆରମ୍ଭ ହୋଇଥିବାବେଳେ ଅଗଷ୍ଟ ୧୨ ତାରିଖରେ ଶେଷ ହେବା ନେଇ ଧାର୍ଯ୍ୟ ହୋଇଥିଲା। ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ଗୃହକୁ ଅନିର୍ଦ୍ଦିଷ୍ଟ କାଳ ଲାଗି ମୁଲତବୀ ଘୋଷଣା କରିଥିବାବେଳେ ବିଦାୟୀ ରାଜ୍ୟ ସଭା ଅଧ୍ୟକ୍ଷ ଏମ୍. ଭେଙ୍କାୟା ନାଇଡୁ ଉଚ୍ଚ ସଦନକୁ ସାଇନ୍-ଏ-ଡାଏ ମୁଲତବୀ ଘୋଷଣା କରିଛନ୍ତି। ଏହି ଅଧିବେଶନରେ ଲୋକ ସଭା ୧୬ ଦିନ ଚାଲିବା ସହ ୭ଟି ବିଲ୍ ଗୃହୀତ ହୋଇଥିବା ବାଚସ୍ପତି ସୂଚନା ଦେଇଥିଲେ। ରାଜ୍ୟ ସଭାରେ ବିଭିନ୍ନ ପ୍ରସଙ୍ଗକୁ ନେଇ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁ ୪୭ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବରବାଦ ହୋଇଥିବା ଭେଙ୍କାୟା କହିଛନ୍ତି। ୧୬ ଦିନରେ ଗୃହକାର୍ଯ୍ୟ ୩୮ ଘଣ୍ଟାରୁ ଅଧିକ ସମୟ ଚାଲିଥିବାବେଳେ ୫ଟି ସରକାରୀ ବିଲ୍ ଉପରେ

**ପାର୍ଲାମେଣ୍ଟ ଅନିର୍ଦ୍ଦିଷ୍ଟ କାଳ ଲାଗି ମୁଲତବୀ**



ଆଲୋଚନା ହୋଇ ଗୃହୀତ ହୋଇଥିଲା।

ସୂଚନାଯୋଗ୍ୟ, ଅଧିବେଶନ ଆରମ୍ଭ ଦିନରୁ ବିରୋଧୀ ଦଳଗୁଡ଼ିକ ଦରଦାମ୍ ବୃଦ୍ଧି, ବେରୋଜଗାରୀ, ଅତ୍ୟାବଶ୍ୟକ ସାମଗ୍ରୀ ଉପରେ ଜିଏସ୍‌ଟି ଆଦି ବିଭିନ୍ନ ପ୍ରସଙ୍ଗକୁ ନେଇ ଗୃହରେ ହଟ୍ଟଗୋଳ ଜାରି ରଖିବାରୁ କ୍ରମାଗତ ଭାବେ ଗୃହକାର୍ଯ୍ୟ ବ୍ୟାହତ ହୋଇଥିଲା ଏବଂ ଜରୁରୀ ତଥା ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ସୁଯୋଗରୁ ସଦସ୍ୟମାନେ ବଞ୍ଚିତ ହୋଇଥିଲେ ବୋଲି ଭେଙ୍କାୟା କହିଛନ୍ତି। ବିଶୃଙ୍ଖଳିତ କାର୍ଯ୍ୟ ଯୋଗୁ ଉଚ୍ଚ ସଦନର ୨୩ ଜଣ ସଦସ୍ୟଙ୍କୁ ନିଲମ୍ବନ କରାଯାଇଥିଲା।

## ଭେଙ୍କାୟାଙ୍କୁ ବିଦାୟ ସମ୍ବର୍ଦ୍ଧନା



ଆସନ୍ତା ୧୦ ତାରିଖରେ କାର୍ଯ୍ୟକାଳ ଶେଷ ହେଉଥିବା ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁଙ୍କୁ ସୋମବାର ପାର୍ଲାମେଣ୍ଟରେ ମୌସୁମୀ ଅଧିବେଶନ ଶେଷ ଦିନରେ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଦଳମତ ନିର୍ବିଶେଷରେ ସମସ୍ତ ସଦସ୍ୟ ଭେଙ୍କାୟାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେବା ସହ ତାଙ୍କର ଉଚ୍ଚ ପ୍ରଶଂସା କରିଥିଲେ। ବିଦାୟୀ ରାଜ୍ୟ ସଭା ଅଧ୍ୟକ୍ଷ କିପରି ସମସ୍ତଙ୍କୁ ଉତ୍ସାହିତ କରୁଥିଲେ ଏବଂ ନିଜସ୍ୱ ଭାଷାରେ କହିବା ପାଇଁ ଅନୁମତି ଦେଉଥିଲେ ତାହା ସଦସ୍ୟମାନେ ମନେ ପକାଇଥିଲେ। ରାଜ୍ୟ ସଭାର ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ ନାଇଡୁଙ୍କ କାର୍ଯ୍ୟର ପ୍ରଶଂସା କରିଥିବାବେଳେ କେତେଜଣ ବିରୋଧୀ ସଦସ୍ୟ ତାଙ୍କୁ ଆତ୍ମଜୀବନୀ ଲେଖିବାକୁ ପରାମର୍ଶ ଦେଇଥିଲେ। ଭେଙ୍କାୟାଙ୍କ ସମୟରେ ଉଚ୍ଚ ସଦନର କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଥିଲା ଏବଂ ସେ ଆଲୋଚନାରେ ଭାଗ ନେବା ଲାଗି ସମସ୍ତଙ୍କୁ ଉତ୍ସାହିତ କରୁଥିଲେ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିବା ସହ ତାଙ୍କ ଉତ୍ତରାଧିକାରୀ ଏଭଳି ଧାରା ବଜାୟ ରଖିବେ ବୋଲି ଆଶାବ୍ୟକ୍ତ କରିଥିଲେ। ସମ୍ବର୍ଦ୍ଧନାର ଉତ୍ତର ଦେବାକୁ ଯାଇ ଭେଙ୍କାୟା କହିଥିଲେ, ତାଙ୍କର କଦାପି ରାଷ୍ଟ୍ରପତି ହେବାର ଆକାଂକ୍ଷା ନ ଥିଲା। ସେଥିପାଇଁ ସେ ଅସନ୍ତୁଷ୍ଟ ହେବେ ନାହିଁ ଏବଂ ଜନସାଧାରଣଙ୍କ ସହ ସମ୍ପର୍କ ଜାରି ରଖିବେ ବୋଲି ବିଦାୟୀ ଉପରାଷ୍ଟ୍ରପତି କହିଛନ୍ତି।

## ୧୪ ଦିନ ପାଇଁ ଜେଲ ଗଲେ ସଞ୍ଜୟ ରାଉତ

ମୁମ୍ବାଇ, ୮।୮

ମୁମ୍ବାଇର ଏକ ସ୍ୱତନ୍ତ୍ର ଅଦାଲତ ସୋମବାର ମନିଲଣ୍ଡରିଂ ମାମଲାରେ ଶିବସେନା ଏମ୍‌ପି ସଞ୍ଜୟ ରାଉତଙ୍କୁ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇଦେଇଛନ୍ତି। ମୁମ୍ବାଇର ଗୋରେଗାଁଓ ଅଞ୍ଚଳରେ ପତ୍ରା ଚଲ୍ ପୁନର୍ବିକାଶରେ ହୋଇଥିବା ଆର୍ଥିକ ଅନିୟମିତତାର ମନିଲଣ୍ଡରିଂ ଦିଗ ଉପରେ ତଦନ୍ତ ଚଳାଇଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଅଗଷ୍ଟ ୧ରେ ସଞ୍ଜୟଙ୍କୁ ଗିରଫ କରିଥିଲା। ଇଡି ହାଜତ ମିଆଦ ଶେଷ ହେବା ପରେ ତାଙ୍କୁ ସୋମବାର ସ୍ୱତନ୍ତ୍ର ପିଏମ୍‌ଏଲ୍‌ଏ ବିଚାରପତି ଏମ୍.ଜି. ଦେଶପାଣ୍ଡେଙ୍କ ଅଦାଲତରେ ହାଜର କରାଯାଇଥିଲା। ବିଚାର ବିଭାଗୀୟ ହାଜତରେ ତାଙ୍କୁ ଘରରନ୍ଧା ଖାଦ୍ୟ ଏବଂ ଔଷଧ ଯୋଗାଇ ଦେବା ପାଇଁ ଅନୁମତି ମିଳିଛି।

## ବିମାନସେବା କ୍ଷେତ୍ରରେ ମିଳିବ ଲକ୍ଷେ ନିଯୁକ୍ତି

ନୂଆଦିଲ୍ଲୀ, ୮।୮(ପି.ଟି.)

ଆଗାମୀ ୨ ବର୍ଷ ମଧ୍ୟରେ ଭାରତର ବିମାନ ସେବା କ୍ଷେତ୍ରରେ ୧ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ପ୍ରତ୍ୟକ୍ଷ ନିଯୁକ୍ତି ମିଳିବା ଆଶା କରାଯାଉଛି ବୋଲି ମନ୍ତ୍ରଣାଳୟ ପକ୍ଷରୁ ଏକ ସଂସଦୀୟ କମିଟିକୁ ସୂଚନା ଦିଆଯାଇଛି। ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ସୋମବାର ଲୋକ ସଭାରେ ଉପସ୍ଥାପନ କରାଯାଇଥିବା ରିପୋର୍ଟ ଅନୁଯାୟୀ ଆଭିଏଶନ ଏବଂ ବିମାନ ଉତ୍ପାଦନ ସେକ୍ଟରରେ ପ୍ରାୟ ୨,୫୦,୦୦୦ କର୍ମଚାରୀ ପ୍ରତ୍ୟକ୍ଷ ନିଯୁକ୍ତି ପାଇଛନ୍ତି। ସେମାନଙ୍କ ମଧ୍ୟରେ ପାଇଲଟ, କ୍ରିଉ, ଇଞ୍ଜିନିୟର, ଟେକ୍‌ନିସିଆନ, ବିମାନବନ୍ଦର କର୍ମଚାରୀ, ବିମାନବନ୍ଦର ପରିଚାଳନା, କାର୍ଗୋ, ରିଟେଲ ଓ ସୁରକ୍ଷା କର୍ମଚାରୀ, ପ୍ରଶାସନିକ ଏବଂ ସେଲ୍ସ କର୍ମଚାରୀ ଅଛନ୍ତି। ୨୦୨୪ ବେଳକୁ ଏହି ସଂଖ୍ୟା ୩,୫୦,୦୦୦କୁ ବୃଦ୍ଧି ପାଇବା ଆଶା କରାଯାଉଛି। ଏହା ବ୍ୟତୀତ ଏହାର ଦୁଇଗୁଣ ପରୋକ୍ଷ ନିଯୁକ୍ତି ସୁଯୋଗ ପାଇବେ ବୋଲି ମନ୍ତ୍ରଣାଳୟ କହିଛି।

# ମୁଣ୍ଡ ନ ପୂରାଉ ଭାରତ

**ଶ୍ରୀଲଙ୍କାରେ ଜାହାଜ ମୁତୟନ ଘଟଣାରେ ଚାଇନାର ପ୍ରତିକ୍ରିୟା**



**ବେଜିଂ, ୮।୮:** ରଣନୈତିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ଶ୍ରୀଲଙ୍କାର ହମ୍ବନଟୋଟା ବନ୍ଦରରେ ଚାଇନା ଏହାର ଗବେଷଣା ଏବଂ ସର୍ଭେ ଜାହାଜ 'ୟୁଆନ୍ ୱାଙ୍ଗ୍ ୫' ନିୟୋଜିତ ନ କରିବାକୁ କଲମ୍ବୋ କହିଛି। ଜାତୀୟ ନିରାପତ୍ତା ପ୍ରତି ବିପଦ ଦର୍ଶାଇ ଭାରତ ପକ୍ଷରୁ କୂଟନୈତିକ ଚାପ ପଡ଼ିବା ପରେ ଶ୍ରୀଲଙ୍କା ଏହି ଜାହାଜକୁ ଅନ୍ୟତ୍ର ନେବାକୁ ଚାଇନାକୁ କହିଛି। ଏହାକୁ ନେଇ ଚାଇନା ପ୍ରତିକ୍ରିୟାଶୀଳ ହୋଇପଡ଼ିଛି। କଲମ୍ବୋ ଓ ବେଜିଂ କାରବାର ମଧ୍ୟରେ ନୂଆଦିଲ୍ଲୀ ମୁଣ୍ଡ ନ ପୂରାଇବାକୁ ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ୱାଙ୍ଗ୍ ୱେନ୍‌ବିନ୍ କହିଛନ୍ତି। ଚାଇନା ଓ ଶ୍ରୀଲଙ୍କା ପରସ୍ପରର ସହଯୋଗରେ ମୁକ୍ତ ଭାବେ ଏହି ନିଷ୍ପତ୍ତି ହୋଇଛି। ଏଥିରେ ଉଭୟ ଦେଶର ସାଧାରଣ ସ୍ୱାର୍ଥ ନିହିତ। ଏହା ଦ୍ୱାରା କୌଣସି ତୃତୀୟ ପକ୍ଷର କ୍ଷତି ହେବ ନାହିଁ। ସୁରକ୍ଷା ଚିନ୍ତାରେ ଭାରତ ଶ୍ରୀଲଙ୍କା ଉପରେ ଚାପ ପକାଇବା କୌଣସି ମାନେ ରଖେନି ବୋଲି ସେ କହିଛନ୍ତି। ପ୍ରକାଶ ଯେ, ଚାଇନା ଭାରତର ସାମୁଦ୍ରିକ କାର୍ଯ୍ୟକଳାପ ଉପରେ ନଜର ରଖିବା ପାଇଁ ରିସର୍ଚ୍ଚ ଆଳରେ ଏହି ଜାହାଜକୁ ହମ୍ବନ୍‌ଟୋଟା ବନ୍ଦରରେ ଅଗଷ୍ଟ ୧୧ରୁ ୧୭ ତାରିଖ ଯାଏ ମୁତୟନ କରିବାକୁ ଯୋଜନା କରିଥିଲା। ଚାଇନାର ଏହି ଜାହାଜକୁ ସେଠାରେ ନିୟୋଜିତ ନ କରିବାକୁ ଭାରତ ପକ୍ଷରୁ ଶ୍ରୀଲଙ୍କା ଉପରେ କୂଟନୈତିକ ଚାପ ପଡ଼ିଥିଲା।




ନୂଆଦିଲ୍ଲୀର ଜନ୍ତରମନ୍ତରଠାରେ ଜୀବେଦୟା କର୍ମକର୍ତ୍ତା କୁକୁଡ଼ା ଓ ଘୁଷୁରି ହତ୍ୟା ପ୍ରତିବାଦରେ ବିକ୍ଷୋଭ କରୁଛନ୍ତି। (ଫଟୋ: ଚମନ ଗୌତମ)

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୮,୯୭,୦୪,୮୦୫ | ୬୪,୩୭,୨୪୯ | ୫୬,୧୨,୬୯,୦୪୫ |
| ଭାରତ | ୪,୪୧,୬୧,୮୯୯ | ୫,୨୬,୭୩୦ | ୪,୩୪,୯୯,୬୫୯ |
| ଓଡ଼ିଶା | ୧୩,୧୯,୫୨୭ | ୯୧୪୮(+୫୩) | ୧୩,୦୫,୨୬୧ |

ସୋମବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ଜେଇଇ(ମେନ୍)-୧: ଦିବ୍ୟାଂଶୁ ରାଜ୍ୟ ଟପ୍ପର

ଭୁବନେଶ୍ୱର, ୮।୮(ବ୍ୟୁରୋ): ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି ପକ୍ଷରୁ ସୋମବାର ଜେଇଇ(ମେନ୍) ପେପର-୧ ରେଜଲ୍ଟ ପ୍ରକାଶ ପାଇଛି। ଏଥିରେ ୨୪ଜଣ ଛାତ୍ରୀଛାତ୍ର ୧୦୦ ପର୍ସେଣ୍ଟାଇଲ ସ୍କୋର୍ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଓଡ଼ିଶାର ଦିବ୍ୟାଂଶୁ ମଲ୍ଲ ରାଜ୍ୟ ଟପ୍ପର ହୋଇଛନ୍ତି। ସେ ୯୯.୯୮୯ ପର୍ସେଣ୍ଟାଇଲ ରଖିଛନ୍ତି। କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ ଛାତ୍ର ଦିବ୍ୟାଂଶୁ ସ୍କୁଲରେ ପାଠ ପଢ଼ିବା ସହିତ ଜେଇଇ ପ୍ରସ୍ତୁତ ପାଇଁ ଆଲେନ୍ କ୍ୟାରିୟରରେ କୋଚିଂ ନେଉଥିଲେ। ବର୍ତ୍ତମାନ ସେ ମୁମ୍ବାଇରେ ରହୁଛନ୍ତି। ସୂଚନାଯୋଗ୍ୟ, ଜେଇଇ ମେନ୍ ପେପର-୧ ଦୁଇଟି ସେସନରେ ହୋଇଥିଲା। ପ୍ରଥମ ସେସନ ରେଜଲ୍ଟ ଗତମାସ ୭ ତାରିଖରେ ପ୍ରକାଶ ପାଇଥିଲା। ଯେଉଁଥିରେ ଦିବ୍ୟାଂଶୁ ରାଜ୍ୟ ଟପ୍ପର ହୋଇଥିଲେ। ଦ୍ୱିତୀୟ ସେସନ ରେଜଲ୍ଟ ସହିତ ଫାଇନାଲ ରେଜଲ୍ଟ ସୋମବାର ପ୍ରକାଶ ପାଇଛି।

### ୧୧ରୁ ଯୁକ୍ତ୩ ନାମଲେଖା ଆବେଦନ

- ୨୫ ଯାଏ ଚାଲିବ
- ୩୧ରେ ପ୍ରଥମ ମେରିଟ ଲିଷ୍ଟ

ଭୁବନେଶ୍ୱର, ୮।୮(ବ୍ୟୁରୋ): ରାଜ୍ୟର ସମସ୍ତ ଡିଗ୍ରୀ କଲେଜରେ ଯୁକ୍ତ୩ ନାମଲେଖା ପାଇଁ ୧୧ ତାରିଖରୁ ଆବେଦନ ଆରମ୍ଭ ହେବ। ସାମ୍ସ ୱେବ୍‌ସାଇଟ୍ www.samsodisha.gov.inରେ ଛାତ୍ରୀଛାତ୍ର ୧୧ ତାରିଖ ପୂର୍ବାହ୍ନ ୧୧ଟାରୁ ୨୫ ତାରିଖ ରାତି ୧୧ଟା ୪୫ ଭିତରେ ଆବେଦନ କରିପାରିବେ। ୩୧ ତାରିଖ ପୂର୍ବାହ୍ନ ୧୧ଟାରେ ପ୍ରଥମ ମେରିଟ୍ ଲିଷ୍ଟ ପ୍ରକାଶ ପାଇବ। ସେପ୍ଟେମ୍ବର ୨ରୁ ୫ ତାରିଖ (ରବିବାର ବ୍ୟତୀତ) ଅପରାହ୍ନ ୫ଟା ଭିତରେ ପ୍ରଥମ ମେରିଟ୍ ଲିଷ୍ଟରେ ଚୟନ ହୋଇଥିବା ଛାତ୍ରୀଛାତ୍ର ନାମ ଲେଖାଇବେ। ସେପ୍ଟେମ୍ବର ୧୧ରେ ଦ୍ୱିତୀୟ ମେରିଟ୍ ଲିଷ୍ଟ ପ୍ରକାଶ ପାଇବ। ଏହି ପର୍ଯ୍ୟାୟରେ ମନୋନୀତ ଛାତ୍ରୀଛାତ୍ର ୧୨ରୁ ୧୪ତାରିଖ ଅପରାହ୍ନ ୫ଟା ଭିତରେ ନାମ ଲେଖାଇବେ। ଏହାପରେ ୧୬ ତାରିଖ ଅପରାହ୍ନ ୨ଟାରେ ସାମ୍ସ ୱେବ୍‌ସାଇଟରେ ଏବଂ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକର ଇ-ସ୍ପେସ୍‌ରେ ଖାଲି ସିଟ୍ ତାଲିକା ପ୍ରକାଶ ପାଇବ। ସ୍ପଟ୍ ନାମଲେଖା ପାଇଁ ସେପ୍ଟେମ୍ବର ୧୯ ଅପରାହ୍ନ ୨ଟାରୁ ୨୧ତାରିଖ ରାତି ୧୧ଟା ୪୫ ଭିତରେ ଆବେଦନ କରିହେବ। ପ୍ରଥମ ପର୍ଯ୍ୟାୟ ନାମଲେଖା ପ୍ରକ୍ରିୟା ସମୟରେ ଯେଉଁମାନେ ପଞ୍ଜୀକରଣ କରିଥିବେ ଏବଂ କମନ ଆପ୍ଲିକେଶନ ଫର୍ମ ଦାଖଲ କରିଥିବେ ସେମାନେ କେବଳ ଏଥିପାଇଁ ଆବେଦନ କରିପାରିବେ। ୨୦ ରୁ ୨୨ ତାରିଖ ଅପରାହ୍ନ ୫ଟା ମଧ୍ୟରେ ସମସ୍ତ ପ୍ରମାଣପତ୍ର ଦାଖଲ କରିବେ। ୨୪ ତାରିଖରେ ମେରିଟ ଲିଷ୍ଟ ପ୍ରକାଶ ପାଇବ। ସ୍ପଟ୍ ଆଡ୍‌ମିଶନ ଲାଗି ଛାତ୍ରୀଛାତ୍ରମାନେ ୨୫ ରୁ ୨୭ତାରିଖ ମଧ୍ୟରେ କଲେଜ ଚୟନ କରିବେ। ମନୋନୀତ ଛାତ୍ରୀଛାତ୍ର ଯଦି ଏକାଧିକ ଶିକ୍ଷାନୁଷ୍ଠାନରେ ନାମ ଲେଖିବା ପାଇଁ ଚୟନ ହୋଇଥିବେ, ତେବେ ସେମାନେ କେବଳ ଗୋଟିଏ ମନୋନୀତ ଶିକ୍ଷାନୁଷ୍ଠାନରେ ୨୬ ରୁ ୨୮ତାରିଖ ଅପରାହ୍ନ ୫ଟା ଭିତରେ ନାମଲେଖାଇବେ। ଏହି ସମୟରେ ପ୍ରମାଣପତ୍ର ଯାଞ୍ଚ ମଧ ହେବ। ଏ ନେଇ ସୋମବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

# ବର୍ଷ ଶେଷସୁଦ୍ଧା ୩୦୦ ଚେକ୍‌ଡ୍ୟାମ୍ ସାର


ଭୁବନେଶ୍ୱର,୮।୮(ବ୍ୟୁରୋ)

ରାଜ୍ୟରେ ଗତ ୨ ମାସ ମଧ୍ୟରେ ୪୫ଟି ପୋଲତଳ ଚେକ୍‌ଡ୍ୟାମ୍ ନିର୍ମାଣ ସରିଛି। ସେଥିମଧ୍ୟରୁ ୩୧ଟି ପୂର୍ତ୍ତ ଏବଂ ୧୪ଟି ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ମାଣ କରିଛି। ଏହାଛଡ଼ା ଏହି ଦୁଇ ବିଭାଗ ଦ୍ୱାରା ପ୍ରାୟ ୪୮୦ଟି ପୋଲତଳ ଚେକ୍‌ଡ୍ୟାମ୍ ଚିହ୍ନଟ କରାଯାଇଛି। ଚଳିତ ବର୍ଷ ୩୦୦ ନୂଆ ଚେକ୍‌ଡ୍ୟାମ୍ ନିର୍ମାଣ ହେବ। ସୋମବାର ଲୋକସେବା ଭବନରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଏହି ସୂଚନା ଦେଇଛନ୍ତି। ଏଥିପାଇଁ ପ୍ରାୟ ୪୧୩.୮୧ କୋଟି ଟଙ୍କାର ପ୍ରାଥମିକ ଖର୍ଚ୍ଚ ଅଟକଳ କରାଯାଇଛି।

ପୂର୍ବ ନିଷ୍ପତ୍ତି ଅନୁସାରେ, ରାଜ୍ୟର ବିଭିନ୍ନ ଜିଲାରେ ପୋଲ ତଥା ଚେକ୍‌ଡ୍ୟାମ୍ ନିର୍ମାଣରେ ଦ୍ରୁତ ଅଗ୍ରଗତି ହାସଲ ହୋଇଛି। ଏହାର ସମୀକ୍ଷା କରି ମୁଖ୍ୟ ଶାସନ ସଚିବ କହିଛନ୍ତି, ସ୍ୱଳ୍ପଖର୍ଚ୍ଚଭିତ୍ତିକ ଏହିସବୁ ଚେକ୍‌ଡ୍ୟାମ୍ ନିର୍ମାଣରେ ବହୁମୁଖୀ ସୁଫଳ ମିଳିଥାଏ। ପ୍ରତି ଚେକ୍‌ଡ୍ୟାମ୍ ଯୋଗୁ ନଦୀଶଯ୍ୟାରେ ପ୍ରାୟ ୧ରୁ ୧.୫ କି.ମି. ପର୍ଯ୍ୟନ୍ତ ଜଳପତନ ବୃଦ୍ଧିପାଏ। ଏହି ଜଳକୁ ନଦୀର ଉଭୟ ପାର୍ଶ୍ୱରେ ଥିବା ଚାଷଜମିକୁ ଉଠା ପମ୍ପ୍ ମାଧ୍ୟମରେ ଜଳସେଚନ ଓ ପାନୀୟ ଜଳ ପ୍ରକଳ୍ପ ପାଇଁ ବ୍ୟବହାର କରାଯାଇପାରୁଛି। ଏହାବ୍ୟତୀତ ଏହି ଜଳ ଭୂତଳ ଜଳସ୍ତର ବୃଦ୍ଧିରେ ସହାୟକ ହୁଏ। ନଦୀରେ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ଦ୍ୱାରା ମାଛଚାଷ କରାଯାଇପାରୁଛି। ଚେକ୍‌ଡ୍ୟାମ୍ ନିର୍ମାଣ ହୋଇଥିବା ନଦୀ, ନାଳର ଉଭୟ ପାର୍ଶ୍ୱ ଜମିରେ ପନିପରିବା, ଅନ୍ୟାନ୍ୟ ଅର୍ଥକରୀ ଫସଲ ଉତ୍ପାଦନ ପାଇଁ ଚାଷୀମାନଙ୍କୁ ସଙ୍ଗଠିତ କରିବା ସହ ଉଠା ଜଳସେଚନ ପମ୍ପ୍ ମାଧ୍ୟମରେ ଜଳ ଯୋଗାଇ ଦେବା ପାଇଁ ମଧ୍ୟ ମୁଖ୍ୟ ଶାସନ ସଚିବ ଜଳସମ୍ପଦ, ଉଦ୍ୟାନ ଚାଷ, କୃଷି ଓ କୃଷକ ସଶକ୍ତୀକରଣ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି।

ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା କହିଛନ୍ତି, ପୋଲତଳ ଚେକ୍‌ଡ୍ୟାମ୍ ପ୍ରାୟ ୧ରୁ ୧.୫ ମି. ଉଚ୍ଚତାର ଜଳ ଧାରଣ କରେ। ଅବଶିଷ୍ଟ ଜଳ ନଦୀର ତଳମୁଣ୍ଡକୁ ଯାଏ। ନଦୀର ପ୍ରାକୃତିକ ପ୍ରବାହ ଉପରେ ଏହି ଚେକ୍‌ଡ୍ୟାମ୍ ବିପରୀତ ପ୍ରଭାବ ପକାଏ ନାହିଁ। ଏହି ବୈଷୟିକ କୌଶଳ ଓଡ଼ିଶା ପାଇଁ ବେଶ୍ ଉପଯୋଗୀ।

ଏହି ବୈଠକରେ ଜଳସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ବିକ୍ରମ ଯାଦବ, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ବିଶାଲ କୁମାର ଦେବଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀ ଏବଂ ଯନ୍ତ୍ରୀମାନେ ଯୋଗଦେଇଥିଲେ।





ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଭିଡିଓ କନ୍‌ଫରେନ୍ସ ଜରିଆରେ ଚେକ୍‌ଡ୍ୟାମ୍ ସ୍ଥିତି ସମୀକ୍ଷା କରୁଛନ୍ତି।

# ସହର ଭିତରେ ବଜ୍ରକାପ୍ତା ବିଚରଣ

ଭୁବନେଶ୍ୱର, ୮।୮(ବ୍ୟୁରୋ)

ଭୁବନେଶ୍ୱର କଲୋନୀରେ ବୁଲୁଛନ୍ତି ବଜ୍ରକାପ୍ତା। ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଆଦିମାତା କଲୋନୀରେ ଏକ ବଜ୍ରକାପ୍ତା ଶନିବାର ରାତି ପ୍ରାୟ ୧୧ଟାରେ ବୁଲୁଥିବାବେଳେ ଅମିତ ରଞ୍ଜନ ଦାସ ତାକୁ ଧରି ଘରେ ରଖିଥିଲେ। ଖବର ପାଇ ନଗର ବନଖଣ୍ଡ ଭୁବନେଶ୍ୱର ରେଞ୍ଜ୍‌ର ଏକ ଟିମ୍ ସୋମବାର ସକାଳେ ଅମିତଙ୍କ ଘରେ ପହଞ୍ଚି ଉଦ୍ଧାର କରିଛି। ନଗର ବନଖଣ୍ଡ ଅଧିକାରୀ ଅଜିତ କୁମାର ଶତପଥୀଙ୍କ ନିର୍ଦ୍ଦେଶରେ ଉକ୍ତ ଟିମରେ ଫରେଷ୍ଟର ରାଧାକାନ୍ତ ହୋତା ଓ ଧ୍ୟାନ ଟୁଡୁ ଏବଂ ଫରେଷ୍ଟ ଗାର୍ଡ ରଞ୍ଜନ କୁମାର ନାୟକ ଓ ଭାସ୍କର ମହାରଣା ଓ ଖୋର୍ଦ୍ଧା ଜିଲାର ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ ସାମିଲ ଥିଲେ। ଉଦ୍ଧାର ହୋଇଥିବା ବଜ୍ରକାପ୍ତାଟି ଅଣ୍ଡିରା। ଏହାର ଓଜନ ୧କିଲୋ ୩୦୦ଗ୍ରାମ ହୋଇଥିବାବେଳେ ଆନୁମାନିକ ବୟସ ୭ବର୍ଷ ହେବ ବୋଲି ବନ ବିନବିଭାଗ ପକ୍ଷରୁ କୁହାଯାଇଛି।

ସହର ଭିତରେ ବଜ୍ରକାପ୍ତା ବିଚରଣ କରିବା ଘଟଣା ପ୍ରଥମ ବୋଲି କୁହାଯାଉଛି। ଏଠାକୁ ବଜ୍ରକାପ୍ତା କିଭଳି ଆସିଲା ତାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେପଟେ ଘଟଣାସ୍ଥଳରେ ତଦନ୍ତବେଳେ କିଛି ତଥ୍ୟ ସାମ୍ନାକୁ ଆସିଛି। ଅମିତଙ୍କ ଘର ପଛପଟେ ଖାଲି ପଡ଼ିଥିବା ଏକ ପ୍ଲଟରେ ନିର୍ମାଣ କାର୍ଯ୍ୟ ଚାଲିଛି। ଶନିବାର ରାତିରେ ଅମିତଙ୍କ ଘର ପଛପଟେ ନିର୍ମାଣ ହେଉଥିବା ଡ୍ରେନ ପାଣିରେ ବୁଡ଼ି ଯାଇଥିଲା, ସେହି ସମୟରେ ବଜ୍ରକାପ୍ତାଟି ରାସ୍ତାକୁ ଚାଲି ଆସିଥାଇପାରନ୍ତି ବୋଲି ଅମିତ କହିଛନ୍ତି। ତେଣୁ ସୋମବାର ଉକ୍ତ ଡ୍ରେନ୍‌କୁ ଶୁଖାଇ ଦିଆଯାଇଥିଲା। ସେଠାରେ ଅନୁଧ୍ୟାନ ବେଳେ କାଦୁଅ ସ୍ତର ଉପରେ ବହୁ ବଜ୍ରକାପ୍ତା ପାଦ ଚିହ୍ନ ପଡ଼ିଥିବା ଦେଖିବାକୁ ମିଳିଲା। ସେହି ପାଦ ଚିହ୍ନଗୁଡ଼ିକ ଉଭୟ ବଡ଼ ଓ ସାନ ଥିବାରୁ ସମ୍ଭବତଃ ମା' ଛୁଆ ଥାଇପାରନ୍ତି ବୋଲି ମଧ୍ୟ ସନ୍ଦେହ କରାଯାଉଛି। ଉଦ୍ଧାର ବଜ୍ରକାପ୍ତା ଡ୍ରମ ଭିତରେ ଦୁଇଦିନ ହେଲା ଆବଦ୍ଧ ଥିବାରୁ ଡ୍ରେନ ଭିତରେ ପଡ଼ିଥିବା ଅସଂଖ୍ୟ ପାଦଚିହ୍ନ ନିଶ୍ଚିତ ଭାବରେ ଅନ୍ୟ ବଜ୍ରକାପ୍ତାଙ୍କର ବୋଲି ବନ ବିଭାଗ ନିଶ୍ଚିତ ହୋଇଛି। ଅଧିକ ବଜ୍ରକାପ୍ତା ଥିବା ପ୍ରମାଣ ମିଳିବାରୁ ନଗର ବନଖଣ୍ଡ ଏସିଏଫ ବିଜୟ କୁମାର ପରିଡ଼ା, ନନ୍ଦନକାନନ ବଜ୍ରକାପ୍ତା ବ୍ରିଡିଂ ସେଣ୍ଟରର ରିସର୍ଚ୍ଚ ସ୍କଲାର ଜ୍ୟୋତି ରଞ୍ଜନ ମିଶ୍ର ଘଟଣା ସ୍ଥଳକୁ ଯାଇଥିଲେ। ନିର୍ମାଣ କାମ କରୁଥିବା ସଂସ୍ଥାର ଜଣେ କର୍ମଚାରୀ ସୁନିଲ କୁମାର ପଣ୍ଡା କହିଛନ୍ତି, ଗତ ୫ ତାରିଖ ରାତିରେ ଦୁଇଟି ବଜ୍ରକାପ୍ତା ଏକାଠି ବୁଲୁଥିବା ଦଖିବାକୁ ପାଇଥିଲେ। ସୋମବାର ସନ୍ଧ୍ୟାରୁ ଭୁବନେଶ୍ୱର ରେଞ୍ଜ ତରଫରୁ ସେହି ସ୍ଥାନରେ କର୍ମଚାରୀ ମୁତୟନ କରାଯିବା ସହିତ ପାଟ୍ରୋଲିଂ ମଧ୍ୟ କରାଯାଇଛି। ସେପଟେ ଉଦ୍ଧାର ବଜ୍ରକାପ୍ତା ସାମାନ୍ୟ ଆହତ ହୋଇଥିବାରୁ ତାକୁ ଓୟୁଏଟି ଭେଟେରିନାରି କଲେଜରେ ସେଣ୍ଟ୍ରାଲ କ୍ଲିନିକକୁ ଚିକିତ୍ସା ପାଇଁ ନିଆଯାଇଥିଲା। କ୍ଲିନିକର ନିର୍ଦ୍ଦେଶକ ଡା. ନିରଞ୍ଜନ ସାହୁ ବଜ୍ରକାପ୍ତାଟିର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।



**ଉଦ୍ଧାର କଲା ବନ ବିଭାଗ**

- ଧରିବା ପରେ ଡ୍ରମ୍‌ରେ ରଖିଥିଲେ ଜଣେ ବ୍ୟକ୍ତି
- ପାଦ ଚିହ୍ନ ଠାବ, ଏକାଧିକ ବଜ୍ରକାପ୍ତା ଥିବା ସନ୍ଦେହ



ସୋମବାର ଭୁବନେଶ୍ୱରରେ ପ୍ରବଳ ବର୍ଷା ହୋଇଥିବାବେଳେ ବମିଖାଲ ଓଭରବ୍ରିଜ୍ ପାର୍ଶ୍ୱ ରାସ୍ତାରେ ଜମି ରହିଥିବା ପାଣିରେ ଗାଡିମୋଟର ଚଳାଚଳ କରୁଛି। ସ୍କୁଲ୍ ଛାତ୍ରମାନେ ଏକ ଟ୍ରଲିରେ ବସି ଘରକୁ ଯାଉଛନ୍ତି।

# ଲଘୁଚାପ: ଡୁହାକୁ ଡୁହା ବର୍ଷା

- ୧୨ ଯାଏ ପ୍ରବଳ ବର୍ଷା
- ସତର୍କ ରହିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ
- ୧୧ ଯାଏ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା
- ୧୪ରେ ଆଉ ଏକ ଲଘୁଚାପ

ଭୁବନେଶ୍ୱର,୮।୮(ବ୍ୟୁରୋ)

ଉତ୍ତର ବଙ୍ଗୋପସାଗର, ଓଡ଼ିଶା ଉପକୂଳରେ ସୃଷ୍ଟି ହୋଇଥିବା ଲଘୁଚାପ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଅବପାତ(ଡିପ୍ରେଶନ)ରେ ପରିଣତ ହେବ। ଏଥିସହିତ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ମଧ୍ୟ ରାଜ୍ୟରେ ସକ୍ରିୟ ରହିଛି। ଏହାର ପ୍ରଭାବରେ ଆସନ୍ତା ୧୨ ତାରିଖ ଯାଏ ରାଜ୍ୟର ବିଭିନ୍ନ ଭାଗରେ ବର୍ଷା ହେବାର ସମ୍ଭାବନା ରହିଛି। ୧୦ ତାରିଖରେ ବରଗଡ଼, ସମ୍ବଲପୁର, ଅନୁଗୋଳ, କେନ୍ଦୁଝର ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। କେତେକ ସ୍ଥାନରେ ଭୂସ୍ଖଳନ ହେବା ସହ ତଳିଆ ଅଞ୍ଚଳରେ ବନ୍ୟା ଭଳି ପରିସ୍ଥିତି ସୃଷ୍ଟିହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ରେଡ୍ ୱାର୍ନିଂ ଜାରି କରାଯାଇଛି। ସେହିପରି ୧୧ ତାରିଖରେ ସୋନପୁର, ବୌଦ୍ଧ, ବଲାଙ୍ଗୀର, ସୁନ୍ଦରଗଡ଼, ଝାରସୁଗୁଡ଼ା, ଢେଙ୍କାନାଳ, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର, କଟକ, ଜଗତ୍‌ସିଂହପୁର ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ୍ ୱାର୍ନିଂ ଜାରି କରାଯାଇଛି। ମୌସୁମୀ ସକ୍ରିୟ ଥିବାରୁ ଆସନ୍ତା ୧୫ ତାରିଖ ଯାଏ ରାଜ୍ୟର ବିଭିନ୍ନ ଜିଲାରେ ବର୍ଷା ଲାଗିରହିବ।

ଲଘୁଚାପ ଯୋଗୁ ରାଜ୍ୟରେ ଗତ ଦୁଇଦିନ ହେବ ଡୁହାକୁ ଡୁହା ବର୍ଷା ଲାଗିରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ମାଲକାନଗିରିରେ ୧୦୩ ମିଲିମିଟର ବର୍ଷା ହୋଇଥିବା ବେଳେ ନବରଙ୍ଗପୁର ୧୩୭.୬, ଭବାନୀପାଟଣା ୮୧.୨, ଦାରିଙ୍ଗବାଡି ୪୦, କୋରାପୁଟ ୪୦.୪, ତାଳଚେର ୩୦, ଅନୁଗୋଳ ୨୨, କେନ୍ଦୁଝର ୧୫.୬, ଛତ୍ରପୁର ୯୫.୨, ବାଲେଶ୍ୱର ୩୪.୨, ଦେବଗଡ଼ ୨୮, ନୂଆପଡ଼ା ୩୦.୨, କେନ୍ଦ୍ରାପଡ଼ା ୨୦.୩, ଖୋର୍ଦ୍ଧାରେ ୧୫ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଲଘୁଚାପ ବର୍ଷାକୁ ଦୃଷ୍ଟିରେ ରଖି ଜିଲାପାଳଙ୍କୁ ସତର୍କ ରହିବା ପାଇଁ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଲଘୁଚାପ ଯୋଗୁ ଉପକୂଳରେ ଘଣ୍ଟା ପ୍ରତି ୪୫ରୁ ୫୫ କି.ମି. ବେଗରେ ପବନ ବହୁଛି। ବେଳେବେଳେ ଏହା ୬୫ କି.ମି.କୁ ମଧ୍ୟ ବଢ଼ିଯାଉଛି। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୧୧ ତାରିଖ ଯାଏ ସମୁଦ୍ରକୁ ନ ଯିବା ଲାଗି ପରାମର୍ଶ ଦିଆଯାଇଛି। ଏହାଛଡ଼ା ୧୪ ତାରିଖରେ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି।

**ସମ୍ପୂର୍ଣ୍ଣ ଡାଇବେଟିସ ସପ୍ଲିମେଣ୍ଟ**
Baidyanath VANSAAR
କଲରା ଜାମୁକୋଳି ରସ
✓ ବ୍ଲଡ୍ ସୁଗାର ସ୍ତରକୁ ନିୟନ୍ତ୍ରିତ କରେ
✓ ଶାରିରୀକ ଶକ୍ତି ବୃଦ୍ଧି କରେ




* Karela Jamun Juice is a Diabetes Care Supplement to be taken along with any Medically Prescribed Drugs by your doctor.
* To regulate blood sugar as per report published in j Food Sci Technol (September 2017) 54 (10): 3180-3191 DOI 10.1007/s13197-017-2756-8

# ଭିଜିଲାନ୍ସ ଜାଲରେ ଜିଏସ୍‌ଟି ଅଧିକାରୀ



- ଏକକାଳୀନ ୭ ସ୍ଥାନରେ ଚଢ଼ାଉ, ଯାଞ୍ଚ ଜାରି
- ଭୁବନେଶ୍ୱରରେ ୭ ପ୍ଲଟ୍, ଘରୁ ମିଳିଲା ୨୦ ଲକ୍ଷ ଟଙ୍କାର ସୁନା
- ୬ ଦାମୀ ଗାଡ଼ି, ୫୩.୬୩ ଲକ୍ଷ ଟଙ୍କାର ବ୍ୟାଙ୍କ ଜମା, ଜୀବନବୀମା

ଭୁବନେଶ୍ୱର,୮।୮(ବ୍ୟୁରୋ)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସିଟି-ଜିଏସ୍‌ଟି ଅତିରିକ୍ତ କମିଶନର (କଟକ-୧) ପୀୟୂଷକାନ୍ତ ପାଣିଙ୍କ ଘରେ ସୋମବାର ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି। କଟକ ଭିଜିଲାନ୍ସ ସ୍ୱତନ୍ତ୍ର ଜଜ୍‌ଙ୍କ ଦ୍ୱାରା ଜାରି ସର୍ଚ୍ଚ ୱାରେଣ୍ଟ ବଳରେ ଭିଜିଲାନ୍ସ ପକ୍ଷରୁ ତାଙ୍କ ଘର ଓ କାର୍ଯ୍ୟାଳୟ ସମେତ ଯାଜପୁର, ଭୁବନେଶ୍ୱର ଏବଂ କଟକର ୭ଟି ସ୍ଥାନରେ ଏକକାଳୀନ ଚଢ଼ାଉ ସହ ଯାଞ୍ଚ କରାଯାଇଛି। ଏଥିରେ ଭିଜିଲାନ୍ସର ୫ଜଣ ଡିଏସ୍‌ପି, ୧୧ଜଣ ଇନ୍ସପେକ୍ଟର ଏବଂ ଅନ୍ୟ କର୍ମଚାରୀଙ୍କୁ ନେଇ ୯ଟି ଟିମ୍ ସାମିଲ ହୋଇଛି। ପୀୟୂଷଙ୍କ ନାମରେ ଭୁବନେଶ୍ୱରର ପ୍ରମୁଖ ଅଞ୍ଚଳରେ ୭ଟି ପ୍ଲଟ ରହିଥିବା ଜଣାପଡ଼ିଛି। ଏହି ପ୍ଲଟଗୁଡ଼ିକର ପ୍ରକୃତ ମୂଲ୍ୟ ସ୍ପଷ୍ଟ ହୋଇ ନ ଥିବାବେଳେ କବଲାରେ ଉଲ୍ଲେଖ ମୂଲ୍ୟ ଅନୁସାରେ ୧.୮୭ କୋଟି ଟଙ୍କା ହେବ। ସେହିଭଳି ଭୁବନେଶ୍ୱର ଚକେଇସିଆଣୀରେ ଥିବା ୩ ମହଲା କୋଠା, ଗ୍ୟାରେଜ ସହ ଅନ୍ୟ ଏକ ୧ ମହଲା କୋଠା (ଆନୁମାନିକ ମୂଲ୍ୟ ୫୯ ଲକ୍ଷ ଟଙ୍କା), ଅନ୍ଧାରୁଆରେ ଫାର୍ମ ହାଉସ (୩୮ ଲକ୍ଷ ଟଙ୍କା), ଯାଜପୁର ରୋଡ୍‌ରେ ତିନିଟି ୩ ମହଲା କୋଠା ଓ ଗୋଟିଏ ୧ ମହଲା କୋଠା (୬୮.୪୬ ଲକ୍ଷ ଟଙ୍କା) ଠାବ କରାଯାଇଛି। ଏଥିସହ ପୀୟୂଷଙ୍କ ଘରୁ ୨୦ ଲକ୍ଷ ଟଙ୍କାର ୮୩୯ ଗ୍ରାମ ସୁନା ଅଳଙ୍କାର, ୬୧.୫୫ ଲକ୍ଷ ଟଙ୍କାର ୬ ଚାରିଚକିଆ ଯାନ, ୧୨.୩୦ ଲକ୍ଷ ଟଙ୍କାର ଘରୋଇ ଉପକରଣ ଏବଂ ନଗଦ ଟଙ୍କା, ୫୩.୬୩ ଲକ୍ଷ ଟଙ୍କାର ବ୍ୟାଙ୍କ୍ ଜମା ଓ ଜୀବନବୀମା ସହ ରହିଥିବା ଜଣାପଡିଛି। ଭିଜିଲାନ୍ସର ଟେକ୍ନିକାଲ୍ ୱିଙ୍ଗ୍ ପକ୍ଷରୁ ଏସବୁ ସମ୍ପତ୍ତିର ପ୍ରକୃତ ମୂଲ୍ୟ ହିସାବ କରାଯାଉଛି। ମୋଟ ସମ୍ପତ୍ତି ତାଙ୍କ ପ୍ରକୃତ ଆୟଠାରୁ କେତେ ଗୁଣ ଅଧିକ, ପୀୟୂଷ ଆଉ କେଉଁଠି ଟଙ୍କା ନିବେଶ କରିଛନ୍ତି କି ନାହିଁ ତାହାର ଯାଞ୍ଚ କରୁଛି ଭିଜିଲାନ୍ସ। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ୫କୋଟିରୁ ଊର୍ଦ୍ଧ୍ୱ ସମ୍ପତ୍ତି ମିଳିସାରିଛି। ପୀୟୂଷଙ୍କୁ ପଚରାଉଚରା ସହ ଚଢ଼ାଉ ଓ ଯାଞ୍ଚ ଚାଲିଥିବାରୁ ଆହୁରି ଅଧିକ ସମ୍ପତ୍ତି ଠାବ ହେବାର ସମ୍ଭାବନା ରହିଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

नालको NALCO
National Aluminium Company Limited
(A Government of India Enterprise)

Nalco Bhawan, P/1, Nayapalli, Bhubaneswar-751 013, Odisha, India
CIN : L27203OR1981GOI000920
A NAVRATNA COMPANY

Azadi Ka अमृत महोत्सव

**EXTRACTS OF FINANCIAL RESULTS FOR THE QUARTER ENDED JUNE 30, 2022**

(Rs. In Crore)

| Sl. No. | Particulars | Standalone | | | | Consolidated | | | |
|---|---|---|---|---|---|---|---|---|---|
| | | Quarter Ended | | | Year Ended | Quarter Ended | | | Year Ended |
| | | 30/06/2022 (Unaudited) | 31/03/2022 (Audited) | 30/06/2021 (Unaudited) | 31/03/2022 (Audited) | 30/06/2022 (Unaudited) | 31/03/2022 (Audited) | 30/06/2021 (Unaudited) | 31/03/2022 (Audited) |
| 1. | Total Income from Operations | 3,783.32 | 4,340.82 | 2,474.55 | 14,180.81 | 3,783.32 | 4,340.82 | 2,474.55 | 14,180.81 |
| 2. | Net Profit/(Loss) for the period (before Tax, Exceptional and /or Extraordinary items) | 778.05 | 1,368.06 | 461.61 | 3,954.87 | 778.05 | 1,368.06 | 461.61 | 3,954.87 |
| 3. | Net Profit/(Loss) for the period before Tax (after Exceptional and /or Extraordinary items) | 778.05 | 1,368.06 | 461.61 | 3,954.87 | 757.32 | 1,367.84 | 461.36 | 3,954.31 |
| 4. | Net Profit/(Loss) for the period after Tax ( after Exceptional and /or Extraordinary items) | 578.64 | 1,025.68 | 347.73 | 2,951.97 | 557.91 | 1,025.46 | 347.48 | 2,951.41 |
| 5. | Total Comprehensive Income for the period Comprising Profit/Loss for the period (after tax) and other Comprehensive Income (after tax) | 576.96 | 1,033.25 | 346.23 | 2,975.92 | 556.23 | 1,033.03 | 345.98 | 2,975.36 |
| 6. | Equity Share Capital | 918.32 | 918.32 | 918.32 | 918.32 | 918.32 | 918.32 | 918.32 | 918.32 |
| 7. | Reserves (excluding Revaluation Reserve) as shown in the Audited Balance Sheet of the previous year | - | - | - | 11,636.32 | - | - | - | 11,634.07 |
| 8. | Earnings Per Share (before extraordinary items) (of Rs.5/- each) (not annualised): | | | | | | | | |
| | I. Basic (Rs.) | 3.15 | 5.58 | 1.89 | 16.07 | 3.04 | 5.58 | 1.89 | 16.07 |
| | II. Diluted (Rs.) | 3.15 | 5.58 | 1.89 | 16.07 | 3.04 | 5.58 | 1.89 | 16.07 |

The above is an extract of the detailed format of quarterly financial results filed with the Stock Exchanges under regulation 33 of the SEBI (Listing Obligations and Disclosure Requirements) Regulations, 2015. The full format of the above financial results are available on the website of respective stock exchanges, **www.nseindia.com** and **www.bseindia.com**; and Company's website, **www.nalcoindia.com.**

**Notes :**

1. The Financial results have been reviewed by the Audit committee and approved by the Board of Directors at their respective meeting held on 8th August, 2022. Limited review as required under regulation 33 of the SEBI (Listing Obligations and Disclosure Requirements) Regulations, 2015 has been carried out by the statutory auditors of the Company.
2. The consolidated financials for the quarter ended 30th June, 2022 does not include the financials of M/s. Khanij Bidesh India Limited, the joint venture company, due to non-availability of its financials.
3. The Board of Directors at its meeting held on 8th August 2022 has recommended final dividend of Rs1.50/- per equity share ( 30% on face value of Rs.5/- each) amounting to Rs. 275.49 crore for the FY 2021-22.
4. The figures of the quarter ended 31st March 2022 are the balancing figures in respect of the audited full financial year ended 31st March 2022 and the unaudited published year to date figures up to the third quarter ended 31st December 2021.
5. Figures pertaining to previous periods have been regrouped, recasted and rearranged, wherever necessary.

**Place : Bhubaneswar**
**Dated : 8th August, 2022**

**(Shri Sridhar Patra)**
**Chairman-cum-Managing Director**

❝ ହେ ଈଶ୍ୱରଙ୍କର ବୀର ସୈନିକ ! ତୁମ ପାଇଁ ଦୁଃଖ, ଲଜ୍ଜା ବା ଯନ୍ତ୍ରଣା କାହିଁ ? କାରଣ ତୁମ ଜୀବନ ହିଁ ଏକ ମହାନ୍ ବିଜୟ– ତୁମର କର୍ମ ଏକ ଉତ୍ସର୍ଗ–ବିଜୟ ହିଁ ତୁମର ଭଗବାନ ଏବଂ ପରାଜୟ ମଧ୍ୟ ତୁମର ବିଜୟ । –ଶ୍ରୀଅରବିନ୍ଦ



# ଆଦିବାସୀ ଓ ଅଧିକାର



ଭାଲଚନ୍ଦ୍ର ଷଡ଼ଙ୍ଗୀ

ପ୍ରଥମ ଥର ପାଇଁ ଜଣେ ଆଦିବାସୀ ମହିଳା ଦେଶର ରାଷ୍ଟ୍ରପତି ପଦବୀରେ ବସିବାର ସୁଯୋଗ ପାଇଛନ୍ତି। ଏହି ପରିପ୍ରେକ୍ଷୀରେ ଜାତୀୟ ରାଜନୀତିରେ ଆଦିବାସୀ ପ୍ରସଙ୍ଗଟି ଗତ କିଛିଦିନ ଧରି ଚର୍ଚ୍ଚାରେ ରହି ଆସିଛି। କିନ୍ତୁ ପରିତାପର ବିଷୟ ଉପରୋକ୍ତ ଚର୍ଚ୍ଚାରେ ଦେଶର ଜନସଂଖ୍ୟାର ଆଠ ଭାଗରୁ ଊର୍ଦ୍ଧ୍ୱ ଲୋକଙ୍କୁ ବୁଝାଉଥିବା ଆଦିବାସୀଙ୍କ ଜୀବନ ଜୀବିକାର ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ସାମାନ୍ୟତମ ଉଲ୍ଲେଖ ଦେଖିବାକୁ ମିଳିଲାନି। ଦେଶ ସ୍ୱାଧୀନତାର ୭୫ ବର୍ଷ ପରିପ୍ରେକ୍ଷୀରେ ଦେଶର ସବୁଠାରୁ ଅବହେଳିତ ସମୁଦାୟର ସାମାଜିକ ଓ ଅର୍ଥନୈତିକ ସ୍ଥିତି ସମ୍ପର୍କରେ କୌଣସି ଆଲୋଚନା କରିବାକୁ ମୁଖ୍ୟଧାରାର ଗଣମାଧ୍ୟମ ଓ ରାଜନୀତି ଜାଣିଶୁଣି ଏଡ଼ାଇଗଲେ।

ତେବେ ଆମେ ଚର୍ଚ୍ଚା କରୁ ବା ନ କରୁ ଦେଶର ଆଦିବାସୀମାନେ ଆଜି କେଉଁଭଳି ସ୍ଥିତିରେ ରହିଛନ୍ତି, ତାହା ବିଭିନ୍ନ ଘଟଣା ମଧ୍ୟ ଦେଇ ବାରମ୍ବାର ସାମନାକୁ ଆସୁଛି। କେତେବେଳେ କଳିଙ୍ଗନଗରରେ ବିକାଶ ପାଇଁ ଆଦିବାସୀଙ୍କ ଗଣହତ୍ୟା ତ କେତେବେଳେ ନଗଡ଼ା ପୁଷ୍ଟିହୀନତାର ଶିକାର ହୋଇ ଆଦିବାସୀ ଶିଶୁଙ୍କ ମୃତ୍ୟୁ ଅଥବା କେତେବେଳେ ରାଷ୍ଟ୍ରପତିଙ୍କ ଗ୍ରାମକୁ ବିଦ୍ୟୁତ୍ ନ ଯିବା ହେଉ ଅଥବା କାଶୀପୁରରେ ହଇଜାରେ ଅନେକ ଆଦିବାସୀଙ୍କ ମୃତ୍ୟୁ ଘଟଣାରେ ରାଜ୍ୟର ଆଦିବାସୀଙ୍କ ସ୍ଥିତି ସାମନାକୁ ଆସିଯାଉଛି। ସ୍ୱାଧୀନତାର ଅମୃତକାଳରେ ଆଦିବାସୀମାନେ ଯେ ଶୋଷଣ, ଅବହେଳା ଓ ପଶ୍ଚାତପଦତାର ଶିକାର ହୋଇ ରହିଛନ୍ତି ଏବଂ ତାକୁ ଦୂର କରିବାରେ ଆମର ଶାସନ ବ୍ୟବସ୍ଥା ଏକଦମ ବିଫଳ ହୋଇଛି, ଏକଥା ଉପରୋକ୍ତ ଘଟଣାଗୁଡ଼ିକରୁ ଜଳ ଜଳ ହୋଇ ଦିଶୁଛି।

ଆଦିବାସୀ ହେଉଛନ୍ତି ଆମ ସଭ୍ୟତାର ଏକ ଅଭିନ୍ନ ଅଂଶ। ବର୍ତ୍ତମାନ ବିଶ୍ୱର ୭୦ଟି ଦେଶରେ ୩୭ କୋଟିରୁ ଅଧିକ ଆଦିବାସୀ ବସବାସ କରୁଛନ୍ତି। ଆମ ଦେଶର ଜନସଂଖ୍ୟାର ପ୍ରାୟ ୮ ଭାଗ ଅର୍ଥାତ୍ ପ୍ରତି ବାର ଜଣରେ ଜଣେ ଆଦିବାସୀ। ଆମ ରାଜ୍ୟର ପ୍ରତି ୪ ଜଣରେ ଜଣେ ଅର୍ଥାତ୍ ପ୍ରାୟ ଏକ ଚତୁର୍ଥାଂଶ (୨୦୧୧ ଜନଗଣନା ଅନୁଯାୟୀ ୨୨.୮୫%) ହେଉଛନ୍ତି ଆଦିବାସୀ। ଯଦିଓ ରାଜ୍ୟରେ ସରକାରୀ ଭାବେ ୧୩ଟି ଆଦିମ ଜନଜାତି ସମେତ ୬୨ଟି ଆଦିବାସୀ ସମ୍ପ୍ରଦାୟଙ୍କୁ ଅନୁସୂଚିତ ଜନଜାତିର ସ୍ୱୀକୃତି ଦିଆଯାଇଛି ତଥାପି କୋଣ୍ଡାଦୋରା, ଶୁଦ୍ଧ ଶବର, ଖୋଡ଼ିଆ, ଅନୁଗୋଳର କାନ୍ଧିଆ ପରି ଆହୁରି ଅନେକ ଆଦିବାସୀ ସମ୍ପ୍ରଦାୟ ରହିଛନ୍ତି ଯେଉଁମାନେ ଆଜିଯାଏଁ ଆଦିବାସୀର ମାନ୍ୟତା ପାଇବାରୁ ବଞ୍ଚିତ ରହିଛନ୍ତି।

ବିଶ୍ୱରେ ଜଙ୍ଗଲ ପାହାଡ଼ରେ, ପ୍ରକୃତିର କୋଳରେ ପୁରୁଷ ପୁରୁଷ ଧରି ବସବାସ କରୁଥିବା ଆଦିବାସୀମାନଙ୍କ ଅସ୍ତିତ୍ୱ ବିଭିନ୍ନ କାରଣରୁ ସଙ୍କଟଗ୍ରସ୍ତ। ତଥାକଥିତ ବିକାଶ ସେମାନଙ୍କ ଜୀବନ, ଜୀବିକାକୁ ଧ୍ୱଂସ କରୁଥିବା ବେଳେ ପ୍ରକୃତି କୈନ୍ଦ୍ରିକ ସେମାନଙ୍କ ସାମୁଦାୟିକ ସଂସ୍କୃତି, ଭାଷା ଓ ଧର୍ମ ଆଜି ବିପଦାପନ୍ନ ହୋଇଛି। ଆଣ୍ଡାମାନର ଜାରଓ୍ୱା, ଓଡ଼ିଶାର ମାଙ୍କଡ଼ିଆ ପରି ବିଶ୍ୱର ଅନେକ ଆଦିବାସୀ ସମ୍ପ୍ରଦାୟ ଓ ସେମାନଙ୍କ ଭାଷା ଧୀରେ ଧୀରେ ବିଲୁପ୍ତି ହେବାରେ ଲାଗିଛି।

**ବିଶ୍ୱ ଆଦିବାସୀ ଦିବସ ଉପଲକ୍ଷେ**



ବିଶ୍ୱରେ ଆଦିବାସୀମାନଙ୍କ ଏହି ସଙ୍କଟମୟ ସ୍ଥିତିକୁ ଲକ୍ଷ୍ୟ କରି ମିଳିତ ଜାତିସଂଘ ୧୯୯୪ରୁ ପ୍ରତିବର୍ଷ ଅଗଷ୍ଟ ୯କୁ ବିଶ୍ୱ ଆଦିବାସୀ ବା ଆଦିମ ଜନଜାତି ଦିବସ ରୂପେ ପାଳନ କରିବାକୁ ଘୋଷଣା କରିଛି।

ଆମ ଦେଶରେ ଅର୍ଥନୈତିକ ଭାବେ ଶୋଷିତ, ସାମାଜିକ ଭାବେ ନିର୍ଯାତିତ ଓ ବିକାଶର ମାପକାଠିରେ ଅବହେଳିତ ଆଦିବାସୀମାନେ ଅତ୍ୟନ୍ତ ଦାରିଦ୍ର୍ୟ ବୋଝ ତଳେ ବଞ୍ଚିବାକୁ ବାଧ୍ୟ ହୋଇଆସିଛନ୍ତି। ଦେଶର ବିଶାଳ ଜଙ୍ଗଲ ସମ୍ପଦକୁ ଲୁଟ୍ କରିବା ଲକ୍ଷ୍ୟରେ ବ୍ରିଟିଶମାନେ ୧୮୬୫ ରେ ଯେଉଁ ଜଙ୍ଗଲ ଆଇନ କରି ଜଙ୍ଗଲ ବିଭାଗ ଗଠନ କରିଥିଲେ, ତା' ଫଳରେ ପ୍ରଥମ ଥର ପାଇଁ ଆଦିବାସୀମାନେ ଜଙ୍ଗଲ ଉପରେ ଥିବା ନିଜର ପାରମ୍ପରିକ ଅଧିକାରକୁ ହରାଇଥିଲେ। ପରେ ୧୮୯୪ର ଔପନିବେଶିକ ଜମି ଅଧିଗ୍ରହଣ ଆଇନ 'ବିକାଶ'ର ନାଁରେ ସେମାନଙ୍କୁ ଭିଟାମାଟିରୁ ବଳପୂର୍ବକ ଉଦ୍‌ବାସ୍ତୁ କରିବାର ବାଟ ଖୋଲିଥିଲା। ତେବେ ପ୍ରଥମରୁ ନିଜର ଜମି, ଜଙ୍ଗଲ ଓ ସ୍ୱାଧୀନତା ଉପରେ ବାହ୍ୟ ଆକ୍ରମଣକୁ ଆଦିବାସୀମାନେ ଦୃଢ଼ ପ୍ରତିରୋଧ କରିଥିଲେ।

ଆଦିବାସୀ ଓ ପାରମ୍ପରିକ ବନଜୀବୀଙ୍କ ଦୀର୍ଘ ଲଢ଼େଇର ଫଳସ୍ୱରୂପ ୨୦୦୬ରେ ଦେଶରେ ଜଙ୍ଗଲ ଅଧିକାର ଆଇନ ପ୍ରଣୟନ ହୋଇଥିଲା। ପ୍ରଥମ ଥର ପାଇଁ ସରକାର ଜଙ୍ଗଲ ଜମିରେ ସେମାନଙ୍କୁ ଆଉ ଅପରାଧୀ ବୋଲି ନ କହି କିଛି ମାତ୍ରାରେ ମାଲିକାନା ପ୍ରଦାନ କରିଥିଲେ। ଏଥିରେ ଗ୍ରାମସଭାକୁ ଜଙ୍ଗଲ ଅଧିକାର ନିର୍ଦ୍ଧାରଣରେ କ୍ଷମତା ଦେବା ସହ ତା'ର ଅନୁମତି ବିନା ଜଙ୍ଗଲ ଅଞ୍ଚଳରେ କୌଣସି ପ୍ରକଳ୍ପ ପାଇଁ ସରକାର ଜଙ୍ଗଲ ଜମି ଦେଇପାରିବେନାହିଁ ବୋଲି ବ୍ୟବସ୍ଥା ରହିଲା। ତେବେ ଏହି ଆଇନକୁ ନିଜର ସ୍ୱାର୍ଥର ପରିପନ୍ଥୀ ବୋଲି ବିଚାର କରି ବଡ଼ ବଡ଼ କମ୍ପାନୀ ତାକୁ ହଟେଇବାକୁ ଅଥବା ଅକାମୀ କରିଦେବାକୁ ଷଡ଼ଯନ୍ତ୍ର କରି ଆସିଛନ୍ତି। ସେମାନଙ୍କ ସ୍ୱାର୍ଥରେ ହିଁ କେନ୍ଦ୍ରର ମୋଦି ସରକାର ଗତ ୮ବର୍ଷ ମଧ୍ୟରେ ଜଙ୍ଗଲ ଓ ପରିବେଶ ଆଇନରେ ଅନେକ ପରିବର୍ତ୍ତନ ଆଣି ଆଦିବାସୀଙ୍କ ଅଧିକାରକୁ ଦୁର୍ବଳ କରି ସରକାରଙ୍କ କ୍ଷମତାକୁ ବଢ଼ାଇବା ଦେଖାଯାଇଛି। ଜଙ୍ଗଲ ଅଧିକାର ଆଇନକୁ ଶକ୍ତି ପ୍ରଦାନ କରୁଥିବା ଜଙ୍ଗଲ ସଂରକ୍ଷଣ ନିୟମାବଳୀରେ ନିକଟରେ ସଂଶୋଧନ କରାଯାଇଛି। ଗତ ଜୁନ୍ ୨୮ରେ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ଦ୍ୱାରା ଜାରି ବିଜ୍ଞପ୍ତିରେ ଜଙ୍ଗଲ ଜମି ଉପରେ ଅଧିକାର ନିର୍ଦ୍ଧାରଣରେ ଗ୍ରାମସଭାର କ୍ଷମତାକୁ ଉଚ୍ଛେଦ କରାଯାଇଛି। ଏହାଫଳରେ ସରକାର ଏଣିକି କମ୍ପାନୀଗୁଡ଼ିକୁ ହଜାର ହଜାର ହେକ୍ଟର ଜଙ୍ଗଲ ଜମି ପ୍ରଦାନ କରିବା ପାଇଁ ଗ୍ରାମସଭାର ଅନୁମତି ନେବାକୁ ପଡ଼ିବନାହିଁ। ଫଳରେ ପୁରୁଷ ପୁରୁଷ ଧରି ଚାଷ ଓ ବାସ କରି ଆସୁଥିବା ଆଦିବାସୀମାନେ ପୂର୍ବଭଳି ସରକାରୀ ପ୍ରାୟୋଜିତ ବିସ୍ଥାପନର ଶିକାର ହେବେ।

ଆଦିବାସୀଙ୍କ ଆର୍ଥିକ, ରାଜନୈତିକ ଓ ସାଂସ୍କୃତିକ ବିକାଶ, ଭାରତ ପରି ଏକ ଜନମଙ୍ଗଳକାରୀ ରାଷ୍ଟ୍ରର ସାମ୍ବିଧାନିକ କର୍ତ୍ତବ୍ୟ। କିନ୍ତୁ ଏଥିପ୍ରତି ଘୋର ଅବହେଳା କାରଣରୁ ସେମାନଙ୍କ ଜୀବନ, ଜୀବିକା, ଭାଷା ଓ ସଂସ୍କୃତି ଭୟଙ୍କର ସଙ୍କଟର ସମ୍ମୁଖୀନ ହୋଇଛି। ସେମାନଙ୍କ ଭାଷା ଓ ସଂସ୍କୃତିର ସ୍ୱାଧୀନ ବିକାଶ ପାଇଁ ସରକାର ସୁଯୋଗ ଦେବା ପରିବର୍ତ୍ତେ ତାକୁ ଅଣଦେଖା କରିବା ଓ ଦବେଇଦେବା ଦେଖାଯାଇଛି। ଅତ୍ୟନ୍ତ ସୁନିୟୋଜିତ ଭାବେ ଓଡ଼ିଆ, ତେଲୁଗୁ, ମରାଠୀ, ଗୁଜରାଟୀ, ହିନ୍ଦୀ ପରି ଅନ୍ୟାନ୍ୟ ପ୍ରଭାବଶାଳୀ ଭାଷା ଭିତରେ ଆଦିବାସୀମାନଙ୍କ ଭାଷାଗୁଡ଼ିକୁ ବଳପୂର୍ବକ ସମ୍ମିଳିତ କରିବାର ନୀତିକୁ ଆପଣାଯାଇଛି। ଓଡ଼ିଶାର ଆଦିବାସୀମାନେ ୭୪ଟି କଥିତ ଭାଷାରେ କଥାଭାଷା ହେଉଥିଲେ ବି ସେମାନଙ୍କ ଭାଷା ଓ ଲିପିକୁ ବିକଶିତ କରିବାକୁ ସରକାରମାନେ ଆନ୍ତରିକତା ଦେଖାଇନାହାନ୍ତି। ଆଜି ମଧ୍ୟ ଆଦିବାସୀ ପିଲାମାନେ ନିଜ ମାତୃଭାଷାରେ ଶିକ୍ଷା ପାଇବାରୁ ବଞ୍ଚିତ ରହିଛନ୍ତି। ଆଦିବାସୀଙ୍କ ଭାଷାରେ ସଙ୍ଗୀତ କିମ୍ବା ଚଳଚ୍ଚିତ୍ର ନିର୍ମାଣ ପାଇଁ ଉଦ୍ୟମ କରାଯାଇନାହିଁ କି ଆଦିବାସୀ ଭାଷାର ଲେଖକ ଲେଖିକାଙ୍କୁ ସାହିତ୍ୟ ଏକାଡେମୀ ପୁରସ୍କାର ଦେଉନାହିଁ।

ଅନ୍ତର୍ଜାତୀୟ ଆଦିବାସୀ ଦିବସ ଅବସରରେ ଆଜି ଏପରି ଏକ ସମୟରେ ହେଉଛି ଯେତେବେଳେ ଦେଶରେ ଆଦିବାସୀଙ୍କ ଜଙ୍ଗଲ ଅଧିକାରକୁ ଛଡ଼େଇ ନେବାକୁ ଆକ୍ରମଣ ଆରମ୍ଭ ହୋଇଛି। ଅତଏବ ଜମି, ଜଙ୍ଗଲ ଉପରେ ଆଦିବାସୀମାନଙ୍କ ଅଧିକାରର ପୂର୍ଣ୍ଣ ସ୍ୱୀକୃତି ସହିତ ସେମାନଙ୍କ ଭାଷା, ସଂସ୍କୃତି ତଥା ସ୍ୱୟଂଶାସନର ଅଧିକାରକୁ ସ୍ୱୀକୃତି ଦେବାର ସମୟ ଆସିଛି। ସେମାନଙ୍କ ଉପରେ ଦମନ ଓ ଅତ୍ୟାଚାର ପରିବର୍ତ୍ତେ ପ୍ରାକୃତିକ ସମ୍ପଦ ଉପରେ ମାଲିକାନା ଦେଇ ମର୍ଯ୍ୟାଦାର ସହିତ ଜୀବନ ଯାପନ କରିବାର ସୁଯୋଗ ଦେବା ଜରୁରୀ ହୋଇପଡ଼ିଛି।

ମୋ : ୯୪୩୭୧୬୬୩୯୧

## ସମୟର ଆହ୍ୱାନ



ଡ. ଭାରତ ଭୂଷଣ ରଥ

ଅଯୋଧ୍ୟା ନରେଶ ଦଶରଥ ପତ୍ନୀ କୈକେୟୀଙ୍କୁ ତିନିଗୋଟି ବର ପ୍ରଦାନ କରିଥିଲେ। ଦିନ ଆସିଲା, କୈକେୟୀ ଦଶରଥଙ୍କୁ ସେହି ବର ପ୍ରାର୍ଥନା କଲେ। କୈକେୟୀଙ୍କର ପ୍ରଥମ ବର ଥିଲା ; ରାମଚନ୍ଦ୍ର ଚତୁର୍ଦ୍ଦଶ ବର୍ଷ ବନବାସ କରିବେ। ଏହା ଏଭଳି ଏକ ସମୟ ଥିଲା, ଯେତେବେଳେ ଶ୍ରୀରାମ ଅଯୋଧ୍ୟାର ରାଜପଦରେ ଆସୀନ ହେବା ପାଇଁ ପ୍ରସ୍ତୁତ ହେଉଥିଲେ। ରାତି ପାହିଲେ ସେ ହୋଇଥାନ୍ତେ ଅଯୋଧ୍ୟାର ରାଜା। କୈକେୟୀଙ୍କର ଅନ୍ୟ ଏକ ବର ପ୍ରାର୍ଥନା ଥିଲା ; ତାଙ୍କ ପୁତ୍ର ଭରତ ଅଯୋଧ୍ୟାର ରାଜା ହେବେ। ଭରତ ଯଦି ରାଜ୍ୟଭାର ଗ୍ରହଣ କରିଥାନ୍ତେ ତେବେ ଶ୍ରୀରାମ ଭବିଷ୍ୟତରେ କେବେ ମଧ୍ୟ ଅଯୋଧ୍ୟାର ରାଜା ହୋଇପାରି ନ ଥାନ୍ତେ। ଏପଟେ ପିତା ଦଶରଥ ନିଜ ପ୍ରତିଜ୍ଞା ଅପେକ୍ଷା ପୁତ୍ର ରାମଙ୍କ ଅଯୋଧ୍ୟାରେ ଅବସ୍ଥାନକୁ ଗୁରୁତ୍ୱ ଦେଉଥାନ୍ତି। ଏ ସବୁ ସତ୍ତ୍ୱେ ଶ୍ରୀରାମ ନିଜ ଜୀବନର ସମସ୍ତ ସୁଖସୁବିଧା ଏବଂ ପ୍ରତିଷ୍ଠାକୁ ଜଳାଞ୍ଜଳି ଦେଇ ପିତାଙ୍କ ସମ୍ମାନ ରକ୍ଷା କରିଥିଲେ। ସେ ସହର୍ଷ ଚତୁର୍ଦ୍ଦଶ ବର୍ଷ ବନବାସ ଲାଗି ଚାଲିଗଲେ। ଏଠି ପ୍ରଶ୍ନ ଉଠେ ଆମେ ଭାରତୀୟମାନେ ଶ୍ରୀରାମଙ୍କଠାରୁ କ'ଣ ଶିକ୍ଷାଲାଭ କଲେ ? ବିଶେଷକରି ଯୁବବର୍ଗଙ୍କ ପାଇଁ ଏ ପ୍ରଶ୍ନ ଅବଶ୍ୟ ଚିନ୍ତନୀୟ।

ଆମେ ଦେଖୁ ସମାଜରେ ଅନେକ ବ୍ୟକ୍ତି ଦୀର୍ଘ ଦଶନ୍ଧି ଧରି ସଂଘର୍ଷମୟ ଜୀବନକୁ ଅତିବାହିତ କରି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରୁଛନ୍ତି। ଦାରିଦ୍ର୍ୟର କଷାଘାତରେ ଜୀବନକୁ ଅତିବାହିତ କରି ନିଜର ଲକ୍ଷ୍ୟ ପୂର୍ଣ୍ଣ କରନ୍ତି। ତାଙ୍କର ସହନଶକ୍ତି ଏବଂ ଲକ୍ଷ୍ୟ ସାଧନର ନିଷ୍ଠା କାଳକ୍ରମେ ତାଙ୍କୁ ସମାଜରେ ଏକ ସ୍ୱତନ୍ତ୍ର ପରିଚୟ ଦେଇଥାଏ। ସେହିଭଳି ଯୋଗଜନ୍ମା ସାଧକମାନଙ୍କୁ ଦେଖିଲେ ସ୍ୱତଃ ଆମେ ନତମସ୍ତକ ହୋଇଯାଉ। ସମାଜ ତାଙ୍କର ନିଷ୍ଠାପୂର୍ଣ୍ଣ ସାଧନାକୁ ସମ୍ମାନ ନ ଦେଇ ରହିପାରେନାହିଁ। କିନ୍ତୁ ତନ୍ମଧ୍ୟରୁ ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ ଗୋଟିଏ ପକ୍ଷରେ ସଫଳତାର ଶିଖର ସ୍ପର୍ଶକରି ସମାଜ ପାଇଁ ଅନୁକରଣୀୟ ସିଦ୍ଧାନ୍ତ ପାଳିଥିବାବେଳେ ଅପରପକ୍ଷରେ ନିଜେ ଜନ୍ମ ଦେଇଥିବା ସନ୍ତାନସନ୍ତତିମାନଙ୍କର ନିନ୍ଦନୀୟ କାର୍ଯ୍ୟକଳାପ ଦ୍ୱାରା ମାନସିକ ଭାବେ ପୀଡ଼ିତ ହେଉଛନ୍ତି। ପିଲାମାନେ ପ୍ରତିଷ୍ଠିତ ମା'ବାପାଙ୍କର ପରିଚୟ ନେଇ ସମାଜରେ ସମ୍ମାନିତ ହେଉଛନ୍ତି। ପିତୃଅର୍ଜିତ ଧନରେ ଅୟସ କରୁଛନ୍ତି। କିନ୍ତୁ ଭୁଲି ଯାଉଛନ୍ତି ପ୍ରତିବଦଳରେ ମା'ବାପାଙ୍କର ସମ୍ମାନ ରକ୍ଷା କରିବାର ଗୁରୁଦାୟିତ୍ୱକୁ। ପ୍ରାଚୁର୍ଯ୍ୟ ଭିତରେ ରହି ନିଶାଦ୍ରବ୍ୟ ସେବନ, ଚାରିତ୍ରିକ ସ୍ଖଳନ, ସଙ୍ଗଦୋଷ ପ୍ରଭୃତିର ବଶବର୍ତ୍ତୀ ଏହି ପିଲାମାନେ ଧୀରେ ଧୀରେ ସମାଜ ସାମ୍ନାରେ ନିନ୍ଦିତ ହେଉଛନ୍ତି। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାଟି ଲକ୍ଷ୍ୟ କରାଯାଉଛି ଯେ, ପଥଭ୍ରଷ୍ଟ ପିଲାମାନଙ୍କର ନିନ୍ଦା ଅପେକ୍ଷା ସାଧନାର ଶିଖର ସ୍ପର୍ଶକରି ସମାଜରେ ପ୍ରତିଷ୍ଠିତ ମା'ବାପାମାନଙ୍କୁ ଏହାର କୁଫଳ ବିଶେଷଭାବରେ ଭୋଗ କରିବାକୁ ପଡୁଛି। ଏହା ଦ୍ୱାରା ସମାଜ ବହୁଳ ପରିମାଣରେ କ୍ଷତିଗ୍ରସ୍ତ ହେଉଛି। ସମାଜ ତାଙ୍କର ଅନୁଭବକୁ ପ୍ରାଧାନ୍ୟ ଦେଇ ଯେଉଁ ଉପଦେଶ ଆଶା କରେ ସେହି ଉପଦେଶ ଦେବାରେ ବ୍ୟକ୍ତି ଅସମର୍ଥ ହୋଇଯାଉଛି।

ବିଶେଷକରି ଯେଉଁ ବ୍ୟକ୍ତି ଜୀବନରେ ଏକ ବିଶେଷ ଲକ୍ଷ୍ୟ ସାଧନ କରିବାରେ ସମର୍ଥ ହୋଇ ସମାଜରେ ପ୍ରତିଷ୍ଠିତ ସେ ନିଜକୁ ସହଜରେ ସାଲିସ୍ କରିପାରିବେ ନାହିଁ। ସମାଜରେ ତାଙ୍କର ନିନ୍ଦା ତାଙ୍କୁ ମୃତ୍ୟୁତୁଲ୍ୟ ମନେହେବ। ତେଣୁ ଲୋକଲଜ୍ଜାରୁ ଦୂରେଇ ରହିବା ପାଇଁ ସେ ନୀରବତା ଅବଲମ୍ବନ କରୁଛନ୍ତି। ଅନେକ ନିଜର ସମସ୍ତ ପ୍ରତିଷ୍ଠାକୁ ବୃଥା ମନେକରୁଛନ୍ତି। ଏମିତି ନାନା ଦୁଶ୍ଚିନ୍ତା ଭିତରେ ରହି ଦିନୁଦିନ ବ୍ୟକ୍ତି ରୋଗାକ୍ରାନ୍ତ ଏବଂ କ୍ଷୀଣ ହୋଇଯାଉଛି। ଏହି ଦୁର୍ଦ୍ଦଶାକୁ ଭୁକ୍ତଭୋଗୀ ବ୍ୟକ୍ତି ଯେତିକି ଭୋଗ କରନ୍ତି ତାଠାରୁ ଅଧିକ ଭୋଗ କରେ ସମାଜ। ଆମକୁ ମନେରଖିବାକୁ ହେବ ଗୋଟିଏ ବିଶିଷ୍ଟ କ୍ଷେତ୍ରରେ ଅନୁଭବୀ ଏବଂ ନିଜ କ୍ଷେତ୍ରରେ ମାର୍ଗଦର୍ଶନ ଦେବାର ସାମର୍ଥ୍ୟ ଥିବା ବ୍ୟକ୍ତି ସଂସାରରେ ଆଉ ଦ୍ୱିତୀୟ ନ ଥାନ୍ତି। ତେଣୁ ସେହି ବିଭୂତିମାନଙ୍କର ସାମାଜିକ ପ୍ରତିଷ୍ଠା ରକ୍ଷାର ସର୍ବପ୍ରଥମ ଉତ୍ତରଦାୟିତ୍ୱ ନିଜ ପରିବାର ସଦସ୍ୟଙ୍କର। ବେଳେବେଳେ ପ୍ରଶ୍ନ ଉଠେ ମା'ବାପାମାନେ ପିଲାମାନଙ୍କୁ ପାଳନ ପୋଷଣରେ ଅତ୍ୟଧିକ ସ୍ନେହ, ଶ୍ରଦ୍ଧା ପ୍ରଦର୍ଶନ କରିବା ସହିତ ବାଲ୍ୟକାଳରୁ ସେମାନଙ୍କର ବଦଖର୍ଚ୍ଚକୁ ତାଗିଦ ନ କରି ବିଳାସବ୍ୟସନପୂର୍ଣ୍ଣ ଜୀବନ ବିତାଇବା ପାଇଁ ସ୍ୱାଧୀନତା ଦିଅନ୍ତି। ବାସ୍ତବରେ ଏହା ଅନେକ ପିଲାଙ୍କର ଭବିଷ୍ୟତକୁ ପ୍ରଭାବିତ କରେ ତେଣୁ ଏ କ୍ଷେତ୍ରରେ ମା'ବାପାମାନଙ୍କୁ ସତର୍କ ହେବାର ବେଳ ଆସିଛି। ତେବେ ପିଲାମାନେ ଏଥିପ୍ରତି ଅତ୍ୟଧିକ ଜାଗରୁକ୍ ହୋଇ ନିଜ ଘରର ସମ୍ପତ୍ତି ତଥା ସମାଜର ସମ୍ପତ୍ତିଙ୍କୁ ସୁରକ୍ଷା ଦେବାର ଆବଶ୍ୟକତା ରହିଛି। ଏ ବିଷୟକୁ ଗୁରୁତ୍ୱର ସହ ଚିନ୍ତନ କରିବା ସମୟର ଆହ୍ୱାନ।

ମୋ–୮୮୯୭୪୨୬୨୪୩

## ଏଇ ଭାରତରେ

ଅହମଦାବାଦର ଶିଳ୍ପା ପଟେଲଙ୍କ ପରିବାର ପରିବେଶ ଉପଯୋଗୀ କପଡ଼ା ତିଆରି କରି ପରିବେଶ ସଚେତନତାର ବାର୍ତ୍ତା ଦେଇଆସୁଛନ୍ତି। ଉକ୍ତ ପରିବାର 'ଛାପା' ନାମକ ପରିବେଶ ସହନୀୟ ଷ୍ଟାର୍ଟଅପ୍ ବ୍ରାଣ୍ଡରେ ଏହାକୁ ପ୍ରସ୍ତୁତ କରୁଛନ୍ତି। ଏଥିରେ ସେମାନେ ବହୁ ପୁରୁଣା ହ୍ୟାଣ୍ଡ ବ୍ଲକ୍ ପ୍ରିଣ୍ଟିଂ ଟେକ୍‌ନିକ୍ ବ୍ୟବହାର କରୁଛନ୍ତି। କାଠ ତିଆରି ବ୍ଲକ୍‌ରେ ବିଭିନ୍ନ ପଶୁଙ୍କ ରୂପ କରାଯାଇ ଏହି ପ୍ରିଣ୍ଟିଂ କରାଯାଉଛି। ପଟେଲ ପରିବାର ଉକ୍ତ କାର୍ଯ୍ୟରେ ଆଖପାଖର ୨୫ ଜଣ କାରିଗରଙ୍କୁ ମଧ୍ୟ ନିଯୁକ୍ତ କରିଛନ୍ତି। ଶିଳ୍ପା ୨୦୧୩ରେ ଛାପା ଷ୍ଟାର୍ଟଅପ୍ ପ୍ରତିଷ୍ଠା କରିଥିଲେ। ହ୍ୟାଣ୍ଡ୍ ବ୍ଲକ ପ୍ରିଣ୍ଟିଂର ପୁନରୁଦ୍ଧାର ସହ କାରିଗରମାନଙ୍କୁ ସହଯୋଗ କରିବା ଲକ୍ଷ୍ୟରେ ଏହି କାର୍ଯ୍ୟ ଜାରି ରଖିଛନ୍ତି । ଖଦି ଓ କଟନ କପଡ଼ାରେ ପ୍ରାକୃତିକ ରଙ୍ଗ ବ୍ୟବହାର କରାଯାଉଛି। ବଳି ପଡୁଥିବା ବର୍ଜ୍ୟ କପଡ଼ାର ଉପଯୋଗ କରି ପାଉଚ୍ ଓ ବ୍ୟାଗ୍ ତିଆରି କରାଯାଉଛି। ସେମାନେ ଅନ୍ୟ ବୁଣାକାରମାନଙ୍କ ସହ ଯୋଗାଯୋଗ କରି ପ୍ରିଣ୍ଟିଂ ଟେକ୍‌ନିକ୍‌କୁ ବଞ୍ଚାଇବାକୁ ପ୍ରୟାସ କରୁଛନ୍ତି। ଅହମଦାବାଦରେ ଏକ ଷ୍ଟୋର ଏବଂ ଅନ୍‌ଲାଇନରେ କପଡ଼ା ବ୍ୟବସାୟ କରାଯାଉଛି। ବର୍ଷକୁ ଏଥିରୁ ପଟେଲ ପରିବାର ୧.୫ କୋଟି ଟଙ୍କା ଆୟ କରୁଛନ୍ତି ଓ ଏଥିରୁ ୨୫% କାରିଗରଙ୍କୁ ଦେଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୯ ଅଗଷ୍ଟ ୧୯୯୭

- ଶ୍ରୀଲଙ୍କା ସେନାବାହିନୀ ଜାଫ୍‌ନା ରାଜପଥ ପାର୍ଶ୍ୱ ପୁଲିୟାନ କୁଲମ ତାମିଲ ସହର ଆଡକୁ ଅଗ୍ରସର ହେଉଥିବା ବେଳେ ଏଲ୍‌ଟିଟିଇ ଉଗ୍ରପନ୍ଥୀଙ୍କ ସହ ସଂଘର୍ଷ ଘଟି ୨୫ ଉଗ୍ରପନ୍ଥୀ ଏବଂ ୮ ସେନା ନିହତ।
- ଭାଜପା ହାଇକମାଣ୍ଡଙ୍କ ବିରୁଦ୍ଧରେ ବିଦ୍ରୋହ ଘୋଷଣା କରି ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ମଦନଲାଲ ଖୁରାନାଙ୍କ ଦଳର ଉପସଭାପତି ପଦରୁ ଇସ୍ତଫା।
- ହାଇକୋର୍ଟଙ୍କ ରାୟ କ୍ରମେ ବହୁଚର୍ଚ୍ଚିତ ଅଞ୍ଜନା–ଇନ୍ଦ୍ରଜିତ ମାମଲା ସମେତ ଅଞ୍ଜନାଙ୍କ ସମ୍ପର୍କିତ ସମସ୍ତ ମାମଲାର ସିବିଆଇ ତଦନ୍ତ ନିର୍ଦ୍ଦେଶ।

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 9 | | 3 |
| | 1 | | | | 4 | | | |
| | | | 9 | | 6 | | | |
| 4 | | | | 7 | 1 | | | |
| | | | | | | | 5 | |
| | | 8 | | 9 | 5 | | | |
| | | 9 | | | | 2 | | 8 |
| | 5 | 3 | 8 | | | | 4 | 9 |
| | | 7 | 4 | | | 5 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 9 | 8 | 4 | 5 | 2 | 7 | 3 | 6 |
| 7 | 2 | 4 | 3 | 8 | 6 | 9 | 1 | 5 |
| 6 | 3 | 5 | 1 | 9 | 7 | 8 | 4 | 2 |
| 3 | 5 | 1 | 9 | 7 | 4 | 2 | 6 | 8 |
| 9 | 4 | 2 | 8 | 6 | 5 | 1 | 7 | 3 |
| 8 | 6 | 7 | 2 | 1 | 3 | 4 | 5 | 9 |
| 5 | 7 | 9 | 6 | 2 | 1 | 3 | 8 | 4 |
| 2 | 1 | 3 | 5 | 4 | 8 | 6 | 9 | 7 |
| 4 | 8 | 6 | 7 | 3 | 9 | 5 | 2 | 1 |

ଗତକାଲିର ଉତ୍ତର

# ଆତ୍ମହତ୍ୟା ପ୍ରବଣତା ଓ ନିରାକରଣ



ହରିଶଙ୍କର ମିଶ୍ର

ଆମ ରାଜ୍ୟରେ ଗଣମାଧ୍ୟମରେ ନିୟମିତ ଆତ୍ମହତ୍ୟା ସମ୍ପର୍କିତ ଖବର ପ୍ରକାଶ ପାଇବା ଯୋଗୁ ତାହା ସ୍ଥଳବିଶେଷରେ ବିଷମ ସ୍ଥିତି ସୃଷ୍ଟି କରୁଛି। କେଉଁଠି ତଦନ୍ତକୁ ବାଟବଣା କରିବାକୁ ହତ୍ୟାକାରୀମାନେ ଆତ୍ମହତ୍ୟାର ନାଟକ ସୃଷ୍ଟି କରୁଥିବା ବେଳେ କେଉଁଠି ଆତ୍ମହତ୍ୟା ପରେ ପରିବାର ଲୋକେ ହତ୍ୟା ଅଭିଯୋଗ କରୁଛନ୍ତି। ଫଳତଃ ଏହା ଜନସାଧାରଣଙ୍କୁ ସାମୟିକ ଭାବେ ବିଭ୍ରାନ୍ତ କରାଉଛି। ଆତ୍ମହତ୍ୟାକୁ ଦୁର୍ବଳ ମାନସିକତାଜନିତ ଅତ୍ୟଧିକ ଭାବପ୍ରବଣତାର ଦୁଃଖଦ ପରିଣତି ବୋଲି ମନୋବିଜ୍ଞାନୀ ମାନେ ମତବ୍ୟକ୍ତ କରିଥାନ୍ତି। ଆତ୍ମହତ୍ୟାର ଅବଶ୍ୟ ବିବିଧ କାରଣ ରହିଛି। ବୟସ୍କ ବ୍ୟକ୍ତିଙ୍କ କ୍ଷେତ୍ରରେ ଦାରିଦ୍ର୍ୟ, ପାରିବାରିକ ଅଶାନ୍ତି, ଋଣ ପରିଶୋଧ ପାଇଁ ଅକ୍ଷମତା ବା ଅତ୍ୟଧିକ ମାନସିକ ଚାପଜନିତ ଅବସାଦ ମୁଖ୍ୟ କାରଣ ହୋଇଥାଏ। କିଶୋର ବା ଯୁବା ବୟସର ଝିଅ ପୁଅଙ୍କ ମଧ୍ୟରେ ରହିଥିବା ପ୍ରେମ ବା ପ୍ରେମ ବିବାହ ପାଇଁ ପାରିବାରିକ ବିରୋଧାଭାସ ଆସିଲେ ସେ ଦୁଇଜଣ ମିଳିତ ଭାବେ ଆତ୍ମହତ୍ୟା କରୁଥିବାର ଦୃଷ୍ଟାନ୍ତ ରହିଛି। କାରଣ ଯାହା ହେଲେ ବି ଆତ୍ମହତ୍ୟା ମହାପାପ। ମନୁଷ୍ୟ ଜନ୍ମ ଦୁର୍ଲଭ ବୋଲି ଆମ ପୋଥି ପୁରାଣ ସହ ସର୍ବଶ୍ରେଷ୍ଠ ଆଧ୍ୟାତ୍ମିକ ଗ୍ରନ୍ଥ ଭଗବଦ ଗୀତାରେ ସ୍ପଷ୍ଟ ଉଲ୍ଲେଖ ରହିଛି। ଏହି ଗ୍ରନ୍ଥ ମାଧ୍ୟମରେ ଶ୍ରୀକୃଷ୍ଣଙ୍କ ମୁଖ ନିଃସୃତ ବାଣୀରେ କର୍ମକୁ ପ୍ରାଧାନ୍ୟ ଦିଆଯାଇ ଫଳ ପାଇଁ ଈଶ୍ୱରବିଶ୍ୱାସୀ ହେବାକୁ ବାରମ୍ବାର ପରାମର୍ଶ ଦିଆଯାଇଛି। ସେଇ ଗ୍ରନ୍ଥର ଦଶମ ଅଧ୍ୟାୟ ୨୦ ଶ୍ଳୋକରେ ଭଗବାନ ''ଅହମାତ୍ମା ଗୁଡାକେଶ ସର୍ବଭୂତାଶୟସ୍ଥିତଃ'' ଅର୍ଥାତ୍ ପ୍ରତ୍ୟେକ ଶରୀରରେ ସେ ଆତ୍ମା ରୂପେ ଅବସ୍ଥାନ କରୁଥିବା କହିଛନ୍ତି। ମନୁଷ୍ୟର ସତ୍ତ୍ୱ, ରଜ ଓ ତମ ଗୁଣ ମଧ୍ୟରୁ ଆତ୍ମହତ୍ୟା ଅର୍ଥାତ୍ ଆତ୍ମାର ହତ୍ୟା ହେଉଥିବାରୁ ତାହା ଗୁଣକୁ ପରିପ୍ରକାଶ କରିଥାଏ। ସେମାନଙ୍କର ମୋକ୍ଷ ପରିବର୍ତ୍ତେ ମୃତକ ବହୁ ଲକ୍ଷ ବାର ନୀଚ ଯୋନି ଅର୍ଥାତ୍ ବୃକ୍ଷ, ଲତା, ପଶୁ, ପକ୍ଷୀ, କୀଟ, ପତଙ୍ଗ, ସରୀସୃପ, କୃମି, ମାଛ ଭାବେ ଜନ୍ମ ନେଇଥାଏ। ଧର୍ମଶାସ୍ତ୍ରାବିମାନଙ୍କ ମତରେ ମନୁଷ୍ୟ, ମାତୃଗର୍ଭରୁ ଜନ୍ମବେଳେ ଓ ଶରୀରରୁ ଆତ୍ମା ବା ପ୍ରାଣତ୍ୟାଗ ସମୟରେ ଅକଥନୀୟ କଷ୍ଟ ଭୋଗିଥାଏ। ମାତ୍ର ଜନ୍ମ ସମୟର ଯନ୍ତ୍ରଣା ଶିଶୁର ସ୍ମରଣାତୀତ ଓ ଦେହତ୍ୟାଗ ଯୋଗୁଁ ମୃତ୍ୟୁ ସମୟର ଯନ୍ତ୍ରଣା ଅପ୍ରକାଶ୍ୟ ରହିଯାଏ।

ଆତ୍ମହତ୍ୟା ସାଧାରଣତଃ ବିଷପାନ ବା ଫାଶି ପ୍ରକ୍ରିୟାରେ କରାଯାଏ। ଏଥିରେ ଆତ୍ମାକୁ ଅସ୍ୱାଭାବିକ ଭାବେ ଶରୀର ତ୍ୟାଗ ପାଇଁ ବାଧ୍ୟ କରାଯାଉଥିବାରୁ ତାହା ଅତୀବ କଷ୍ଟଦାୟକ ହୋଇଥାଏ। ଯେକୌଣସି କାରଣରୁ ନିଜ ଜୀବନ ପ୍ରତି ବିତୃଷ୍ଣାଭାବ ଆସିପାରେ। ମାତ୍ର ନିଜକୁ



ଈଶ୍ୱରଙ୍କ ସୃଷ୍ଟି କିନ୍ତୁ ମୃତ୍ୟୁ ତା'ର ଅଧୀନ ନୁହେଁ ବରଂ ସମସ୍ତ ସମାଧାନ ପାଇଁ ସେହି ସୃଷ୍ଟିକର୍ତ୍ତାଙ୍କ ଉପରେ ଦୃଢ଼ ବିଶ୍ୱାସୀ ହେଲେ ଆତ୍ମହତ୍ୟା ମାନସିକତା ଦୂର ହୋଇଥାଏ। ଆତ୍ମହତ୍ୟା ପାଇଁ ସିଦ୍ଧାନ୍ତ ନେବା ପୂର୍ବରୁ ଈଶ୍ୱରୀୟ ଭାବନା ଓ ଆତ୍ମହତ୍ୟା ପରର ପାରିବାରିକ ଦୁଃସ୍ଥିତି ଚିନ୍ତା କଲେ ଯେ କେହି ଏଥିରୁ ନିବୃତ୍ତ ହୋଇଯିବ। ଆମ ଆଇନ ବ୍ୟବସ୍ଥାରେ ଆତ୍ମହତ୍ୟା ପରେ ତା'ର କାରଣ ପାଇଁ ପୋଲିସ ବିବିଧ ଦିଗକୁ ତଦନ୍ତ ପରିସରଭୁକ୍ତ କରେ। ପରିବାରର ଜଣକୁ ହରାଇଥିବା ଆତ୍ମୀୟସ୍ୱଜନ ଦୁଃଖରେ ମ୍ରିୟମାଣ ଥିବାବେଳେ ସ୍ଥଳବିଶେଷରେ ପୋଲିସ ଜୁଲମ ସେମାନଙ୍କ ପାଇଁ ଅସହ୍ୟ ହୋଇଥାଏ। କେତେକ କ୍ଷେତ୍ରରେ ମୃତକ ଯଦି ବିବାହିତା ହୋଇଥାଏ, ତାହା ଯେତେବର୍ଷ ହେଲେ ବି ତା' ମାତାପିତା ଯୌତୁକଜନିତ ନିର୍ଯାତନା ଅଭିଯୋଗ ଆଣିଥାନ୍ତି। ଆଇନ ବ୍ୟବସ୍ଥାରେ ବିନା ଦୋଷରେ ବୟସ୍କ ଶାଶୁ ଶ୍ୱଶୁର ଓ ଅନ୍ୟମାନେ ଜେଲ ଯାଇଥାନ୍ତି। ସେମାନଙ୍କ ଅସନ୍ତୋଷ ଅଭିଶାପ ଭାବେ ମୃତକଙ୍କ ଆତ୍ମାକୁ ପ୍ରାରବ୍ଧ ଭାବେ ଭୋଗ ହୋଇଥାଏ। କିଛିଦିନ ଧରି ଏକାଧିକ ଛାତ୍ରୀଛାତ୍ରଙ୍କ ଆତ୍ମହତ୍ୟା ଚର୍ଚ୍ଚିତ ବିଷୟ ହୋଇଛି। ଏହା ପରିବାର ପାଇଁ ଅପୂରଣୀୟ କ୍ଷତି ଏବଂ ମାତାପିତାଙ୍କୁ ଦାରୁଣ ଦୁଃଖ ଦେଇଥାଏ। ମାଆ ବାପାମାନେ ଝିଅ ପୁଅଙ୍କ ଉଚ୍ଚଶିକ୍ଷା ପାଇଁ ଅନେକ ଆଶାରେ ବିଦ୍ୟାଳୟ ପରେ ମହାବିଦ୍ୟାଳୟକୁ ପଠାଇଥାନ୍ତି। କାରଣ ଯାହା ଥାଉନା କାହିଁକି ଝିଅ ପୁଅ ଯଦି ଆତ୍ମହତ୍ୟା କରନ୍ତି ସେତେବେଳେ ସେମାନେ ମାଆ ବାପାଙ୍କ ସ୍ୱପ୍ନକୁ ମଧ୍ୟ ହତ୍ୟା କରିଥାନ୍ତି। ଶିଶୁ ମାତୃଗର୍ଭରେ ରହିବାଠାରୁ ଜନ୍ମ ବେଳେ ଜନ୍ମଦାତ୍ରୀ ଅକଥନୀୟ କଷ୍ଟ ଭୋଗି ଥାଏ। ଯଦି ଆତ୍ମହତ୍ୟା ବିଫଳ ପ୍ରେମ, ପ୍ରତାରଣା ଯୋଗୁ ହୋଇଥାଏ, ଗଣମାଧ୍ୟମରେ ପ୍ରଚାରିତ ହେବାପରେ ସେଇ ହତଭାଗ୍ୟ ମାଆ ବାପାଙ୍କ ପାଇଁ ତାହା ଅସହ୍ୟ ହୋଇଥାଏ। ସମାଜଠାରୁ ବନ୍ଧୁବାନ୍ଧବଙ୍କ ପ୍ରତ୍ୟକ୍ଷ ବା ପରୋକ୍ଷ ଟିପ୍ପଣୀ ତାଙ୍କ ଜୀବନକୁ ଅଧିକ ଦୁର୍ବିଷହ କରିଥାଏ। ଗତ କିଛି ମାସ ମଧ୍ୟରେ ମାନସିକ ନିର୍ଯାତନା ଯୋଗୁ ଏକାଧିକ ଛାତ୍ରୀଛାତ୍ର ଆତ୍ମହତ୍ୟା କରିଥିବା ଖବର ପ୍ରକାଶ ପାଇଛି ; ଯାହାର ଅସହ୍ୟ ଦୁଃଖ, ନିର୍ଯାତନା ବା ଆଚରଣରେ ଅତିଷ୍ଠ ହୋଇ କେହି ଆତ୍ମହତ୍ୟା କଲେ ସେ ଆମ ଦଣ୍ଡବିଧି ସଂହିତା ଅନୁଯାୟୀ ଦୋଷୀ ସାବ୍ୟସ୍ତ ହୋଇଥାଏ। ଆଇନର ଗଳାବାଟରେ ସେ ନିସ୍ତାର ପାଇଲେ ବି ପ୍ରାରବ୍ଧ ଭାବେ ବହୁ ଯନ୍ତ୍ରଣା ପାଇଥାଏ। ପାରସ୍ପରିକ ସ୍ନେହ ଶ୍ରଦ୍ଧା କର୍ତ୍ତବ୍ୟପରାୟଣତା ଆମ ସଂହତିର ମୂଳମନ୍ତ୍ର କିନ୍ତୁ ଆମର ବୌଦ୍ଧିକ ଶିକ୍ଷାର ଅଭାବ ଏବଂ ସମାଜରେ ସଦାଚାରର ଅବକ୍ଷୟ ଯୋଗୁ ଏଭଳି ଦୁଃଖଦ ଘଟଣା ଯେ ଆମ ପାଇଁ ଖବର ଓ ଅନୁଭୂତି ହୋଇ ଚାଲିଥିବ। ଏଥିପାଇଁ ବ୍ୟାପକ ସଚେତନତା ଏବଂ ପାରିବାରିକ ଓ ସାମାଜିକ କର୍ତ୍ତବ୍ୟ ଶିକ୍ଷାର ଆବଶ୍ୟକତା ରହିଛି।

ଗୁଣ୍ଡିଚା ବିହାର, ପୁରୀ
ମୋ: ୭୯୭୮୭୮୫୪୭୮

## ପାଠକ ଶ୍ରେଷ୍ଠ ବିଚାରକ

### ସୂଚନା ଅଧିକାର ଆଇନର ସୁଫଳ ମିଳୁନାହିଁ

ମହାଶୟ,

ଦୁର୍ନୀତି, ଭ୍ରଷ୍ଟାଚାର ଓ ବାଟମାରଣା ପାଇଁ ଆମ ଦେଶର ବିକାଶ ହେଉନାହିଁ। ସ୍ୱାଧୀନତାର ୭୫ ବର୍ଷ ପରେ ଦେଶର ଭିତ୍ତିଭୂମି ସୁଦୃଢ଼ ହୋଇପାରିଲା ନାହିଁ। ବର୍ତ୍ତମାନ ପ୍ରାୟ ସବୁ ବିଭାଗରେ ଦୁର୍ନୀତି ହେଉଛି। ଏହାକୁ ରୋକିବା ପାଇଁ ୨୦୦୫ରେ ତତ୍କାଳୀନ ଉପା ସରକାରଙ୍କ ଦ୍ୱାରା ସୂଚନା ଅଧିକାର ଆଇନ ସଂସଦରେ ପାରିତ ହୋଇ କାର୍ଯ୍ୟକାରୀ ହେଉଛି। ହେଲେ ପରିତାପର ବିଷୟ ଏହି କି ଦେଶର ସରଳ, ନିରୀହ ଜନସାଧାରଣ ଏହାର ସୁଫଳ ଆଦୌ ପାଇପାରୁନାହାନ୍ତି। ଏହାର କାରଣ ହେଉଛି ତଥ୍ୟ ପ୍ରଦାନରେ ଜଟିଳ ପ୍ରକ୍ରିୟା। ଆମ ଦେଶର ଦରିଦ୍ର ନିରକ୍ଷର ଜନସାଧାରଣ ବ୍ଲକ, ତହସିଲ ଅଥବା ଜିଲା କାର୍ଯ୍ୟାଳୟକୁ ଯାଇ ନିର୍ଦ୍ଧାରିତ ଫର୍ମ ପୂରଣ କରି ଓ ଦେୟ ଦେଇ ଆବଶ୍ୟକ ତଥ୍ୟ ହାସଲ କରିପାରୁନାହାନ୍ତି। ସମାଜସେବୀଗଣ ମଧ୍ୟ ଏ ପ୍ରକାର ଜଟିଳ ପ୍ରକ୍ରିୟା ହେତୁରୁ ତଥ୍ୟ ସଂଗ୍ରହରୁ ବିମୁଖ ରହୁଛନ୍ତି। କେବିକେ ଜିଲାଗୁଡ଼ିକରେ ଲୋକେ ଏହି ଆଇନର ସୁଫଳ ପାଉନାହାନ୍ତି। ଏଥିପାଇଁ ଦେଶର ଦୁର୍ନୀତିଖୋର ନେତା ଓ ସରକାରୀ କର୍ମଚାରୀ ମିଶି ପ୍ରତିଦିନ ଲକ୍ଷ ଲକ୍ଷ କୋଟି ଟଙ୍କା ଲୁଟିନେଉଛନ୍ତି। ଲୋକେ ଶୋଷିତ ହେଉଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାର ତୁରନ୍ତ ଏହି ଆଇନର ସଂଶୋଧନ କରି ସମସ୍ତଙ୍କୁ ସବୁ ପ୍ରକାର ସରକାରୀ ତଥ୍ୟ ପଞ୍ଚାୟତ କାର୍ଯ୍ୟାଳୟରେ ଦେୟମୁକ୍ତ ଭାବରେ ଉପଲବ୍ଧ ହେବାର ବ୍ୟବସ୍ଥା କରନ୍ତୁ। ନିରକ୍ଷରଙ୍କ ପାଇଁ ଆବଶ୍ୟକ ସୁବିଧା ରହୁ। ଏହା ନ ହେଲେ ଦୁର୍ନୀତି ଶେଷ ହେବ ନାହିଁ।

–ରାଇଚରଣ ବିଶ୍ୱାଳ,ସାମନ୍ତରାୟପୁର, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

### ଚିରନ୍ତନୀ

ବକୁଳ ଫୁଲର ଗନ୍ଧେ ଉଡ଼େ ପାଟ ପତନୀ,
କିମ୍ବା ଆସି ଧୀରପଦେ ଉଭା ହେଲ ସଜନୀ !
ଛନ୍ଦିଦେଲ ପ୍ରାଣ ମୋର କି ସ୍ୱପନ ଛନ୍ଦେ ଗୋ
ଅବଶ ଏ ହିଆ ତବ ହାସ–ମକରନ୍ଦେ ମୋ।

–(ଛନ୍ଦ ନାୟିକା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ




ପ୍ରଜାତନ୍ତ୍ରର ୭୫ତମ ବାର୍ଷିକ ଉତ୍ସବରେ 'ପ୍ରଜାତନ୍ତ୍ର ଅମୃତ ସ୍ମାରକୀ ଗ୍ରନ୍ଥ'କୁ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିଶିଷ୍ଟ ଲେଖିକା ପ୍ରତିଭା ରାୟ ଉନ୍ମୋଚନ କରୁଛନ୍ତି । ନିକଟରେ ଉପସ୍ଥିତ ଅଛନ୍ତି ପ୍ରଜାତନ୍ତ୍ର ସମ୍ପାଦକ ଭର୍ତ୍ତୃହରି ମହତାବ ।




ମୋଦି@୨୦-ଡ୍ରିମ୍ସ ମିଟ୍ ଡେଲିଭରି ପୁସ୍ତକର ଲୋକାର୍ପଣ ଉତ୍ସବରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି, ଓଡିଶା ଭାଜପା ପ୍ରଭାରୀ ଡି. ପୁରନ୍ଦେଶ୍ୱରୀ, ବିରୋଧୀ ଦଳନେତା ଜୟନାରାୟଣ ମିଶ୍ର, ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝୀ, ଭାଜପା ରାଷ୍ଟ୍ରୀୟ ଉପାଧକ୍ଷ ବୈଜୟନ୍ତ ପଣ୍ଡା, ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀ।

# 'ଓଡ଼ିଶାରେ ବି ଭାଜପା ସରକାର'

**ଭୁବନେଶ୍ୱର, ୮।୮(ବ୍ୟୁରୋ):**

ଓଡ଼ିଶାରେ ଭାଜପା ସରକାରକୁ ଆସିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୨୪ ନିର୍ବାଚନରେ ମଧ୍ୟ ଦୁଇ ତୃତୀୟାଂଶ ଭୋଟରେ ବିଜୟୀ ହେବେ। ଦିନେ ଭାଜପାକୁ ହିନ୍ଦୀ ଭାଷୀ ପାର୍ଟି ବୋଲି କୁହାଯାଉଥିଲା। କିନ୍ତୁ ମୋଦି ନେତୃତ୍ୱ ନେବା ପରେ ସାରା ଉତ୍ତର ପୂର୍ବାଞ୍ଚଳରେ ଭାଜପାର ସରକାର ଚାଲିଛି। ଗୁଜରାଟ, କର୍ଣ୍ଣାଟକ, ମହାରାଷ୍ଟ୍ରରେ ଏବେ ଭାଜପା ସରକାର ଶାସନ କରୁଛି। ଆଗକୁ ଓଡ଼ିଶାରେ ମଧ୍ୟ ଭାଜପା ସରକାର ହେବାକୁ ଯାଉଛି। ଭାଜପାକୁ ଆଗରୁ ବେପାରୀ ଓ ବଣିଆଙ୍କ ଦଳ ବୋଲି କୁହାଯାଉଥିଲା। ହେଲେ ଏବେ ସବୁଠାରୁ ଅଧିକ ଦଳିତ ଏବଂ ଆଦିବାସୀ ଏମ୍‌ପି ମଧ୍ୟ ଭାଜପାରେ ଏବେ ଅଛନ୍ତି। ଲଗାତର ୨ ଥର ପ୍ରଧାନମନ୍ତ୍ରୀ ହୋଇଥିବା ନରେନ୍ଦ୍ର ମୋଦି ୨୦୨୪ରେ ୨ ତୃତୀୟାଂଶ ଭୋଟରେ ଜିତିବେ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ଶାହା ଦିଲ୍ଲୀ ଫେରିଯିବା ପୂର୍ବରୁ ସ୍ଥାନୀୟ ଏକ ଘରୋଇ ହୋଟେଲରେ ଆୟୋଜିତ ମୋଦି@୨୦-ଡ୍ରିମ୍ସ ମିଟ୍ ଡେଲିଭରି ପୁସ୍ତକର ଲୋକାର୍ପଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସେ ନିଜ ଅଭିଭାଷଣ ରଖିବା ସମୟରେ ବିଜେଡି ବିରୋଧରେ ପଦୁଟିଏ ମୁହଁ ଖୋଲିନାହାନ୍ତି ଓଲଟି କଂଗ୍ରେସକୁ କଡ଼ା ସମାଲୋଚନା କରିଛନ୍ତି। ଏହାସହ ନରେନ୍ଦ୍ର ମୋଦିଙ୍କ ବିଷୟରେ ଜାଣିବା ଲାଗି ଉନ୍ମୋଚିତ ପୁସ୍ତକ ପଢ଼ିବା ପାଇଁ କହିଥିଲେ। ମୋଦିଙ୍କ କ୍ଷମତାକୁ ଆସିବାର ୨୦ ବର୍ଷ ପୂରଣ ହୋଇଥିବା ଅବସରରେ ଏହି ପୁସ୍ତକ ଉନ୍ମୋଚନ କରାଯାଇଛି। ଗୁଜରାଟ ମୁଖ୍ୟମନ୍ତ୍ରୀ ହେବାଠାରୁ ଦୁଇ ଥର ପ୍ରଧାନମନ୍ତ୍ରୀ ସହ ବର୍ତ୍ତମାନ ପର୍ଯ୍ୟନ୍ତ କ୍ଷମତାକୁ ଆସିବାର ତାଙ୍କର ୨୦ ବର୍ଷ ପୂରଣ ହୋଇଛି। ହେଲେ ସେହି ୨୦ ବର୍ଷରେ ମୋଦିଙ୍କ ବିଷୟରେ ସମସ୍ତେ କିଛି ଜାଣିଛନ୍ତି। ହେଲେ ସେହି ୨୦ ବର୍ଷ ପୂର୍ବର ୩୦ ବର୍ଷ କେମିତି ନିଜ ଜୀବନ ମୋଦି ଲୋକଙ୍କ ସେବାରେ କାଟିଛନ୍ତି ତାହା ସମସ୍ତଙ୍କ ପାଇଁ ଜାଣିବା ଦରକାର। ହେଲେ ମୋଦିଙ୍କ ବିଷୟରେ ଉକ୍ତ ବହିରେ ଯାହା ଉଲ୍ଲେଖ ଅଛି ତାଠାରୁ ଢେର ଅଧିକ ତାଙ୍କ ଜୀବନ ସଂଘର୍ଷପୂର୍ଣ୍ଣ ଥିଲା ବୋଲି ଶାହା କହିଛନ୍ତି।

## ମୋଦି@୨୦-ଡ୍ରିମ୍ସ ମିଟ୍ ଡେଲିଭରି ପୁସ୍ତକ ଲୋକାର୍ପଣ କଲେ ଶାହା

- କଂଗ୍ରେସକୁ ଟାର୍ଗେଟ କଲେ, ହେଲେ ବିଜେଡି ବିଷୟରେ ମୁହଁ ଖୋଲିଲେନି
- ମୋଦି କ୍ଷମତାକୁ ଆସିବାର ପୂର୍ବ ୩୦ ବର୍ଷ ବିଷୟରେ ସମସ୍ତେ ଜାଣିବା ଦରକାର

ଏହି ଅବସରରେ ଶାହା ଆହୁରି କହିଛନ୍ତି, ନିଜ ପରିବାର ଛାଡି ୧୩୦ କୋଟି ଲୋକଙ୍କ କଥା ଚିନ୍ତା କଲେ ଜଣେ ମୋଦି ହୋଇପାରିବ। ଜଣେ ବ୍ୟକ୍ତି ଯିଏ ନିଜ ଜୀବନରେ ୱାର୍ଡମେମ୍ବର କି ସରପଞ୍ଚ ନିର୍ବାଚନ ଲଢ଼ି ନ ଥିଲେ ବି ସିଧାସଳଖ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ପାଇଲେ। ଲୋକଙ୍କ ବିଶ୍ୱାସକୁ ଚରିତାର୍ଥ କରି ସର୍ବାଧିକ ଲୋକପ୍ରିୟ ହୋଇପାରିଲେ। ସବୁବେଳେ ସେ ଲୋକଙ୍କ ପାଇଁ କାମ କରିଚାଲିଛନ୍ତି। ପ୍ରଧାନମନ୍ତ୍ରୀ ହେବା ପରେ ମଧ୍ୟ ଲୋକଙ୍କ ପାଇଁ ସବୁବେଳେ କାମ ଚଳାଇଛନ୍ତି। କୋଭିଡ୍ ଭଳି ମହାମାରୀ ପରିଚାଳନା କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ନିଜ ଦକ୍ଷତା ଦେଖାଇଛନ୍ତି। ପ୍ରଧାନମନ୍ତ୍ରୀ କିଷାନ ନିଧି ଯୋଜନାରେ ଚାଷୀଙ୍କ ଖାତାକୁ ୬ ହଜାର ଲେଖା ଟଙ୍କା ଯାଉଛି। ଜମ୍ମୁ ଓ କଶ୍ମୀରରୁ ମୋଦି ୩୭୦, ୩୫(ଏ) ଉଚ୍ଛେଦ କରି ସେଠାରେ ପଞ୍ଚାୟତ ନିର୍ବାଚନ ମଧ୍ୟ ସାରିଲେଣି। ସେହିପରି ଗତ ଅଗଷ୍ଟ ୫ରେ ରାମମନ୍ଦିର ନିର୍ମାଣ ଲାଗି କାମ ବଢ଼େଇଲେ। ଏହି ଦୁଇ ପ୍ରସଙ୍ଗରେ ଆଗକୁ ରକ୍ତପାତ ହେବ ଏସାତେସା ଅନେକ କଥା କହୁଥିଲେ ମଧ୍ୟ କିଛି ହେଲାନାହିଁ। ସେହିପରି ଅନେକ ପ୍ରସଙ୍ଗ କଥା ଉଲ୍ଲେଖ କରି ଶାହା ଏହି ଅବସରରେ ମୋଦିଙ୍କ ପ୍ରଶଂସା କରିଥିଲେ। ଅନ୍ୟପଟେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ଅବସରରେ ମୋଦିଙ୍କ ୮ ବର୍ଷ ପ୍ରଧାନମନ୍ତ୍ରୀ କାର୍ଯ୍ୟକାଳ ଭିତରେ ଥିବା ସଫଳତା କଥା କହିଛନ୍ତି। ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ସ୍ୱାଗତ ଭାଷଣ ଦେଇଥିବା ବେଳେ ସ୍ୱରାଷ୍ଟ୍ର ମନ୍ତ୍ରୀ ଏବଂ ଧର୍ମେନ୍ଦ୍ରଙ୍କ ପ୍ରବଳ ପ୍ରଶଂସା କରିଥିଲେ। ଶେଷରେ ଶାହା ତାଙ୍କ କାର୍ଯ୍ୟକ୍ରମ ସରିବା ପରେ ସ୍ୱତନ୍ତ୍ର ବିମାନ ଯୋଗେ ଦିଲ୍ଲୀ ଫେରିଯାଇଛନ୍ତି।

# ଦଳୀୟ କାମ ଆରମ୍ଭ କର

## ନେତାଙ୍କୁ ଶାହାଙ୍କ ମନ୍ତ୍ର

**ଭୁବନେଶ୍ୱର, ୮।୮(ବ୍ୟୁରୋ)**

ଜନସାଧାରଣଙ୍କ ଅଧିକ ନିକଟତର ହୋଇ ସେମାନଙ୍କ ବିଶ୍ୱାସଭାଜନ ହେବାକୁ ଚେଷ୍ଟା କର। ନିଜ ଅଞ୍ଚଳରେ ଦଳୀୟ ସଙ୍ଗଠନକୁ ବଢାଇବା ସହିତ ତାକୁ ଅଧିକ ମଜଭୁତ କର। ଏବେଠୁ ଦଳୀୟ କାମ ମଧ୍ୟ ଆରମ୍ଭ କରିଦିଅ, ଯେତେପାରୁଚ ଭୋଟରଙ୍କ ପାଖକୁ ଯାଅ ବୋଲି ଦଳର ଅଫିସ ବିଅରର୍ ଏବଂ ବିଧାୟକଙ୍କୁ ଅଧଘଣ୍ଟା ଧରି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ବୁଝାଇଛନ୍ତି।

ବିଜେଡି ଓ ଭାଜପା ମଧ୍ୟରେ ଭଲ ବୁଝାମଣା ରହିଥିବା ନେଇ ଏକ ପ୍ରକାର ଚାରିଆଡେ ଚର୍ଚ୍ଚା ଚାଲିଥିବା ନେଇ ବୈଠକରେ ଆଲୋଚନା ହୋଇଥିଲା ବୋଲି ବିରୋଧୀ ଦଳ ନେତା ଜୟ ନାରାୟଣ ମିଶ୍ର କହିଛନ୍ତି। ହେଲେ ମୁଖ୍ୟ ସଚେତକ ମୋହନ ମାଝି କହିଛନ୍ତି, ସେମିତି କିଛି ଆଲୋଚନା ହୋଇ ନ ଥିଲା। ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ସଫଳ କରିବା କଥା କହିଥିଲେ ବୋଲି ସେ କହିଛନ୍ତି। ଶାହା କଟକର ସବୁ କାର୍ଯ୍ୟକ୍ରମ ଶେଷ କରି ନିର୍ଦ୍ଧାରିତ ସମୟଠାରୁ ଏକ ଘଣ୍ଟାରୁ ଅଧିକ ସମୟ ବିଳମ୍ବରେ ଦଳୀୟ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ।

### ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମର ଶୁଭାରମ୍ଭ କଲେ

ବହୁ ପୂର୍ବରୁ ଶହ ଶହ କର୍ମୀ, ବିଭିନ୍ନ କଳାକାରମାନେ ସ୍ୱାଗତ ଜଣାଇବାକୁ ବର୍ଷାରେ ଓଦା ହୋଇ ଅପେକ୍ଷା କରି ରହିଥିଲେ। ସେଠାରେ ତାଙ୍କୁ ନାଚ, ଗୀତ ସହିତ ସ୍ୱାଗତ କରିବା ପରେ ସେ ସିଧାସଳଖ ଦଳୀୟ କାର୍ଯ୍ୟକର୍ତ୍ତା ଏବଂ ବିଧାୟକଙ୍କ ସହ ଆଲୋଚନାରେ ବସି ପଡିଥିଲେ। ଏଥିସହ ''ହର୍ ଘର୍ ତ୍ରିରଙ୍ଗା ଅଭିଯାନ''ର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ସେ ଲାଞ୍ଜିଆ ସଉରା ଜନଜାତି ସମ୍ପ୍ରଦାୟର ବୀରଭଦ୍ର ଦଳବେହେରା ଓ ଲକ୍ଷ୍ମୀ ଶବର, ଡଙ୍ଗରିଆ କନ୍ଧ ଜନଜାତି ସମ୍ପ୍ରଦାୟର ଗମ୍ଭେରା ୱାଡକା ଓ ତେଲ ୱାଡକା, ଗଣ୍ଡ ଜନଜାତି ସମ୍ପ୍ରଦାୟର ମାଗୁ ଗଣ୍ଡ ଓ ବାସନ୍ତି ଗଣ୍ଡ ପ୍ରମୁଖଙ୍କୁ ଜାତୀୟ ପତାକା ସହିତ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଫଟୋଚିତ୍ର ପ୍ରଦାନ କରିଥିଲେ।

# ଭାଜପା ନେତାଙ୍କ ବେଆଇନ ନିର୍ମାଣ ଭଙ୍ଗାଗଲା

## ପଡ଼ୋଶୀ ମହିଳାଙ୍କୁ ମାଡ଼ ମାରିଥିବା ତ୍ୟାଗୀଙ୍କୁ ଗିରଫ ଲାଗି ପୋଲିସର ତତ୍ପରତା

**ଲକ୍ଷ୍ନୌ/ନୋଏଡ଼ା,୮।୮:** ନୋଏଡ଼ା ହାଉସିଂ ସୋସାଇଟିରେ ପଡୋଶୀ ମହିଳାଙ୍କୁ ମାଡ଼ ମାରିବା ସହ ଗାଳିଗୁଲଜ କରିବା ଅଭିଯୋଗରେ ସ୍ଥାନୀୟ ଭାଜପା ନେତା ଶ୍ରୀକାନ୍ତ ତ୍ୟାଗୀଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ତାଙ୍କୁ ଗିରଫ କରିବା ଲାଗି ପୋଲିସ ତନାଘନା ଚଳାଇଥିବା ଉତ୍ତରପ୍ରଦେଶର ଅତିରିକ୍ତ ପୋଲିସ ଡିଜି ପ୍ରଶାନ୍ତ କୁମାର କହିଛନ୍ତି। ତେବେ ମାମଲା ରୁଜୁ କରିବାରେ ଅବହେଳା କରିଥିବା ୬ ଜଣ ପୋଲିସ ଅଧିକାରୀଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ସେମାନେ ହେଲେ ସମ୍ପୃକ୍ତ ଥାନାର ଭାରପ୍ରାପ୍ତ ଅଧିକାରୀ, ଜଣେ ସବ୍‌ଇନ୍ସପେକ୍ଟର ଏବଂ ୪ ଜଣ କନ୍‌ଷ୍ଟେବଲ। ଅଭିଯୋଗକାରିଣୀ ମହିଳାଙ୍କ ସୁରକ୍ଷା ଲାଗି ଦୁଇଜଣ ପିଏସ୍‌ଓ ଯୋଗାଇ ଦିଆଯାଇଛି। ଅଭିଯୁକ୍ତ ତ୍ୟାଗୀ ଫେରାର ଥିବାବେଳେ ତାଙ୍କ ନୋଏଡ଼ା ଗ୍ରାଣ୍ଡ ଓମାକ୍ସେ ସୋସାଇଟି ବାସଭବନ ବାହାରେ ଥିବା ବେଆଇନ ନିର୍ମାଣକୁ ସୋମବାର ସକାଳେ ବୁଲ୍‌ଡୋଜର ସହାୟତାରେ ଭାଙ୍ଗିଦିଆଯାଇଛି।



ଭାଜପା କାର୍ଯ୍ୟାଳୟ ନିକଟରେ ସୋମବାର ପାରମ୍ପରିକ ନୃତ୍ୟ ପରିବେଷଣ କରାଯାଉଛି।

# ସରକାରଙ୍କ ଉପରେ ବର୍ଷିଲେ ଅପରାଜିତା

**ଭୁବନେଶ୍ୱର, ୮।୮(ବ୍ୟୁରୋ)**

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଦୁଇ ଦିନିଆ ଓଡିଶା ଗସ୍ତ କାର୍ଯ୍ୟକ୍ରମ ଶେଷ କରି ଦିଲ୍ଲୀ ଫେରିଯାଇଛନ୍ତି। ହେଲେ ତାଙ୍କ ଗସ୍ତକୁ ନେଇ ବିଜେଡି ଓ ଭାଜପା ମଧ୍ୟରେ ଆରମ୍ଭ ହୋଇଯାଇଛି ରାଜନୀତି। ଶାହଙ୍କୁ ବିମାନବନ୍ଦରରେ ସ୍ୱାଗତ କରିବା ଲାଗି ରାଜ୍ୟ ସରକାରଙ୍କ କୌଣସି ପ୍ରତିନିଧି ନ ରହିବା ନେଇ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀ କଡା ସମାଲୋଚନା କରିଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସେ ପତ୍ର ଲେଖି ଏ ସମ୍ପର୍କରେ ଅବଗତ ମଧ୍ୟ କରାଇଛନ୍ତି। ବିଜେଡି କିନ୍ତୁ ଅପରାଜିତାଙ୍କ ପ୍ରତିକ୍ରିୟା ଉପରେ ବିଜେଡି ପାଲଟା ଜବାବ୍ ରଖି ସେ ଗଣମାଧ୍ୟମ ଆଗରେ ଚର୍ଚ୍ଚାରେ ରହିବାକୁ ଏଭଳି ମତ ଦେଇଥିବା କହିଛି।

ସୋମବାର ରାଜ୍ୟ ସରକାରଙ୍କୁ ଟାର୍ଗେଟ କରି ଅପରାଜିତା କହିଛନ୍ତି ଯେ,

## ଶାହଙ୍କୁ ସରକାରଙ୍କ ପ୍ରତିନିଧି ସ୍ୱାଗତ କରିବାକୁ ନ ଆସିବା ଘଟଣା

### ବିଜେଡି କହିଲା ଗଣମାଧ୍ୟମ ଦୃଷ୍ଟି ଆକର୍ଷଣ ପ୍ରୟାସ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ସ୍ୱାଗତ କରିବାକୁ ରାଜ୍ୟର ଗୃହ ରାଷ୍ଟ୍ର ମନ୍ତ୍ରୀ କିମ୍ବା ବରିଷ୍ଠ ପ୍ରଶାସନିକ ତଥା ପୋଲିସ୍ ଅଧିକାରୀ ବିମାନବନ୍ଦରକୁ ଗଲେ ନାହିଁ। ଏହା ପ୍ରୋଟକଲର ସମ୍ପୂର୍ଣ୍ଣ ଉଲଙ୍ଘନ ବୋଲି ସେ କହିଛନ୍ତି। ଏନେଇ ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ଅପରାଜିତା ଏଭଳି ମନ୍ତବ୍ୟ ଦେଇ ଏକ ପ୍ରକାର ରାଜନୈତିକ ଦ୍ୱନ୍ଦ ସୃଷ୍ଟି କରିବାକୁ ଚାହୁଁଛନ୍ତି। ଯାହାଦ୍ୱାରା ସେ ଗଣମାଧ୍ୟମରେ ଚର୍ଚ୍ଚାରେ ରହି ଲୋକଙ୍କ ଦୃଷ୍ଟି ଆକର୍ଷଣ କରିବା ଚେଷ୍ଟା କରୁଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ପ୍ରୋଟୋକଲ କେବଳ ତାଙ୍କ ମନ୍ତ୍ରଣାଳୟ ଅନୁମତି ପରେ ବଢାଇ ହେବ।

# ଆଜି ମହାରାଷ୍ଟ୍ର କ୍ୟାବିନେଟ ସମ୍ପ୍ରସାରଣ

**ନୂଆଦିଲ୍ଲୀ,୮।୮**

ମହାରାଷ୍ଟ୍ରରେ ଏକନାଥ ଶିନ୍ଦେ ସରକାରଙ୍କ ମନ୍ତ୍ରିମଣ୍ଡଳର ବହୁ ପ୍ରତୀକ୍ଷିତ ସମ୍ପ୍ରସାରଣ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ହେବାକୁ ଯାଉଛି। ମୁମ୍ବାଇସ୍ଥିତ ରାଜଭବନରେ ନୂଆ ମନ୍ତ୍ରୀମାନେ ଶପଥ ଗ୍ରହଣ କରିବେ। ପ୍ରଥମ ପର୍ଯ୍ୟାୟରେ ଶିନ୍ଦେ ୧୫ ଜଣ ମନ୍ତ୍ରୀଙ୍କୁ ସାମିଲ କରିବେ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସଙ୍କୁ ଗୁରୁତ୍ୱପୂର୍ଣ୍ଣ ଗୃହ ବିଭାଗ ମିଳିବା ଆଶା କରାଯାଉଛି। ସୂଚନାଯୋଗ୍ୟ, ଶିବସେନାରେ ବିଦ୍ରୋହ ଯୋଗୁ ଉଦ୍ଧବ ଠାକ୍‌ରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ପରେ ଜୁନ୍ ୩୦ରେ ଶିନ୍ଦେ ଏବଂ ଫଡ୍‌ନବିସ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ। ଦୀର୍ଘଦିନ ହେଲା ଦୁଇଜଣରେ ସରକାର ଚାଲିଥିବାରୁ ଏହାକୁ ନେଇ ବିରୋଧୀ ସମାଲୋଚନା କରୁଥିଲେ। ଶିନ୍ଦେ ପ୍ରଶାସନିକ ଅଧିକାରୀଙ୍କୁ ସ୍ୱତନ୍ତ୍ର କ୍ଷମତା ପ୍ରଦାନ କରିବା ବିରୋଧୀଙ୍କୁ କ୍ଷୁବ୍ଧ କରିଥିଲା।

# ଭାଜପା ହାତ ଛାଡ଼ିବ କି ଜେଡିୟୁ

## ଆଜି ନିଷ୍ପତ୍ତି ନେବେ ନୀତୀଶ କୁମାର

**ପାଟନା,୮।୮**

ବିହାରରେ ୨୦୧୭ରେ ଭାଜପା ସମର୍ଥନରେ ଜେଡିୟୁ ସରକାର ଗଢ଼ିବା ପରଠାରୁ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏବଂ ଗୈରିକ ଦଳର ନେତୃବୃନ୍ଦ କ୍ରମାଗତ ଭାବେ ପରସ୍ପରକୁ କଟାକ୍ଷ କରିଆସୁଥିଲେ। କିନ୍ତୁ ଗତ କିଛିଦିନ ହେଲା ତାହା ଚରମ ସ୍ଥିତିରେ ପହଞ୍ଚିଥିବାବେଳେ ରାଜ୍ୟରେ ଏନ୍‌ଡିଏ ମେଣ୍ଟ ଭାଙ୍ଗିବାକୁ ଯାଉଛି। ଜେଡିୟୁର ଅଭିଯୋଗ ହେଲା ଦଳ ଭିତରେ ନୀତିଶଙ୍କ ପତିଆରା କ୍ଷୁଣ୍ଣ କରିବାକୁ ଭାଜପା ଉଦ୍ୟମ ଚଳାଇଛି। ମଙ୍ଗଳବାର ନୀତୀଶ ଦଳୀୟ ବିଧାୟକମାନଙ୍କ ଜରୁରୀ ବୈଠକ ଡାକିଛନ୍ତି। କେତେଜଣ ବିଧାୟକଙ୍କୁ ଭାଜପା ନିଜ ପକ୍ଷକୁ ନେବା ଲାଗି ଅନୁରୋଧ କରିଛି, ସେ ନେଇ ବୈଠକରେ ଆଲୋଚନା ହେବ। ମେଣ୍ଟ ଭାଙ୍ଗିବା ନେଇ ବୈଠକରେ ନିଷ୍ପତ୍ତି ହୋଇପାରେ ବୋଲି କଳ୍ପନା ଜଳ୍ପନା ପ୍ରକାଶ ପାଇଛି। ଏହାକୁ ନେଇ ବିହାର ରାଜନୀତିରେ ଝଡ଼ ଦେଖାଦେଇଥିବାବେଳେ ଜେଡିୟୁ ଭାଜପା ହାତ ଛାଡ଼ିଲେ ଆମେ ସମର୍ଥନ ଦେବାକୁ ପ୍ରସ୍ତୁତ ଅଛୁ ବୋଲି ସୋମବାର ବିରୋଧୀ ଦଳ ଆର୍‌ଜେଡି ପକ୍ଷରୁ କୁହାଯାଇଛି। ମଙ୍ଗଳବାର ଉଭୟ ଶାସକ ଦଳ ବିଧାୟକଙ୍କ ବୈଠକ ଡକାଯାଇଥିବାରୁ ଅସାଧାରଣ ସ୍ଥିତି ସୃଷ୍ଟି ହୋଇଥିବା ସ୍ପଷ୍ଟ ବୋଲି ଆର୍‌ଜେଡି ଉପାଧକ୍ଷ ଶିବାନନ୍ଦ ତିୱାରୀ କହିଛନ୍ତି। ନୀତୀଶ ଏନ୍‌ଡିଏରୁ ଓହରିଯିବାକୁ ନିଷ୍ପତ୍ତି ନେଲେ ଆମେ ତାଙ୍କୁ କୋଳେଇ ନେବୁ ବୋଲି ଆର୍‌ଜେଡି ନେତା କହିଛନ୍ତି।



ଅନ୍ୟପକ୍ଷରେ ଭାଜପାରୁ ଉପମୁଖ୍ୟମନ୍ତ୍ରୀ ଥିବା ତାରକିଶୋର ପ୍ରସାଦ ସୋମବାର ଏକ ବୈଠକରେ କହିଛନ୍ତି, ଶାସକ ମେଣ୍ଟରେ ଫାଟ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲେ ହେଁ, ସେପରି କିଛି ଗୁରୁତର କଥା ନ ଥିବା ନୀତୀଶ ସ୍ୱୀକାର କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ଜାରି ରହିଛି ଓ ଆମେ ନିଷ୍ପତ୍ତିକୁ ଅପେକ୍ଷା କରିଛୁ ବୋଲି ଦିଲ୍ଲୀ ଭାଜପା ସୂତ୍ରରୁ କୁହାଯାଇଛି।

# ଆଜିଠୁ କଂଗ୍ରେସ କରିବ ପଦଯାତ୍ରା

## ପ୍ରତ୍ୟେକ ଜିଲାର ୭୫ କି.ମି. ଯାତ୍ରା କରିବେ କର୍ମୀ, ନେତା

**ଭୁବନେଶ୍ୱର,୮।୮(ବ୍ୟୁରୋ)**

ଅଖିଳ ଭାରତ ଜାତୀୟ କଂଗ୍ରେସ କମିଟି(ଏଆଇସିସି)ର ନିର୍ଦ୍ଦେଶାନୁସାରେ ଓଡ଼ିଶା ପ୍ରଦେଶ କଂଗ୍ରେସ ଆସନ୍ତା ଅଗଷ୍ଟ ୯ କ୍ରାନ୍ତି ଦିବସରୁ ଅଗଷ୍ଟ ୧୪ ତାରିଖ ପର୍ଯ୍ୟନ୍ତ ରାଜ୍ୟର ପ୍ରତ୍ୟେକ ଜିଲାରେ ୭୫ କି.ମି. ପର୍ଯ୍ୟନ୍ତ ପଦଯାତ୍ରା କରିବ। ସୋମବାର କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଶରତ ପଟ୍ଟନାୟକ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ସ୍ୱାଧୀନତା ପ୍ରାପ୍ତି ପାଇଁ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସର ବମ୍ବେ ଅଧିବେଶନରେ ଭାରତ ଛାଡ଼ ଆନ୍ଦୋଳନ ଡାକରା ଦିଆଗଲା। 'କର ବା ମର' ନିଷ୍ପତ୍ତିକୁ ଗ୍ରହଣ କରି ପଣ୍ଡିତ ଜବାହରଲାଲ ନେହେରୁ, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ, ସୁଭାଷ ଚନ୍ଦ୍ର ବୋଷ୍, ମୌଲାନା ଅବୁଲ କଲାମ ଆଜାଦ, ମହମ୍ମଦ ଅଲ୍ଲୀ ଜିନ୍ନା, ଅଶୋକ ମେହେଟ୍ଟା, ଚକ୍ରବର୍ତ୍ତୀ ରାଜଗୋପାଳ ଆଚାରୀ, ଡକ୍ଟର ରାଜେନ୍ଦ୍ର ପ୍ରସାଦ ପ୍ରମୁଖ ବହୁ ତୁଙ୍ଗନେତା ତଥା ଭାରତବର୍ଷର ଆବାଳବୃଦ୍ଧବନିତା




ଖବରଦାତା ସମ୍ମିଳନୀରେ ପିସିସି ସଭାପତି ଶରତ ପଟ୍ଟନାୟକ ଓ ଅନ୍ୟ କଂଗ୍ରେସ ନେତୃବୃନ୍ଦ।

ଭାରତ ଛାଡ଼ ଆନ୍ଦୋଳନରେ ଝାସ ଦେଇଥିଲେ। ସ୍ୱାଧୀନତା ପରେ ପରେ ଦେଶରେ ଗୋଟିଏ ଛୁଞ୍ଚି କାରଖାନା ମଧ୍ୟ ନ ଥିଲା। କିନ୍ତୁ ଦୂରଦର୍ଶୀ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଯୋଗୁ ଭାରତବର୍ଷର ବହୁମୁଖୀ ନଦୀବନ୍ଧ ଯୋଜନା କରାଯାଇଥିଲା। ୧୯୫୦ରେ ଆଇଆଇଟି ଏବଂ ୧୯୫୬ରେ ଏମ୍ସ, ୧୯୬୧ରେ ଆଇଆଇଏମ୍ ପ୍ରତିଷ୍ଠା କରାଯାଇଥିଲା। ସେହିଭଳି ୧୯୬୪ରେ ଭେଲ ପ୍ରତିଷ୍ଠା, ୧୯୭୪ରେ ପରମାଣୁ ବୋମା ପରୀକ୍ଷା କରାଯାଇଥିଲା। ୧୯୬୯ରେ ଇସ୍ରୋ, ୧୯୫୮ରେ ଡିଆର୍‌ଡିଓ, ୧୯୬୩ରେ ଥୁମ୍ବା ରକେଟ ଲଞ୍ଚ ପ୍ରତିଷ୍ଠା କରାଯାଇଥିଲା। ଖାଦ୍ୟଶସ୍ୟ କ୍ଷେତ୍ରରେ ସ୍ୱାବଲମ୍ବୀ ହେବା ପାଇଁ ସବୁଜ ବିପ୍ଳବର ଆହ୍ୱାନ ଦିଆଯାଇଥିଲା। ଦୁଗ୍ଧକ୍ଷେତ୍ରରେ ସ୍ୱାବଲମ୍ବୀ ହେବା ପାଇଁ ଶ୍ୱେତ ବିପ୍ଳବର ଡାକରା ଦିଆଯାଇଥିଲା। ମାତ୍ର ଗତ ୮ ବର୍ଷ ଭିତରେ ଜାତୀୟ ସମ୍ପତ୍ତି ବିକିବା ଛଡ଼ା ଗୋଟିଏ ବି ଜାତୀୟ ସମ୍ପଦ ସୃଷ୍ଟି କରିବାରେ ନଜିର ନାହିଁ। ଠିକ୍ ସେହିଭଳି ଦୀର୍ଘ ୨୨ ବର୍ଷର ଶାସନ ଭିତରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଆଦି କ୍ଷେତ୍ରରେ ଓଡ଼ିଶା ଆଜି ବହୁପଛରେ। ଡାକ୍ତରଖାନା ଅଛି ଡାକ୍ତର ନାହାନ୍ତି, ସ୍କୁଲ୍ ଅଛି ଶିକ୍ଷକ ନାହାନ୍ତି। ୭୫ ବର୍ଷର ସ୍ୱାଧୀନତା ପ୍ରାପ୍ତି ପରେ ଏ ସରକାର ଜନସାଧାରଣଙ୍କ ସ୍ୱାର୍ଥରକ୍ଷା କରିବାରେ ବିଫଳ ହୋଇଛନ୍ତି। ଦେଶକୁ ଜାତି, ଧର୍ମ ନାମରେ ଭାଗ ଭାଗ କରାଯାଉଛି। ହିଂସା, ଦ୍ୱେଷ, ଘୃଣାର ମଞ୍ଜି ପୋତାଯାଉଛି। ଏଭଳି ଭାରତବର୍ଷର ସ୍ୱପ୍ନ ଆମ ମହାମନୀଷୀମାନେ ଦେଖି ନ ଥିଲେ। ଜାତିର ପିତା ମହାତ୍ମା ଗାନ୍ଧୀଙ୍କୁ ଅସମ୍ମାନିତ କରାଯାଉଛି। ତାଙ୍କ ଫଟୋଚିତ୍ର ରଖି ତା'ଉପରକୁ ଗୁଳି ବର୍ଷଣ କରୁଛନ୍ତି। ତ୍ରିରଙ୍ଗା ଆମ ହୃଦୟରେ ରହିଛି ଏବଂ ତ୍ରିରଙ୍ଗା ପ୍ରତି ଆମର ଯଥେଷ୍ଟ ସମ୍ମାନ ଅଛି। ତ୍ରିରଙ୍ଗା ଆମର ଜାତୀୟ ପତାକା। ଆମେ ସବୁଦିନ ଏହାକୁ ଉଡ଼ାଉଛୁ। କିନ୍ତୁ ୧୯୪୭ ମସିହାଠାରୁ ଦୀର୍ଘ ୫୨ ବର୍ଷ ଧରି ଆରଏସ୍‌ଏସ୍ ଜାତୀୟ ପତାକାକୁ କେବେହେଲେ ନିଜ କାର୍ଯ୍ୟାଳୟରେ ଉଡ଼ାଇ ନାହିଁ। ଜାତୀୟ ସଙ୍ଗୀତକୁ ମଧ୍ୟ କେବେ ଗାନ କରନ୍ତିନାହିଁ। ଏମାନଙ୍କ ପାଖରୁ ଜାତୀୟତାବାଦ୍ ଶିଖିବାର କିଛି ଆବଶ୍ୟକତା ନାହିଁ ବୋଲି ପିସିସି ସଭାପତି କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଏଆଇସିସି ସମ୍ପାଦକ ତଥା ଓଡ଼ିଶା ସହପ୍ରଭାରୀ ଜି. ରୁଦ୍ର ରାଜୁ, ପିସିସି ମିଡିଆ ସେଲ୍ ଆବାହକ ସତ୍ୟପ୍ରକାଶ ନାୟକ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବାଇକ୍‌ରୁ ପଡ଼ି ମହିଳା ମୃତ

**ପୁଅ ସହ ଠାକୁର ଦର୍ଶନ ପାଇଁ ଯାଉଥିଲେ**

**ଉଲୁଣ୍ଡା, ୮।୮(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ବଡ଼ିଲା ନିକଟରେ ବାଇକ୍‌ରୁ ପଡି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଦଶରାଜପୁର ଗ୍ରାମର ମନ୍ଦାକିନୀ ମେହେର। ସୋମବାର ସକାଳେ ମନ୍ଦାକିନୀ ତାଙ୍କ ପୁଅ ରୋହିତଙ୍କ ସହିତ ଏକ ବାଇକ୍ ଯୋଗେ ସୋନପୁର ମନ୍ଦିରକୁ ଠାକୁର ଦର୍ଶନ ପାଇଁ ଯାଉଥିଲେ। ହେଲେ ବଡ଼ିଲା ନିକଟରେ ସେ ହଠାତ୍ ବାଇକ୍‌ରୁ ଖସି ପଡିଥିଲେ। ତାଙ୍କୁ ସୋନପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ସ୍ଥାନୀୟ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ।

### ହଠାତ୍ ମାଡ଼ିଆସିଲା ପାଣି, ଫସି ରହିଲେ ବୋଲବମ୍ ଭକ୍ତ

**ବରଗଡ଼ ଅଫିସ,୮।୮:** ଶ୍ରାବଣର ଶେଷ ସୋମବାରରେ ଶୈବପୀଠ ଗୁଡ଼ିକରେ ଭକ୍ତଙ୍କ ପ୍ରବଳ ସମାଗମ ହୋଇଥିଲା। ଏଥିରୁ ବରଗଡ଼ ଜିଲା ପାଇକମାଳ ବ୍ଲକ ନୃସିଂହନାଥ ମଧ୍ୟ ବାଦ୍ ପଡ଼ି ନ ଥିଲା। ରବିବାରଠାରୁ ନୃସିଂହନାଥକୁ ବହୁ ଭକ୍ତଙ୍କ ସୁଅ ଛୁଟିଥିଲା। ଓଡ଼ିଶା ସମେତ ପଡ଼ୋଶୀ ଛତିଶଗଡ଼ର ଭକ୍ତଙ୍କ ଭିଡ଼ ଜମିଥିଲା। ତେବେ ନୃସିଂହନାଥ ନିକଟରେ ଥିବା ଝରଣାକୁ ପାଣି ଆଣିବାକୁ ଯାଇ ହଠାତ୍ ସେଠାରେ ଆସିଥିବା ବନ୍ୟାଜଳରେ ବୋଲବମ୍ ଭକ୍ତମାନେ ଦୀର୍ଘ ସମୟ ଧରି ଫସି ରହିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି । ବୋଲବମ୍ ଭକ୍ତମାନେ ସେଠାରୁ ପାଣି ଧରି ଅନ୍ୟ ଶୈବାଳୟକୁ ଯାଇଥାନ୍ତି। ସେମାନେ ଝରଣାରୁ ପାଣି ସଂଗ୍ରହ କରୁଥିବାବେଳେ ହଠାତ୍ ପାହାଡ ଉପରୁ ଦ୍ରୁତବେଗରେ ପାଣି ମାଡ଼ି ଆସିବାରୁ ସେମାନେ ଫସି ରହିଥିଲେ । ବନ୍ୟାଜଳ ହ୍ରାସ ପାଇବା ପରେ ସେମାନେ ସୁରକ୍ଷିତ ଉଦ୍ଧାର ହୋଇଥିଲେ ।

### ଟ୍ରାକ୍ଟର ଓଲଟି ଚାଳକ ମୃତ

**ପାଇକମାଳ,୮।୮(ଡି.ଏନ.ଏ.):** ବରଗଡ ଜିଲା ପାଇକମାଳ ଥାନା ମାଣ୍ଡୋସିଲ ମଣ୍ଡି ନିକଟ ଚାଷଜମିରେ ଟ୍ରାକ୍ଟର ଓଲଟି ପଡିବାରୁ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ପୂର୍ଣ୍ଣଚନ୍ଦ୍ର ରଣା(୩୫)। ସୋମବାର ଅପରାହ୍ନରେ ଧାରୋଲ ଗ୍ରାମ ଚାଷଜମିରେ ପୂର୍ଣ୍ଣଚନ୍ଦ୍ର ରଣା ଟ୍ରାକ୍ଟର ଯୋଗେ କାଦୁଅ କରୁଥିବା ବେଳେ ଟ୍ରାକ୍ଟରଟି ଓଲଟି ପଡିଥିଲା। ଫଳରେ ସେ ଟ୍ରାକ୍ଟର ତଳେ ଚାପି ହୋଇ ରହିଯାଇଥିଲେ। ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେବା ପାଇଁ ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ପାଇକମାଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ୬୬୨ କଲେଜ ସଂଘର ଜିଲାସ୍ତରୀୟ ବୈଠକ

**ବରଗଡ଼ ଅଫିସ,୮।୮:** ବରଗଡ଼ ଜିଲା ତାଲପଦର ବିଦ୍ୟାଳୟ ପରିସରରେ ନିଖିଳ ଓଡ଼ିଶା ୬୬୨ ଯୁକ୍ତ ୨ ଏବଂ ଯୁକ୍ତ ୩ ବେସରକାରୀ ଅଧ୍ୟାପକ, କର୍ମଚାରୀ ସଂଘର ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜ ଅଧ୍ୟକ୍ଷ ପଞ୍ଚାନନ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଉକ୍ତ ବୈଠକରେ ୬୬୨ କଲେଜ ସଂଘର ବରଗଡ଼ ଜିଲା ସଭାପତି ଅଶୋକ ବେହେରା, ଉପସଭାପତି ଗୋପାଳକୃଷ୍ଣ ମିଶ୍ର, ସହ ସମ୍ପାଦକ ଜଗଦୀଶ ଦେବତା ପ୍ରମୁଖ ଯୋଗଦାନ କରି ସଂଘର ସ୍ଥିତି ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ସଂଘର ରାଜ୍ୟ ସଭାପତି ଗୋଲକ ନାୟକ ଆଭାସୀ ମାଧ୍ୟମରେ ଯୋଗଦାନ କରି ସାମ୍ପ୍ରତିକ ସମୟରେ ସଂଘର ସ୍ଥିତି ସଂକ୍ରାନ୍ତରେ ଆଲୋକପାତ କରିଥିଲେ। ମନୋଜ ଆଚାର୍ଯ୍ୟ, ବିଜୟ ମିଶ୍ର, ସୁରେଶ ପରିଡ଼ା, ଅରୁଣ ପଣ୍ଡା, ତାରିଣୀ ଦେବତାଙ୍କ ସମେତ ଜିଲାର ୨୬ କଲେଜରୁ ଅଧ୍ୟକ୍ଷ, ଅଧ୍ୟାପକ, କର୍ମଚାରୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସୁକୁମାର ଭୋଇ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଉପେନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମରୁଡ଼ି ମୁକାବିଲାକୁ ଗୁରୁତ୍ୱ

- ବୀରମହାରାଜପୁର ପଞ୍ଚାୟତ ସମିତି ବୈଠକ
- ବିଦ୍ୟୁତ୍, ଜଳସେଚନ ବିଭାଗ ଅଧିକାରୀଙ୍କ ଅନୁପସ୍ଥିତି ଯୋଗୁ ଅସନ୍ତୋଷ

**ଅମରପାଲି,୮।୮(ଡି.ଏନ.ଏ.)**



ବୀରମହାରାଜପୁର ପଞ୍ଚାୟତ ସମିତିର ବୈଠକରେ ଯୋଗଦେଇଥିବା ଜନପ୍ରତିନିଧି ଓ ଅଧିକାରୀ ।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ପଞ୍ଚାୟତ ସମିତିର ଦ୍ୱିତୀୟ ସାଧାରଣ ବୈଠକ ବ୍ଲକ ସଭାଗୃହରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ସ୍ଥାନୀୟ ବିଧାୟକ ପଦ୍ମନାଭ ବେହେରା ଯୋଗଦେଇ ଥିଲେ। ବିଡିଓ ମୋତିଲାଲ ସୁଲିଆ ସ୍ୱାଗତ ଭାଷଣ ଦେବା ସହ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବୈଠକରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବିଷୟରେ ଆଲୋଚନା ହୋଇଥିଲା। ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ବୀରମହାରାଜପୁର ହାଇସ୍କୁଲ ଖେଳ ପଡିଆର ଉନ୍ନତୀକରଣ, ସ୍ଥାନୀୟ ବସ ଷ୍ଟାଣ୍ଡରେ ଏକ ସର୍ବସାଧାରଣ ଶୌଚାଳୟ କରିବାକୁ ପ୍ରସ୍ତାବ ଦେବା ସହିତ ଅମୃତ ସରୋବରଗୁଡ଼ିକର କାର୍ଯ୍ୟ ତ୍ୱରାନ୍ୱିତ କରିବକୁ କହିଥିଲେ। ବିଧାୟକ ପିଡିଏସରେ ସାମିଲ ହେବାକୁ ଥିବା ଯୋଗ୍ୟ ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତ କରିବାକୁ ଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଜୋନ-୧ ଜିଲା ପରିଷଦ ସଭ୍ୟ ଲବ କୁମାର ସାହୁ କହିଥିଲେ, ନିଅଣ୍ଟିଆ ବୃଷ୍ଟି ଯୋଗୁ ମରୁଡି ପରିସ୍ଥିତି ଦେଖାଦେଇଛି। କୃଷି ବିଭାଗ ଏହାର ମୁକାବିଲା ପାଇଁ କଣ ସବୁ ପଦକ୍ଷେପ ନେଉଛି ବୋଲି ପ୍ରଶ୍ନ କରିଥିଲେ।ଏହାର ଉତ୍ତରରେ ମରୁଡି ହେଲେ ଚାଷୀଙ୍କୁ ଅଣ ଧାନ ଚାଷ ଯଥା-ଡାଲି ଜାତୀୟ ଫସଲ, କପା ଆଦି ଅର୍ଥକାରୀ ଫସଲ କରିବାକୁ ପରାମର୍ଶ ଦିଆଯାଉଥିବା କୃଷି ବିଭାଗର ଅଧିକାରୀ ଉତ୍ତର ଦେଇଥିଲେ। ମୁର୍ଷୁଣ୍ଡୀ ସରପଞ୍ଚ ମନୋଜ କୁମାର ସାହୁ ବ୍ଲକର ବିଭିନ୍ନ ସ୍କୁଲରେ ଶିକ୍ଷକ ସମସ୍ୟାକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ଯଥାଶୀଘ୍ର ଉକ୍ତ ସମସ୍ୟା ସମାଧାନ କରିବାକୁ ଦାବି କରିଥିଲେ। ଅଞ୍ଚଳରେ ଅଘୋଷିତ ବିଦ୍ୟୁତ୍ କାଟ ଯୋଗୁ ଲୋକେ ହନ୍ତସନ୍ତ ହେଉଥିବା ବେଳେ ଅନୁବୃଷ୍ଟି ଯୋଗୁ ଚାଷୀ ଜଳସେଚନ ଉପରେ ନିର୍ଭର କଲେଣି। ଏନେଇ ଆଲୋଚନା ଜରୁରୀ ଥିବା ବେଳେ ବୈଠକରେ ବିଦ୍ୟୁତ ବିଭାଗ ଓ ଜଳସେଚନ ବିଭାଗର ଅଧିକାରୀ ଅନୁପସ୍ଥିତ ଥିଲେ। ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା ପ୍ରତି ପଞ୍ଚାୟତର ବିଭିନ୍ନ ଗ୍ରାମରେ ଆଲୋକୀକରଣ କରିବାକୁ ପ୍ରସ୍ତାବ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲୁଡୁରପଙ୍କ ସରପଞ୍ଚ ସୂର୍ଯ୍ୟ ନନ୍ଦ, ଉଫୁଲା ସରପଞ୍ଚ ଶ୍ରୀୟା କର୍ମୀ,ହିଲୁଙ୍ଗ ସମିତିସଭ୍ୟ ଶୈଳ ରଞ୍ଜନ ବାଦୀ,ଚମ୍ପାମାଳ ସରପଞ୍ଚ ମହେନ୍ଦ୍ର ଜଗଦଲା,ସମିତିସଭ୍ୟ ଲକ୍ଷ୍ମୀନାରାୟଣ ପୁରୋହିତ,ସୁବଳୟା ସରପଞ୍ଚ ପ୍ରମୋଦ ମହାପାତ୍ର,ଜଟେସିଙ୍ଘା ସରପଞ୍ଚ ସୁନିତା ପ୍ରଧାନ,କମିରା ସରପଞ୍ଚ ଅନୁପମା ପଧାନ,ବହଳପଦର ସରପଞ୍ଚ ନିରୁପମା ସେଠୀଙ୍କ ସମେତ ବ୍ଲକର ସମସ୍ତ ସରପଞ୍ଚ ଓ ସମିତିସଭ୍ୟ ଯୋଗଦେଇ ନିଜର ମତ ପ୍ରକାଶ କରିଥିଲେ ।ଏବିଡିଓ ପୁରୁଷୋତ୍ତମ ଧରୁଆ, ଗ୍ରାମ ପଞ୍ଚାୟତ ସଂପ୍ରସାରଣ ଅଧିକାରୀ ପ୍ରଦିପ ବାଘ ,ଏପିଓ ସସ୍ମିତ ମହାକୁର,ବିଇଓ ଶାନ୍ତନୁ କୁମ୍ଭକାରଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ବୈଠକରେ ଯୋଗ ଦେଇଥିଲେ। ଶେଷରେ ଉପାଧ୍ୟକ୍ଷ ନାରାୟଣ ଲୁହା ଧନ୍ୟବାଦ ଅର୍ପଣ କରିଥିଲେ।

# ଆଜି ୧ କି.ମି ଲମ୍ବ ତ୍ରିରଙ୍ଗା ପତାକା ଶୋଭାଯାତ୍ରା

**ବରଗଡ଼ ଅଫିସ,୮।୮**

ସ୍ୱାଧୀନତାର ୭୫ବର୍ଷ ଉପଲକ୍ଷେ ସମଗ୍ର ଭାରତବର୍ଷ ଆଜାଦୀ କା ଅମୃତ ମହୋତ୍ସବ ପାଳନ କରୁଛି। ଏହି ଅବସରରେ ମଙ୍ଗଳବାର କ୍ରାନ୍ତି ଦିବସରେ ବରଗଡ଼ର ବିକାଶ ଗ୍ରୁପ୍ ତ୍ରିରଙ୍ଗା ଶୋଭାଯାତ୍ରା କରିବାକୁ ନିଷ୍ପତ୍ତି ନେଇଛି। ବିକାଶ ଅଡ଼ିଟୋରିୟମରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବିକାଶ ଗ୍ରୁପ୍‌ର ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା ସୂଚନା ଦେଇ କହିଥିଲେ, ସ୍ୱାଧୀନତାର ମହନୀୟ ସ୍ୱାଦକୁ ଆବାଳ ବୃଦ୍ଧ ବନିତାଙ୍କ ହୃଦୟ ପଟ୍ଟରେ ପ୍ରସ୍ଫୁଟିତ କରିବା ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଛି। ଶୋଭାଯାତ୍ରାରେ ବରଗଡ଼ ବିକାଶ ଗ୍ରୁପ୍‌ର ଶିକ୍ଷାନୁଷ୍ଠାନ ଗୁଡ଼ିକର ଛାତ୍ରୀଛାତ୍ର, ଅଭିଭାବକ, ବିକାଶ ମଲ୍ଟି ସ୍ପେଶିଆଲିଟି ହସ୍ପିଟାଲ କର୍ମଚାରୀଙ୍କ ସହିତ ସହରର ସମସ୍ତ ସ୍ୱେଚ୍ଛାସେବୀ ସଙ୍ଗଠନ ସାମିଲ ହେବେ ବୋଲି ବିକାଶ ଗ୍ରୁପ୍‌ର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ ସୂଚନା ଦେଇଥିଲେ। ବରଗଡ଼ ଲେଙ୍ଗୁ ମିଶ୍ର ଛକରୁ ଶୋଭାଯାତ୍ରା ଆରମ୍ଭ ହୋଇ ବରାହଗୁଡ଼ା ଛକ ପର୍ଯ୍ୟନ୍ତ ଯିବ ଏବଂ ଏଥିରେ ସ୍ୱେଚ୍ଛାକୃତ ଭାବେ ସହସ୍ରାଧିକ ଜନତା ଭାଗ ନେଇ ତ୍ରିରଙ୍ଗା ଶୋଭାଯାତ୍ରାର ମହାନ ଉଦ୍ଦେଶ୍ୟକୁ ସଫଳ କରିବେ ବୋଲି ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲି କ୍ରିଷ୍ଣା କହିଥିଲେ। ବରଗଡ଼ ସହରରେ ପ୍ରଥମଥର ପାଇଁ ୧ କି.ମି ଲମ୍ବ ତ୍ରିରଙ୍ଗା ପତାକା ଶୋଭାଯାତ୍ରା ସହିତ ବିକାଶ ଛାତ୍ରୀଛାତ୍ରଙ୍କ ଦ୍ୱାରା ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ ବୋଲି ସେ ସୂଚନା ଦେଇଥିଲେ। ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ବିକାଶ ଗ୍ରୁପ୍‌ର କର୍ମକର୍ତ୍ତାବୃନ୍ଦ।

# ଗଞ୍ଜେଇ, କାର୍ ଓ ଭ୍ୟାନ୍ ଜବତ: ୬ ଗିରଫ



ଜବତ ଗଞ୍ଜେଇ ଓ ଗିରଫ ଅଭିଯୁକ୍ତ ।

**ସୋନପୁର ଟାଉନ ପୋଲିସର ଚଢ଼ାଉ**

**ସୋନପୁର,୮।୮(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ପୋଲିସ ଗଞ୍ଜେଇ ଚୋରାଚାଲାଣ ଓ କଫ୍ ସିରପ ଚୋରା ବ୍ୟବସାୟକୁ ରୋକିବା ପାଇଁ ଧରପଗଡକୁ ଜୋରଦାର କରିଛି । ଏହି କ୍ରମରେ ସୋନପୁର ଟାଉନ ପୋଲିସ ତେଲନଦୀ ବ୍ରିଜ୍ ନିକଟରେ ଚଢାଉ କରି ଗଞ୍ଜେଇ ଜବତ କରିଛି । ଗଞ୍ଜେଇ ଚୋରା ଚାଲାଣ ଘଟଣାରେ ପୋଲିସ ଗୋଟିଏ କାର, ଗୋଟିଏ ନମ୍ବର ବିହୀନ ଟାଟା ଏସିଇ ଭ୍ୟାନ, ୭ଟି ମୋବାଇଲ ଫୋନ, ନଗଦ ୪ହଜାର ୫ଶହ ଟଙ୍କା ଜବତ କରିଥିବା ଜଣାପଡିଛି । ଏଥିରେ ସମ୍ପୃକ୍ତ ବିହାର, ଉତ୍ତରପ୍ରଦେଶ ଓ ଓଡିଶାର ୬ ଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରାଯାଇଛି ।

ସୋନପୁର ଆଇଆଇସି କୃଷ୍ଣଚନ୍ଦ୍ର ମେହେରଙ୍କ ସୂତ୍ରରୁ ପ୍ରକାଶ ଯେ, ଏସଆଇ ସୌମ୍ୟରଞ୍ଜନ ସାହୁଙ୍କ ନେତୃତ୍ୱରେ ପୋଲିସ ଟିମ୍ ଏହି ଚଢାଉ କରିଥିଲା । ହୁଣ୍ଡାଇ ଭର୍ଣ୍ଣା କାର (ନଂ ଓଡି୧୫ଏସ-୪୦୧୧) ତନଖି ସମୟରେ ଡିକିରୁ ୧୮ କିଲୋ ୪୬୦ ଗ୍ରାମ ଗଞ୍ଜେଇ ମିଳିଥିଲା । ସେହିପରି ଏକ ନମ୍ବର ବିହୀନ ଟାଟା ଏସିଇ ଭ୍ୟାନ୍‌ରେ ଗଞ୍ଜେଇ ଚୋରାଚାଲାଣକାରୀ ଅଭିଯୁକ୍ତ ଥିଲେ । ବୌଦ୍ଧ ଜିଲା କଣ୍ଟାମାଳ ଅଞ୍ଚଳରୁ ଗଞ୍ଜେଇ କିଣି ଅଭିଯୁକ୍ତମାନେ ସମ୍ବଲପୁର ଅଭିମୁଖେ ଯାଉଥିଲେ। ସୋନପୁର ଥାନାରେ ୧୬୩/୨୨ ମୂଳେ ଏନଡିପିଏସ୍ ଆକ୍ଟରେ ମାମଲା ରୁଜୁ ହେବା ସହିତ ତଦନ୍ତ ଜାରି ରହିଛି । ଏହି ଘଟଣାରେ ପୋଲିସ ବିହାର ପୂର୍ବ ଚମ୍ପାରଣ ଜିଲା ବାଦୋରିଆ ଅଞ୍ଚଳର ଅମାନୁଲା ସିଦ୍ଧିକି(୩୦), ବିହାର କଇମୁର-ଭାବୁଆ ଜିଲା ଶିବାଜୀ ମନ୍ଦିର ପାର୍ଶ୍ୱ(ଦାଦର) ଅଞ୍ଚଳର ଦୀନେଶ କୁମାର କେଶୁରୀ(୨୨), ସମ୍ବଲପୁର ଜିଲା କ୍ଷେତରାଜପୁର ଥାନା ରେଲୱେ କ୍ରସିଂ ଅଞ୍ଚଳର ବିଶ୍ୱଜିତ କୁମାର(୪୨) ଓ ସୁମିତ ପୋଦାର(୨୩), ଉତ୍ତରପ୍ରଦେଶ ଆମେଠି ଷ୍ଟେଟ ଜିଲା ଖେଖରୁଆ ଅଞ୍ଚଳର ସୂର୍ଯ୍ୟ ଓରଫ ସୂର୍ଯ୍ୟ ପ୍ରତାପ ସିଂ(୨୮) ଓ ବରଗଡ ଜିଲା ଭେଡେନ ଥାନା ସାରସପାଲି ଅଞ୍ଚଳର ବାସୁଦେବ ସାହୁ(୩୫)ଙ୍କୁ ଗିରଫ କରିଛି।

**ଯୁକ୍ତ ୨କଳା ପରୀକ୍ଷା ଫଳ**

## ବୌଦ୍ଧ ପଞ୍ଚାୟତ କଲେଜ: ୧୩୦ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ

**ବୌଦ୍ଧ,୮।୮(ସ୍ୱ.ପ୍ର.)**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ୨ କଳା ପରୀକ୍ଷା ଫଳ ସୋମବାର ପ୍ରକାଶ ପାଇଛି । ଏହି ପରୀକ୍ଷାରେ ବୌଦ୍ଧ ପଞ୍ଚାୟତ କଲେଜ ଛାତ୍ରୀଛାତ୍ରଙ୍କୁ ଭଲ ସଫଳତା ମିଳିଛି। କଲେଜ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ବେହେରାଙ୍କ ନିକଟରୁ ମିଳିଥିବା ସୂଚନା ମୁତାବକ, କଲେଜର ୧୮୫ଜଣ ଛାତ୍ରୀଛାତ୍ର ଯୁକ୍ତ୨କଳା ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୩୦ ଜଣ ପ୍ରଥମ ଶ୍ରେଣୀରେ, ୨୭ଜଣ ଦ୍ୱିତୀୟ ଶ୍ରେଣୀରେ ଓ ୨୨ ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ପାସ୍‌ହାର ୯୬.୭ ପ୍ରତିଶତ ରହିଛି। ତେବେ ଛାତ୍ର ଅଭିଜିତ ସ୍ୱାଇଁ ଓ ଛାତ୍ରୀ ବନୀତା ପ୍ରଧାନ ୯୧.୧ ପ୍ରତିଶତ ମାର୍କ ରଖି କଲେଜ ଟପ୍ପର ହୋଇଛନ୍ତି। ବିଭିନ୍ନ ପ୍ରତିକୂଳ ପରିସ୍ଥିତି ମଧ୍ୟରେ ଛାତ୍ରୀଛାତ୍ର ପାଠ ପଢିଥିବା ବେଳେ ଅଧ୍ୟାପିକା ଅଧ୍ୟାପକଙ୍କ କଠିନ ପରିଶ୍ରମ ଦ୍ୱାରା କଲେଜକୁ ଏହି ସଫଳତା ମିଳିଛି।

## ଦିଗଶିରା ପାକ୍ସ ସଭାପତି ବିଜେଡିରେ ସାମିଲ

**ଡୁଙ୍ଗୁରିପାଲି,୮।୮(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ରାମପୁରସ୍ଥିତ ବିଜେଡି କାର୍ଯ୍ୟାଳୟରେ ସୋମବାର ଅର୍ଥ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ଉପସ୍ଥିତରେ ବହୁ କଂଗ୍ରେସ କର୍ମୀ ବିଜେଡିରେ ଯୋଗ ଦେଇଛନ୍ତି । ଡୁଙ୍ଗୁରିପାଲି ବ୍ଲକର ବରିଷ୍ଠ କଂଗ୍ରେସ ନେତା ତଥା ଦିଗଶିରା ପାକ୍ସ ସଭାପତି ତ୍ରିଲୋଚନ ପାଣ୍ଡେ ଓ ଦିଗଶିରା ପାକ୍ସର ପୂର୍ବତନ ସଭାପତି ମନୋଜ କୁମାର ଭୁକ୍ତା ମୁଖ୍ୟମନ୍ତ୍ରୀ ନବୀନ ପଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗଦାନ କରିଥିଲେ। ମନ୍ତ୍ରୀ ପୂଜାରୀ ଦଳରେ ସାମିଲ ହୋଇଥିବାରୁ ସେମାନଙ୍କୁ ସ୍ୱାଗତ ଜଣାଇଥିଲେ। ଏହି ଅବସରରେ ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ, ପ୍ରଦୀପ ସା, ଫନୀଭୂଷଣ ପଧାନ, ମହାଦେବ ପଧାନ, ବୃନ୍ଦାବନ ପଧାନ, ଜଗଦୀଶ ବାରିକ, ଦମ୍ଭୋଧର ପାଣ୍ଡେ, ବିରେନ ମିତ୍ର ବେରିହାଙ୍କ ସମେତ ତମାମୁରା, କପାସିର ଗ୍ରାମ ପଞ୍ଚାୟତର ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ ।



ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଥିବା କଂଗ୍ରେସ କର୍ମୀ ବୃନ୍ଦ ।

## ଧ୍ରୁବଳେଶ୍ୱର ମନ୍ଦିରରେ କାଉଡିଆଙ୍କ ଭିଡ଼

**ଡୁଙ୍ଗୁରିପାଲି,୮।୮(ଡି.ଏନ.ଏ.)**

ଡୁଙ୍ଗୁରିପାଲି ବ୍ଲକ ଲିଙ୍ଗମାର୍ଣ୍ଣି ଧ୍ରୁବଳେଶ୍ୱର ମନ୍ଦିରରେ ସୋମବାର କାଉଡିଆ ଓ ଭକ୍ତଙ୍କ ପ୍ରବଳ ଭିଡ ହୋଇଥିଲା । ଶ୍ରାବଣ ଶେଷ ସୋମବାର ହୋଇଥିବାରୁ କାଉଡିଆମାନେ ପୂର୍ଣ୍ଣ କଳସ ଧରି ଧ୍ରୁବଳେଶ୍ୱରର ସପନେଶ୍ୱର ବାବାଙ୍କ ଉପରେ ଜଳ ଢାଳିଥିଲେ। ଶିବମନ୍ଦିର ନିକଟରେ ଥିବା ଗୁଳିହାପଦର ଗାଁର ବାବା ନଟରାଜ ବୋଲବମ ସଂଘ ତରଫରୁ ଭକ୍ତମାନଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା । ଏଥିରେ ବୋଲବମ ସଂଘର ଆନନ୍ଦ ଭୁଏ, ଅଶୋକ ପଧାନ, ଅଜିତ ବେହେରା, ବଦନ ବରିହା, ନରେନ୍ଦ୍ର ସା, ପୁଷ୍ପ ବେହେରା, ପ୍ରଦୀପ ବାରିକ, ଗୌରାଙ୍ଗ ସାହୁ, ସୁରେଶ ବରିହା, ସୁନିଲ ଠାକୁର, ଆକାଶ ଠେଟୁଆ, ମଳୟ ବରିହା ସହଯୋଗ କରିଥିଲେ।

# ୧୪ରେ ରେଳରୋକୋ, ସ୍ମାରକପତ୍ର ଦେଲେ ଚାଷୀ



ଅତିରିକ୍ତ ଜିଲାପାଳ ସ୍ମାରକପତ୍ର ଗ୍ରହଣ କରୁଛନ୍ତି ।

**ବରଗଡ଼ ଅଫିସ,୮।୮**

ବରଗଡ଼ ଜିଲାରେ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ବାଟବଣା ହୋଇଛି। ଚାଷୀମାନେ ପ୍ରିମିୟମ୍ ରାଶି ଜମା କରିସାରିଥିଲେ ସୁଦ୍ଧା ବୀମା କ୍ଷତିପୂରଣ ପାଇନାହାନ୍ତି। ଅନ୍ୟପଟେ ନାନା ଆଳ ଦେଖାଇ ବୀମା କମ୍ପାନୀ ଯୋଗ୍ୟ ଚାଷୀଙ୍କୁ ବୀମା କ୍ଷତିପୂରଣରୁ ବଞ୍ଚିତ କରୁଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଜିଲାର କ୍ଷତିଗ୍ରସ୍ତ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ କୁହୁଳୁଛି। ଏହି କ୍ରମରେ ଆସନ୍ତା ୧୪ତାରିଖରେ ଜିଲାର ରାଜବୋଡ଼ାସମ୍ବର କୃଷକ ସଙ୍ଗଠନ ବରଗଡ଼ ରେଳ ଷ୍ଟେଶନରେ ରେଳରୋକୋ କରିବାକୁ ନିଷ୍ପତ୍ତି ନେଇଛି। ଏହି ପରିପ୍ରେକ୍ଷୀରେ କୃଷକ ସଙ୍ଗଠନ ପକ୍ଷରୁ ସୋମବାର ବରଗଡ଼ ଜିଲାପାଳ, ଏସ୍‌ପି, ସମ୍ବଲପୁର ରେଳ ଡିଭିଜନର ଡିଆରଏମ୍ ପ୍ରମୁଖଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି ।

ଗତବର୍ଷ ଖରିଫରେ ବରଗଡ଼ ଜିଲାରେ ବ୍ୟାପକ ଫସଲକ୍ଷତି ହୋଇଥିଲା। ଏହାସତ୍ତ୍ୱେ ଚାଷୀମାନେ ସେମାନଙ୍କ ପ୍ରାପ୍ୟ ଫସଲବୀମା କ୍ଷତିପୂରଣ ପାଇନାହାନ୍ତି। ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଜଣାଇବା ସତ୍ତ୍ୱେ କିଛି ସୁଫଳ ମିଳି ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଫଳରେ ସେମାନେ ଆସନ୍ତା ୧୪ତାରିଖରେ ବରଗଡ଼ ରେଳ ଷ୍ଟେଶନରେ ରେଳରୋକୋ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଥିବା ସ୍ମାରକପତ୍ରରେ ଉଲ୍ଲେଖ କରିଛନ୍ତି। ରାଜବୋଡ଼ାସମ୍ବର କୃଷକ ସଙ୍ଗଠନର ଆବାହକ ଅଶୋକ କୁମାର ସାହୁଙ୍କ ସ୍ୱାକ୍ଷର ରହିଛି। ତେବେ ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ନବୀନ କୁମାର ପଟେଲ ଏବଂ ଏସ୍‌ପି ସ୍ମିତ ପି. ପରମାରଙ୍କ ଅନୁପସ୍ଥିତିରେ ଅତିରିକ୍ତ ଏସ୍‌ପି ପ୍ରଦ୍ୟୁମ୍ନ କୁମାର ମିଶ୍ର ସ୍ମାରକପତ୍ର ଗ୍ରହଣ କରିଥିଲେ।

# ଜନ୍ତରମନ୍ତରରେ ଭାଷାକର୍ମୀଙ୍କ ଧାରଣା

**କୋସଲି ଭାଷାକୁ ସାମ୍ବିଧାନିକ ମାନ୍ୟତା ଦାବି**

**ବରଗଡ଼ ଅଫିସ,୮।୮**

କୋସଲି ସମେତ ଅନ୍ୟ ଅଣସ୍ୱୀକୃତ ଭାଷାକୁ ସାମ୍ବିଧାନିକ ମାନ୍ୟତା ଦାବିରେ ସୋମବାର ନୂଆଦିଲ୍ଲୀ ଜନ୍ତରମନ୍ତରଠାରେ କ୍ଲିଅର ଅନୁଷ୍ଠାନ ପକ୍ଷରୁ ଧାରଣା ଦିଆଯାଇଥିଲା। ଧାରଣାରେ କୋଶଲି, ଅଙ୍ଗିକା, ବଜ୍ଜିକା, ମଗହି, ଭୋଜପୁରୀ, ବାଡ୍ଡୁଗୁ, ରାଜସ୍ଥାନୀ, ହୋ, ମୁଣ୍ଡାରି, କୋଡ଼ବା ଆଦି ଅଣସ୍ୱୀକୃତ ଭାଷାର ଶତାଧିକ ଭାଷାକର୍ମୀ ସାମିଲ ହୋଇଥିଲେ। ଏହି ପରିପ୍ରେକ୍ଷୀରେ ଶତାଧିକ ଭାଷାପ୍ରେମୀ ଏବଂ କୋସଲି ଅନୁଷ୍ଠାନ ଯୋଗଦେଇ କୋସଲି ଭାଷାକୁ ସମ୍ବିଧାନର ଅଷ୍ଟମ ସୂଚୀରେ ସାମିଲ କରିବା ପାଇଁ ଦାବି ଉପସ୍ଥାପନ କରିଥିଲେ। କୋସଲି ଭାଷା ତରଫରୁ ଦିଲୀପ ପଶାୟତ, ଲାଲଚନ ବର୍ଗତି, ରଣଜିତ ସିଂ ମହାରଥୀ ପ୍ରମୁଖ ଉପସ୍ଥିତ ଥିଲେ। କୋସଲି ଭାଷାଠାରୁ କମ୍ ବ୍ୟବହୃତ ଭାଷା ଗୁଡ଼ିକ ସମ୍ବିଧାନର ଅଷ୍ଟମ ସୂଚୀରେ ସାମିଲ ହେଇସାରିଥିବା ବେଳେ କୋସଲୀ ଭାଷାକୁ ଉପେକ୍ଷା କରାଯିବା ଦୁର୍ଭାଗ୍ୟଜନକ ବୋଲି ସେମାନେ କହିଥିଲେ। ଓଡ଼ିଶା ସରକାର ଏ ନେଇ ଦାବି ଉପସ୍ଥାପନ କରିବାର ଆବଶ୍ୟକତା ରହିଛି ବୋଲି ସେମାନେ ମତପ୍ରକାଶ କରିଥିଲେ। କୋସଲିକୁ ଓଡ଼ିଶାର ଦ୍ୱିତୀୟ ସରକାରୀ ଭାଷା ଭାବେ ପ୍ରଚଳନ କଲେ ପଶ୍ଚିମ ଓଡ଼ିଶାରେ ଶାସନ ପାଇଁ ସୁବିଧା ହୋଇପାରିବ ବୋଲି ଭାଷା କର୍ମୀମାନେ କହିଥିଲେ। ଏହି କ୍ରମରେ କୋସଲି ଭାଷାକୁ ସମ୍ବିଧାନର ଅଷ୍ଟମ ସୂଚୀରେ ସାମିଲ କରିବା ସହିତ କୋସଲବାସୀଙ୍କୁ ସେମାନଙ୍କ ଭାଷା ଅଧିକାର ପ୍ରଦାନ କରିବାକୁ ସେମାନେ ଦାବି କରିଥିଲେ। ଧାରଣାରେ ଭାଷାକର୍ମୀ କୁନ୍ଦନ ଅମିତାଭ(ଅଙ୍ଗିକା), ସୁଧୀର ହିଲସାୟନ (ମଗହି), ସନ୍ତୋଷ ପଟେଲ(ଭୋଜପୁରୀ), ଯୋଗେଶରାଜ କାଦୋସୋଲେ(ବାଡ୍ଡୁଗୁ), ମନୋଜ ସ୍ୱାମୀ(ରାଜସ୍ଥାନୀ), ଲକ୍ଷ୍ମୀକାନ୍ତ ସିଂ(ହୋ), ବିରବଲ ସିଂ (ମୁଣ୍ଡାରୀ), ଅପିୟା ମଛିନ୍ଦ୍ରା(କୋଡ଼ବା) ସମେତ କୋସଲିର ଭାଷାପ୍ରେମୀମାନେ ଯୋଗଦାନ କରିଥିଲେ ବୋଲି କ୍ଲିଅର ଅନୁଷ୍ଠାନର ରାଷ୍ଟ୍ରୀୟ ସଂଯୋଜକ ସାକେତ ଶ୍ରୀଭୂଷଣ ସାହୁ ସୂଚନା ଦେଇଛନ୍ତି। ଧାରଣାକୁ ସମର୍ଥନ ଦେବା ପାଇଁ ପଞ୍ଜାବୀ, ତାମିଲ, କନ୍ନଡ଼ା ଭଳି ସ୍ୱୀକୃତିପ୍ରାପ୍ତ ଭାଷା ପ୍ରତିନିଧିମାନେ ମଧ୍ୟ ଯୋଗ ଦେଇଥିବା ସେ କହିଛନ୍ତି। କ୍ଲିଅର ଅନୁଷ୍ଠାନର ରାଷ୍ଟ୍ରୀୟ ସଂଯୋଜକ ସାହୁ ଧାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସଭାପତି ଡଃ ଜୋଗା ସିଂ, ସାଧାରଣ ସମ୍ପାଦକ ସେଚ୍ଛିଲ ନାଥନ୍ ପ୍ରମୁଖ ଉପସ୍ଥିତ ଥିଲେ।




କୋସଲି ଭାଷାକୁ ସାମ୍ବିଧାନିକ ମାନ୍ୟତା ଦାବିରେ ନୂଆଦିଲ୍ଲୀ ଜନ୍ତରମନ୍ତରରେ ସମାବେଶ ।

## ଗ୍ରାମ୍ୟ ମନ୍ଥନ ସଭା

ଲୋଇସିଂହା, (ଡି.ଏନ.ଏ): ଆଗଲପୁର ବ୍ଲକ ବଙ୍ଗାବାହାଲରେ ଜିଲା ଷାଠିଏ ଘର ଡୁମାଲ ସମାଜ ପକ୍ଷରୁ ଗ୍ରାମ୍ୟ ମନ୍ଥନ ସଭା ଅନୁଷ୍ଠିତ ହୋଇଯାଇଛି । ଲକ୍ଷ୍ମୀପ୍ରସାଦ ମହାକୁର ଅଧ୍ୟକ୍ଷତା କରିଥିଲେ । ଜଗନ୍ନାଥ କରଣ, ରମାକାନ୍ତ ପଧାନ, କୃତ୍ତିବାସ କର୍ମୀ, ବରୁଣ ବଘାର ଅତିଥିଭାବେ ଯୋଗଦେଇଥିଲେ । ସମାଜର ସାମାଜିକ, ଅର୍ଥନୈତିକ, ଶିକ୍ଷାର ଉନ୍ନତୀ ଉପରେ ଆଲୋଚନା କରାଯାଇଥିଲା । ପୁଅଝିଅଙ୍କୁ ସଂସ୍କାରି ଓ ଉଚ୍ଚଶିକ୍ଷିତ କରିବାକୁ ମତପ୍ରକାଶ ପାଇଥିଲା । ସାମାଜିକ ସମସ୍ୟାର ସମାଧାନ ପାଇଁ ମତାମତ ଗ୍ରହଣ କରାଯାଇଥିଲା ।

## ସଂକ୍ଷେପରେ

### ଟ୍ରାକ୍ଟର ଓଲଟି ଚାଳକ ମୃତ

ଟିଟିଲାଗଡ ୮।୮(ଡି.ଏନ.ଏ.): ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ଲକ ଅନ୍ତର୍ଗତ ଦେସିଲଠାରେ ଖେତରେ ହଳ କରୁଥିବା ବେଳେ ଟ୍ରାକ୍ଟର ଓଲଟି ପଡିବାରେ ଚାଳକଙ୍କର ମୃତ୍ୟୁ ଘଟିଛି। ମୃତ ଡ୍ରାଇଭର ହେଲେ ଦେସିଲ ଗ୍ରାମର ଡାକ୍ତର ସାହୁ। ସୂଚନା ଅନୁଯାୟୀ ଡ୍ରାଇଭର ସକାଳେ ଜମିରେ ହଳ କରୁଥିବାବେଳେ ଭଗ୍ନ ଅବସ୍ଥାରେ ଥିବା କୂଅରେ ଟ୍ରାକ୍ଟର ସହ ଗଳି ପଡିଥିଲେ। ଫଳରେ ଟ୍ରାକ୍ଟର ତଳେ ଚାପି ହୋଇ ତାଙ୍କର ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଟିଟିଲାଗଡ ପୋଲିସ ସହ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି କୂଅରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ୯୫୦ ଲିଟର ମଦ ଜବତ, ୪ଗିରଫ

ଖପ୍ରାଖୋଲ, ୮।୮(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଦମେଇପାଲି ଗାଁରେ ପାଟଣାଗଡ଼ ଅବକାରୀ ବିଭାଗ ପକ୍ଷରୁ ସୋମବାର ଚଢ଼ାଉ କରାଯାଇଥିଲା। ଅବକାରୀ ଥାନା ଅଧିକାରୀ ସତ୍ୟ ନାରାୟଣ ଦାସଙ୍କ ନେତୃତ୍ୱରେ ଚଢ଼ାଉ ବେଳେ ବ୍ୟାପକ ପରିମାଣର ଦେଶୀ, ବିଦେଶୀ ମଦ ଓ ମହୁଲ ପୋଚ ଜବତ ହୋଇଛି। ଚଢ଼ାଉ ବେଳେ ଦମେଇପାଲି ଗାଁର ହରେକୃଷ୍ଣ ବରିହା, ବିଜୟ ବେହେରା, ଦଶରୁ ବରିହା ଏବଂ ଖଗେଶ୍ୱର ରଣାଙ୍କୁ ଗିରଫ କରାଯାଇଥିଲା। ୯୫୦ ଲିଟର ଦେଶୀମଦ, ୧୫ ଲିଟର ବିୟର, ଏକ ଫ୍ରିଜ ସହ ୬ କୁଇଣ୍ଟାଲ ୫୦ କେଜି ମହୁଲ ପୋଚ ସହ ମଦରନ୍ଧା ଉପକରଣ ଜବତ ହୋଇଛି। ଏନେଇ ପାଟଣାଗଡ଼ ଅବକାରୀ ଥାନାରେ ଚାରିଟି ପୃଥକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ଆଇସିଡିଏସ କୋଠା ଉଦ୍‌ଘାଟିତ

ଦେଓଗାଁ, ୮।୮(ଡି.ଏନ.ଏ): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କାର୍ଯ୍ୟାଳୟ ପଛପଟେ ନବ ନିର୍ମିତ ଆଇସିଡିଏସ କୋଠା ଜିଲାପାଳ ଚଞ୍ଚଳ ରାଣାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ସିଡିପିଓ ସୁକାନ୍ତି ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥିଭାବେ ଜିଲାପାଳ ଚଞ୍ଚଳ ରାଣା, ସମ୍ମାନୀତ ଅତିଥିଭାବେ ବ୍ଲକ ଅଧକ୍ଷ ଦୟାନିଧି ଖମାରୀ, ବିଡିଓ ରାମଦତ୍ତ ଭୋଇ ଉପସ୍ଥିତ ରହି କୋଠାକୁ ଉଦଘାଟନ କରିଥିଲେ । ସୂଚନା ମତେ ଉକ୍ତ ବିଭାଗର ସ୍ୱତନ୍ତ୍ର କୋଠା ନ ଥିବାରୁ ବ୍ଲକର ରାଜୀବ ସେବା କେନ୍ଦ୍ରଠାରେ କାର୍ଯ୍ୟାଳୟ ଚାଲିଥିଲା । ୧୭ ଲକ୍ଷ ୩୩ ହଜାର ବ୍ୟୟ ଅଟକଳରେ କୋଠା ନିର୍ମାଣ ହେବ ।

### ମାଟ୍ରିକ ଟପ୍ପର ଛାତ୍ରଙ୍କୁ ସମ୍ବର୍ଦ୍ଧନା



ନୂଆପଡ଼ା ଅଫିସ,୮।୮: ନୂଆପଡା ଜିଲାରେ ଟପ୍ପର ହୋଇଥିବା ତରବୋଡ ଉଚ୍ଚ ବିଦ୍ୟାଳୟ ଛାତ୍ରଙ୍କୁ ଶିକ୍ଷା ବିଭାଗ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସୋମବାର ତରବୋଡ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁବାଷ ଚନ୍ଦ୍ର ପାତ୍ର ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ଗୋଷ୍ଠି ଶିକ୍ଷା ଅଧିକାରୀ ହେମ ସାଗର ମହାନନ୍ଦ, ସମ୍ମାନିତ ଅତିଥି ଭାବେ ବିଆରସିସି ଜମାଲ ଖାନ ଯୋଗଦେଇଥିଲେ। ତରବୋଡ ଉଚ୍ଚ ବିଦ୍ୟାଳୟ ଛାତ୍ର ସିର୍ଦ୍ଧାଥ ସିଂ ରାଉତ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ୬୦୦ ମାର୍କରୁ ୫୪୨ ମାର୍କ ୯୦.୩୩ ପ୍ରତିଶତ ରଖି ଜିଲାରେ ଦ୍ୱିତୀୟ ସ୍ଥାନ ଓ କୋମନା ବ୍ଲକରେ ପ୍ରଥମ ସ୍ଥାନ ଅଧିକାର ହୋଇଛନ୍ତି। ତାଙ୍କୁ ଶିକ୍ଷା ବିଭାଗ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଅନ୍ୟମାନଙ୍କ ମଧରେ ଅନୀଲ କୁମାର ସିହ୍ନା, ସନ୍ତୋଷ କୁମାର ସି ରାଉତ, ଚୈତନ୍ୟ ଦଣ୍ଡସେନା, ରାଧେଶ୍ୟାମ ସାହୁ ଓ ବ୍ଲକ ସମସ୍ତ ପ୍ରଧାନ ଶିକ୍ଷକ ଉପସ୍ଥିତଥିଲେ।

### ଅଭିଯୋଗ ଶୁଣାଣି ଶିବିର

ନର୍ଲା,୮।୮(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ବ୍ଲକ କାର୍ଯ୍ୟାଳୟରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେଇଯାଇଛି। କାର୍ଯ୍ୟକ୍ରମରେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ତତ୍ତାବଧାନରେ, ଏସ୍‌ପି, ପିଡି ଡିଆର୍‌ଡିଏ, ଉପଜିଲାପାଳଙ୍କ ସହିତ ସମସ୍ତ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ। ଏଥିରେ ନର୍ଲା ଅଞ୍ଚଳର ୨୭୦ରୁ ଉର୍ଦ୍ଧ ଜନସାଧାରଣଙ୍କ ଅଭିଯୋଗ ଶୁଣାଣି ହେଇଥିଲା। ସମସ୍ୟାଗୁଡ଼ିକର ଶୀଘ୍ର ସମାଧାନ ପାଇଁ ଜିଲାପାଳ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶରେ ୨ଜଣ ବିଦ୍ୟାଙ୍ଗଙ୍କୁ ହୁଇଲ ଚେୟାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ନର୍ଲା ବିଡିଓ ଓଏବଂ ତହସିଲଦାର ଉପସ୍ଥିତ ଥିଲେ।

# ପାଣି ପାଇଁ ବ୍ଲକ କାର୍ଯ୍ୟାଳୟ ଘେରିଲେ

## ଜଳପ୍ରକଳ୍ପ କାର୍ଯ୍ୟକ୍ଷମ ଦାବି କଲେ

ଲୋଇସିଂହା, ୮।୮(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ଗ୍ରାମର ପାନୀୟ ପ୍ରକଳ୍ପ ଏକ ମାସରୁ ଉର୍ଦ୍ଧ୍ୱ ସମୟ ହେଲା ବନ୍ଦ ପଡିଛି। ବକେୟା ବିଲ ପୈଠ ହୋଇ ନ ଥିବାରୁ ବିଭାଗ ପକ୍ଷରୁ ପ୍ରକଳ୍ପର ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ କରାଯାଇଛି। ଫଳରେ ଯୋଗସାର୍ଡା ଗ୍ରାମବାସୀଙ୍କ ସମେତ ପଞ୍ଚାୟତବାସୀ ପାଣି ପାଇଁ ନାହିଁ ନ ଥିବା ଆସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ନେଇ ପଞ୍ଚାୟତବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପ୍ରକଳ୍ପ କାର୍ଯ୍ୟକ୍ଷମ ଦାବିରେ ଯୋଗୀସର୍ଡା ଗ୍ରାମବାସୀ ସୋମବାର ବ୍ଲକ କାର୍ଯ୍ୟାଳୟ ଘେରାଉ କରିଥିଲେ। ଭାରପ୍ରାପ୍ତ ବିଡିଓ ବିଜୟ କୁମାର ହୋତା ବିଦ୍ୟୁତ୍ ବିଭାଗ ସେକ୍ସନ ଅଫିସରଙ୍କ ସହ ଆଲୋଚନା କରିଥିଲେ। ମଙ୍ଗଳବାର ସକାଳ ୭ଟା ସୁଦ୍ଧା ବିଦ୍ୟୁତ ସଂଯୋଗ କରି ଜଳ ଯୋଗାଣ କରାଯିବାକୁ ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଆନ୍ଦୋଳନରୁ ହଟିଥିଲେ।

ଯୋଗୀସର୍ଡା, ଛେଲବାହାଲ, ମାହାରପାଲି, କେଉଁଟପାଲି ଓ ଗୁର୍ଜିଭଟା ଗ୍ରାମକୁ ଛେଲବାହାଲସ୍ଥିତି ସୁକତେଲ ନଦୀରୁ ପାଇପ ଯୋଗେ ଜଳଯୋଗାଣ ବ୍ୟବସ୍ଥା କରାଯାଇଛି। ହେଲେ ଉକ୍ତ ପ୍ରକଳ୍ପର ୧୧ଲକ୍ଷ ଟଙ୍କା ବିଲ୍ ପଡି ରହିଥିବାରୁ ବିଦ୍ୟୁତ୍ ସରବରାହ କାଟି ଦିଆଯାଇଛି। ଏହାର ପ୍ରତିବାଦରେ ସୋମବାର ଯୋଗୀସର୍ଡାର ନକୁଳ ମିଶ୍ର ଓ ରଶ୍ମୀରଞ୍ଜନ ପଧାନଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷ ବ୍ଲକ କାର୍ଯ୍ୟାଳ ଯାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ, ଧରା ଶ୍ରାବଣରେ ବର୍ଷା ନାହିଁ। ଏପଟେ ନିର୍ଘାତ ଖରା ହେଉଛି। ଏପରି ସମୟରେ ପାନୀୟ ପ୍ରକଳ୍ପ ବନ୍ଦ ରହିଛି। ଗାଁରୁ ୧ କିମି ପରିସୀମା ମଧ୍ୟରେ ପିଇବା ଉପଯୋଗୀ ନଳକୂପ ନାହିଁ। ଦୂରଦୂରାନ୍ତକୁ ଯାଇ ଗ୍ରାମର ମହିଳା ଓ ପୁରୁଷ ପାଣି ସଂଗ୍ରହ କରୁଛନ୍ତି। ବିକ୍ଷୋଭକାରୀଙ୍କ ସହ ଆଲୋଚନା ବେଳେ ଭାରପ୍ରାପ୍ତ ବିଡିଓ ହୋତା କହିଥିଲେ ଯେ, ବିଦ୍ୟୁତ୍‌ସରବରାହ ବିଚ୍ଛିନ୍ନ ପରେ ପଞ୍ଚାୟତ କର୍ତ୍ତୃପକ୍ଷ ୧ଲକ୍ଷ ୧୦ହଜାର ଟଙ୍କା ବିଲ୍ ପୈଠ କରିଥିଲେ। ଦିନେଦୁଇଦିନ ମଧ୍ୟରେ ପୁଣି ୧ଲକ୍ଷ ଟଙ୍କା ପୈଠ କରାଯିବ। ପଞ୍ଚାୟତରେ ୩ ହଜାର ଘରକୁ ପାଣି ସଂଯୋଗ ଦିଆଯାଇଛି। ଏଣିକି ପାଣି ସଂଯୋଗ ନେଇଥିବା ବ୍ୟକ୍ତି କିଛି ଟଙ୍କ ମାସିକ ପୈଠ କରିବାକୁ ପଡିବ। ଏନେଇ ଗ୍ରାମ୍ୟ କମିଟି କରି ମାସିକ ପୈଠ ଟଙ୍କା ସ୍ଥିର କରିବାକୁ ସେ ପରାମର୍ଶ ଦେଇଥିଲେ। ବିଗତ ୫ ବର୍ଷ କୌଣସି ଟଙ୍କା ଆସୁଲ ହୋଇ ନ ଥିଲା। ଏହାପୂର୍ବରୁ ହିତାଧିକାରୀଙ୍କଠାରୁ ହୋଇଥିବା ଅସୁଲ ଲକ୍ଷାଧିକ ଟଙ୍କା କମିଟି ନିକଟରେ ଥିବା ଗ୍ରାମବାସୀ ସୂଚନା ଦେଇଥିଲେ।



ଗ୍ରାମବାସୀଙ୍କ ସହ ଭାରପ୍ରାପ୍ତ ବିଡିଓ ଆଲୋଚନା କରୁଛନ୍ତି ।

# ଶ୍ରାବଣ ଶେଷ ସୋମବାର, ହରିଶଙ୍କରରେ ଶ୍ରଦ୍ଧାଳୁଙ୍କ ଭିଡ଼

ଖପ୍ରାଖୋଲ, ୮।୮(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କରରେ ଶ୍ରାବଣର ଶେଷ ସୋମବାର ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ହଜାର ହଜାର ଶ୍ରଦ୍ଧାଳୁ ପାପନାଶିନୀ ଝରଣାରେ ସ୍ନାନକରି ଲମ୍ବାଧାଡିରେ ରହି ହରିଶଙ୍କର ମହାପ୍ରଭୁଙ୍କ ଦର୍ଶନ କରିବା ସହ ଜଳାଭିଷେକ କରିଥିଲେ। ରାଜ୍ୟ ଓ ରାଜ୍ୟ ବାହାରୁ ଶହଶହ ଶ୍ରଦ୍ଧାଳୁ ଏଠାକୁ ଆସି ପାଣି ଢାଳିଥିଲେ। ପ୍ରଶାସନ ତରଫରୁ ବାରିକେଡ ବ୍ୟବସ୍ଥା କରାଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଖପ୍ରାଖୋଲ ଥାନା ଅଧିକାରୀ ରମାକାନ୍ତ ସାହୁଙ୍କ ନେତୃତ୍ୱରେ ଚାରି ପ୍ଲାଟୁନ ପୋଲିସ ଫୋର୍ସ ମୃତୟନ ହୋଇଥିଲା। ପ୍ରଶାସନ ତରଫରୁ ଖପ୍ରାଖୋଲ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର ଉପସ୍ଥିତ ଥିଲେ । ତିନି ଦିନ ମଧରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ ହୋଇଥିବା ମନ୍ଦିର ପରିଚାଳକ ଗୁପ୍ତେଶର କୁଅଁର ପ୍ରକାଶ କରିଛନ୍ତି।



ଜଳାଭିଷେକ ପାଇଁ ଶ୍ରଦ୍ଧାଳୁମାନେ ଧାଡିରେ ଠିଆ ହୋଇଛନ୍ତି।

# ସ୍ଥାୟୀ ନିଯୁକ୍ତି ପାଇଁ ସ୍ମାରକପତ୍ର ପ୍ରଦାନ

## ଏମ୍‌ଜିଏନ୍‌ଆର୍‌ଇଜିଏସ୍ କର୍ମଚାରୀଙ୍କ ଦାବି

ବଲାଙ୍ଗୀର ଅଫିସ, ୮।୮

ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ କାମ କରିଆସୁଥିବା ବଲାଙ୍ଗୀର ଜିଲାର ସଂଯୋଜିକ ଏବଂ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀମାନେ ଚାକିରୀ ସ୍ଥାୟୀ କରିବାକୁ ଦାବି କରିଛନ୍ତି। ଏ ନେଇ ସୋମବାର ସେମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ସୁଶାନ୍ତ କୁମାର ସିଂଙ୍କୁ ପ୍ରଦାନ କରିଛନ୍ତି। ଦୀର୍ଘବର୍ଷ ହେଲା ସେମାନେ କାର୍ଯ୍ୟ କରି ଆସିଥିଲେ ମଧ ଚାକିରୀ ସ୍ଥାୟୀ କରଯାଇ ନ ଥିବାରୁ ସେମାନେ ସମ୍ମୁଖୀନ ହେଉଥିବା ଅସୁବିଧା ସମ୍ପର୍କରେ ଜଣାଇଥିଲେ। ଏମଜିଏନ୍‌ଆରଇଜିଏ ସଂଯୋଜକ ଅଶୋକ ସାହୁ, ଅତିରକ୍ତ କାର୍ଯ୍ୟକ୍ରମ ଅଧିକାରୀ ପ୍ରେମାନନ୍ଦ ମିଶ୍ର, ପୁଷ୍ପାଞ୍ଜଳି ସ୍ୱାଇଁ, ଜଗତଜିତା ସେଠୀ, ବସନ୍ତ ବଳିଆରସିଂ, ସୁଶାନ୍ତ ଦାସ, ବନଜା ଦାସ ଡିଆରଡିଏ ଅଫିସକୁ ଯାଇ ପ୍ରକଳ୍ପ ନିର୍ଦ୍ଦେଶକ ସିଂଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।



ଏମ୍‌ଜିଏନ୍‌ଆରଇଜିଏସ୍ ସଂଯୋଜକ ଏବଂ ଏପିଓମାନେ ଡିଆରଡିଏ ପିଡିଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

# ୪୮,୭୦୦ ଗ୍ରାମ ଗଞ୍ଜେଇ ଜବତ, ୨ ଗିରଫ

ନୂଆପଡ଼ା ଅଫିସ,୮।୮

ନୂଆପଡା ଅବକାରୀ ବିଭାଗ ପକ୍ଷରୁ ସୋମବାର ଖଡିଆଳ ଥାନା ବଡଦୋହେଲପଡା ଛକଠାରେ ଚଢାଉ କରି ୪୮,୭୦୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଚୋରା ଚାଲାଣ ଅଭିଯୋଗରେ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲଣ କରାଯାଇଛି। ସେମାନେ ହେଲେ କୋମନା ଥାନା ରଜନା ଗ୍ରାମର ଜଳନ୍ଧର ହରିଜନ (୩୨) ଏବଂ ଖଡିଆଳ ଥାନା ବଡଦୋହେଲପଡା ଗ୍ରାମର ବିନୋଦ ଶଗରିଆ (୨୩)। ଅବକାରୀ ଅଧୀକ୍ଷକ ସଂଘମିତ୍ରା ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଖଡିଆଳ ଅବକାରୀ ସବଇନିସପେକ୍ଟର ଡମ୍ବରୁଧର ହରିଜନ ଓ ତାଙ୍କ ଦଳ ଚଢାଉ କରି ଦୁଇଜଣ ପୃଥକ ବ୍ୟକ୍ତିଙ୍କଠାରୁ ଗଞ୍ଜେଇ ଜବତ କରିଥିଲେ। ହରିଜନଙ୍କଠାରୁ ୩୦.୬୦୦ ଏବଂ ଶଗରିଆଙ୍କଠାରୁ ୧୮.୧୦୦ କିଲୋଗ୍ରାମ ଗଞ୍ଜେଇ ଜବତ କରିଥିଲେ। ଦୁଇଜଣଙ୍କୁ ନୂଆପଡା ଆଣି ପଚାରାଉଚରା କରିବା ପରେ ସ୍ୱାସ୍ଥ୍ୟ ପରୀକ୍ଷା କରି କୋର୍ଟଚାଲାଣ କରାଯାଇଛି। ଚଢାଉରେ ଏଏସଆଇ ଶିବ ଦୁରିଆ, ରାମଚନ୍ଦ୍ର ଜାନି, ଧନରାଜ ଦଣ୍ଡସେନା, କନଷ୍ଟେବଲ ଭଗବାନ ହଂସ ପ୍ରମୁଖ ସମିଲ ଥିଲେ।

# ଲାୟନ୍ସ କ୍ଲବ ନୂତନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ

ଟିଟିଲାଗଡ, ୮।୮(ଡି.ଏନ.ଏ.)

ଲାୟନ୍ସ କ୍ଲବ ଟିଟିଲାଗଡ ଶାଖାର ବାର୍ଷିକ ଅଧିବେଶନ ସ୍ଥାନୀୟ ଗୋବିନ୍ଦ ବାଟିକା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଟିଟିଲାଗଡ ଶାଖା ସଭାପତି ଦୀପକ ପୃଷ୍ଟିଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ କ୍ଲବର ଜିଲା ଗଭର୍ଣ୍ଣର ଯମୁନା ପ୍ରସାଦ ଗୋୟଲ ମୁଖ୍ୟ ଅତିଥି, କ୍ୟାବିନେଟ ସମ୍ପାଦକ ଶଙ୍କର ଲାଲ ଅଗ୍ରୱାଲ, ପିଆରଓ ରତ୍ନାକର ସାହୁ, ସ୍ୱାତୀ ଗୋୟଲ, ପ୍ରଦୀପ ଅଗ୍ରୱାଲ, ରେଖା ବଂଶଲ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସଭା ଆରମ୍ଭ ପୂର୍ବରୁ ବିଶ୍ୱଶାନ୍ତି ଉଦ୍ଦେଶ୍ୟରେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଶାଖା ସଭାପତି ପୃଷ୍ଟିଙ୍କ ଉଦ୍‌ବୋଧନ ପରେ ସମ୍ପାଦକ ଆଶୀର୍ବାଦ ମହାପାତ୍ର ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। କୋଷାଧକ୍ଷ ସଜ୍ଜନ କମାନି ଆୟବ୍ୟୟ ବିବରଣୀ ପ୍ରଦାନ କରିଥିଲେ। ଲାୟନ ଶମ୍ଭୁ ଗୋୟଲ ଓ ସନ୍ତୋଷ ମହାନ୍ତି ସଭା ସଂଯୋଜନା କରିଥିଲେ। ଚଳିତ ଆର୍ଥିକ ବର୍ଷ ପାଇଁ ଟିଟିଲାଗଡ ଶାଖାର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତିଭାବେ ଲିଙ୍ଗରାଜ ସାହୁ, ସମ୍ପାଦକ ଶୈଳେଶ ଗୋୟଲ, କୋଷାଧକ୍ଷ ସଜ୍ଜନ କମାନୀ, ଆଇପିପି ଦୀପକ କୁମାର ପୃଷ୍ଟି, ଉପସଭାପତି ସନ୍ତୋଷ ମହାନ୍ତି, ସଞ୍ଜୟ ସୋନି, ଗଙ୍ଗାଧର ଶର୍ମା, ସହ ସମ୍ପାଦକ ଉମେଶ ଶର୍ମା, ସର୍ଭିସ ଚେୟାରପର୍ସନ ସଞ୍ଜୟ ନାୟକ ଓ ମେମ୍ବରଶିପ ଚେୟାରପର୍ସନ ଭାବେ ଶମ୍ଭୁ ଗୋୟଲଙ୍କୁ ମନୋନୀତ କରାଯାଇଛି। ଚଳିତ ଅଧିବେଶନରେ ୬ଜଣ ନୂତନ ସଦସ୍ୟଙ୍କୁ ସଦସ୍ୟତା ପ୍ରଦାନ କରାଯାଇଥିଲା। ବରିଷ୍ଠ ୧୨ଜଣ ସଦସ୍ୟଙ୍କୁ ସଂଘ ନିର୍ଦ୍ଦେଶକଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସମସ୍ତ ଲାୟନ୍ସ ଓ ଲିଓ ସଭ୍ୟଙ୍କ ସହ କଣ୍ଟାବାଞ୍ଜି, କେସିଙ୍ଗା ଓ ବଲାଙ୍ଗୀର ଶାଖାର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି ଅବସରରେ ସଂଘ ପକ୍ଷରୁ ଟିଟିଲାଗଡ ପୌରାଧକ୍ଷା ମମତାଦେବୀ ଜୈନ ଓ ପୂର୍ବତନ ନଗରପାଳ ଶୁଭ୍ରାଂଶୁ ଦାସଙ୍କୁ ସମ୍ମାନୀତ କରାଯାଇଥିଲା।

# ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

ସିନାପାଲି,୮।୮(ଡି.ଏନ.ଏ.)

ନୂଆପଡା ଜିଲା ସିନାପାଲି ବ୍ଲକରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ସିନାପାଲି ବ୍ଲକ ଅଞ୍ଚଳର ବିଭିନ୍ନ ବିଭାଗର ମୋଟ ୩୬ଟି ଅଭିଯୋଗ ହୋଇଥିଲା। ଶିବିରରେ ଜିଲାପାଳ ହେମାକାନ୍ତ ସାଏ, ଏସ୍‌ପି ପ୍ରତ୍ୟୁଷ ଦିବାକର, ବ୍ଲକ ଅଧକ୍ଷା ମାଧୁରୀ ମାଝି, ଜିଲା ପିଡି ଅଧିକାରୀ ମଧୁଛନ୍ଦା ସାହୁ, ସବକଲେକ୍ଟର ରାମଚନ୍ଦ୍ର ଖଡିଆ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଡିପିଓ ବିବେକାନନ୍ଦ ମହାନନ୍ଦ, ବିଡିଓ ସଦାଶିବ ନାଏକ, ତହସିଲଦାର ଲୋକନାଥ ଶବର, ସିନାପାଲି ଥାନାଧିକାରୀ ଡମ୍ବରୁ ଧର ପ୍ରଧାନ, ବ୍ଲକ ଶିକ୍ଷା ଅଧିକାରୀ ଚୈତନ୍ୟ ହୋତାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ବ୍ଲକସ୍ତରୀୟ ସମନ୍ୱୟ ଶିବିର

ଦେଓଗାଁ, ୮।୮(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସାରସମାଲ ପଞ୍ଚାୟତ ମୁଖ୍ୟାଳୟରେ ସୋମବାର ବ୍ଲକସ୍ତରୀୟ ସମନ୍ୱୟ ଶିବିର ଅନୁଷ୍ଠିତ ହୋଇଯାଇଛି । ବିଡିଓ ରାମଦତ୍ତ ଭୋଇଙ୍କ ପରିଚାଳନାରେ ଅନୁଷ୍ଠିତ ଶିବିରକୁ ମୁଖ୍ୟ ଅତିଥିଭାବେ ଜିଲାପାଳ ଚଞ୍ଚଳ ରାଣା, ସମ୍ମାନୀତ ଅତିଥି ଏସ୍‌ପି ନୀତିନ କୁଶଳକର, ପଞ୍ଚାୟତ ସିମିତି ଅଧକ୍ଷ ଦୟାନିଧି ଖମାରୀ, ସରପଞ୍ଚ ଗୋପାଳ ବାଗ ପ୍ରମୁଖ ଯୋଗଦେଇଥିଲେ । ଶିବିରରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବଣ୍ଟନ କରାଯାଇଥିଲା । କୃଷି ବିଭାଗ ଓ ଉଦ୍ୟାନ ବିଭାଗ ତରଫରୁ ଷ୍ଟଲ କରାଯାଇ ଚାଷୀଙ୍କୁ ସରକାରୀ ଯୋଜନା ଉପରେ ସୂଚନା ପ୍ରଦାନ କରାଯିବା ସହ ଫଳ ଚାରା ବଣ୍ଟନ କରାଯାଇଥିଲା । ସେହିପରି ମୃତ୍ତିକା ସଂରକ୍ଷଣ, ଜଳବିଭାଜିକା ପ୍ରକଳ୍ପ, ମିଶନ ଶକ୍ତି, ଓଡିଶା ଜୀବିକା ମିଶନ, ସମନିତ ଶିଶୁବିକାଶ ପ୍ରକଳ୍ପ, ଫିଜିଓ ଥେରାପି, ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ, ଦୁଗ୍ଧ ସମବାୟ, ଶ୍ରମ ବିଭାଗ, ପ୍ରଣୀଧନ ଚିକତ୍ସା ବିଭାଗ, ଆଧାର ସଂଯୋଗୀକରଣ ଆଦି ଷ୍ଟଲ ଲଗାଯାଇଥିଲା । ସ୍ୱୟଂ ସହାୟକ ଦଳ ଦ୍ୱାରା ପେଡିକ୍ରାଫ୍ଟ ଓ ଅନ୍ୟାନ୍ୟ ସୌଖିନ ସମାଗ୍ରୀ ପ୍ରଦର୍ଶନ କରାଯାଇଥିଲା । ତହସିଲଦାର ଯୁଗଳ କିଶୋର ବିଶ୍ୱାଳଙ୍କ ଉପସ୍ଥିତିରେ ୫ଜଣ ଭୂମିହୀନଙ୍କୁ ଜମିପଟ୍ଟା ପ୍ରଦାନ କରାଯାଇଥିଲା । ଓଡିଶା ଜୀବିକା ମିଶନ ବ୍ଲକ ସଂଯୋଜକ ପ୍ରଦୀପ କୁମାର ଛତ୍ରିଆଙ୍କ ପରିଚାଳନାରେ ମିଶନ ଶକ୍ତି ଦ୍ୱାରା ୧୫ଟି ଏସ୍‌ଏଚ୍‌ଜିକୁ ୨୨ଲକ୍ଷ ୮୦ ହଜାର ଟଙ୍କାର ବ୍ୟାଙ୍କ ସଂଯୋଗୀକରଣ କରାଯାଇଥିଲା । ସେହିପରି ଓଡିଶା ଜୀବିକା ମିଶନ ତରଫରୁ ୫ଟି ସ୍ୱୟଂ ସହାୟକ ଦଳକୁ ୧ଲକ୍ଷ ଲେଖାଏର ଚେକ୍ ପ୍ରଦାନ କରାଯାଇଥିଲା ।




ଶିବିରରେ ଏସ୍‌ଏଚ୍‌ଜି ମହିଳାଙ୍କୁ ଜିଲାପାଳ ଚେକ୍ ପ୍ରଦାନ କରୁଛନ୍ତି ।

# ଓକିଲ ସଂଘ ପକ୍ଷରୁ ତହସିଲ ଅଫିସରେ ତାଲା

- ୨ମାସ ହେଲା ତହସିଲ ଅଫିସ କାର୍ଯ୍ୟ ବ୍ୟାହତ
- ତୁରନ୍ତ ସ୍ଥାୟୀ ଅତିରିକ୍ତ ତହସିଲଦାର ନିଯୁକ୍ତି ଦାବି
- ଜାତିଗତ ପ୍ରମାଣପତ୍ର, ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଚିନ୍ତାରେ ଜନସାଧାରଣ

ବଲାଙ୍ଗୀର ଅଫିସ, ୮।୮

ବଲାଙ୍ଗୀର ତହସିଲ କାର୍ଯ୍ୟାଳୟରେ ଦେଖାଦେଇଥିବା ଚରମ ଅବ୍ୟବସ୍ଥାର ପ୍ରତିବାଦ କରିଛି ଜିଲା ଓକିଲ ସଂଘ। ସୋମବାର ସଂଘ ପକ୍ଷରୁ ତହସିଲ କାର୍ଯ୍ୟାଳୟରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଧୁମାମରା ଜମି କେଳେଙ୍କାରୀ ଘଟଣା ପ୍ରଘଟ ହେବା ପରେ ତହସିଲ ଅଫିସରେ ଚାଲିଥିବା ବେଆଇନ କାର୍ଯ୍ୟ ଲୋକଲୋଚନକୁ ଆସିଥିଲା। ଏହି ମାମଲାରେ ତତ୍କାଳୀନ ତହସିଲଦାର ମଘବନ ବାଗ ଏବଂ ଅତିରିକ୍ତ ତହସିଲଦାର ହରେକୃଷ୍ଣ ରାଉତ ନିଲମ୍ବିତ ହୋଇଥିଲେ। ଏହି ଘଟଣା ପରଠାରୁ ବଲାଙ୍ଗୀର ତହସିଲ ଅଫିସ ନାମକୁ ମାତ୍ର ଚାଲିଛି। ଜଣେ ତହସିଲଦାର ନିଯୁକ୍ତ କରାଯାଇଥିଲେ ମଧ ଅନ୍ୟ ଷ୍ଟାଫ୍ ନାହାନ୍ତି। ଅତିରିକ୍ତ ତଦହିଲଦାର ପଦବୀରେ ଅବସ୍ଥାପିତ ଅଧିକାରୀ ବହୁ ସମୟ ଅନୁପସ୍ଥିତ ରହୁଥିବାରୁ ତହସିଲ କାର୍ଯ୍ୟ ବ୍ୟାହତ ହୋଇପଡିଛି। ପ୍ରତିଦିନ ଶତାଧିକ ଲୋକ ଏହି କାର୍ଯ୍ୟାଳୟକୁ ଆସୁଥିଲେ ମଧ କୌଣସି କାର୍ଯ୍ୟ ହେଉ ନ ଥିବାରୁ ନିରାଶ ହୋଇ ଫେରୁଛନ୍ତି। ଏବେ ସ୍କୁଲ କଲେଜରେ ଛାତ୍ରୀଛାତ୍ରଙ୍କ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଏଭଳି ସମୟରେ ଜାତିଗତ ପ୍ରମାଣପତ୍ର, ଜନ୍ମ ପ୍ରମାଣପତ୍ର ପାଇଁ ଛାତ୍ରୀଛାତ୍ର, ଅଭିଭାବକ ଏବଂ ଜନସାଧାରଣ ଆସୁଛନ୍ତି। ଅନେକେ ଅନ୍‌ଲାଇନ୍‌ରେ ଆବେଦନ କରି ପ୍ରମାଣପତ୍ର ନେବାକୁ ଅଫିସ ଆସୁଥିବାବେଳେ ଏଠାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତହସିଲ ଅଫିସରେ ଇନଚାର୍ଜ ଅତିରିକ୍ତ ତହସିଲଦାର ଅବସ୍ଥାପିତ କରାଯାଉଥିଲେ ମଧ କିଛିଦିନ ପରେ ସେମାନଙ୍କୁ ପୁଣି ଥରେ ଅନ୍ୟତ୍ର ଦାୟିତ୍ୱ ଦିଆଯାଉଛି। ଏଭଳି ପରିସ୍ଥିତିରେ ସେଇ ଅଧିକାରୀମାନେ କାମ ମଧ ଠିକ୍ ଭାବେ କରିପାରୁନାହାନ୍ତି। ଅଧିକାରୀ ଏବଂ କର୍ମଚାରୀଙ୍କ ଅବହେଳା ଏବଂ ଅପାରଗତା କାରଣରୁ ତହସିଲ ଅଫିସରେ ମ୍ୟୁଟେସନ୍, ଜମି ଚିହ୍ନଟ, ଲିଗାଲ ହେୟାର, ଜାତିଗତ ଓ ଜନ୍ମ ପ୍ରମାଣପତ୍ର ତଥା ଅନ୍ୟାନ୍ୟ ମିସ୍ କେଶ୍‌ଗୁଡିକ ପଡିରହିଛି। ପ୍ରତିଦିନ ଜନ୍ମ ଓ ଜାତି ପ୍ରମାଣପତ୍ର ପାଇଁ ଯେତିକି ଛାତ୍ରୀଛାତ୍ର ଓ ଅଭିଭାବକ ଅଫିସକୁ ଆସୁଛନ୍ତି କେବଳ ସେମାନଙ୍କ ସମସ୍ୟା ସମାଧାନ କରିବା ପାଇଁ ଅଫିସରେ ଅତିରିକ୍ତ କର୍ମଚାରୀ ଓ ଅଧିକାରୀଙ୍କ ଅବସ୍ଥାପିତ କରାଯିବାର ଆବଶ୍ୟକତା ରହିଛି। ଏଭଳି ପରିସ୍ଥିତିରେ ପ୍ରତିଦିନ ଶତାଧିକ ଲୋକ ତହସିଲ ଅଫିସକୁ ଆସି ନିରାଶ ହୋଇ ଫେରୁଥିବାରୁ ଜିଲା ଓକିଲ ସଂଘ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରାଯାଇଥିଲା। ଜିଲା ଓକିଲ ସଂଘ ଯୁଗ୍ମ ସମ୍ପାଦକ ସୁମିତ କୁମାର ଖୁଆସଙ୍କ ନେତୃତ୍ୱରେ ଅଫିସ ସମ୍ମୁଖରେ ଧାରଣା ଦିଆଯାଇଥିଲା। ସଂଘ ଉପସଭାପତି ସରୋଜ ଗୁପ୍ତା, ସଭ୍ୟ ଶ୍ରୀନିବାସ ରାଓ, ସୁରେନ୍ଦ୍ର ମିଶ୍ର, ଦେବେନ୍ଦ୍ର ପାଣିଗ୍ରାହୀ, ବାଳକୃଷ୍ଣ ଷଡଙ୍ଗୀ, ସୁବ୍ରତ ରଣା, ପ୍ରଭାସ ମିଶ୍ର, ସବ୍ୟସାଚୀ ହୋତା, ଦୟାନିଧି ଶତପଥୀ ସାମିଲ ହୋଇଥିଲେ । ପରେ ଉପଜିଲାପାଳ ଘଟଣାସ୍ଥଳକୁ ଆସି ଧାରଣାରତ ଓକିଲମାନଙ୍କୁ ବୁଝାଶୁଝା କରିଥିଲେ। ଏଥିସହ ସାଧାରଣ ଲୋକଙ୍କ ଅସୁବିଧା ଦୂର କରିବା ପାଇଁ ଖୁବ୍‌ଶୀଘ୍ର ଏଠାରେ ଜଣେ ଆଡିସନାଲ ତହସିଲଦାରଙ୍କୁ ନିଯୁକ୍ତି ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଓକିଲମାନେ ଧାରଣାରୁ ଓହରିଥିଲେ ।



ବଲାଙ୍ଗୀର ତହସିଲ ଅଫିସ ସମ୍ମୁଖରେ ତାଲା ପକାଇ ଓକିଲ ସଂଘ ସଦସ୍ୟମାନେ ଧାରଣାରେ ବସିଛନ୍ତି।

## ୨୨ ଖେଳ ଶିକ୍ଷକ ସମ୍ବର୍ଦ୍ଧିତ

ସମ୍ବଲପୁର (ବ୍ୟୁରୋ): ସମ୍ବଲପୁର ଜିଲା ଶାରୀରିକ ଶିକ୍ଷକ ସଂଘ ଆୟୋଜନରେ ଖେଳ ଶିକ୍ଷକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଗୋଶାଳା ସରକାରୀ ପଞ୍ଚାୟତ ହାଇସ୍କୁଲଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଜଗବନ୍ଧୁ ବେହେରାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ସହ ନିର୍ଦ୍ଦେଶକ ସତ୍ୟନାରାୟଣ ରାୟଗୁରୁ ମୁଖ୍ୟଅତିଥି ଓ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଡ. ମୁରଲୀଧର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜିଲାର ଅବସରପ୍ରାପ୍ତ ୨୨ଜଣ ଖେଳ ଶିକ୍ଷକଙ୍କୁ ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ଆଜି କ'ଣ କେଉଁଠି

ସମ୍ବଲପୁର

- ସ୍କାନ ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ, ଦୁର୍ଗାପାଲି ଖଡ଼ିଆପଡ଼ା, ପୂର୍ବାହ୍ନ ୯ଟା
- ଶ୍ରମମନ୍ତ୍ରୀଙ୍କ ପରିଦର୍ଶନ କାର୍ଯ୍ୟ, ସାମ୍ବାଦିକ ଭବନ, ପୂର୍ବାହ୍ନ ୧୦ଟା
- ନିଖିଳ ଓଡ଼ିଶା ଆଦିବାସୀ ସାଂସ୍କୃତିକ ସଂସଦ ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ, ବୁଢ଼ାରଜା ଭୀମଭୋଇ ମଣ୍ଡପ, ପୂର୍ବାହ୍ନ ୧୧ଟା
- ହିନ୍ଦ୍ ମଜଦୁର ସଭା ଯୁବ ଶାଖାର କାର୍ଯ୍ୟକାରିଣୀ ବୈଠକ, ତପସ୍ୱିନୀ ପ୍ରେକ୍ଷାଳୟ, ପୂର୍ବାହ୍ନ ୧୧ଟା
- ରାଜ୍ୟ ଓବିସି ମଞ୍ଚ ପକ୍ଷରୁ ମଶାଲ ଶୋଭାଯାତ୍ରା, ସମଲେଶ୍ୱରୀ ମନ୍ଦିର ସମ୍ମୁଖ ରାସ୍ତା, ସନ୍ଧ୍ୟା ସାଢ଼େ ୫ଟା।

# ସମ୍ବଲପୁର ରୋଡ୍ ଷ୍ଟେଶନ ବନ୍ଦ ବିରୋଧ ତେଜିଲା

ସମ୍ବଲପୁର,୮।୮(ବ୍ୟୁରୋ)



ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭରେ ସାମିଲ ହୋଇଥିବା ମହିଳାପୁରୁଷ।

**ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ**

- ମନ୍ତ୍ରୀଙ୍କ ପ୍ରତିଶ୍ରୁତି ଭୁଲିଯାଉଛି ବିଭାଗ
- ସ୍ଥାୟୀ ସମାଧାନ ନ ହେଲେ ରେଲରୋକୋ

ସମ୍ବଲପୁର-ରୋଡ୍ ଷ୍ଟେଶନ ବନ୍ଦ କରିବା ପ୍ରକ୍ରିୟା କିଛିଦିନ ବନ୍ଦ ହେବା ପରେ ୨ଦିନ ହେଲା ପୁଣି ଆରମ୍ଭ ହୋଇଛି। ଏହାକୁ ନେଇ ସହରରେ ଅସନ୍ତୋଷ ଦେଖାଦେଇଛି। ସୋମବାର ଏହାର ଉଗ୍ରରୂପ ଦେଖିବାକୁ ମିଳିଥିଲା। ୫ଶହରୁ ଊର୍ଦ୍ଧ୍ୱ ମହିଳାପୁରୁଷ ଶୋଭାଯାତ୍ରା କରି ଏହାର ପ୍ରତିବାଦ କରିଥିଲେ। ଏହି ଅବସରରେ ସମ୍ବଲପୁର ରୋଡ୍ (ଫାଟକ) ଷ୍ଟେଶନରୁ ଏକ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ ଅଫିସ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ଆବାହକ ସପନ ମିଶ୍ରଙ୍କ ଅଧ୍ୟକ୍ଷତାରେ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଥିଲା।
ବିକ୍ଷୋଭକାରୀ ଅଭିଯୋଗ କରିଥିଲେ, ଏହି ଷ୍ଟେଶନ ଐତିହ୍ୟସମ୍ପନ୍ନ। ସ୍ୱାଧୀନତା ପୂର୍ବରୁ ୧୮୯୦ ମସିହାରେ ଏହା ନିର୍ମାଣ ହୋଇଥିଲା। ଏହାକୁ ବିକାଶ ନ କରି ବନ୍ଦ ଯୋଜନା କରାଯାଉଛି। ଏବେ ଷ୍ଟେଶନରେ ଟିକେଟ କାଉଣ୍ଟର, ଯାତ୍ରୀ ପ୍ରତୀକ୍ଷାଳୟ ଭଳି ସମସ୍ତ ସୁବିଧା ରହିଛି। ଏହା ଉପରେ କେବଳ ସମ୍ବଲପୁର ନୁହେଁ ଆଖପାଖ ଜିଲାବାସୀ ନିର୍ଭର କରନ୍ତି। ଏ ନେଇ ପୂର୍ବରୁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ପିୟୁଷ ଗୋଏଲଙ୍କୁ ଅଭିଯୋଗ କରାଯାଇଛି। ସେମାନେ ଏହାକୁ ଐତିହ୍ୟ ଷ୍ଟେଶନ ଭାବେ ରଖାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ମନ୍ତ୍ରୀ ଦେଇଥିବା ପ୍ରତିଶ୍ରୁତି ରକ୍ଷା ନ କରି ବିଭାଗ ପୁଣି କାମ ଆରମ୍ଭ କରିଦେଇଛି। ପୂର୍ବରୁ ୨୦୨୧ ମାର୍ଚ୍ଚରେ ରେଳ ବିଭାଗ, ପ୍ରଶାସନ ଓ ଆନ୍ଦୋଳନ କମିଟି ମିଳିତ ବୈଠକ କରାଯାଇ ଆଲୋଚନା ହୋଇଥିଲା। ରେଲ ଲାଇନ କାମରେ ସମସ୍ୟା ନ ହୋଇ କିଭଳି ଷ୍ଟେଶନକୁ ସୁରକ୍ଷିତ ରଖାଯାଇପାରିବ ସେ ନେଇ ପ୍ରତିଶ୍ରୁତି ମିଳିଥିଲା। ହେଲେ ଏବେ ବଳପୂର୍ବକ ଭାବେ ରେଳ ବିଭାଗ କାମ ଆରମ୍ଭ କରିଛି। ଏହା ବନ୍ଦ କରା ନ ଗଲେ ଆଗାମୀ ଦିନରେ ରେଲରୋକୋ, ରାସ୍ତାରୋକୋ, ସମ୍ବଲପୁର ବନ୍ଦ ଭଳି ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଥିଲେ। ପରେ ଜିଲାପାଳ ଓ ଆର୍‌ଡିସିଙ୍କୁ ଦାବି ପତ୍ର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଦୀପ ବହିଦାର, ସୁବ୍ରତ ପଣ୍ଡା, ଜିଲା ଓକିଲ ସଂଘ ସଭାପତି ସୁରେଶ୍ୱର ମିଶ୍ର, ସାଧାରଣ ସମ୍ପାଦକ ସରୋଜ ସାହୁ, ସତ୍ୟନାରାୟଣ ପଣ୍ଡା, ନାଟୁଗୋପାଳ ପାତ୍ର, ସଞ୍ଜୟ ବାବୁ, ଜିଲା ବିଜେଡି ସଭାପତି ସିଦ୍ଧାର୍ଥ ଦାସ, ଭାଜପା ଜିଲା ସଭାପତି ଗିରିଶ ପଟେଲ, ଭାବାନୀ ଶଙ୍କର ଦାସ, ଭୁପେନ ସାହୁଙ୍କ ସମେତ ଫାଟକ ଷ୍ଟେଶନ ସଂଘର୍ଷ କମିଟି ସଦସ୍ୟ ଓ ବିଭିନ୍ନ ଅନୁଷ୍ଠାନ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଆତ୍ମହତ୍ୟା ଉଦ୍ୟମ କରିଥିବା କଏଦୀ ଭିମ୍‌ସାର୍‌ରେ ଭର୍ତ୍ତି

ଝାରସୁଗୁଡ଼ା ଅଫିସ,୮।୮

ଝାରସୁଗୁଡା ଉପକାରାଗାରରେ ବିଚାରାଧୀନ କଏଦୀ ସୁରଜ କର (୨୫) ଗଳା ଓ ହାତକାଟି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଉପକାରାଗାର କର୍ତ୍ତୃପକ୍ଷ ତାଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ ବୁର୍ଲା ଭିମ୍‌ସାର୍‌କୁ ପଠାଇ ଦିଆଯାଇଛି। ସେଠାରେ ତାଙ୍କର ଚିକିତ୍ସା ଜାରି ରହିଛି ବୋଲି ଉପକାରାଗାର ଏସ୍‌ପି ଲକ୍ଷ୍ମୀକାନ୍ତ ଧାଙ୍ଗଡା ମାଝି କହିଛନ୍ତି। ସେ ଆହୁରି କହିଛନ୍ତି, କଏଦୀ ସୁରଜ ନିଶାଖୋର ହୋଇଥିବାବେଳେ ଜେଲ୍ ଭିତରେ ଏଭଳି କାଣ୍ଡ ଘଟାଇଛନ୍ତି। ସୂଚନାଯୋଗ୍ୟ ସୁରଜ ଗତ ୨୮ତାରିଖରେ ବ୍ରଜରାଜନଗର ଥାନା ଲମଟିବାହାଲର ଏକ କପଡା ଦୋକାନରେ ଛୁରି ଦେଖାଇ ମାଲିକଙ୍କ ନିକଟରୁ ଟଙ୍କା ଲୁଟ୍ କରିଥିଲେ। ଏ ନେଇ ଦୋକାନ ମାଲିକ ଆର୍ ଆନନ୍ଦ ରାଓଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ୍ ଏକ ମାମଲା (ନଂ୨୩୩/୧୧) ରୁଜୁକରି ସୁରଜଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଥିଲା ବୋଲି ଆଇଆଇସି ପ୍ରଦ୍ୟୁମ୍ନ କୁମାର ସ୍ୱାଇଁ କହିଛନ୍ତି।

## ମହିଳାଙ୍କ ମୃତଦେହ ଜବତ

ଝାରସୁଗୁଡ଼ା ଅଫିସ,୮।୮

ଝାରସୁଗୁଡା ଜିଲା ବେଲପାହାଡ ଥାନା ଲିଲାରୀ କୋଲ୍‌ମାଇନ୍ସ ନିକଟ ଯୋରାବଗା ଜଙ୍ଗଲରୁ ପୋଲିସ୍ ସୋମବାର ଜଣେ ମହିଳାଙ୍କ ଗଳିତ ମୃତଦେହକୁ ଝୁଲନ୍ତା ଅବସ୍ଥାରେ ଜବତ କରିଛି । ୨ସପ୍ତାହ ତଳେ ଯୋରାବଗା ଗ୍ରାମର ଜଣେ ମହିଳା ନିଖୋଜ ହୋଇଥିବାନେଇ ପୋଲିସ୍‌ରେ ଅଭିଯୋଗ ହୋଇଛି। ମୃତଦେହ ଚିହ୍ନଟ ପାଇଁ ନିଖୋଜ ମହିଳାଙ୍କ ପରିବାର ଲୋକଙ୍କୁ ଡକାଯାଇଥିଲା। ହେଲେ ଏହାକୁ ପରିବାର ଲୋକେ ଚିହ୍ନଟ କରିବା ସମ୍ଭବ ହୋଇ ନ ଥିଲା । ପରିବାର ଲୋକେ ଚାହିଁଲେ ପୋଲିସ୍ ଏହାର ଡିଏନ୍‌ଏ ପରୀକ୍ଷା କରିବବୋଲି କହିଛି। ବେଲପାହାଡ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ୯/୨୨) ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

## ସଂକ୍ଷେପରେ

### ଟାଇଁସରଠାରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

**କୁଚିଣ୍ଡା, ୮।୮(ଡି.ଏନ.ଏ.):** କୁଚିଣ୍ଡା ବ୍ଲକ ଟାଇଁସର ପଞ୍ଚାୟତର କଦୋପଡାସ୍ଥିତ ରାଜୀବ ଭବନ ସେବାକେନ୍ଦ୍ରଠାରେ ସୋମବାର ବ୍ଲକ ପ୍ରଶାସନ ପକ୍ଷରୁ ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଟାଇଁସର, କୁସୁମୀ, କୁନ୍ତରା, ସାଲେଭାଡି ଓ କୁ-ଜମନକିରା ଏଭଳି ୫ଟି ପଞ୍ଚାୟତକୁ ନେଇ ହୋଇଥିବା ଶିବିରରେ ବିଡିଓ ନିରଞ୍ଜନ ସା, ତହସିଲଦାର ପ୍ରତିମା ମିଞ୍ଜ, ବ୍ଲକ ଅଧ୍ୟକ୍ଷ ଭୁବନେଶ୍ୱର କିଷାନ, ଜିଲାପରିଷଦ ସଦସ୍ୟ ଦିବ୍ୟରାଜ କିଷାନ, ଅତିରିକ୍ତ ବିଡିଓ ସହଦେବ ନନ୍ଦଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗର ଶୁଣାଣି କରିଥିଲେ। ଶିବିରରେ ମୋଟ ୮୦ ଗୋଟି ଅଭିଯୋଗ ଆସିଥିଲା। ତନ୍ମଧ୍ୟରୁ ୨୪ ଗୋଟି ଭତ୍ତା ଜନିତ, ୮ଗୋଟି ଜମି ପଟ୍ଟା ଏବଂ ୪୮ଗୋଟି ଅନ୍ୟାନ୍ୟ ଅଭିଯୋଗ ରହିଥିଲା। ଏହି ଅବସରରେ ୮ ଜଣଙ୍କୁ ଜମିପଟ୍ଟା, ୫ଜଣଙ୍କୁ ଭତ୍ତା ଓ ଶିକ୍ଷା ବିଭାଗ ପକ୍ଷରୁ ୫ ଛାତ୍ରୀଛାତ୍ରଙ୍କୁ ସ୍କୁଲ ପୋଷାକ ବଣ୍ଟନ କରାଯାଇଥିଲା। ଏଥିରେ ସରପଞ୍ଚ ରାଜେନ୍ଦ୍ର କିଷାନ, ପ୍ରମୋଦ କିଷାନ, ସଂକୀର୍ତ୍ତନ କିଷାନ, ସୁନିତା କିଷାନ, ପବିତ୍ର କିଷାନଙ୍କ ସମେତ ପଞ୍ଚାୟତ ପିଇଓମାନେ ଉପସ୍ଥିତ ଥିଲେ।

### ଆଜାଦୀ କା ଅମୃତ ମହୋତ୍ସବ ପାଳନ

**ଜମନକିରା,୮।୮(ଡି.ଏନ.ଏ.):** ଜମନକିରା ବ୍ଲକ ଡିମିରିମୁଣ୍ଡା ପଞ୍ଚାୟତ ଶଗଡେଶ୍ୱର ମନ୍ଦିର ପ୍ରାଙ୍ଗଣରେ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଆଜାଦୀ କା ଅମୃତ ମହୋତ୍ସବ ପାଳନ କରାଯାଇଛି। ମନ୍ଦିର ପରିଚାଳନା କମିଟି ପକ୍ଷରୁ କୁଚିଣ୍ଡା କଲେଜର ଏନ୍‌ଏସ୍‌ଏସ୍ ୟୁନିଟ୍‌କୁ ନିମନ୍ତ୍ରଣ କରାଯାଇଥିଲା। କଲେଜ ଅଧ୍ୟକ୍ଷ ଶ୍ରୀକାନ୍ତ ପଟେଲ ମୁଖ୍ୟଅତିଥି ରୂପେ ଯୋଗଦେଇ ବୃକ୍ଷରୋପଣର ଆବଶ୍ୟକତା ଉପରେ ବାର୍ତ୍ତା ପ୍ରଦାନ କରିଥିଲେ। ଜିଲା ପରିଷଦ ଜୋନ ୨ ସଭ୍ୟା ତନୟା ଧରୁଆ, ସରପଞ୍ଚ ପ୍ରହ୍ଲାଦ ଧରୁଆ, ନୃପଲାଲ ପଲେଇ, ସୁରଥ ନାଏକ ଅତିଥି ଭାବେ ଯୋଗଦେଇଥିଲେ। ମନ୍ଦିର ପରିସରରେ ଅନୁଷ୍ଠିତ ବୃକ୍ଷରୋପଣ, ସଫେଇ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ଅଧାପକ କିରଣ ମହାପାତ୍ର, ସଞ୍ଜୁଶ୍ରୀ ସାହୁ, ଅଭିନ୍ନ କିଷାନ, ଭିକାରି ଓରାମ ଉପସ୍ଥିତ ରହି ତଦାରଖ କରିଥିଲେ। ମନ୍ଦିର କମିଟି ସଭାପତି ରୁଦ୍ର ନାରାୟଣ ବେହେରା, ସମ୍ପାଦକ ସୁମନ୍ତ ବେହେରା, ସୁରେଶ ମେହେର, ବିକାଶ ମହାକୁଲ, ମହେନ୍ଦ୍ର ବାଘ ଉପସ୍ଥିତ ଥିଲେ।

### ଭୋଜପୁରରେ ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି

**ଜମନକିରା,୮।୮(ଡି.ଏନ.ଏ.):** ଜମନକିରା ବ୍ଲକ ଭୋଜପୁର ପଞ୍ଚାୟତ ସଭାଗୃହରେ ସୋମବାର ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡ଼ିଓ ଟୁନୁ ମେହେର ଅଧ୍ୟକ୍ଷତା କରିଥିବା ବେଳେ ତହସିଲଦାର ଡ. ସୌମ୍ୟାରୁପା ରଥ ଶିବିର ପରିଚାଳନା କରିଥିଲେ। ଏଥିରେ ମୁଖ୍ୟତଃ ଗୋଷ୍ଠୀ ଶିକ୍ଷା ବିଭାଗ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ଡ୍ରେସ, ଦୁଇଟି ସ୍କୁଲକୁ ଜମି ପଟ୍ଟା, ବସୁନ୍ଧରା ଯୋଜନାରେ ଜମିପଟ୍ଟା ଓ ବିବିଧ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସମନ୍ୱିତ ଶିଶୁ ବିକାଶ ବିଭାଗ ପକ୍ଷରୁ ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ପନିପରିବା ଚାଷ ପାଇଁ ବିହନ, କୃଷି ବିଭାଗ ପକ୍ଷରୁ ମୁଗ, ବିରି ଆଦି ବିହନ ଯୋଗାଣ କରାଯାଇଥିଲା। ଶିବିରରେ ବ୍ଲକ ଓ ପଞ୍ଚାୟତ ସ୍ତରୀୟ ବିଭିନ୍ନ ଲାଇନ ବିଭାଗର ଅଧିକାରୀ ଓ କର୍ମଚାରୀ, ସରପଞ୍ଚ, ସମିତି ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ଶେଷରେ ବିଡ଼ିଓ ମେହେର ଧନ୍ୟବାଦ ଦେଇଥିଲେ।

## ଜିଏମ୍‌ୟୁ ମ୍ୟାନେଜମେଣ୍ଟ ବିଭାଗରେ ବିଭିନ୍ନ ପ୍ରତିଯୋଗିତା

ସମ୍ବଲପୁର,୮।୮(ବ୍ୟୁରୋ)


ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କ ସହ ଅତିଥିମାନେ।

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ)ର ମ୍ୟାନେଜମେଣ୍ଟ ବିଭାଗ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଏନ୍ ନାଗାରାଜୁଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣ କରାଯାଇଥିଲା। କୁଳସଚିବ ଯୁଗଳେଶ୍ୱରୀ ଦାସ ଓ ସ୍ନାତକୋତ୍ତର ଅଧ୍ୟକ୍ଷ ପ୍ରଫେସର ସୁଶାନ୍ତ କୁମାର ଦାସ ଉପସ୍ଥିତ ରହି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ମ୍ୟାନେଜମେଣ୍ଟ ବିଭାଗୀୟ ମୁଖ୍ୟ ଡ଼. ଶ୍ରୀନିବାସ ଦାସ କାର୍ଯ୍ୟକ୍ରମ ପରିଚାଳନା ଓ ଅଧାପିକା ଶିବାନୀ ଶର୍ମା ଧନ୍ୟବାଦ ଦେଇଥିଲେ। ତିନିଦିନ ବ୍ୟାପୀ କାର୍ଯ୍ୟକ୍ରମ ହୋଇଥିଲା। ପ୍ରଥମ ଦିନର ଫୁଡ୍ ଫେଷ୍ଟିଭାଲ୍‌ରେ ଅମିୟ ପରିଡା, ବିଶେଶ୍ୱର ସାହୁ ଓ ଶୁଭମ ପ୍ରଧାନଙ୍କୁ ବିଜେତା ଭାବେ ପୁରସ୍କୃତ କରାଯାଇଥିଲା। ସେହିପରି ମ୍ୟାନେଜମେଣ୍ଟ ପୋଷ୍ଟର ପେଣ୍ଟିଂରେ ସମୀକ୍ଷା ପୁରୋହିତ ପ୍ରଥମ, ଏକତା ପଣ୍ଡା ଓ ଚଞ୍ଚଳ ଶର୍ମା ଯୁଗ୍ମ ଦ୍ୱିତୀୟ ଓ ସୋନିଆ ସାଙ୍ଗ ଏବଂ ସେଜଲ ଧର ଯୁଗ୍ମ ତୃତୀୟ ହୋଇଛନ୍ତି। କେସ୍ ଷ୍ଟଡି ବିତର୍କରେ ଏକତା ପଣ୍ଡା ପ୍ରଥମ, ସତ୍ୟଜିତ ନାୟକ ଦ୍ୱିତୀୟ ଓ ସପନ ରାନୀ ନାୟକ ତୃତୀୟ, ଜଷ୍ଟ ଏ ମିନିଟରେ ଅର୍ଚ୍ଚିତା ବାବୁ ଓ ଭିଶାଖା ପାଣ୍ଡେ ଯୁଗ୍ମ ପ୍ରଥମ, ସତ୍ୟଜିତ ନାୟକ ଓ ହର୍ଷିତା ତ୍ରିବେଦୀ ଯୁଗ୍ମ ଦ୍ୱିତୀୟ ଏବଂ ସ୍ୱଚ୍ଛ ସଳିତା ଓ ଜୋତ୍ସ୍ନା ରାନୀ ମିଶ୍ର ଯୁଗ୍ମ ତୃତୀୟ ହୋଇଥିଲେ। ତୃତୀୟ ଦିନରେ ବିଜ୍ଞାପନ ଅଭିଯାନରେ ବିବିଏ ଛାତ୍ର କାର୍ତ୍ତିକ ଅଗ୍ରୱାଲ, ହର୍ଷିତା ତ୍ରିବେଦୀ, ନନ୍ଦିନୀ ପଟ୍ଟନାୟକ, ଆଦିତ୍ୟ ପଟ୍ଟନାୟକ ଓ ଗାଜି ଆମଦ୍ ଶ୍ରେଷ୍ଠ ବିଜେତା ହୋଇଥିଲେ ।

## ପୌରାଞ୍ଚଳରେ ବୁଷ୍ଟର ଡୋଜ୍ ଟିକାକରଣ

ଝାରସୁଗୁଡ଼ା ଅଫିସ,୮।୮

ଝାରସୁଗୁଡା ପୌର ପରିଷଦ ଅନ୍ତର୍ଗତ ସାରସମାଲ ଓ ବୁରୋମାଲଠାରେ ସ୍ୱାସ୍ଥ୍ୟ ବିଭାଗ ଓ ଜିଲା ଜନସଚେତନ ନାଗରିକ ମଞ୍ଚ ଅନୁକୂଲ୍ୟରେ ବୁଷ୍ଟର ଡୋଜ୍ ଟିକାକରଣ ଶିବିର ଆୟୋଜନ କରାଯାଇଥିଲା। ସାରସମାଲ ଶିବିରରେ ୨୫୦ ଜଣଙ୍କୁ ଟିକା ଦିଆଯାଇଥିଲା। ଏହି ଶିବିରକୁ ଝାରସୁଗୁଡା ପୌର ପରିଷଦର ଭାଇସ ଚେୟାରମ୍ୟାନ ବେଣୁଗୋପାଳ ପାଣିଗ୍ରାହୀ ଉଦ୍‌ଘାଟନ କରିଥିଲେ। ସେହିପରି ବୁରୋମାଲ ସ୍କୁଲରେ ହୋଇଥିବା ଶିବିରରେ ୨୫୦ ଜଣ ଟିକା ନେଇଥିଲେ। ଏହି ଶିବିରକୁ ୨୧ନଂ. କାଉନସିଲର ନିତାରାଣୀ ସାହା ଉଦ୍‌ଘାଟନ କରିଥିଲେ। ସ୍ୱାସ୍ଥ୍ୟ ବିଭାଗର ଡା. ସୁପ୍ରଭା ବାରିକ ଉପସ୍ଥିତ ରହି ତଦାରଖ କରିଥିଲେ। ଜନ ସଚେତନ ନାଗରିକ ମଞ୍ଚ ସଭାପତି ରଘୁମଣୀ ପଟେଲ, ଉପସଭାପି ପିଣ୍ଟୁ ପାଢ଼ୀ, ସାଧାରଣ ସମ୍ପାଦକ ପବନ ସୁଲତାନିଆ, ତୁଳସୀ ଦାସ, ଜୟ ପ୍ରକାଶ କୁଅଁର, ରୁଦ୍ର ସାହା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।


ଶିବିରରେ ଜଣେ ବ୍ୟକ୍ତିଙ୍କୁ ବୁଷ୍ଟର ଡୋଜ୍ ଦିଆଯାଉଛି।

## ଯୁବକଙ୍କ କ୍ଷତବିକ୍ଷତ ମୃତଦେହ ଜବତ

ଝାରସୁଗୁଡ଼ା ଅଫିସ,୮।୮

ଝାରସୁଗୁଡ଼ା ଜିଲା ରେଙ୍ଗାଲି ଥାନା ଅନ୍ତର୍ଗତ ୪୯ନଂ ଜାତୀୟ ରାଜପଥ ପଞ୍ଚଗାଁ ସିଂହଡାବା ନିକଟ ରାସ୍ତା ଉପରୁ ପୋଲିସ ଜଣେ ଯୁବକଙ୍କ କ୍ଷତବିକ୍ଷତ ମୃତଦେହ ଜବତ କରିଛି। ମୃତକଙ୍କ ପରିଚୟ ମିଳିପାରି ନାହିଁ। ଯୁବକଙ୍କ ବୟସ ୩୫ରୁ ୪୦ବର୍ଷ ହେବ ବୋଲି ପୋଲିସ ଅନୁମାନ କରୁଛି। ଯୁବକ ଜଣଙ୍କ ରାସ୍ତାରେ ଯାଉଥିବାବେଳେ କୌଣସି ଗାଡି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଛି ବୋଲି ଆଇଆଇସି କ୍ରେସାନିଆ ସାମାରିଆ କହିଛନ୍ତି। ଏ ନେଇ ରେଙ୍ଗାଲି ପୋଲିସ ଏକ ମାମଲା (ନଂ୧୪୦/୨୨) ରୁଜୁକରି ତଦନ୍ତ ଚଳାଇଛି।

## ଶୈବ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼

କୁଚିଣ୍ଡା,୮।୮(ଡି.ଏନ.ଏ.)

ଶ୍ରାବଣ ମାସର ଶେଷ ସୋମବାର ଯୋଗୁ କୁଚିଣ୍ଡା ଉପଖଣ୍ଡର ବିଭିନ୍ନ ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ପ୍ରତ୍ୟୁଷରୁ ଭକ୍ତମାନେ ମାନସିକ ପୂରଣ ନିମନ୍ତେ ବିଭିନ୍ନ ଶୈବପୀଠରେ ମହାଦେବଙ୍କୁ ଜଳ ଲାଗି ପାଇଁ ଧାଡି ଲଗାଇଥିଲେ। କେହି କେହି ରବିବାର ସନ୍ଧ୍ୟାରୁ ଜଳଭାର ଧରି ଆସି ସକାଳୁ ଜଳଲାଗି କରିଥିଲେ। ଏଥିପାଇଁ ବିଭିନ୍ନ ଛକରେ ବୋଲବମ ଭକ୍ତମାନଙ୍କ ପାଇଁ ଭୋଜନବ୍ୟବସ୍ଥା ହୋଇଥିଲା। ଉପଖଣ୍ଡର ମୁକ୍ତେଶର, ଶଗଡେଶ୍ୱର, କିରାଶାସନ, କୁଚିଣ୍ଡା, ପାନପାଲି, ପାରୁଆଭାଡି, ଜୟପୁରଗଡ, କୁର୍ମୁଲୋଇ, ଦୋଭାୟା, ମହାବୀରଧାମ ଆଦି ଶିବାଳୟରେ ଶ୍ରଦ୍ଧାଳୁଙ୍କ ଗହଳି ଲାଗିଥିଲା। ବିଭିନ୍ନ ମନ୍ଦିରରେ ଭକ୍ତମାନଙ୍କ ପାଇଁ ଅନ୍ନଭୋଗ ମଧ୍ୟ ଆୟୋଜନ କରାଯାଇଥିଲା।

## ରଫି ଓ ମୁକେଶଙ୍କୁ ସ୍ୱରାଞ୍ଜଳି

ସମ୍ବଲପୁର,୮।୮(ବ୍ୟୁରୋ)


ଧନୁପାଲି ଚେତନା ନାଟ୍ୟ ମଣ୍ଡପଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମ।

ଚେତନା ନାଟ୍ୟାନୁଷ୍ଠାନ ପକ୍ଷରୁ ଦିଲନେ ଫିର ୟାଦ କିୟା କାର୍ଯ୍ୟକ୍ରମ ସମ୍ବଲପୁରର ଧନୁପାଲି ଚେତନା ନାଟ୍ୟ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ସହରର ବିଭିନ୍ନ ଅଞ୍ଚଳରୁ କଳାକାରମାନେ ସାମିଲ ହୋଇ ହିନ୍ଦୀ ଚଳଚ୍ଚିତ୍ର ଜଗତର ପ୍ରସିଦ୍ଧ ଗାୟକ ମହମ୍ମଦ ରଫି ଓ ମୁକେଶଙ୍କୁ ସ୍ୱରାଞ୍ଜଳି ଅର୍ପଣ କରିଛନ୍ତି। ସନ୍ତୋଷ ମିଶ୍ର, ତ୍ରିଲୋଚନ ତ୍ରିପାଠୀ, କାହ୍ନୁକେଶବ ବହିଦାର, ଅଶୋକ ପଟ୍ଟନାୟକ, ଆର୍ କୁମାର ନନ୍ଦ, ସ୍ୱରୂପ ପୁରୋହିତ, ପ୍ରଭାତ କୁମାର ନନ୍ଦ, ସୁଦାମ ପଣ୍ଡା, ମାନସ ଷଡ଼ଙ୍ଗୀ, ଉମାଶିଷ ଦାସ, ଚେତନାମୟୀ ବେହେରା, ଆଶ୍ଳେଷା ମିଶ୍ର ପ୍ରମୁଖ ଗୀତ ଗାନ କରିଥିଲେ। ପ୍ରାରମ୍ଭରେ ପଶ୍ଚିମାଞ୍ଚଳର ପ୍ରତିଷ୍ଠିତ ସଙ୍ଗୀତଜ୍ଞ ଶ୍ରୀରାମ ଲୁହାରଙ୍କ ତିରୋଧାନରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

## ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ସମୀକ୍ଷା ବୈଠକ

ସମ୍ବଲପୁର,୮।୮(ବ୍ୟୁରେ)

ରାଜ୍ୟ ଉଚ୍ଚ ଶିକ୍ଷାମନ୍ତ୍ରୀ ଇଂ. ରୋହିତ ପୂଜାରୀ ସୋମବାର ବୁର୍ଲା ଅଶୋକ ନିବାସଠାରେ ଶିକ୍ଷା ସମ୍ବନ୍ଧୀୟ ସମୀକ୍ଷା କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟ କାର୍ଯ୍ୟନିର୍ବାହୀ କୁଳପତି ପ୍ରଫେସର ସଂଯୁକ୍ତା, କୁଳସଚିବ ଡ. ନୃପରାଜ ସାହୁ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଏନ୍ ନାଗାରାଜୁ, ଉପକୁଳସଚିବ ଡ. ଉମାଚରଣ ପତି, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅର୍କକୁମାର ଦାଶ ମହାପାତ୍ର, ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶିକା ପ୍ରଫେସର ପ୍ରଭାବତୀ ଗୁରୁ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ କଲେଜ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଡ. ଶ୍ୟାମ ଭୋଇ, ସରକାରୀ ମହିଳା କଲେଜ ଅଧ୍ୟକ୍ଷା ଡ. ରାଜଶ୍ରୀ ବରାଳ ଯୋଗଦେଇଥିଲେ।

## ହିଣ୍ଡାଲ୍‌କୋ ପକ୍ଷରୁ କୃଷକଙ୍କୁ ପାୱାର ଟିଲର ପ୍ରଦାନ

ସମ୍ବଲପୁର,୮।୮(ବ୍ୟୁରୋ)

କୃଷି ଓ କୃଷକମାନଙ୍କ ବିକାଶ ପାଇଁ ହିଣ୍ଡାଲ୍‌କୋ କମ୍ପାନୀ ପକ୍ଷରୁ ବିଭିନ୍ନ କୃଷିଭିତ୍ତିକ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ସ୍ଥାନୀୟ ମହମ୍ମଦପୁର ଗ୍ରାମର ଚମାରପଡ଼ାଠାରେ କମ୍ପାନୀ ୧୨ଜଣ କୃଷକଙ୍କୁ ନେଇ ମା' ସମଲେଶ୍ୱରୀ କୃଷକ ସଂଗଠନ ଗଠନ କରିଛି। କମ୍ପାନୀ କ୍ଲଷ୍ଟର ମୁଖ୍ୟ କୈଳାସ ପାଣ୍ଡେଙ୍କ ନିର୍ଦ୍ଦେଶରେ ମା' ସମଲେଶ୍ୱରୀ କୃଷକ ସଂଘର କୃଷକମାନଙ୍କୁ ପାୱାରଟିଲର ପ୍ରଦାନ କରାଯାଇଛି। ଏହା ସେମାନଙ୍କୁ ସହାୟକ ହେବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ କୃଷି ଅଧିଦର୍ଶକ ଯୋଗୀନ୍ଦ୍ର ମୁଣ୍ଡା, ରେମେଡ କୃଷିସେବା ସମବାୟ ସମିତି ସମ୍ପାଦକ ନୀତେଶ କୁମାର ସାହୁ ଉପସ୍ଥିତ ଥିଲେ। ହିଣ୍ଡାଲ୍‌କୋର ଆଇଆର୍ ମୁଖ୍ୟ ବିକାଶ ଶର୍ମା, ଟ୍ରେନିଂ ମୁଖ୍ୟ ପ୍ରଶାନ୍ତ ଗୁପ୍ତା, ପରିବେଶ ବିଭାଗର ସହପରିଚାଳକ ବିଶ୍ୱଜିତ ପରିଡ଼ା, ସିଏସ୍‌ଆର୍ ମୁଖ୍ୟ ସୁକାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କୃଷକ ସଂଘ ସଭାପତି ବେଣୁ ରୋହିଦାସ, ସମ୍ପାଦକ ଗଣେଶ ରୋହିଦାସଙ୍କ ସହ ସମସ୍ତ ସଭ୍ୟ ଉପସ୍ଥିତ ରହି ଅତିଥିମାନଙ୍କଠାରୁ ପାୱାରଟିଲର ଗ୍ରହଣ କରିଥିଲେ।


ହିଣ୍ଡାଲ୍‌କୋ ପକ୍ଷରୁ ପାୱାରଟିଲର ପ୍ରଦାନ କରାଯାଉଛି ।

# ସ୍ଥାୟୀ ବାସିନ୍ଦାଙ୍କୁ ବିଧାୟକ ପ୍ରାର୍ଥୀ ଘୋଷଣା କର

ସମ୍ବଲପୁର,୮।୮(ବ୍ୟୁରୋ)


ବୈଠକରେ ଉପସ୍ଥିତ ଦଳୀୟ ନେତୃବୃନ୍ଦ।

**ରେଢ଼ାଖୋଲ ନିର୍ବାଚନମଣ୍ଡଳୀ**

ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀର ପୁରୁଣା ଓ ଯୁବ କର୍ମକର୍ତ୍ତାମାନେ ସୋମବାର ଏକ ବୈଠକ କରି ୨୦୨୪ ସାଧାରଣ ନିର୍ବାଚନରେ ଏହି କ୍ଷେତ୍ରର ପ୍ରାର୍ଥୀ ପାଇଁ ଜଣେ ସ୍ଥାୟୀ ବାସିନ୍ଦାଙ୍କ ନାମ ଘୋଷଣା କରାଯାଉ ବୋଲି ଦାବି କରିଛନ୍ତି। ଯୁଯୁମୁରା ବ୍ଲକ ଦେବଝରନଠାରେ ଅନୁଷ୍ଠିତ ଭାଜପା ସମାବେଶରେ ଏହି ମତ ପ୍ରକାଶ ପାଇଥିଲା। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କୃଷକମୋର୍ଚ୍ଚା ଆହ୍ୱାନ କ୍ରମେ ସଭାରେ ପ୍ରତାପ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଭାରତମାତାଙ୍କ ପୂଜନ ପରେ ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମକୁ କିଭଳି ପାଳନ କରିବେ ସେ ନେଇ ଆଲୋଚନା ହୋଇଥିଲା। ପରେ ଦଳ ସଂଗଠନ ନେଇ ନେତାମାନେ ମତ ରଖିଥିଲେ। ସେମାନେ ଦର୍ଶାଇଥିଲେ, ଏବେ ରେଢାଖୋଲ ଦାୟିତ୍ୱରେ ଥିବା ନେତୃତ୍ୱ ପୁରୁଣା କର୍ମୀଙ୍କୁ ଅଣଦେଖା କରୁଛନ୍ତି। ସେମାନେ ଦଳୀୟ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଉନାହାନ୍ତି। ଦଳର ରାଜ୍ୟ, ଜିଲା, ବ୍ଲକସ୍ତରୀୟ ନେତୃତ୍ୱ ରହିଛନ୍ତି। ହେଲେ ସେମାନଙ୍କୁ ମଧ୍ୟ ଅଣଦେଖା କରାଯାଉଛ। ରେଢାଖୋଲ ନିର୍ବାଚନ ମଣ୍ଡଳୀରେ ସ୍ଥାୟୀ ବାସିନ୍ଦାଙ୍କୁ ପ୍ରାର୍ଥୀ କରାଯାଉ ନାହିଁ। ଯେଉଁମାନଙ୍କୁ ଦଳ ପ୍ରାର୍ଥୀ କରୁଛି ସେମାନେ ଗ୍ରାମାଞ୍ଚଳ ଲୋକଙ୍କ ସହ ସମ୍ପର୍କ ରଖୁ ନାହାନ୍ତି। କେବଳ ନିର୍ବାଚନ ସମୟରେ ଆସି ଭୋଟ ଭିକ୍ଷା କରୁଛନ୍ତି। ତେଣୁ ଲୋକମାନେ ଗ୍ରହଣ କରୁନାହାନ୍ତି। ରାଜ୍ୟ ଓ ଜିଲାସ୍ତରୀୟ ନେତାମାନେ ଏହା ଉପରେ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଦାବି କରିଥିଲେ। ଆଗକୁ ନିର୍ବାଚନ ମଣ୍ଡଳୀରେ ଭାଜପା ଯେଭଳି ଭଲ ପ୍ରଦର୍ଶନ କରିବ ସେ ନେଇ ଏକଜୁଟ ହୋଇ କାମ କରିବାକୁ ସ୍ଥିର ହୋଇଥିଲା। ବୁର୍ଡା ସରପଞ୍ଚ ରାଜା ପାଳ, କୁମାରେଶ ସ୍ୱାଇଁ, ସଞ୍ଜୟ କୁମାର, ସାହୁ, ରାଜେନ୍ଦ୍ର ବେହେରା, ସତ୍ୟନାରାୟଣ ପ୍ରଧାନ, ଅଜିତ କୁମାର ପ୍ରଧାନ, ଆଶୁତୋଷ ପ୍ରଧାନ, ହରିହର ସାହୁ, ଚନ୍ଦ୍ରମଣୀ ସାହୁ, ଅଶୋକ କୁମାର ସାହୁ, ହରିହର ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

**ସେନ୍‌ସେକ୍ସ ୪୬୫ ପଏଣ୍ଟ ବୃଦ୍ଧି**

ନୂଆଦିଲ୍ଲୀ: ଗତ ସପ୍ତାହର ଷ୍ଟକ୍ ବଜାର କାରବାର ହ୍ରାସ ଓ ବୃଦ୍ଧି ମଧ୍ୟରେ ଶେଷ ହୋଇଥିଲା। ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସରେ ଶେୟାର ବଜାରର ନିବେଶକଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ଫଳରେ ଏହାର ନିବେଶକମାନେ ପୂର୍ବ କ୍ଷତିର କିଛି ଅଂଶ ଭରଣା କରିପାରିଛନ୍ତି। ସୋମବାର ଉଭୟ ସେନ୍‌ସେକ୍ସ ଓ ନିଫ୍ଟିରେ ପ୍ରାୟ ୧% ବୃଦ୍ଧି ଘଟିଥିବା ବେଳେ ସେନ୍‌ସେକ୍ସ ୪୬୫ (୪୬୫.୧୪) ପଏଣ୍ଟ ବଢ଼ି ୫୮,୮୫୩ (୫୮,୮୫୩.୦୭) ଅଙ୍କରେ କାରବାର ବନ୍ଦ କରିଛି। ସେହିପରି ନିଫ୍ଟି-୫୦ରେ ମଧ୍ୟ ୧୨୮ (୧୨୭.୬୦) ପଏଣ୍ଟ ବୃଦ୍ଧି ଘଟି ୧୭,୫୨୫ (୧୭,୫୨୫.୧୦) ଅଙ୍କରେ କାରବାର ଶେଷ କରିଥିବା ସୂଚନା ମିଳିଛି।

## ସଂକ୍ଷେପରେ

### ୨ ବର୍ଷ ହେଲା ଦରମା ନେଇ ନାହାନ୍ତି ମୁକେଶ

ମୁମ୍ବାଇ,୮।୮: ଦେଶର ପ୍ରମୁଖ ବାଣିଜ୍ୟିକ ପ୍ରତିଷ୍ଠାନ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ (ଆରଆଇଏଲ)ର ଅଧ୍ୟକ୍ଷ ମୁକେଶ ଅମ୍ବାନୀ ବିଗତ ୨ବର୍ଷ ହେଲା ରିଲାଏନ୍ସ ଇଣ୍ଡଷ୍ଟ୍ରିଜରୁ ଟଙ୍କାଟିଏ ମଧ୍ୟ ଦରମା ଆକାରରେ ନେଇନାହାନ୍ତି। କୋଭିଡ ମହାମାରୀ ଯୋଗୁ କମ୍ପାନୀ ଉପରେ ଉଭୟ ବାଣିଜ୍ୟିକ ଓ ଅର୍ଥନୈତିକ ପ୍ରଭାବ ପଡ଼ିଥିବାରୁ ସେ ଜୁନ୍ ୨୦୨୦ରେ କହିଥିଲେ ଯେ, ଆର୍ଥିକ ବର୍ଷ ୨୦୨୦-୨୧ ବର୍ଷ ପାଇଁ କମ୍ପାନୀରୁ ଏକ ଟଙ୍କା ବି ଦରମା ଆକାରରେ ନେବେ ନାହିଁ। ତେବେ ଚଳିତ ଆର୍ଥିକ ବର୍ଷ ୨୦୨୧-୨୨ ପାଇଁ ମଧ୍ୟ ସେ ବିନା ଦରମାରେ କାମ କରିବା ନେଇ ମଧ୍ୟ କହିଛନ୍ତି। ଗତ ୨ ବର୍ଷ ମଧ୍ୟରେ ସେ କୌଣସି ଭତ୍ତା, ଅବସରକାଳୀନ ଭତ୍ତା, ଅନ୍ୟାନ୍ୟ ସୁବିଧା ସୁଯୋଗ ନେଇନଥିବା ବେଳେ ଚଳିତ ବର୍ଷ ମଧ୍ୟ କୌଣସି ସୁବିଧା ସୁଯୋଗ କମ୍ପାନୀଠାରୁ ନେବେ ନାହିଁ ବୋଲି ଆର୍ଥିକ ବର୍ଷ ୨୦୨୦-୨୧ର ବାର୍ଷିକ ରିପୋର୍ଟରୁ ଜଣାପଡିଛି।

### ଫୋର୍ଡର ସନନ୍ଦ ପ୍ଲାଣ୍ଟକୁ କିଣିବ ଟାଟା ମୋଟର୍ସ

ନୂଆଦିଲ୍ଲୀ,୮।୮: ଦଶର ପ୍ରମୁଖ ୪ ଚକିଆ ଯାନ ନିର୍ମାତା ଫୋର୍ଡ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ (ଏଫଆଇପିଏଲ)ର ଗୁଜରାଟସ୍ଥିତ ସନନ୍ଦ ପ୍ଲାଣ୍ଟକୁ ଟାଟା ମୋଟର୍ସର ସହାୟକ କମ୍ପାନୀ ଟାଟା ପାସେଞ୍ଜର ଇଲେକ୍ଟ୍ରିକ ମୋବିଲିଟି ଲିମିଟେଡ (ଟିପିଇଏମଏଲ) କିଣିବ ବୋଲି ଜଣାପଡିଛି। ଏ ନେଇ ମଧ୍ୟ ରବିବାର ଦୁଇ କମ୍ପାନୀ ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ ହୋଇଯାଇଛି। ଏପରିକି ଫୋର୍ଡର ଉକ୍ତ କାରଖାନାକୁ ଟାଟା ପ୍ରାୟ ୭୨୬ କୋଟି ଟଙ୍କାରେ କ୍ରୟ କରିବ ବୋଲି ସୂଚନା ମିଳିଛି। ସେହିଭଳି ଉକ୍ତ କାରଖାନାର ଜମି ଓ କୋଠା ସାଙ୍ଗକୁ ଯାନ ନିର୍ମାଣ ୟୁନିଟ, କାରଖାନା ପରିସରରେ ଥିବା ସମସ୍ତ ମେଶିନ ଓ ଅନ୍ୟାନ୍ୟ ଉପକରଣ ଆଦିକୁ ଟାଟା ହାସଲ କରିବ। ଅପରପକ୍ଷରେ ଏଫଆଇପିଏଲର ଯାନ ନିର୍ମାଣ କାର୍ଯ୍ୟରେ ନିୟୋଜିତ ସମସ୍ତ ଯୋଗ୍ୟ କର୍ମଚାରୀମାନେ ମଧ ଟାଟା ଅଧୀନକୁ ଆସିବେ ବୋଲି କୁହାଯାଇଛି। ତେବେ ନିୟାମକ ସଂସ୍ଥାଗୁଡ଼ିକର ମଞ୍ଜୁରୀ ମିଳିବା ପରେ ଉକ୍ତ ରାଜିନାମା ବିଧିବଦ୍ଧ ଭାବେ କାର୍ଯ୍ୟକ୍ଷମ ହେବ।

# ଷ୍ଟୋର୍, ଇ-କମର୍ସର ସମ୍ପ୍ରସାରଣ କରିବ ଆର୍‌ଆଇଏଲ୍

ମୁମ୍ବାଇ,୮।୮

ଦେଶର ପ୍ରମୁଖ ବାଣିଜ୍ୟିକ ପ୍ରତିଷ୍ଠାନ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (ଆର୍‌ଆଇଏଲ୍) ପକ୍ଷରୁ ରିଟେଲ୍ କ୍ଷେତ୍ରରେ ୨୦୨୧-୨୨ ଆର୍ଥିକ ବର୍ଷରେ ୩୦,୦୦୦ କୋଟି ଟଙ୍କା ନିବେଶ କରାଯାଇଛି। ସେହିଭଳି ଗତ ଆର୍ଥିକ ବର୍ଷରେ କମ୍ପାନୀ ୨,୫୦୦ ନୂଆ ଷ୍ଟୋର୍ ଯୋଡ଼ିଥିବା ବେଳେ ଏହାର ମୋଟ ଷ୍ଟୋର ସଂଖ୍ୟା ୧୫,୧୯୬ ରେ ପହଞ୍ଚିଛି। ହାରାହାରି ଭାବେ ରିଲାଏନ୍ସ ରିଟେଲ୍ ଦୈନିକ ସାତଟି ଷ୍ଟୋର୍ ଖୋଲିଛି। ଏହି ଆର୍ଥିକ ବର୍ଷରେ ରିଲାଏନ୍ସ ରିଟେଲ୍ ୧୧.୧ ନିୟୁତ ବର୍ଗଫୁଟର ଓ୍ୱାର ହାଉସ୍ ସ୍ଥାନ ଯୋଡ଼ିଛି। ଫଳରେ କମ୍ପାନୀର ଓ୍ୱାରହାଉସ୍ ସ୍ଥାନ ପରିମାଣ ୨୨.୭ ନିୟୁତ ବର୍ଗଫୁଟକୁ ବୃଦ୍ଧି ପାଇଛି ବୋଲି ଆର୍‌ଆଇଏଲ୍‌ର ୨୦୨୧-୨୨ ବାର୍ଷିକ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସେହିପରି ଆର୍‌ଆଇଏଲ୍‌ର ବାର୍ଷିକ ରିପୋର୍ଟ ଅନୁଯାୟୀ, ରିଲାଏନ୍ସ ରିଟେଲ୍ ଗତ ଆର୍ଥିକ ବର୍ଷରେ ୧.୫ ଲକ୍ଷରୁ ଅଧିକ ନିଯୁକ୍ତି ଯୋଡ଼ିଥିବାରୁ କମ୍ପାନୀର ମୋଟ କର୍ମଚାରୀ ସଂଖ୍ୟା ୩.୬୧ ଲକ୍ଷକୁ ବୃଦ୍ଧି ପାଇଛି। ନିଜର ସୋର୍ସିଂ ବ୍ୟବସ୍ଥାକୁ ଦୃଢ଼ କରିବା ଲାଗି କମ୍ପାନୀ ଉତ୍ପାଦନକାରୀ, ଏମ୍‌ଏସ୍‌ଏମ୍‌ଇ, ସେବା ପ୍ରଦାନକାରୀ ଓ ସ୍ଥାନୀୟ ଓ ଆନ୍ତର୍ଜାତିକ ବ୍ରାଣ୍ଡ୍ କମ୍ପାନୀସହ ଯୋଡ଼ି ହୋଇ କାମ କରିଛି। ଅପରପକ୍ଷରେ ପୂର୍ବବର୍ଷ ତୁଳନାରେ ୨୦୨୧-୨୨ ଆର୍ଥିକ ବର୍ଷରେ କମ୍ପାନୀର ବ୍ୟବସାୟୀ ସହଭାଗିତା ଓ ଡିଜିଟାଲ୍ କମର୍ସ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ ସହ ମୋଟ ରାଜସ୍ୱର ୧୭%ରେ ପହଞ୍ଚିଛି, ଯାହା ୨୦୨୦-୨୧ ବର୍ଷରେ ୧୦% ରହିଥିଲା। ଆଗାମୀ ଦିନରେ ରିଲାଏନ୍ସ ରିଟେଲ୍ ଏହାର ନୂଆ ଷ୍ଟୋର୍ ସମ୍ପ୍ରସାରଣକୁ ତ୍ୱରାନ୍ୱିତ କରିବା ଓ ଡିଜିଟାଲ୍ କମର୍ସ ବ୍ୟବସାୟକୁ ବଢ଼ାଇବା ଉପରେ ଗୁରୁତ୍ୱାରୋପ କରିବ ବୋଲି ବାର୍ଷିକ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଗତ ଆର୍ଥିକ ବର୍ଷରେ ରିଲାଏନ୍ସ ରିଟେଲ୍ ନ୍ୟୁ କମର୍ସ କ୍ଷେତ୍ରରେ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛି। ବ୍ୟବସାୟୀ ସହଭାଗୀଙ୍କ ସଂଖ୍ୟା ୩ଗୁଣା ବଢ଼ିଥିବା ବେଳେ ଡିଜିଟାଲ୍ କମର୍ସ ଅର୍ଡର ପର୍ବ ବର୍ଷ ତୁଳନାରେ ଅଢ଼େଇ ଗୁଣା ବୃଦ୍ଧି ହୋଇଛି। ସେହିଭଳି, ପଞ୍ଜୀକୃତ ଗ୍ରାହକଙ୍କ ସଂଖ୍ୟା ୨୪% ବୃଦ୍ଧି ପାଇ ୧୯.୩ କୋଟିରେ ପହଞ୍ଚିଛି। ଏହି ଆର୍ଥିକ ବର୍ଷରେ ରିଲାଏନ୍ସ ରିଟେଲ୍ କଞ୍ଜ୍ୟୁମର ଇଲେକ୍ଟ୍ରୋନିକ୍ସ ଓ ଫାର୍ମା ବ୍ୟବସାୟୀଙ୍କ ପାଇଁ ନ୍ୟୁ କମର୍ସ ସେବାର ଶୁଭାରମ୍ଭ କରିଥିଲା। ୨୦୨୧-୨୨ରେ କମ୍ପାନୀ ଜଷ୍ଟ ଡାଏଲ୍‌ର ସିଂହଭାଗ ଅଂଶଧନ କିଣିବା ସହ ବହୁ ଭାରତୀୟ ଓ ବିଦେଶୀ ବ୍ରାଣ୍ଡ୍‌ର ଫ୍ରାଞ୍ଚାଇଜ ଅଧିକାରକୁ ମଧ୍ୟ ଅଧିଗ୍ରହଣ କରିଥିଲା। ସେ ସବୁ ନେଇ କମ୍ପାନୀ ନୂଆ ବ୍ରାଣ୍ଡ୍ ବିକାଶ କରିବ, ଅଧିଗ୍ରହଣର ସମନ୍ୱୟ କରିବ ଓ ନୂଆ ବ୍ୟବସାୟର ଶୁଭାରମ୍ଭ ସହ ତାହାକୁ ବ୍ୟାପକ କରିବ। ୨୦୨୨ ମାର୍ଚ୍ଚ ୩୧ସୁଦ୍ଧା ଶେଷ ହୋଇଥିବା ଗତ ଆର୍ଥିକ ବର୍ଷରେ ରିଲାଏନ୍ସ ରିଟେଲ୍ ପ୍ରାୟ ୨ଲକ୍ଷ କୋଟି ଟଙ୍କାର କମ୍ପାନୀରେ ପରିଣତ ହୋଇଛି ଓ ଆଲୋଚ୍ୟ ଆର୍ଥିକ ବର୍ଷରେ ଏହାର ବିକ୍ରି ଓ ସେବାର ମୂଲ୍ୟ ୧,୯୯,୭୪୯ କୋଟି ଟଙ୍କା ରହିଥିଲା। ଭାରତର କ୍ଷୁଦ୍ର ସହରଗୁଡ଼ିକ ଯୋଗୁ ଏହି ଅଭିବୃଦ୍ଧି ସମ୍ଭବ ହୋଇଛି। ରିଲାଏନ୍ସ ରିଟେଲ୍‌ର ଦୁଇ ତୃତୀୟାଂଶ ଷ୍ଟୋର୍ ଟିୟର-୨ ସହର କିମ୍ବା ତା'ଠାରୁ ଛୋଟ ସହରଗୁଡ଼ିକରେ ରହିଛି। ଛୋଟ ସହରଗୁଡ଼ିକରେ ଆଗୁଆ ପହଞ୍ଚିଥିବା କାରଣରୁ କମ୍ପାନୀ ଗ୍ରାହକମାନଙ୍କୁ ପାଖରେ ରଖିପାରିଛି।







ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ସାରା ଦେଶରେ 'ଆଜାଦୀ କା ଅମୃତ ମହୋତ୍ସବ' ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ସୋମବାର ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ମୁଖ୍ୟାଳୟ ମୁମ୍ବାଇଠାରେ 'ଦି ୟୁନିଟ୍ ରନ'ର ୨ୟ ସଂସ୍କରଣକୁ ଇଣ୍ଡିଆର ଫିଟନେସ୍ ଆଇକନ ମିଲିନ୍ଦ ସୋମନ୍ ଏବଂ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର ଏମଡି ତଥା ସିଇଓ ଏ.ମଣିମେଖାଲାଇ ଏବଂ ଅନ୍ୟମାନେ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

## ପାର୍ବଣରେ ବଢ଼ିବ ଗାଡି ବିକ୍ରି

ନୂଆଦିଲ୍ଲୀ,୮।୮: ଚଳିତ ବର୍ଷର ପାର୍ବଣକୁ ଆଖି ଆଗରେ ରଖି ଦେଶର ପ୍ରମୁଖ ଅଟୋମୋବାଇଲ୍ସ କମ୍ପାନୀଗୁଡିକ ସେମାନଙ୍କର ନୂଆ ନୂଆ ମଡେଲ୍‌ର ଉନ୍ମୋଚନ କରାଉଛନ୍ତି। ଫଳରେ ଆଗାମୀ ପାର୍ବଣ ଋତୁରେ ଉଭୟ କାର୍ ଓ ବାଇକ ବିକ୍ରିରେ ବଡ଼ ଧରଣର ବୃଦ୍ଧି ହେବ ବୋଲି ଆଶା କରାଯାଉଛି। ଉଲ୍ଲେଖଯୋଗ୍ୟ ଯେ ଚଳିତ ପାର୍ବଣ ଋତୁ ରାଖୀ ପୂର୍ଣ୍ଣିମାଠାରୁ ଆରମ୍ଭ ହୋଇ ଦୀପାବଳି ପର୍ଯ୍ୟନ୍ତ ଚାଲିଥାଏ। ପ୍ରତିବର୍ଷ ପାର୍ବଣ ସମୟରେ ଅଧିକ ଗାଡ଼ି ବିକ୍ରି ହୋଇଥାଏ। ହେଲେ କୋଭିଡ ଯୋଗୁ ଗତ କିଛି ବର୍ଷ ହେବ ଗାଡି ବିକ୍ରିର ସଂଖ୍ୟା ବ୍ୟାପକ ପରିମାଣରେ ହ୍ରାସ ଘଟିଛି। ଅପରପକ୍ଷରେ ଚଳିତ ବର୍ଷ ପାର୍ବଣରେ ଯାନ ବିକ୍ରି ସଂଖ୍ୟା ପୂର୍ବ ବର୍ଷ ଅପେକ୍ଷା ଅଧିକ ରହିବ ବୋଲି ଫାଡାର ସଭାପତି ଭିଙ୍କେଶ ଗୁଲାଟି ମତବ୍ୟକ୍ତ କରିଛନ୍ତି।

# ଇଓ୍ୱାଇ ଇଣ୍ଡିଆ ସହ ଜେଏସ୍‌ଏଲ୍‌ର ସହଭାଗିତା

ନୂଆଦିଲ୍ଲୀ,୮।୮

ଦେଶର ପ୍ରମୁଖ କନସଲଟାନ୍‌ସି ସଂସ୍ଥା ଏର୍ନଷ୍ଟ ଆଣ୍ଡ ୟଙ୍ଗ୍ (ଇଓ୍ୱାଇ) ଇଣ୍ଡିଆ ସହ ଜିନ୍ଦଲ ଷ୍ଟେନ୍‌ଲେସ ଲିମିଟେଡ (ଜେଏସ୍‌ଏଲ୍) ମଧ୍ୟରେ ଏକ ସହଭାଗିତା ନିକଟରେ ସ୍ଥାପିତ ହୋଇଛି। ଫଳରେ ଉଭୟ ସଂସ୍ଥାର ମିଳିତ ସହଯୋଗରେ ଜେଏସ୍‌ଏଲ୍ ତା'ର ବ୍ୟାପକ ପରିବେଶ, ସାମାଜିକ ଓ ପ୍ରଶାସନିକ ଲକ୍ଷ୍ୟ ହାସଲ ପାଇଁ ଏକ ସୁଚିନ୍ତିତ ପଦକ୍ଷେପ ଗ୍ରହଣ କରିଛି। ସେହିଭଳି ଏକ ଦାୟିତ୍ୱସମ୍ପନ୍ନ କର୍ପୋରେଟ ହାଉସ ଭାବେ ଜେଏସ୍‌ଏଲ୍ ଏକ ସ୍ଥାୟୀ ଉତ୍ପାଦନ କରିବାକୁ ପ୍ରତିଶ୍ରୁତିବଦ୍ଧ ରହିଛି। ଜିନ୍ଦଲ ଷ୍ଟେନ୍‌ଲେସ ନିର୍ବାଚିତ ଇସିଜି ସୂଚକାଙ୍କ ଅନୁଯାୟୀ ଏହାର ପ୍ରସ୍ତୁତି ଆକଳନ ଆରମ୍ଭ କରିଛି। କମ୍ପାନୀର ବିକାଶ ପାଇଁ ଇଓ୍ୱାଇ ଏଲ୍‌ଏଲ୍‌ପିକୁ ଜେଏସ୍‌ଏଲ୍ ଅଂଶୀଦାର ଭାବେ ନିଯୁକ୍ତ କରିଛି। ଏପରିକି କମ୍ପାନୀ ମଧ୍ୟ ଏହାର ଜିଏଚଜି ନିର୍ଗମନର ପୂର୍ବାନୁମାନ କରିବା ଓ ବୈଜ୍ଞାନିକ ଆଧାରିତ ଲକ୍ଷ୍ୟ ପୂରଣ କରିବାକୁ କାର୍ଯ୍ୟପନ୍ଥା ଗ୍ରହଣ କରିଛି। ଜେଏସ୍‌ଏଲ୍‌ର ପରଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଦେଶରେ ଷ୍ଟିଲ ଉଦ୍ୟୋଗର ଏକ ଅଗ୍ରଦୂତ ଭାବେ ଆମେ ଉତ୍ପାଦନ ପ୍ରଣାଳୀରେ ସ୍ଥାୟୀ ଅଭ୍ୟାସ ପ୍ରଣୟନ କରି ଉନ୍ନତ ମାନର ଉତ୍ପାଦ ସୃଷ୍ଟି କରିବା ଲାଗି ଉପଯୁକ୍ତ ପନ୍ଥା ଗ୍ରହଣ କରୁଛୁ। ଆମେ ଦୃଢ଼ ଭାବେ ବିଶ୍ୱାସ କରୁ ଯେ ସ୍ଥିରତା, ସାମାଜିକ ଉନ୍ନତି, ଉତ୍ତମ ପ୍ରଶାସନ, ଡିକାର୍ବନାଇଜେଶନ, ବର୍ଜ୍ୟବସ୍ତୁ ପରିଚାଳନା ଓ ଡିଜିଟାଲ କାର୍ଯ୍ୟକାରିତାରେ ଦକ୍ଷ ପ୍ରଣାଳୀକୁ ମୁତୟନ କରିଛୁ। ଆମର ଏହି ପଦକ୍ଷେପରେ ଇଓ୍ୱାଇ ଆମକୁ ସହଯୋଗ କରୁଥିବାରୁ ଆମେ ବହୁତ ଖୁସି ଏବଂ ଆମର ଇସିଜି ଓ ସ୍ଥିରତା କାର୍ଯ୍ୟଗୁଡ଼ିକରେ ଆମର ସହଭାଗୀମାନଙ୍କ ସହ ମିଶି ଉନ୍ନତି ହାସଲ କରିବାକୁ ବିଶ୍ୱାସ ରଖିଛୁ। ସେହିପରି ଇଓ୍ୱାଇ ଇଣ୍ଡିଆର ଚେୟାରମ୍ୟାନ ତଥା ସିଇଓ ରାଜୀବ ମେମାନି କହିଛନ୍ତି, ପରିଚାଳନାରେ ସ୍ଥିରତା ଆଣିବା ପାଇଁ ବିନିଯୋଗ କରୁଥିବା ସଂସ୍ଥାଗୁଡ଼ିକର ଏକ ପ୍ରତିଯୋଗିତାମୂଳକ ସୀମା ରହିଛି। ଅଙ୍ଗାରକାମ୍ଳ ନିର୍ଗମନ ଓ ଷ୍ଟେନ୍‌ଲେସ ଷ୍ଟିଲ ଉତ୍ପାଦନରେ ହେଉଥିବା ଶକ୍ତି ଖର୍ଚ୍ଚ ପାଇଁ ଏକ ସୁଚିନ୍ତିତ ରୋଡ ମ୍ୟାପ ଆବଶ୍ୟକ କରେ।

# ସପ୍‌ସିର ରାଖୀ ପୂର୍ଣ୍ଣିମା ଅଫର

ନୂଆଦିଲ୍ଲୀ,୮।୮

ଚଳିତ ରାଖୀ ପୂର୍ଣ୍ଣିମାରେ ଫ୍ଲିପ୍‌କାର୍ଟର ସପ୍‌ସି ପକ୍ଷରୁ ରାଖୀ ଓ କମ୍ବୋ ଅଫର୍ ଘୋଷଣା କରାଯାଇଛି । ସୁଲଭଠାରୁ ଆରମ୍ଭ କରି ଫ୍ୟାନ୍ସି, ଦାମୀଠାରୁ ଆରମ୍ଭ କରି ସାଧାରଣ ରାଖୀ ପର୍ଯ୍ୟନ୍ତ ବିଭିନ୍ନ ବିଭାଗରେ ବହୁମାତ୍ରାରେ ବିକଳ୍ପ ଉପଲବ୍ଧ ସହ ସପ୍‌ସିରେ କେବଳ ୩୯ ଟଙ୍କାରେ ସମସ୍ତଙ୍କ ପାଇଁ କିଛି ନା କିଛି ଉପଲବ୍ଧ ରହିଛି। ପାରମ୍ପରିକ ରାଖୀରେ ଏକ କିଛି ନୂତନ ସାମିଲ କରି ବ୍ରେସ୍‌ଲେଟ୍ ରାଖୀଗୁଡିକ କୁଲ୍ ଆକ୍‌ସେସରିଜ୍ ଭାବେ ଦ୍ୱିଗୁଣିତ ହୋଇଛନ୍ତି। ସପ୍‌ସି ଆପ୍‌ରେ ଏହାକୁ ୮୯ଟଙ୍କାର ପ୍ରାରମ୍ଭିକ ମୂଲ୍ୟରେ ପାଇପାରିବେ। ଚୟନ କରିବା ପାଇଁ ରହିଥିବା ଏକ ବିସ୍ତୃତ ଶୃଙ୍ଖଳାର ରାଖୀ ଓ ଚକୋଲେଟ୍ ସହ ଆପଣଙ୍କ ପାଖରେ ଏକ କମ୍ବୋକୁ କଷ୍ଟୋମାଇଜ୍ କରିବାର ବିକଳ୍ପ ମଧ୍ୟ ରହିଛି। ସପ୍‌ସି ଆପ୍‌ରେ ଏହାକୁ ୯୯ଟଙ୍କାର ପ୍ରାରମ୍ଭିକ ମୂଲ୍ୟରେ ପାଇପାରିବେ। ସପ୍‌ସି ଆପ୍‌ରୁ ଡିଜାଇନ୍‌ର ରାଖୀକୁ ମାତ୍ର ୯୯ଟଙ୍କାର ପ୍ରାରମ୍ଭିକ ମୂଲ୍ୟରେ ଏବଂ ୧୦ଟି ଆକର୍ଷଣୀୟ ରାଖୀ ଥିବା ଏକ ସିଙ୍ଗଲ୍ ସେଟ୍‌କୁ ସପ୍‌ସିରେ ୯୯ଟଙ୍କାର ପ୍ରାରମ୍ଭିକ ମୂଲ୍ୟରେ ପାଇପାରିବେ । ରାକ୍ଷୀର ଏକ ସମ୍ମିଶ୍ରଣ ସହ କେବଳ ପିଲାମାନଙ୍କ ପାଇଁ ନୁହେଁ ବରଂ ହୃଦୟରୁ ସବୁବେଳେ ପିଲାଥିବା ବ୍ୟକ୍ତିଙ୍କ ପାଇଁ ମଧ୍ୟ ଆଦର୍ଶ ରାଖୀ ରହିଛି, ଯାହାକୁ ସପ୍‌ସିରେ ୫୯ ଟଙ୍କାର ପ୍ରାରମ୍ଭିକ ମୂଲ୍ୟରେ ପାଇପାରିବେ।

## ଫୁର୍‌ସତ

# ସବୁଠାରୁ ସୁନ୍ଦର ମମି



ନୂଆଦିଲ୍ଲୀ: ମାତ୍ର ୨ ବର୍ଷ ବୟସରେ ୧୯୨୦ରେ ଇଟାଲିର ରୋଜାଲିଆ ଲୋମ୍ବାର୍ଡୋଙ୍କ ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁର କାରଣ ନିମୋନିଆ ବୋଲି କୁହାଯାଉଛି। ରୋଜାଲିଆଙ୍କ ମମି ବର୍ତ୍ତମାନ ନର୍ଥସିକିଲିର ପାଲେରମୋରେ ଥିବା କାପୁଚିନ୍ କାଟାକୋମ୍ବସ୍‌ର ଶୋଭା ବଢ଼ାଉଛି। ମମିରେ ରୋଜାଲିଆ ସ୍ପଷ୍ଟ ଭାବେ ଦେଖାଯାଉଥିବାବେଳେ ଏହାକୁ ବିଶ୍ୱର ସବୁଠାରୁ ସୁନ୍ଦର ମମିର ମାନ୍ୟତା ଦିଆଯାଇଛି। ରୋଜାଲିଆଙ୍କ ମମି ପାଇଁ କାପୁଚିନ୍ କାଟାକୋମ୍ବସ୍‌କୁ ପ୍ରଚୁର ସଂଖାରେ ପର୍ଯ୍ୟଟକ ବୁଲିବାକୁ ଆସୁଥିବା କୁହାଯାଉଛି। ପାଖାପାଖି ୮ ହଜାର ମମି ସେଠାରେ ରଖାଯାଇଛି। କିନ୍ତୁ କୌଣସି ମମି ରୋଜାଲିଆଙ୍କ ମମି ପରି ସତେଜ୍ ନୁହେଁ। ତାଙ୍କ ମୁଣ୍ଡ କେଶ ଓ ଚର୍ମରେ କୌଣସି ପ୍ରକାର ପରିବର୍ତ୍ତନ ଦେଖାଯାଇ ନ ଥିବାବେଳେ ଅନ୍ୟ ମମିଙ୍କ ପରି ରୋଜାଲିଆଙ୍କ ମମିରେ ପ୍ରିଜରଭେଟିଭ୍ ବ୍ୟବହାର କରାଯାଉଛି। ରୋଜାଲିଆ ଆଖି ପତା ଉପର ତଳ କରୁଥିବା ଦେଖିଛନ୍ତି। ଅନ୍ୟପଟେ କେତେଜଣ ଏହାକୁ ମହମରେ ତିଆରି ବୋଲି କହୁଛନ୍ତି। ଏକ୍ସ-ରେ ରିପୋର୍ଟ ମୁତାବକ ରୋଜାଲିଆଙ୍କ କଙ୍କାଳ ଓ ଶରୀରର ଅନ୍ୟ ଅଙ୍ଗ ପ୍ରତ୍ୟଙ୍ଗରେ କୌଣସି ପରିର୍ତ୍ତନ ହୋଇ ନଥିବାବେଳେ ତାଙ୍କ ମସ୍ତିଷ୍କର ୫୦ ପ୍ରତିଶତ ଶୁଖିଯାଇଥିବା ଜଣାପଡ଼ିଛି।

# ସାମନ୍ଥାଙ୍କ ସଂଘର୍ଷ କାହାଣୀ



ସାମନ୍ଥା ରୁଥ ପ୍ରଭୁ

ହାଇଦ୍ରାବାଦ: ସାଉଥ୍ ଫିଲ୍ମ ଇଣ୍ଡଷ୍ଟ୍ରିର ଖ୍ୟାତନାମା ନାୟିକା ଭାବେ ଜଣାଯାଉଥିବା ସାମନ୍ଥା ରୁଥ ପ୍ରଭୁ ଏବେ ପୁଣି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। ନିକଟରେ ଏକ କଲେଜ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ସେ ତାଙ୍କ ସଂଘର୍ଷ ବେଳର କାହାଣୀ କହିଛନ୍ତି, ଯାହାର ଭିଡିଓ କ୍ଲିପ୍ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ୍ ହେବାରେ ଲାଗିଛି। ଫିଲ୍ମ ଇଣ୍ଡଷ୍ଟ୍ରିକୁ ଆସିବା ପୂର୍ବରୁ ଅନେକ ଘରୋଇ ସଂସ୍ଥାରେ ସେ ଚାକିରି କରିଥିଲେ। ରୋଜଗାର ଟଙ୍କାରେ ଚଳିବା ଖୁବ୍ କଷ୍ଟକର ଥିଲା। କିନ୍ତୁ ଜୀବନରେ କିଛି କରିଦେଖାଇବାର ଆଗ୍ରହ ତାଙ୍କ ମନରୁ ହଟି ନ ଥିଲା। ଏଭଳି ପରିସ୍ଥିତିରେ ଦିନକୁ ମାତ୍ର ଦୁଇଓଳା ଖାଇ ସେ ରହିଥିବା କହିଛନ୍ତି। ସାଉଥ୍ ଇଣ୍ଡଷ୍ଟ୍ରିରେ କାମ କରିବା ସେ ଯେତେବେଳେ ଆରମ୍ଭ କଲେ ସେତେବେଳେ ତାଙ୍କ ପାଖରେ କିଛି ନ ଥିଲା। ବହୁ କଷ୍ଟ କରିବା ପରେ ତାଙ୍କୁ ଫିଲ୍ମରେ କାମ କରିବାର ସୁଯୋଗ ମିଳିଥିବାବେଳେ କ୍ୟାରିୟର୍‌ରେ ସଫଳତା ପାଇବା ପାଇଁ ତାଙ୍କୁ ବହୁ ପରିଶ୍ରମ କରିବାକୁ ପଡ଼ିଥିବା ସେ କହିଛନ୍ତି।

ଅନେକ ତାମିଲ ଓ ତେଲୁଗୁ ଫିଲ୍ମରେ ସାମନ୍ଥାଙ୍କ ଦମ୍‌ଦାର ଅଭିନୟ ଦେଖିବାକୁ ମିଳିଥିବାବେଳେ ନାୟିକା ଜଣକ ଏବେ ବଲିଉଡ୍‌ରେ ଡେବ୍ୟୁ କରିବା ପାଇଁ ଯାଉଥିବା କୁହାଯାଉଛି। କଫି ୱିଥ୍ କରନ ସିଜନ୍ ୭ରେ ସାମନ୍ଥା ପ୍ରଥମ ଥର ପାଇଁ କରନଙ୍କ ଅତିଥି ହୋଇ ଆସିଥିଲେ।

# ଦୃଢ଼ ଇଚ୍ଛାଶକ୍ତି ଥିଲେ ସବୁ ସମ୍ଭବ



ଓଟାଓ୍ୱା: କାନାଡାର ଚାର୍ଲି ବୁଲିବାକୁ ଖୁବ୍ ପସନ୍ଦ କରନ୍ତି। ପ୍ରତିବର୍ଷ ସେ ବିଭିନ୍ନ ଦେଶ ବୁଲିବାକୁ ଯାଆନ୍ତି। ଗୋଟିଏ ହାତ ଓ ଅର୍ଦ୍ଧ ବିକଶିତ ଗୋଡ଼ରେ ଚାର୍ଲିଙ୍କ ଜନ୍ମ। ସାଧାରଣ ଲୋକଙ୍କଠାରୁ ଚାର୍ଲି ଭିନ୍ନ ହୋଇଥିଲେ ମଧ୍ୟ ଏ ନେଇ ସେ କେବେ ଅବସୋସ କରନ୍ତି ନାହିଁ। ନିଜର ଅକ୍ଷମତାକୁ ନିଜର ବଳ ଭାବେ ସେ ପ୍ରୟୋଗ କରିଥିବା କୁହନ୍ତି। ଚାର୍ଲି ଯେତେବେଳେ ତାଙ୍କ ମା'ଙ୍କ ପେଟରେ ଥିଲେ ସେ ସମୟରେ ତାଙ୍କ ମା' ଗର୍ଭପାତ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। କିନ୍ତୁ ସେଥିରେ ସେ ସଫଳ ହୋଇ ନ ଥିଲେ । ତେବେ ଚାର୍ଲିଙ୍କ ଅର୍ଦ୍ଧ ବିକଶିତ ଶରୀରର ଏହା ମୁଖ୍ୟ କାରଣ ବୋଲି ତାଙ୍କ ମା' କୁହନ୍ତି। ଗର୍ଭଧାରଣ ବେଳେ ଚାର୍ଲିଙ୍କ ମା'ଙ୍କୁ ଖୁବ୍ କମ୍ ବୟସ ହୋଇଥିଲା। ସେହେତୁ ସେ ଗର୍ଭପାତର ନିଷ୍ପତ୍ତି ନେଇଥିଲେ। ଜଣେ ସାଧାରଣ ପିଲା ଭଳି ଚାର୍ଲି ଏକ ନର୍ମାଲ ସ୍କୁଲରେ ପାଠ ପଢ଼ିଛନ୍ତି। ସ୍କୁଲ, କଲେଜ ସମୟରେ ସେ ଅନେକ ସାଙ୍ଗ ବନେଇଛନ୍ତି। ନିଜର ଭିନ୍ନ ଶରୀର ପାଇଁ ଚାର୍ଲି ଆଦୌ ମନସ୍ତାପ କରି ନ ଥିବା କୁହନ୍ତି।

୧୯ ବର୍ଷ ବୟସରେ ରେଡିଓ ଷ୍ଟେଶନ୍‌ରେ ଆଙ୍କର ଭାବେ ତାଙ୍କୁ ଚାକିରି ମିଳିଥିଲା। ଫ୍ରେଞ୍ଚ ଶିଖିବା ପାଇଁ ସେ ପ୍ରଥମେ ଫ୍ରାନ୍ସ ଯାଇଥିଲେ। ତା' ପରଠାରୁ ବିଭିନ୍ନ ସ୍ଥାନ ବୁଲିବା ନେଇ ତାଙ୍କ ମନରେ ସଉକ ବଢ଼ିଥିବା ସେ କୁହନ୍ତି।


# ପାର୍କରେ ପୁଟିନ୍‌ଙ୍କ 'ରକ୍ତାକ୍ତ ପ୍ରତିମୂର୍ତ୍ତି'



ଲଣ୍ଡନ: ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ଫଳରେ ୟୁରୋପୀୟ ରାଷ୍ଟ୍ରଗୁଡ଼ିକ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ ଘୋର ବିରୋଧ କରୁଛନ୍ତି। ବ୍ରିଟେନର ମାନହାଟ୍ଟାନରେ ଥିବା ଶିଶୁ ଉଦ୍ୟାନରେ ପୁଟିନ୍‌ଙ୍କର ଏକ ପ୍ରତିମୂର୍ତ୍ତି ତିଆରି କରାଯାଇଛି। ଷ୍ଟାଚ୍ୟୁରେ ପୁଟିନ୍ ଏକ ମିଜାଇଲ ଉପରେ ବସିଥିବାବେଳେ ସମ୍ପୂର୍ଣ୍ଣ ମୂର୍ତ୍ତିକୁ ଲାଲ୍ ରଙ୍ଗ ଦିଆଯାଇଛି। ପିଲାମାନେ ଏହାସହ ଖେଳୁଥିବାବେଳେ କେତେଜଣ ଶିଶୁ ମୂର୍ତ୍ତିରେ ବାଲି ଢାଳୁଛନ୍ତି ତ ଆଉ କିଛି ଓ୍ୱାଟର ଗନ୍ ଧରି ତାଙ୍କୁ ଗୁଳି କରୁଥିବାର ଦେଖିବାକୁ ମିଳିଛି। ଫ୍ରାନ୍ସର ଜେମ୍ସ କୋଲାମିନା ଏହି ମୂର୍ତ୍ତି ତିଆରି କରିଛନ୍ତି।

# ପ୍ରେମିକା ମୁଣ୍ଡରୁ ଉକୁଣି ବାଛିଲେ

ନୂଆଦିଲ୍ଲୀ: ସୋସିଆଲ ମିଡିଆରେ ପ୍ରତ୍ୟେକ ଦିନ ଅନେକ ଭିଡିଓ ଭାଇରାଲ ହେଉଛି। ସେଥିରୁ କିଛି ମଜାଳିଆ ଥିବାବେଳେ ଆଉ କିଛି ଅତି ସମ୍ବେଦନଶୀଳ ଭିଡିଓ ମଧ୍ୟ ରହିଥାଏ। ଭାଇରାଲ ହୋଇଥିବା ଏକ ମଜାଳିଆ ଭିଡିଓକୁ ନେଇ ଏବେ ସୋସିଆଲ ମିଡିଆ ୟୁଜର୍ ମିମ୍ ତିଆରି କରିବା ଆରମ୍ଭ କରିଦେଲେଣି। ଜଣେ ଯୁବକ ତାଙ୍କ ପ୍ରେମିକାର ମୁଣ୍ଡରୁ ଉକୁଣି ବାଛୁଥିବାର ଭିଡିଓରେ ଦେଖିବାକୁ ମିଳିଛି। ଦୁହେଁ ସିଡ଼ୀରେ ବସିଥିବାବେଳେ ବଏଫ୍ରେଣ୍ଡ ଜଣକ ପ୍ରେମିକା ମୁଣ୍ଡରୁ ଉକୁଣି ବାଛୁଛନ୍ତି ଏବଂ ତାକୁ ଆଣି ପ୍ରେମିକାଙ୍କୁ ଦେଉଛନ୍ତି। ସୋସିଆଲ ମିଡିଆରେ ଫଟୋ ଭାଇରାଲ ହେବା ପରେ ୟୁଜର ଅନେକ ମଜାଳିଆ କମେଣ୍ଟ ମଧ୍ୟ ଦେଇଛନ୍ତି। କେତେଜଣ ଏହାକୁ ଟ୍ରୁ ଲଭ୍ ବା ପ୍ରକୃତ ପ୍ରେମ କହୁଥିବାବେଳେ କିଛି ଯୁବକଙ୍କୁ ମ୍ୟାନ୍ ଅଫ୍ ଦ କଲ୍‌ଚର ମଧ୍ୟ କହିଛନ୍ତି।



**ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା**

ଦେଓଗାଁ, (ଡି.ଏନ.ଏ): ଦେଓଗାଁ ସରସ୍ୱତୀ ଶିଶୁ ମନ୍ଦିରରେ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ସନ୍ତୋଷ କୁମାର ସାଙ୍କ ସଭାପତିତ୍ୱରେ ହୋଇଥବା ମେଳାରେ ଅତିଥିଭାବେ ପ୍ରଦୀପ୍ତ କୁମାର ସାହୁ, ସମ୍ପିତ କୁମାର ସା ଯୋଗଦେଇଥିଲେ। ବିଚାରକଭାବେ ପ୍ରଦୀପ୍ତ କୁମାର ସାହୁ ଓ ଚାପଧାରୀ ବଗର୍ତ୍ତି ପ୍ରକଳ୍ପ ମୂଲ୍ୟାଙ୍କନ କରିଥିଲେ। ମେଳାରେ ଶିଶୁ ବାଟିକା ବିଭାଗର ୫୦, ପ୍ରଥମରୁ ପଞ୍ଚମ ୬୫ ପ୍ରକଳ୍ପ, ଷଷ୍ଠରୁ ଅଷ୍ଟମ ୩୦, ନବମ ଓ ଦଶମ ଶ୍ରେଣୀର ୧୦ଟି ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା।

## ସଂକ୍ଷେପରେ

### ୧୬୩ ପରୀକ୍ଷାର୍ଥୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ

ଲୋଇସିଂହା, ୮।୮(ଡି.ଏନ.ଏ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ଯୁକ୍ତ ୨ କଳା ପରୀକ୍ଷା ଫଳ ପ୍ରକାଶ ପାଇଛି। ଲୋଇସିଂହା ମହାବିଦ୍ୟାଳୟରେ



ଆୟେଶା ନାଏକ

ପାସ୍‌ହାର ୯୪.୭ ପ୍ରତିଶତ ରହିଛି। ୨୪୫ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୬୩ ଜଣ ପ୍ରଥମ ଶ୍ରେଣୀ, ୪୨ ଜଣ ଦ୍ୱିତୀୟ ଶ୍ରେଣୀ ଏବଂ ୨୭ ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ଲୋଇସିଂହାର ଛାତ୍ରୀ ଆୟେଶା ନାଏକ ୬ଶହରୁ ୫୧୯ ମାର୍କ ରଖି କଲେଜ ଟପ୍ପର ହୋଇଛନ୍ତି। ସ୍ୱାଗତିକା ମିଶ୍ର ୫୧୭, ଅବିନାଶ ମିଶ୍ର ୫୧୧, ଅନୀତା କଲେତ ଓ ଅମ୍ରିତାରାଣୀ ସାହୁ ୫୦୮, କୁସୁମ ରଣା ୫୦୧ ମାର୍କ ରଖିଛନ୍ତି। ସେହିପରି ଏକ୍ସରେଗୁଲାର ୬ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଜଣେ ପ୍ରଥମ ଶ୍ରେଣୀ, ୩ ଜଣ ଦ୍ୱିତୀୟ ଏବଂ ୨ ଜଣ ଫେଲ ହୋଇଛନ୍ତି। କରେସପଣ୍ଡେନ୍ସ କୋର୍ସ ୪ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଜଣେ ମାତ୍ର ପରୀକ୍ଷାର୍ଥୀ ତୃତୀୟ ଶ୍ରେଣୀରେ ପାସ୍ ହୋଇଛନ୍ତି।

### ବିଶିଷ୍ଟ ସାମାଜିକ କର୍ମୀ ଡ. ଅକ୍ଷୟ ନନ୍ଦଙ୍କ ପରଲୋକ

ଭବାନୀପାଟଣା, ୮।୮(ସ୍ୱ.ପ୍ର.): ଆରପାରିରେ କଳାହାଣ୍ଡିର ବିଶିଷ୍ଟ ସାମାଜିକ କର୍ମୀ ଡ. ଅକ୍ଷୟ ନନ୍ଦ। ସମାଜ ସେବାଠାରୁ ଆରମ୍ଭ କରି ଜିଲାର ସ୍ୱାର୍ଥ ପାଇଁ ଲଢେଇ କରୁଥିବା ଶିକ୍ଷାବିତ ଅକ୍ଷୟ ନନ୍ଦଙ୍କ ରବିବାର ଭବାନୀପାଟଣା ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୭୫ ବର୍ଷ ବୟସ ହୋଇଥିଲା। ୧୯୪୫ରେ କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଘୁମେରଗୁଡା ଗ୍ରାମରେ ସ୍ୱର୍ଗତ ନନ୍ଦଙ୍କର ଜନ୍ମ। ସେ ବଲାଙ୍ଗୀର ରାଜେନ୍ଦ୍ର ମହାବିଦ୍ୟାଳୟ ପୂର୍ବତନ ଅଧକ୍ଷ ରହିଥିଲେ। କଳାହାଣ୍ଡି ଜିଲାରେ ବିଶ୍ୱ ବିଦ୍ୟାଳୟ, ସରକାରୀ ମେଡିକାଲ କଲେଜ, ଇଞ୍ଜିନିୟରିଂ କଲେଜ, କୃଷି ମହାବିଦ୍ୟାଳୟ ଆଦି ପ୍ରତିଷ୍ଠା କ୍ଷେତ୍ରରେ ଜିଲାବାସୀଙ୍କ ସ୍ୱପ୍ନକୁ ସେ ସାକାର କରିଥିଲେ। ରବିବାର ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ବର୍ଗ ଓ ସମ୍ପର୍କୀୟ ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଅକ୍ଷୟଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି।

### ଶିଶୁ ମନ୍ଦିର ପୁରାତନ ଛାତ୍ରୀଛାତ୍ରଙ୍କ ବୈଠକ

ମୁରିବାହାଲ, ୮।୮(ଡି.ଏନ.ଏ.): ମୁରିବାହାଲ ସରସ୍ୱତୀ ଶିଶୁ ମନ୍ଦିର ପୁରାତନ ଛାତ୍ରୀଛାତ୍ରଙ୍କ ଏକ ବୈଠକ ସୋମବାର ଅନୁଷ୍ଠିତ ହୋଇଥିଲା। ସ୍କୁଲ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମକୁ ସଫଳ କରିବା ଉପରେ ଆଲୋଚନା କରାଯାଇଥିଲା। ପ୍ରଧାନ ଗୁରୁଜୀ ସୁମନାନନ୍ଦ ଖମାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପୁରାତନ ଛାତ୍ରୀ ସୋନାଲିପ୍ରଭା ସାହୁ, ଅଙ୍କିତା ଖମାରି, ଅର୍ଚ୍ଚନା ଗଣ୍ଡା, ସୌରଭ ପାଣିଗ୍ରାହୀ, ଅର୍ପଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଗୋବିନ୍ଦ ଦାଶ ସଂଯୋଜନା କରିଥିଲେ। ଗୁରୁମା ଜ୍ୟୋତିର୍ମୟୀ ଛନ୍ଦ, ନିଳେନ୍ଦ୍ରୀ ନାଗ, ମନ୍ଦାକିନୀ ଅଗସ୍ତି ପରିଚାଳନାରେ ସହଯୋଗ କରିଥିଲେ।

# ହାତୀନଦୀରେ ବନ୍ୟା, ଚାଷଜମି ଜଳମଗ୍ନ

- ମୁଖ୍ୟରାସ୍ତାରେ ବନ୍ୟାପାଣି, ଯାତାୟାତ ବାଧାପ୍ରାପ୍ତ
- କଳାହାଣ୍ଡି ଜିଲାରେ ଜାରି ରହିଛି ଲଗାଣ ବର୍ଷା

ଭବାନୀପାଟଣା, ୮।୮(ସ୍ୱ.ପ୍ର.)



ହାତୀନଦୀରେ ବନ୍ୟା ଜଳ ପ୍ରବାହିତ ହେଉଛି।

କଳାହାଣ୍ଡି ଜିଲାରେ ଗତ ୨ଦିନ ଧରି ଲଗାଣ ବର୍ଷା ଜାରିବା ଫଳରେ ଅନେକ ନଦୀନାଳର ଜଳ ସ୍ତର ବୃଦ୍ଧି ପାଇବାରେ ଲାଗିଛି। ଅନେକ ମୁଖ୍ୟ ରାସ୍ତାରେ ବଢି ପାଣି ପ୍ରବାହିତ ହେଉଥିବାରୁ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଛି। ଏପରିସ୍ଥଳେ ଉପରମୁଣ୍ଡାରେ ପ୍ରବଳ ବର୍ଷା ଓ ମଙ୍ଗଳପୁର ବ୍ୟାରେଜରୁ ୨ଟି ଗେଟ୍ ଖୋଲିବା ପରେ ରବିବାର ବିଳମ୍ବିତ ରାତିରୁ ଜୁନାଗଡ ସହର ନିକଟ ହାତୀ ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ନଦୀ କୂଳିଆ ଗ୍ରାମବାସୀଙ୍କ ମଧ୍ୟରେ ଭୟର ବାତାବରଣ ଦେଖାଯାଇଛି। ଏହାସହ ସେଠାକାର ଚାଷ ଜମିଗୁଡିକ ଜଳମଗ୍ନ ହୋଇଛି। ଯାହାକୁ ନେଇ ସ୍ଥାନୀୟ ଚାଷୀଙ୍କ ମଧ୍ୟରେ ଏବେ ଚିନ୍ତାର କାରଣ ପାଲଟିଛି। ଚଳିତବର୍ଷ ହାତୀ ନଦୀରେ ଏହା ସବୁଠୁ ବଡ ବନ୍ୟା ବୋଲି ଜଣାପଡ଼ିଛି। ଚିଚିଗୁଡା-ଜୁନାଗଡ ପିଡବ୍ଲୁଡି ମୁଖ୍ୟ ରାସ୍ତାରେ ହାତୀ ନଦୀ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ଯାତାୟାତ ଠପ୍ ହୋଇଛି। ସେହିପରି କୁରୁଗୁଡା-ନାନ୍ଦୋଲ ମୁଖ୍ୟ ରାସ୍ତା, ମାଲପଡା-ଖୁର୍ସେଲଗୁଡା ପୋଲ ଉପରେ ବନ୍ୟା ଜଳ ପ୍ରବାହିତ ହେଉଥିବାରୁ ଯାତାୟାତ ଠପ୍ ହୋଇଛି। ଜୁନାଗଡ ବ୍ଲକ ବଣ୍ଡାକୁଟ୍ରା ନିକଟ ହାଲେର ଜୋର ଆପ୍ରୋଚ ପୋଲରେ ରବିବାର ସନ୍ଧ୍ୟାଠାରୁ ବର୍ଷା ପାଣି ପ୍ରବାହିତ ହେଉଛି। ସେଠାରେ ବିପଦ ରହିଥିବାରୁ ପ୍ରଶାସନ ପକ୍ଷରୁ ଉକ୍ତ ରାସ୍ତା ବନ୍ଦ କରାଯାଇଛି। ଏହା ଯୋଗୁ ଜୁନାଗଡ-ଧର୍ମଗଡ ଜାତୀୟ ରାଜପଥ ୧୩୦ସି ମୁଖ୍ୟ ରାସ୍ତା ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ନୂତନ ପୋଲ କାମ ଅଧାପନ୍ତରିଆ ହୋଇଥିବାରୁ ଆପ୍ରୋଚ ପୋଲରେ ଚଳିତ ବର୍ଷ ଏହାକୁ ମିଶାଇ ୩ଥର ବର୍ଷା ପାଣି ପ୍ରବାହିତ ହୋଇସାରଲାଣି। ହାତୀନଦୀରେ ବନ୍ୟା ଆସିବାରୁ କୂଳରେ ଥିବା କଳମପୁର ବ୍ଲକ ମାଟିଖୋଲ-ବିରିପୁର ରାସ୍ତା ମଧ୍ୟରେ ବନ୍ୟା ଜଳ ପ୍ରବାହିତ ହେଉଛି। ସେହିପରି ସ୍ଥାନୀୟ ଲୋକଙ୍କ ଘରେ ମଧ ବନ୍ୟା ଜଳ ପ୍ରବେଶ କରିଛି।

## ସୁବର୍ଣ୍ଣପୁର ଜିଲା ବରିଷ୍ଠ ନାଗରିକ ସଂଘର ବୈଠକ

ସୋନପୁର, ୮।୮(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ବରିଷ୍ଠ ନାଗରିକ ସଂଘର ବୈଠକ ଅଣଗେଜେଟେଡ କର୍ମଚାରୀ ସମନ୍ୱୟ ସମିତି ସଭାଗୃହରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଡ. ଜ୍ୟୋତିରଞ୍ଜନ ବହିଦାର ବୈଠକରେ ଅଧ୍ୟକ୍ଷତା କରିଥିଲେ। ନାଗରିକ ସଂଘର ଏକ ସ୍ଥାୟୀ ନିଜସ୍ୱ କାର୍ଯ୍ୟାଳୟ ପାଇଁ ଜିଲାପାଳଙ୍କୁ ସଂଘର ଏକ ପ୍ରତିନିଧି ଦଳ ସାକ୍ଷାତ କରି ଆଲୋଚନା କରିବାକୁ ବୈଠକରେ ପ୍ରସ୍ତାବ ଗୃହୀତ ହୋଇଥିଲା। ସେହିପରି ବରିଷ୍ଠ ନାଗରିକମାନଙ୍କ ପାଇଁ ବ୍ୟାଙ୍କ ଓ ଡାକ୍ତରଖାନାରେ ସ୍ୱତନ୍ତ୍ର ସୁବିଧା ଯୋଗାଇ ଦେବାକୁ କର୍ତ୍ତୃପକ୍ଷ ଯତ୍ନବାନ ହେବାକୁ ଅନୁରୋଧ କରାଯାଇଛି। ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ପ୍ରତ୍ୟେକ ମାସର ଶେଷ ଦିନରେ ପେନସନ ଯୋଗାଇବା ପାଇଁ ଦାବି କରାଯିବା ସହ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜନ୍ମଜୟନ୍ତୀ ପାଳନ ପାଇଁ ନିଷ୍ପତ୍ତି ହୋଇଥିଲା। ପ୍ରାରମ୍ଭରେ ସଂଘର ବରିଷ୍ଠ ସଭ୍ୟ ତଥା ମହାରାଜା ହାଇସ୍କୁଲର ପ୍ରାକ୍ତନ ଶିକ୍ଷକ ବିପିନ ବିହାରୀ ମିଶ୍ରଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇ ତାଙ୍କର ଅମର ଆତ୍ମାର ସଦ୍‌ଗତି ପାଇଁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ବୈଠକରେ ସମ୍ପାଦକ ଜ୍ୟୋତିରଞ୍ଜନ ପଟ୍ଟନାୟକ, ବରିଷ୍ଠ ସଭ୍ୟ ବ୍ୟୋମକେଶ ଦାସ, ଡ. ସନ୍ତୋଷ କୁମାର ପାଢୀ, ମନୋରଞ୍ଜନ ବହିଦାର, ସତ୍ୟନାରାୟଣ ମିଶ୍ର ଓ ଉମେଶ ଚନ୍ଦ୍ର ପଣ୍ଡା ପ୍ରମୁଖ ଅଂଶଗ୍ରହଣ କରିଥିଲେ।



ବୈଠକରେ ଉପସ୍ଥିତ ବରିଷ୍ଠ ନାଗରିକ ସଂଘର କର୍ମକର୍ତ୍ତା ବୃନ୍ଦ।

## ଶିବାଳୟରେ ଶ୍ରଦ୍ଧାଳୁଙ୍କ ଭିଡ଼





କେନଝିରିଆପାଲି ମନ୍ଦିରରେ ବୋଲବମ୍ ଭକ୍ତଙ୍କ ଭିଡ।

ଅମରପାଲି, ୮।୮(ଡି.ଏନ.ଏ.)

ଶ୍ରାବଣ ଶେଷ ସୋମବାରରେ ବୀରମହାରାଜପୁର ବ୍ଲକର ବିଭିନ୍ନ ଶିବାଳୟରେ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ଭୋର ସମୟରୁ ବୋଲବମ ଭକ୍ତମାନେ ବିଭିନ୍ନ ଜଳାଶୟରୁ ପାଣି ଧରି ଶିବମନ୍ଦିରଗୁଡିକରେ ଠାକୁରଙ୍କୁ ପାଣି ଢାଳିଥିଲେ। ବୀରମହାରାଜପୁର ଉପକଣ୍ଠ ଚମ୍ପାମାଳସ୍ଥିତ ଚମ୍ପେଶ୍ୱର ଶିବମନ୍ଦିର, ଗୋଧନେଶ୍ୱର ମନ୍ଦିର, ସୁନାରିବେର୍ଣ୍ଣି ମନ୍ଦିର, ବଡବର୍ଡାକଟା ଶିବ ମନ୍ଦିର, ବହଲପଦର ପଞ୍ଚାୟତ କୁନ୍ଦପାଲ ନିକଟସ୍ଥ ଦେଉଳଝରି, ଗୌଡଗାଡ ଶିବମନ୍ଦିର, ଠେଙ୍ଗୋଡ୍ୟାମ ମନ୍ଦିର, କୁଞ୍ଜାପାଲି ଗୁପ୍ତେଶ୍ୱର ମନ୍ଦିର, ପାତାଳି ଶ୍ରୀକ୍ଷେତ୍ର, କେନଝିରିଆପାଲି ମନ୍ଦିର, ମେଣ୍ଡାମାଲ ଶିବମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ହୋଇଥିଲା। ମେଣ୍ଡାମାଲରେ ସାଂସ୍କୃତିକ ଶୋଭାଯାତ୍ରାରେ ବୋଲବମ ଭକ୍ତମାନେ ଆସି ପାଣି ଢାଳିଥିଲେ। ଏଠାରେ ଗଙ୍ଗାଜଳାଭିଷେକ ହୋଇଥିଲା। ସେହିପରି କେଶଲଗା ଶିବମନ୍ଦିରରେ କ୍ଷୀରସାଇ ହୋଇଥିଲା। ଶ୍ରଦ୍ଧାଳୁମାନେ ଉକ୍ତ ମନ୍ଦିରକୁ ଆସି ଠାକୁରଙ୍କୁ ଦର୍ଶନ କରିଥିଲେ। ଏହି ଅବସରରେ ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

### ହର୍ ଘର ତ୍ରିରଙ୍ଗା ଅଭିଯାନରେ ସାମିଲ ହୁଅ

ବୌଦ୍ଧ, ୮।୮(ସ୍ୱ.ପ୍ର.)

ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ସ୍ୱାଧୀନତାର ୭୫ବର୍ଷ ଉପଲକ୍ଷେ ଭାରତବର୍ଷର ପ୍ରତିଟି ଘରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ନିଜ ନିଜ ଘରେ ଜାତୀୟ ପତାକା ଉତ୍ତୋଳନ କରିବାକୁ ପ୍ରେରଣା ଦେଇ ଲୋକଙ୍କ ହୃଦୟରେ ଦେଶଭକ୍ତିର ଭାବନାକୁ ଜାଗ୍ରତ କରିବା ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। ଜିଲାର ପ୍ରତ୍ୟେକ ଡାକଘରେ ତ୍ରିରଙ୍ଗା ପତାକା ୨୫ ଟଙ୍କାରେ ଉପଲବ୍ଧ ହେଉଛି। ସାଧାରଣ ଲୋକ ନିଜ ନିଜ ପାଖ ଡାକଘରୁ ତ୍ରିରଙ୍ଗା ପତାକା କିଣିପାରିବେ। ସେଥିପାଇଁ ଡାକଘରଗୁଡିକରେ ସ୍ୱତନ୍ତ୍ର କାଉଣ୍ଟର ଖୋଲାଯାଇ ଲୋକଙ୍କୁ ତ୍ରିରଙ୍ଗା ପତାକା ବିକ୍ରୟ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜନସାଧାରଣ ଏହି ତ୍ରିରଙ୍ଗା ପତାକା କିଣି ଆସନ୍ତା ୧୩ ତାରିଖଠାରୁ ୧୫ ତାରିଖ ପର୍ଯ୍ୟନ୍ତ ଅହୋରାତ୍ରି ନିଜ ନିଜ ଘର ସମ୍ମୁଖରେ କିମ୍ବା ଛାତ ଉପରେ ଓ କାର୍ଯ୍ୟାଳୟରେ ଉଡାଇପାରିବେ।

## ଗୁରୁଣ୍ଡି ଗୁରୁଣ୍ଡି ମନ୍ଦିର ପହଞ୍ଚିଲେ ବୋଲବମ ଭକ୍ତ

ସିନାପାଲି, ୮।୮(ଡି.ଏନ.ଏ.)

ନୂଆପଡା ଜିଲା ସିନାପାଲି ବ୍ଲକ ସଦର ପଞ୍ଚାୟତ କାପସି ଗ୍ରାମର ବୋଲବମ ଭକ୍ତମାନେ ଶେଷ ସୋମବାରରେ ଉଦନ୍ତୀ ନଦୀରେ ପୂଜାର୍ଚ୍ଚନା କରି ନାଗବମ ଭାବେ ପାଳନ କରିଛନ୍ତି। ପାଖାପାଖି ଏକ କି.ମି. ଦୂର ରାସ୍ତାରେ ୫୦ରୁ ଅଧିକ ଯୁବକ ଗୁରୁଣ୍ଡି ଗୁରୁଣ୍ଡି ଶିବ ମନ୍ଦିର ପହଞ୍ଚିଥିଲେ। ପ୍ରଭୁ ଶିବଙ୍କ ଲିଙ୍ଗରେ ପାଣି ଢାଳିଛନ୍ତି। ଏହି କାର୍ଯ୍ୟକ୍ରମରେ କାପସି ବୋଲବମ କମିଟି ସଭାପତି ଭାଗିରଥି ଦାସ, ଝସକେତନ ରଣା, ନରେଶ କୁମାର ମାଝି, ଅଜୟ ଦାସ, ମନୋଜ ସା, ସିଦ୍ଧାନ୍ତ ସା ପ୍ରମୁଖ ଦାୟିତ୍ୱ ତୁଲାଇଥିବା ବେଳେ ଉଗର ଲୋହାର, ଡାଇମଣ୍ଡ ନିଆଲ, ମନୋଜ ଦାସ, ଗଣେଶ ଦାସ, ହରଲାଲ ମଶ୍ରା, ତପେ ସା, କ୍ଷେତ୍ର ଚିନ୍ଦା, ଭୁପେନ୍ଦ୍ର ସା ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଗ୍ରାମର ମହିଳାଯୁବକମାନେ ସହଯୋଗ କରିଥିଲେ।



ବୋଲବମ ଭକ୍ତମାନେ ଗୁରୁଣ୍ଡି ଗୁରୁଣ୍ଡି ମନ୍ଦିରକୁ ଯାଉଛନ୍ତି।

## କାଠ ବୋଝେଇ ପିକ୍‌ଅପ୍ ଭ୍ୟାନ ଜବତ: ୨ ଗିରଫ

ସୋନପୁର, ୮।୮(ନି.ପ୍ର.)

ସୋନପୁର ଟାଉନ ପୋଲିସ ହରଡଖୋଲ ଛକ ଠାରେ ଚଢାଉ କରି ଶାଳ କାଠ ଚୋରା ଚାଲାଣରେ ନିୟୋଜିତ ଏକ ପିକ୍ ଅପ୍ ଭ୍ୟାନ୍‌କୁ ଧରିବାରେ ସକ୍ଷମ ହୋଇଛି। ଏହି ଘଟଣାରେ ପୋଲିସ କାଠ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଏବଂ କାଠ ଚୋରାଚାଲଣ କରୁଥିବା କଳାହାଣ୍ଡି ଜିଲା ଏମ.ରାମପୁର ଥାନା ରିଷିଡାର ଜଗବନ୍ଧୁ ବରିହା(୨୩) ଓ ଭ୍ୟାନ୍‌ର ଡ୍ରାଇଭର ତଥା ବଲାଙ୍ଗୀର ଜିଲା ତୁଷୁରା ଥାନା କୋଟଗାଁର ମୁକେଶ ମନହିରା(୨୭)ଙ୍କୁ ବନ ବିଭାଗର ଜିମା ଦେଇଥିଲା। ସୋନପୁର ଫରେଷ୍ଟ ରେଞ୍ଜ ଅଫିସ ପକ୍ଷରୁ ୭୮/୨୨ ମୂଳେ ଏକ ମାମଲା ରୁଜୁ କରାଯାଇଥିବା ସୋନପୁର ବନକ୍ଷେତ୍ରାଧିକାରୀ ମନୋରଞ୍ଜନ ବାଘ ସୂଚନା ଦେଇଛନ୍ତି। ବନ ବିଭାଗ ବୋଲେରୋ ପିକ୍‌ଅପ ଭ୍ୟାନ୍ (ନଂ ଓଡି୦୫ଏଏଫ-୫୪୨୭) ଏବଂ ୧୪୧ ଖଣ୍ଡ ସାଇଜ୍ ଶାଳ କାଠ ଜବତ କରିଛି। ସେହିଭଳି କାଠ ବ୍ୟବସାୟୀ ଜଗବନ୍ଧୁ ଓ ଡ୍ରାଇଭର ମୁକେଶଙ୍କୁ ବନ ବିଭାଗ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଚୋରା କାଠ ବ୍ୟବସାୟୀମାନେ କଳାହାଣ୍ଡି, ବଲାଙ୍ଗୀର ଓ ବୌଦ୍ଧ ଜିଲାରୁ କାଠ ଆଣି ସୁବର୍ଣ୍ଣପୁର ଜିଲାରେ ବିକ୍ରି କରୁଥିବା ଅଭିଯୋଗ ହେଉଛି।





ଜବତ ଶାଳ କାଠ ବୋଝେଇ ପିକ୍‌ଅପ୍ ଓ ଗିରଫ ଅଭିଯୁକ୍ତ।

## ୮ ବର୍ଷ ପରେ ଦୁଇ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ଚୋରା ଗଞ୍ଜେଇ ମାମଲା**

ବୌଦ୍ଧ, ୮।୮(ସ୍ୱ.ପ୍ର.)

ବୌଦ୍ଧ ଜିଲା କନ୍ଧମାଳ ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ପେଶାଲ ଜଜ୍ ଶିବ ପ୍ରସାଦ ମହାପାତ୍ର ସୋମବାର ଦିନ ଏକ ଚୋରା ଗଞ୍ଜେଇ ମାମଲାର ବିଚାର କରି ଦୁଇ ଅଭିଯୁକ୍ତଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

ମାମଲାରୁ ପ୍ରକାଶ ଯେ, ଗତ ୧।୬।୨୦୧୪ରେ ମନମୁଣ୍ଡା ଥାନା ଅଧିକାରୀ ଭାବାନନ୍ଦ ପ୍ରଧାନ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲେ, କିରିମାଖୋଲ ଗ୍ରାମରୁ ବ୍ୟାପକ ଗଞ୍ଜେଇ ବାହାରକୁ ଚାଲାଣ ହେବାର ଅଛି। ଏନେଇ ଥାନା ଅଧିକାରୀ ଓ ଅନ୍ୟ କର୍ମଚାରୀମାନେ ଉକ୍ତ ଗ୍ରାମରେ ଚଢାଉ କରିଥିଲେ। ଗାଁ ରାସ୍ତାରେ ଗୋଟିଏ ସ୍ଥାନରେ ୬ ଗୋଟି ବସ୍ତାରେ ଗଞ୍ଜେଇ ଥିବା ବେଳେ କିରିମାଖୋଲ ଗ୍ରାମର ଅଭିଯୁକ୍ତ ଲଙ୍କେଶ୍ୱର ମଲିକ (୬୪) ବୌଦ୍ଧ ଥାନା ତେତେଲେଙ୍ଗା ଗ୍ରାମର ରବିନ୍ଦ୍ର ବାଘ (୪୬)ଙ୍କ ସହ ମିଶି ନିଜ ଘର ଅଗଣାରେ ଅନ୍ୟ ଗଞ୍ଜେଇ ବସ୍ତାଗୁଡିକ ସଜାଇ ରଖୁଥିଲେ। ମନମୁଣ୍ଡା ଥାନା କର୍ମଚାରୀ ଲଙ୍କେଶ୍ୱରଙ୍କ ଘରୁ ୧୦ କୁଇଣ୍ଟାଲ ୩୦ କେଜି ଗଞ୍ଜେଇ ଜବତ କରିବା ସହ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଏନେଇ ପୋଲିସ ମନମୁଣ୍ଡା ଥାନାରେ ନଂ ୬୯/୧୪ରେ ଏକ ମାମଲା ରୁଜୁ କରି ଦୁଇ ଅଭିଯୁକ୍ତ ଲଙ୍କେଶ୍ୱର ଓ ରବିନ୍ଦ୍ରଙ୍କୁ ଗତ ୨।୬।୨୦୧୪ ତାରିଖରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପୋଲିସ ଏହି ମାମଲାରେ ତଦନ୍ତ ଶେଷ କରି କିରିମାଖୋଲ ଗ୍ରାମର ନେପାଳ କହଁର, ରିଷି ମଲିକ, ପୂର୍ଣ୍ଣଚନ୍ଦ୍ର କଅଁର ଓ ଗୁରୁଚାନ୍ଦ ମଲିକଙ୍କ ନାମରେ ମଧ ମାମଲା ରୁଜୁ କରିଥିଲା। କିନ୍ତୁ ଅଭିଯୁକ୍ତ ନେପାଳ, ରିଷି, ପୂର୍ଣ୍ଣଚନ୍ଦ୍ର ଓ ଗୁରୁଚାନ୍ଦ ସେ ସମୟରେ ଫେରାର ହୋଇଯାଇଥିବା ବେଳେ ବର୍ତ୍ତମାନ ଜାମିନରେ ଥିବା ଜଣାପଡିଛି। କିନ୍ତୁ ମାମଲାଟି ଅଭିଯୁକ୍ତ ଲଙ୍କେଶ୍ୱର ଓ ରବିନ୍ଦ୍ରଙ୍କ ପାଇଁ ବିଚାର ହୋଇଥିଲା। ଦୁଇ ଅଭିଯୁକ୍ତଙ୍କ ମାମଲା କନ୍ଧମାଳ ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ପେଶାଲ ଜଜ୍‌ଙ୍କ ଅଦାଲତରେ ସ୍ପେଶାଲ କେସ ନଂ ୨୫/୧୪ ହୋଇ ବିଚାର ହୋଇଥିଲା। ମାମଲାରେ ସରକାରଙ୍କ ପକ୍ଷରୁ ୧୫ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ପେଶାଲ ଜଜ୍ ମହାପାତ୍ର ଦୁଇ ଅଭିଯୁକ୍ତ ଲଙ୍କେଶ୍ୱର ଓ ରବିନ୍ଦ୍ରଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଲଙ୍କେଶ୍ୱର ଓ ରବିନ୍ଦ୍ରଙ୍କ ପକ୍ଷରୁ ମାମଲାକୁ ଆଇନଜୀବୀ ନରୋତ୍ତମ ମେହର ପରିଚାଳାନା କରୁଥିଲେ। ଦୁଇ ଅଭିଯୁକ୍ତ ଦୀର୍ଘ ୮ ବର୍ଷ କାଳ ଜେଲରେ ରହିବା ପରେ ସୋମବାର ଜେଲରୁ ମୁକୁଳିଥିଲେ। ଅନ୍ୟ ୪ ଅଭିଯୁକ୍ତଙ୍କ ନାମରେ ମାମଲା ବର୍ତ୍ତମାନ ଚାଲୁ ରହିଛି।

## ଯୁଗ୍ମ ଅଭିଯୋଗ ଶୁଣାଣି

ସୋନପୁର, ୮।୮(ନି.ପ୍ର.)

**ମୋଟ ୨୦ ଅଭିଯୋଗରୁ ୮ଟିର ତତ୍କାଳ ସମାଧାନ**

ସୁବର୍ଣ୍ଣପୁର ଜିଲା ସୋନପୁର ବ୍ଲକସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଡିଆରଡିଏ ସମ୍ମିଳନୀ କକ୍ଷଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅବୋଲି ସୁନିଲ ନରୱଣେଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ଓ ଏସ୍‌ପି ଅମରେଶ କୁମାର ପଣ୍ଡା ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ୨୦ଟି ପଞ୍ଜୀକୃତ ଅଭିଯୋଗ ସମ୍ବଳିତ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୧୬ ଟି ଓ ସାମୂହିକ ଦରଖାସ୍ତ ୪ ଗୋଟି ଗ୍ରହଣ କରା ଯାଇଥିଲା। ୨୦ ଦରଖାସ୍ତ ମଧ୍ୟରୁ ଶିବିରରେ ବିଭିନ୍ନ ମାମଲାର ୮ ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିବା ବେଳେ ଅନ୍ୟାନ୍ୟ ୧୨ ଅଭିଯୋଗର ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ସୋନପୁରର ଭାରପ୍ରାପ୍ତ ବିଡିଓ ଶଶିଭୂଷଣ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲା ପରିଷଦ ନିହାର ରଞ୍ଜନ କହଁର, ସୋନପୁର ଉପଜିଲାପାଳ ଡ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଅଧୀକ୍ଷଣ ଯନ୍ତ୍ରୀ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ଇଂ ବିଭୁପ୍ରସାଦ ପଣ୍ଡା, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଶ୍ୱ ରଞ୍ଜନ ପତି, ସୋନପୁର ପଞ୍ଚାୟତ ସମିତି ଅଧକ୍ଷ ପ୍ରହ୍ଲାଦ ନାୟକ, ସୁବର୍ଣ୍ଣପୁର ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟାଂଶୁ ରୁଟ୍, ସୋନପୁର ତହସିଲଦାର ନବୀନ କୁମାର ପାଢୀଙ୍କ ସମେତ ବିଭିନ୍ନ ଜିଲାସ୍ତରୀୟ ଅଧିକାରୀ ଓ ବ୍ଲକସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।





ଅତିରିକ୍ତ ଜିଲାପାଳ ଓ ଏସ୍‌ପି ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରୁଛନ୍ତି।

## ୨ ନଦୀ ମଝିରେ ଫସିଲେ ଚାଷୀ

- ଧାନତଳି ସୁରକ୍ଷିତ ରଖିବାକୁ ଯାଇଥିଲେ
- ଉଦ୍ଧାର କଲା ଅଗ୍ନିଶମ ବିଭାଗ

ଭବାନୀପାଟଣା, ୮।୮(ସ୍ୱ.ପ୍ର.)

ଧାନ ତଳି ସୁରକ୍ଷିତ ସ୍ଥାନରେ ରଖିବାକୁ ଯାଇ ୨ ନଦୀ ମଝିରେ ଫସିଲେ ୨ ଚାଷୀ। ଦୀର୍ଘ ସମୟ ଧରି ଫସି ରହିବା ପରେ ଅଗ୍ନିଶମ ବିଭାଗ ସେମାନଙ୍କୁ ଉଦ୍ଧାର କରିଛି। କଳାହାଣ୍ଡି ଜିଲାରେ ଏଭଳି ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ରବିବାର କଳାହାଣ୍ଡି ଜିଲା ଜୟପାଟଣା ବ୍ଲକରେ ସବୁଠୁ ଅଧିକ ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଏପରିସ୍ଥଳେ ବ୍ଲକର କାଦୋପଦର ଗ୍ରାମର ଅର୍ଜୁନ ମାଝି ଓ ମଣିଧର ରାଉତ ୨ଜଣ ଚାଷୀ ଧାନ ତଳି ଚାଷ ଜମିରୁ ସୁରକ୍ଷିତ ସ୍ଥାନରେ ରଖିବାକୁ ଯାଇଥିଲେ।



ଉଦ୍ଧାର ହୋଇଥିବା ଚାଷୀ।

ଏହି ସମୟରେ ଦୁଇ ପାର୍ଶ୍ୱରେ ଥିବା ଗାଈଧାର ଓ ହାତୀ ନଦୀରେ ହଠାତ ଜଳସ୍ତର ବୃଦ୍ଧି ପାଇଥିଲା। ଫଳରେ ଏହି ୨ଜଣ ଚାଷୀ ବାହାରି ନ ପାରି ଦୀର୍ଘ ସମୟ ଧରି ଦୁଇ ନଦୀ ମଧ୍ୟରେ ଜଳବନ୍ଦୀ ହୋଇ ରହିଥିଲେ। ଘଟଣା ସମ୍ପର୍କରେ ସ୍ଥାନୀୟ ଲୋକେ ଜୟପାଟଣା ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ପରେ ସେମାନଙ୍କୁ ସେଠାରୁ ସୁରକ୍ଷିତ ଭାବେ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଉଦ୍ଧାର କରିଥିଲେ। ଫଳରେ ଅଳ୍ପକେ ମୃତ୍ୟୁ ମୁଖରୁ ବଞ୍ଚି ଯାଇଥିଲେ ୨ ଚାଷୀ। ଅନ୍ୟପଟେ ବନ୍ୟା ଜଳରେ ଗୋଟିଏ ଗାଈ, ଗୋଟିଏ ପାୱାର ଟିଲର, ମୋଟର ପମ୍ପ ଭାସି ଯାଇଥିବା ଜଣାପଡିଛି।

## ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା

ଦେଓଗାଁ, (ଡି.ଏନ.ଏ): ଦେଓଗାଁ ସରସ୍ୱତୀ ଶିଶୁ ମନ୍ଦିରରେ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ସନ୍ତୋଷ କୁମାର ସାଙ୍କ ସଭାପତିତ୍ୱରେ ହୋଇଥବା ମେଳାରେ ଅତିଥିଭାବେ ପ୍ରଦୀପ୍ତ କୁମାର ସାହୁ, ସମ୍ପିତ କୁମାର ସା ଯୋଗଦେଇଥିଲେ। ବିଚାରକଭାବେ ପ୍ରଦୀପ୍ତ କୁମାର ସାହୁ ଓ ଚାପଧାରୀ ବର୍ଗର୍ତ୍ତି ପ୍ରକଳ୍ପ ମୂଲ୍ୟାଙ୍କନ କରିଥିଲେ। ମେଳାରେ ଶିଶୁ ବାଟିକା ବିଭାଗର ୫୦, ପ୍ରଥମରୁ ପଞ୍ଚମ ୬୫ ପ୍ରକଳ୍ପ, ଷଷ୍ଠରୁ ଅଷ୍ଟମ ୩୦, ନବମ ଓ ଦଶମ ଶ୍ରେଣୀର ୧୦ଟି ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା ।

## ସଂକ୍ଷେପରେ

### ୧୬୩ ପରୀକ୍ଷାର୍ଥୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ

ଲୋଇସିଂହା, ୮।୮(ଡି.ଏନ.ଏ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ଯୁକ୍ତ ୨ କଳା ପରୀକ୍ଷା ଫଳ ପ୍ରକାଶ ପାଇଛି। ଲୋଇସିଂହା ମହାବିଦ୍ୟାଳୟରେ ପାସ୍‌ହାର ୯୪.୭ ପ୍ରତିଶତ ରହିଛି। ୨୪୫ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୬୩ ଜଣ ପ୍ରଥମ ଶ୍ରେଣୀ, ୪୨ ଜଣ ଦ୍ୱିତୀୟ ଶ୍ରେଣୀ ଏବଂ ୨୭ ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ଲୋଇସିଂହାର ଛାତ୍ରୀ ଆୟେଶା ନାଏକ ୬ଶହରୁ ୫୧୯ ମାର୍କ ରଖି କଲେଜ ଟପ୍ପର ହୋଇଛନ୍ତି। ସ୍ୱାଗତିକା ମିଶ୍ର ୫୧୭, ଅବିନାଶ ମିଶ୍ର ୫୧୧, ଅନୀତା କଲେତ ଓ ଅମ୍ରିତାରାଣୀ ସାହୁ ୫୦୮, କୁସୁମ ରଣା ୫୦୧ ମାର୍କ ରଖିଛନ୍ତି। ସେହିପରି ଏକ୍ସରେଗୁଲାର ୬ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଜଣେ ପ୍ରଥମ ଶ୍ରେଣୀ, ୩ ଜଣ ଦ୍ୱିତୀୟ ଏବଂ ୨ ଜଣ ଫେଲ ହୋଇଛନ୍ତି। କରେସପଣ୍ଡେନ୍ସ କୋର୍ସ ୪ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଜଣେ ମାତ୍ର ପରୀକ୍ଷାର୍ଥୀ ତୃତୀୟ ଶ୍ରେଣୀରେ ପାସ୍ ହୋଇଛନ୍ତି।


ଆୟେଶା ନାଏକ

### ବିଶିଷ୍ଟ ସାମାଜିକ କର୍ମୀ ଡ. ଅକ୍ଷୟ ନନ୍ଦଙ୍କ ପରଲୋକ

ଭବାନୀପାଟଣା,୮।୮(ସ୍ୱ.ପ୍ର.): ଆରପାରିରେ କଳାହାଣ୍ଡିର ବିଶିଷ୍ଟ ସାମାଜିକ କର୍ମୀ ଡ. ଅକ୍ଷୟ ନନ୍ଦ। ସମାଜ ସେବାଠାରୁ ଆରମ୍ଭ କରି ଜିଲାର ସ୍ୱାର୍ଥ ପାଇଁ ଲଢେଇ କରୁଥିବା ଶିକ୍ଷାବିତ ଅକ୍ଷୟ ନନ୍ଦଙ୍କ ରବିବାର ଭବାନୀପାଟଣା ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୭୫ ବର୍ଷ ବୟସ ହୋଇଥିଲା। ୧୯୪୫ରେ କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଘୁମେରଗୁଡା ଗ୍ରାମରେ ସ୍ୱର୍ଗତ ନନ୍ଦଙ୍କର ଜନ୍ମ। ସେ ବଲାଙ୍ଗୀର ରାଜେନ୍ଦ୍ର ମହାବିଦ୍ୟାଳୟ ପୂର୍ବତନ ଅଧକ୍ଷ ରହିଥିଲେ। କଳାହାଣ୍ଡି ଜିଲାରେ ବିଶ୍ୱ ବିଦ୍ୟାଳୟ, ସରକାରୀ ମେଡିକାଲ କଲେଜ, ଇଞ୍ଜିନିୟରିଂ କଲେଜ, କୃଷି ମହାବିଦ୍ୟାଳୟ ଆଦି ପ୍ରତିଷ୍ଠା କ୍ଷେତ୍ରରେ ଜିଲାବାସୀଙ୍କ ସ୍ୱପ୍ନକୁ ସେ ସାକାର କରିଥିଲେ । ରବିବାର ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ବର୍ଗ ଓ ସମ୍ପର୍କୀୟ ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଅକ୍ଷୟଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି।

### ଶିଶୁ ମନ୍ଦିର ପୁରାତନ ଛାତ୍ରୀଛାତ୍ରଙ୍କ ବୈଠକ

ମୁରିବାହାଲ, ୮।୮(ଡି.ଏନ.ଏ.): ମୁରିବାହାଲ ସରସ୍ୱତୀ ଶିଶୁ ମନ୍ଦିର ପୁରାତନ ଛାତ୍ରୀଛାତ୍ରଙ୍କ ଏକ ବୈଠକ ସୋମବାର ଅନୁଷ୍ଠିତ ହୋଇଥିଲା। ସ୍କୁଲ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମକୁ ସଫଳ କରିବା ଉପରେ ଆଲୋଚନା କରାଯାଇଥିଲା। ପ୍ରଧାନ ଗୁରୁଜୀ ସୁମନାନନ୍ଦ ଖମାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପୁରାତନ ଛାତ୍ରୀ ସୋନାଲିପ୍ରଭା ସାହୁ, ଅଙ୍କିତା ଖମାରି, ଅର୍ଚ୍ଚନା ଗଣ୍ଡା, ସୌରଭ ପାଣିଗ୍ରାହୀ, ଅର୍ପଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଗୋବିନ୍ଦ ଦାଶ ସଂଯୋଜନା କରିଥିଲେ। ଗୁରୁମା ଜ୍ୟୋତିର୍ମୟୀ ଛନ୍ଦ, ନିଳେନ୍ଦ୍ରୀ ନାଗ, ମନ୍ଦାକିନୀ ଅଗସ୍ତି ପରିଚାଳନାରେ ସହଯୋଗ କରିଥିଲେ।

# ହାତୀନଦୀରେ ବନ୍ୟା, ଚାଷଜମି ଜଳମଗ୍ନ

- ମୁଖ୍ୟରାସ୍ତାରେ ବନ୍ୟାପାଣି, ଯାତାୟାତ ବାଧାପ୍ରାପ୍ତ
- କଳାହାଣ୍ଡି ଜିଲାରେ ଜାରି ରହିଛି ଲଗାଣ ବର୍ଷା

ଭବାନୀପାଟଣା,୮।୮(ସ୍ୱ.ପ୍ର.)


ହାତୀନଦୀରେ ବନ୍ୟା ଜଳ ପ୍ରବାହିତ ହେଉଛି।

କଳାହାଣ୍ଡି ଜିଲାରେ ଗତ ୨ଦିନ ଧରି ଲଗାଣ ବର୍ଷା ଜାରିବା ଫଳରେ ଅନେକ ନଦୀନାଳର ଜଳ ସ୍ତର ବୃଦ୍ଧି ପାଇବାରେ ଲାଗିଛି। ଅନେକ ମୁଖ୍ୟ ରାସ୍ତାରେ ବଢି ପାଣି ପ୍ରବାହିତ ହେଉଥିବାରୁ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଛି। ଏପରିସ୍ଥଳେ ଉପରମୁଣ୍ଡାରେ ପ୍ରବଳ ବର୍ଷା ଓ ମଙ୍ଗଳପୁର ବ୍ୟାରେଜରୁ ୨ଟି ଗେଟ୍ ଖୋଲିବା ପରେ ରବିବାର ବିଳମ୍ବିତ ରାତିରୁ ଜୁନାଗଡ ସହର ନିକଟ ହାତୀ ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ନଦୀ କୂଳିଆ ଗ୍ରାମବାସୀଙ୍କ ମଧରେ ଭୟର ବାତାବରଣ ଦେଖାଯାଇଛି। ଏହାସହ ସେଠାକାର ଚାଷ ଜମିଗୁଡିକ ଜଳମଗ୍ନ ହୋଇଛି। ଯାହାକୁ ନେଇ ସ୍ଥାନୀୟ ଚାଷୀଙ୍କ ମଧ୍ୟରେ ଏବେ ଚିନ୍ତାର କାରଣ ପାଲଟିଛି। ଚଳିତବର୍ଷ ହାତୀ ନଦୀରେ ଏହା ସବୁଠୁ ବଡ ବନ୍ୟା ବୋଲି ଜଣାପଡ଼ିଛି। ଚିଚିଗୁଡା-ଜୁନାଗଡ ପିଡବ୍ଲୁଡି ମୁଖ୍ୟ ରାସ୍ତାରେ ହାତୀ ନଦୀ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ଯାତାୟାତ ଠପ୍ ହୋଇଛି। ସେହିପରି କୁରୁଗୁଡା-ନାନ୍ଦୋଲ ମୁଖ୍ୟ ରାସ୍ତା, ମାଲପଡା-ଖୁର୍ସେଲଗୁଡା ପୋଲ ଉପରେ ବନ୍ୟା ଜଳ ପ୍ରବାହିତ ହେଉଥିବାରୁ ଯାତାୟାତ ଠପ୍ ହୋଇଛି। ଜୁନାଗଡ ବ୍ଲକ ବଣ୍ଡାକୁତ୍ରା ନିକଟ ହାଲେର ଜୋର ଆପ୍ରୋଚ ପୋଲରେ ରବିବାର ସନ୍ଧ୍ୟାଠାରୁ ବର୍ଷା ପାଣି ପ୍ରବାହିତ ହେଉଛି। ସେଠାରେ ବିପଦ ରହିଥିବାରୁ ପ୍ରଶାସନ ପକ୍ଷରୁ ଉକ୍ତ ରାସ୍ତା ବନ୍ଦ କରାଯାଇଛି। ଏହା ଯୋଗୁ ଜୁନାଗଡ-ଧର୍ମଗଡ ଜାତୀୟ ରାଜପଥ ୧୩୦ସି ମୁଖ୍ୟ ରାସ୍ତା ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ନୂତନ ପୋଲ କାମ ଅଧାପନ୍ତରିଆ ହୋଇଥିବାରୁ ଆପ୍ରୋଚ ପୋଲରେ ଚଳିତ ବର୍ଷ ଏହାକୁ ମିଶାଇ ୩ଥର ବର୍ଷା ପାଣି ପ୍ରବାହିତ ହୋଇସାରଲାଣି। ହାତୀନଦୀରେ ବନ୍ୟା ଆସିବାରୁ କୂଳରେ ଥିବା କଳମପୁର ବ୍ଲକ ମାଟିଖାଲ-ବିରିପୁର ରାସ୍ତା ମଧ୍ୟରେ ବନ୍ୟା ଜଳ ପ୍ରବାହିତ ହେଉଛି। ସେହିପରି ସ୍ଥାନୀୟ ଲୋକଙ୍କ ଘରେ ମଧ ବନ୍ୟା ଜଳ ପ୍ରବେଶ କରିଛି।

## ହର୍ ଘର୍ ତ୍ରିରଙ୍ଗା ଶୋଭାଯାତ୍ରା

ନୂଆପଡ଼ା ଅଫିସ,୮।୮

କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକ୍ରମେ ଆଜାଦି କା ଅମୃତ ମହୋତ୍ସବ ଅବସରରେ ଦେଶର ସମସ୍ତ ଘରେ ତ୍ରିରଙ୍ଗା ପତକା ଉଡାଇବା ପାଇଁ ଅଗଷ୍ଟ ୧୩ରୁ ୧୫ ପର୍ଯ୍ୟନ୍ତ ଦେଶର ସମସ୍ତ ନାଗରିକ ହର୍ ଘର ତ୍ରୀରଙ୍ଗା କାର୍ଯ୍ୟକ୍ରମ ସଫଳ କରିବା ପାଇଁ ଆହ୍ୱାନ କରାଯାଇଛି। ଏହିକ୍ରମରେ ସୋମବାର ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ତରବୋଡ ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କୁ ନେଇ ତରବୋଡ ବସଷ୍ଟାଣ୍ଡଠାରୁ ଏକ ତ୍ରିରଙ୍ଗା ଶୋଭାଯାତ୍ରା କରାଯାଇଛି। ଏହି ଶୋଭାଯାତ୍ର ନଗର ପରିକ୍ରମା କରି ପ୍ରତ୍ୟେକ ଘରେ ୧୩ ରୁ ୧୫ ପର୍ଯ୍ୟନ୍ତ ତ୍ରିରଙ୍ଗା ପତକା ଲାଗିବ ବୋଲି ଲୋକଙ୍କୁ ସୂଚନା ଦେଇଥିଲେ । କାର୍ଯ୍ୟକ୍ରମରେ ଡାକ ବିଭାଗ କର୍ମଚାରୀ ଜୟ ପ୍ରକାଶ ଧରୁଆ, ଭୋପାଲ ଧରୁଆ, ବଦନ ଦୀପ, ସୁଶାନ୍ତ ପ୍ରଧାନ, ତରବୋଡ ସରପଞ୍ଚ ଶ୍ୟାମ ପୃଷ୍ଟି, ପରଶ ରାମ ଅହିର, ପୁରନମଲ ସାହୁ, ଅନୀଲ କୁମାର ସିହ୍ନା, ଚୈତନ୍ୟ ଦଣ୍ଡସେନା, ରାଧେଶ୍ୟାମ ସାହୁ, ସନ୍ତୋଷ ସି ରାଉତ, ମନିଜର ଆର୍ଯ୍ୟ, ଅର୍ଜୁନ ଜଗତ ପ୍ରମୁଖ ଉପସ୍ଥିତ ଥିଲେ।



ଛାତ୍ରୀଛାତ୍ରମାନେ ତ୍ରିରଙ୍ଗା ଶୋଭାଯାତ୍ରାରେ ବାହାରିଛନ୍ତି।

# ୨ ନଦୀ ମଝିରେ ଫସିଲେ ଚାଷୀ


ଉଦ୍ଧାର ହୋଇଥିବା ଚାଷୀ।

- ଧାନତଳି ସୁରକ୍ଷିତ ରଖିବାକୁ ଯାଇଥିଲେ
- ଉଦ୍ଧାର କଲା ଅଗ୍ନିଶମ ବିଭାଗ

ଭବାନୀପାଟଣା,୮।୮(ସ୍ୱ.ପ୍ର.)

ଧାନ ତଳି ସୁରକ୍ଷିତ ସ୍ଥାନରେ ରଖିବାକୁ ଯାଇ ୨ ନଦୀ ମଝିରେ ଫସିଲେ ୨ ଚାଷୀ। ଦୀର୍ଘ ସମୟ ଧରି ଫସି ରହିବା ପରେ ଅଗ୍ନିଶମ ବିଭାଗ ସେମାନଙ୍କୁ ଉଦ୍ଧାର କରିଛି। କଳାହାଣ୍ଡି ଜିଲାରେ ଏଭଳି ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ରବିବାର କଳାହାଣ୍ଡି ଜିଲା ଜୟପାଟଣା ବ୍ଲକରେ ସବୁଠୁ ଅଧିକ ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଏପରିସ୍ଥଳେ ବ୍ଲକର କାଦୋପଦର ଗ୍ରାମର ଅର୍ଜୁନ ମାଝି ଓ ମଣିଧର ରାଉତ ୨ଜଣ ଚାଷୀ ଧାନ ତଳି ଚାଷ ଜମିରୁ ସୁରକ୍ଷିତ ସ୍ଥାନରେ ରଖିବାକୁ ଯାଇଥିଲେ। ଏହି ସମୟରେ ଦୁଇ ପାର୍ଶ୍ୱରେ ଥିବା ଗାଇଧାର ଓ ହାତୀ ନଦୀରେ ହଠାତ ଜଳସ୍ତର ବୃଦ୍ଧି ପାଇଥିଲା। ଫଳରେ ଏହି ୨ଜଣ ଚାଷୀ ବାହାରି ନ ପାରି ଦୀର୍ଘ ସମୟ ଧରି ଦୁଇ ନଦୀ ମଧ୍ୟରେ ଜଳବନ୍ଦୀ ହୋଇ ରହିଥିଲେ। ଘଟଣା ସମ୍ପର୍କରେ ସ୍ଥାନୀୟ ଲୋକେ ଜୟପାଟଣା ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ପରେ ସେମାନଙ୍କୁ ସେଠାରୁ ସୁରକ୍ଷିତ ଭାବେ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଉଦ୍ଧାର କରିଥିଲେ। ଫଳରେ ଅଳ୍ପକେ ମୃତ୍ୟୁ ମୁଖରୁ ବଞ୍ଚି ଯାଇଥିଲେ ୨ ଚାଷୀ। ଅନ୍ୟପଟେ ବନ୍ୟା ଜଳରେ ଗୋଟିଏ ଗାଈ, ଗୋଟିଏ ପାୱାର ଟିଲର, ମୋଟର ପମ୍ପ ଭାସି ଯାଇଥିବା ଜଣାପଡିଛି।

## ଜନ୍ମ ଓ ମୃତ୍ୟୁ ସମ୍ପର୍କିତ ନମୁନା ପଞ୍ଜୀକରଣ ପଦ୍ଧତି ପ୍ରଶିକ୍ଷଣ

ଭବାନୀପାଟଣା,୮।୮(ସ୍ୱ.ପ୍ର.)

ଭାରତ ସରକାରଙ୍କ ଜନଗଣନା ନିର୍ଦ୍ଦେଶାଳୟ ଓଡିଶା ଭୁବନେଶ୍ୱର ପକ୍ଷରୁ ଜନ୍ମ ଓ ମୃତ୍ୟୁ ସମ୍ପର୍କିତ ନମୁନା ପଞ୍ଜୀକରଣ ପଦ୍ଧତି ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ରବିବାର ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଶରତଚନ୍ଦ୍ର ଶ୍ରୀଚନ୍ଦନଙ୍କ ଅଧ୍ୟକ୍ଷତାରେ ଅତିରିକ୍ତ ଜିଲା ସାମାଜିକ ମଙ୍ଗଳ ଅଧିକାରୀ ଶୁଭେନ୍ଦୁ ମୁଣ୍ଡଙ୍କ ଉପସ୍ଥିତିରେ ଭୁବନେଶ୍ୱର ଜନଗଣନା ନିର୍ଦ୍ଦେଶାଳୟରୁ ସହକାରୀ ନିର୍ଦ୍ଦେଶକ ଜୟକୃଷ୍ଣ ଭୋଇ, ନୋଡାଲ ଅଫିସର ଭାବେ ହେମନ୍ତ କୁମାର ନାଏକ ଉପସ୍ଥିତ ଥିଲେ। ମୁଖ୍ୟ ପ୍ରଶିକ୍ଷକ ଉପେନ୍ଦ୍ର କୁମାର ନାଏକ ଓ ସହକାରୀ ପ୍ରଶିକ୍ଷକ ରଞ୍ଜନ କୁମାର ମେହେର କଳାହାଣ୍ଡି, ବଲାଙ୍ଗୀର ଓ ନୂଆପଡା ଜିଲାରୁ ଆସିଥିବା ୩୪ଜଣ ସାମୟିକ ଗଣନା କାରୀମାନଙ୍କୁ ମୋବାଇଲ ଆପ ମାଧ୍ୟମରେ ଜନ୍ମ ଓ ମୃତ୍ୟୁ ସମ୍ପର୍କିତ ଠିକ ତଥ୍ୟ ସଂଗ୍ରହ କରି ଭାରତ ପଞ୍ଜୀକାରଙ୍କ ଦ୍ୱାରା ବିକଶିତ ୱେବ ପୋର୍ଟାଲରେ କିପରି ଅପଲୋଡ କରିବେ ତାହାର ବିଶଦ ଆଲୋଚନା କରିଥିଲେ।

# ଗୁରୁଣ୍ଡି ଗୁରୁଣ୍ଡି ମନ୍ଦିର ପହଞ୍ଚିଲେ ବୋଲବମ ଭକ୍ତ

ସିନାପାଲି,୮।୮(ଡି.ଏନ.ଏ.)

ନୂଆପଡା ଜିଲା ସିନାପାଲି ବ୍ଲକ ସଦର ପଞ୍ଚାୟତ କାପସି ଗ୍ରାମର ବୋଲବମ ଭକ୍ତମାନେ ଶେଷ ସୋମବାରରେ ଉଦନ୍ତୀ ନଦୀରେ ପୂଜାଅର୍ଚ୍ଚନା କରି ନାଗବମ ଭାବେ ପାଳନ କରିଛନ୍ତି। ପାଖାପାଖି ଏକ କି.ମି. ଦୂର ରାସ୍ତାରେ ୫୦ରୁ ଅଧିକ ଯୁବକ ଗୁରୁଣ୍ଡି ଗୁରୁଣ୍ଡି ଶିବ ମନ୍ଦିର ପହଞ୍ଚିଥିଲେ। ପ୍ରଭୁ ଶିବଙ୍କ ଲିଙ୍ଗରେ ପାଣି ଢାଳିଛନ୍ତି। ଏହି କାର୍ଯ୍ୟକ୍ରମରେ କାପସି ବୋଲବମ କମିଟି ସଭାପତି ଭାଗିରଥି ଦାସ, ଝସକେତନ ରଣା, ନରେଶ କୁମାର ମାଝି, ଅଜୟ ଦାସ, ମନୋଜ ସା, ସିଦ୍ଧାନ୍ତ ସା ପ୍ରମୁଖ ଦାୟିତ୍ୱ ତୁଲାଇଥିବା ବେଳେ ଡଗର ଲୋହାର, ଡାଇମଣ୍ଡ ନିଆଲ, ମନୋଜ ଦାସ, ଗଣେଶ ଦାସ, ହରଲାଲ ମଶ୍ରା, ତପେ ସା, କ୍ଷେତ୍ର ଚିନ୍ଦା, ଭୁପେନ୍ଦ୍ର ସା ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଗ୍ରାମର ମହିଳାଯୁବକମାନେ ସହଯୋଗ କରିଥିଲେ।


ବୋଲବମ ଭକ୍ତମାନେ ଗୁରୁଣ୍ଡି ଗୁରୁଣ୍ଡି ମନ୍ଦିରକୁ ଯାଉଛନ୍ତି।

# ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପ୍ରସ୍ତୁତି

କୋକସରା,୮।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଇଁ ପ୍ରସ୍ତୁତି ବୈଠକ ସୋମବାର ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବିଡିଓ ମନୀଷା ଦାସଙ୍କ ଅଧ୍ୟକ୍ଷତାରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେହେରାଙ୍କ ପରିଚାଳନାରେ ଚଳିତବର୍ଷ ମଧ ସରକାରଙ୍କ ଘୋଷଣା ଅନୁସାରେ କୋଭିଡ୍ ଗାଇଡ ଲାଇନରେ ସ୍ୱାଧୀନତା ଦିବସ ପାଳନ ହେବାକୁ ସ୍ଥିର କରାଯାଇଛି। ସାମାଜିକ କର୍ମୀ, ଓ ସ୍ୱାଧୀନତା ସଂଗ୍ରାମୀଙ୍କୁ ସମ୍ମାନିତ କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ତହସିଲଦାର ରାକେଶ ପରୁଆ, ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ତୋଫାନ ମାଝି, ଅଧାପକ ଅଶ୍ୱିନୀ ପଟ୍ଟନାୟକ, ପୁରୁଷୋତ୍ତମ ଗୁପ୍ତା, ନବୀନ ନାଏକ, ବିଜେଡି ବ୍ଲକ ସଭାପତି ସୁଶାନ୍ତ ବେହେରା, ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ଦେବାନନ୍ଦ ରାଉତ, ଖେଳ ଶିକ୍ଷକ ଅମିତ ମହାନ୍ତି, ନିରଞ୍ଜନ ନେଗି, ଜିତେନ୍ଦ୍ର ପ୍ରଧାନୀଙ୍କ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସାମାଜିକ କର୍ମକର୍ତ୍ତାମାନେ ଉପସ୍ଥିତ ରହିଥିଲେ।


ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନେଇ ଆଲୋଚନା କରାଯାଉଛି।

## ସାନମହେଶ୍ୱର ପଞ୍ଚାୟତରେ ଜନଶୁଣାଣି

ଖଡ଼ିଆଲ,୮।୮(ଡି.ଏନ.ଏ.)

ନୂଆପଡା ଜିଲା ଖଡ଼ିଆଲ ବ୍ଲକ ସାନମହେଶ୍ୱରଠାରେ ସୋମବାର ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ନୂତନ ଜିଲାପାଳ ହେମାକାନ୍ତ ସାଏ ଗାଁରେ ପ୍ରଶାସନ ନାମରେ ଏକ ନୂତନ ଅଭିଯୋଗ ଶୁଣାଣି ଶିବିର ଆରମ୍ଭ କରିଛନ୍ତି। ଏହା ପ୍ରତ୍ୟେକ ପଞ୍ଚାୟତରେ ଆୟୋଜନ ହେବ। ସେଠାରେ ଜିଲା ଓ ବ୍ଲକ ପ୍ରଶାସନର ଉଚ୍ଚ ପଦାଧିକାରୀଙ୍କ ସମେତ ବିଭାଗୀୟ କର୍ମକର୍ତ୍ତାମାନେ ଯୋଗଦେବେ। ଲୋକଙ୍କ ଅଭିଯୋଗ ଗ୍ରହଣ କରି ତ୍ୱରିତ ପଦକ୍ଷେପ ଗ୍ରହଣ କରିବେ। ଏହି କ୍ରମରେ ସାନମହେଶ୍ୱର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରେ 'ଗାଁରେ ପ୍ରଶାସନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଖଡ଼ିଆଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନାରାୟଣ ସାହୁ ଯୋଗଦେଇ ଲୋକଙ୍କ ସମସ୍ୟା ବୁଝିଥିଲେ। ବ୍ଲକ ଉପାଧ୍ୟକ୍ଷ ଗୌତମ ତାଣ୍ଡି, ସ୍ଥାନୀୟ ସରପଞ୍ଚ ଆହ୍ଲାଦିନୀ ବେହେରା ଓ ବିଭିନ୍ନ ବିଭାଗ କର୍ମକର୍ତ୍ତା ଯୋଗଦେଇ ଲୋକଙ୍କ ଅଭିଯୋଗ ଗ୍ରହଣ କରିଥିଲେ। ୩୪ଜଣ ବ୍ୟକ୍ତି ନିଜ ସମସ୍ୟା ଉପରେ ଅଭିଯୋଗ ଦାଖଲ କରିଥିଲେ। ବିଶେଷ କରି ସାମାଜିକ ମଙ୍ଗଳ ଯୋଜନା, ରାଶନ କାର୍ଡ ସମସ୍ୟା ଉପରେ ଲୋକେ ଅଭିଯୋଗ କରିଥିଲେ। ଲୋକଙ୍କ ଅଭିଯୋଗକୁ ଜିଲା ପ୍ରଶାସନ ପାଖରେ ଉପସ୍ଥାପନ କରାଯିବ ଓ ନିୟମାନୁସାରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବିଡିଓ କହିଛନ୍ତି।

## ବିପର୍ଯ୍ୟୟ ମୁକାବିଲା ତାଲିମ

ଜୁନାଗଡ,୮।୮(ଡି.ଏନ.ଏ.)

ଜୁନାଗଡ ବ୍ଲକ ବଣିଜରା କୋଟେନ ଗାଁ ବନ୍ୟା ଆଶ୍ରୟସ୍ଥଳୀରେ ସୋମବାର ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ସପ୍ତାହବ୍ୟାପୀ ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିଡିଓ ଦୁଲାରାମ ମାରାଣ୍ଡି, ବନ୍ୟା ଆଶ୍ରୟସ୍ଥଳୀ କମିଟି ସଭାପତି ତଥା ବଣିଜରା ସରପଞ୍ଚ ଦିବ୍ୟା ଭାରତୀ ଲହଜଲ, ଜିପିଓ ରାଜେନ୍ଦ୍ର ଭୋଇ, କମିଟି ସମ୍ପାଦକ ଶ୍ରୀଧର ଭାଟି, ଜିଲା ବିପର୍ଯ୍ୟୟ ପରିଚାଳନା ପରାମର୍ଶଦାତା ପ୍ରଦୋଷ ରଞ୍ଜନ ଜେନା, ପିଇଓ ଭାବଗ୍ରାହୀ ମେହେର ଯୋଗଦେଇଥିଲେ। ତାଲିମଦାତା ଭାବେ ପ୍ରଫେସର ଭୁବନେଶ୍ୱର ବେହେରା ମେମୋରିଆଲ ୟୁଥ୍ ଅରଗାନାଇଜେଶନ ସଞ୍ଜୟ କୁମାର ସୁନାନୀ, ଖୋର୍ଦ୍ଧା ସିଭିଲ ଡିଫେନ୍ସର ଗୌରହରି ନନ୍ଦ, କେନ୍ଦ୍ରାପଡା ସେଲଟର ସ୍ୱେଚ୍ଛାସେବୀ ବଶିଷ୍ଟ କୁମାର ପରିଡା ପ୍ରମୁଖ ରହିଛନ୍ତି। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବନ୍ୟା ଆଶ୍ରୟସ୍ଥଳୀର କମିଟିମାନେ କିପରି ମୁକାବିଲା କରିବେ ସେ ନେଇ ତାଲିମ ପ୍ରଦାନ କରାଯିବ।

# ଭିନ୍ନକ୍ଷମ ଛାତ୍ରୀ ନିବାସ ନିର୍ମାଣସ୍ଥଳ ପରିଦର୍ଶନ କଲେ ମନ୍ତ୍ରୀ

ବଲାଙ୍ଗୀର ଅଫିସ,୮।୮

ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପରିସରରେ ନିର୍ମାଣାଧୀନ ଭିନ୍ନକ୍ଷମ ଛାତ୍ରୀ ନିବାସ ନିର୍ମାଣସ୍ଥଳକୁ ବିଜ୍ଞାନ କାରିଗରୀ ଓ ପ୍ରଯୁକ୍ତି ବିଭାଗ ମନ୍ତ୍ରୀ ଅଶୋକ ପଣ୍ଡା ଓ ବିଧାୟକ ନରସିଂହ ମିଶ୍ର ସୋମବାର ପରିଦର୍ଶନ କରିଥିଲେ। ଦେଢ କୋଟିର ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ବରାଦରେ ନିର୍ମାଣ ଚାଲିଥିବା ଏହି ଛାତ୍ରୀ ନିବାସରେ କେବଳ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଭିନ୍ନକ୍ଷମ ଛାତ୍ରୀମାନେ ରହି ପାଠପଢିବେ। ମନ୍ତ୍ରୀ ପଣ୍ଡା ବଲାଙ୍ଗୀରରେ ପହଞ୍ଚିବା ପରେ ବିଧାୟକ ମିଶ୍ରଙ୍କ ସହ ହଷ୍ଟେଲ ନିର୍ମାଣସ୍ଥଳି ପରିଦର୍ଶନରେ ଯାଇଥିଲେ। ନିର୍ମାଣ ଦାୟିତ୍ୱରେ ଥିବା ରାଜ୍ୟ ପୋଲିସ ଗୃହ ନିର୍ମାଣ ନିଗମ ଯନ୍ତ୍ରୀମାନେ ମଧ ଉପସ୍ଥିତ ଥିଲେ । ହଷ୍ଟେଲରେ ଭିନ୍ନକ୍ଷମ ଛାତ୍ରୀମାନଙ୍କ ପାଇଁ କିଭଳି ସୁବିଧା ରହିବ ସେନେଇ ମନ୍ତ୍ରୀ ପଣ୍ଡା ଏବଂ ବିଧାୟକ ନରସିଂହ ମିଶ୍ରଙ୍କୁ ଯନ୍ତ୍ରୀମାନେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ । ୧୬ ଜଣ ଛାତ୍ରୀ ରହିବା ପାଇଁ ହଷ୍ଟେଲରେ ଲିଫ୍ଟ ସୁବିଧା ଦିଆଯାଇଥିବାରୁ ହଷ୍ଟେଲରେ ଲିଫ୍ଟ ବ୍ୟତୀତ ର୍‍ୟାମ୍ପ ବ୍ୟବସ୍ଥା କରାଇବାକୁ ନିର୍ଦ୍ଦେଶ ଦେଇଥିଲେ । ୫୮୧ ବର୍ଗ ମିଟର ଅଞ୍ଚଳରେ ନିର୍ମାଣ ଚାଲିଥିବା ଏହି ଛାତ୍ରୀ ନିବାସ ନିର୍ମାଣ କାମ ୬ ମାସ ଭିତରେ ସମାପନ ହେବ ବୋଲି ଉପସ୍ଥିତ ଯନ୍ତ୍ରୀମାନେ ସୂଚନା ଦେଇଥିଲେ । ଏତଦ ବ୍ୟତୀତ ଛାତ୍ରୀ ନିବାସରେ ଡର୍ମିଟେରୀ, ବୈଠକ ଘର, ରନ୍ଧାଘର, ଡାଇନିଂ, ପାହାଚ, ଟୟଲେଟ ବ୍ଲକ, ଦିବ୍ୟାଙ୍ଗ ଟୟଲେଟ, ୧୦ ଜଣ କେପାସିଟି ଥିବା ଲିଫ୍ଟ, ସୁରକ୍ଷା ପାଚେରୀ, ଡ୍ରେନ ଇତ୍ୟାଦି ବ୍ୟବସ୍ଥା ରହିବ ବୋଲି ସୂଚନା ଦେଇଥିଲେ। ଆଲୋଚନା ସମୟରେ ବିଶ୍ୱବିଦ୍ୟାଳୟର ନିର୍ମାଣଧିନ ପ୍ଲାନେଟୋରିୟମ ଏବଂ ସାଇନ୍ସ ପାର୍କ ଉପରେ ମଧ ଆଲୋଚନା ହୋଇଥିଲା। ପରିଦର୍ଶନ ସମୟରେ ଅତିରିକ୍ତ ଜିଲାପାଳ ଲମ୍ବୋଦର ଧରୁଆ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନବକୃଷ୍ଣ ସାହୁ, ପୋଲିସ ହାଉସିଂ କର୍ପୋରେଶନ ବିଭାଗୀୟ ଯନ୍ତ୍ରୀ, ଛାତ୍ର ନେତା ଅଙ୍କିତ ସାହୁ ଏବଂ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ ।


ମନ୍ତ୍ରୀ ଅଶୋକ ପଣ୍ଡା, ବିଧାୟକ ନରସିଂହ ମିଶ୍ର ଛାତ୍ରୀ ନିବାସ ନିର୍ମାଣ କାମ ପରିଦର୍ଶନ କରୁଛନ୍ତି।

# ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଜନଶୁଣାଣି ଶିବିର

ଦେଓଗାଁ, ୮।୮(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଜନ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ ଚଞ୍ଚଳ ରାଣା, ଏସ୍‌ପି ନୀତିନ କୁଶଳକର, ଜିଲା ବନଖଣ୍ଡ ଅଧିକାରୀ ନୀତିଶ କୁମାର, ଜିଲା ପ୍ରକଳ୍ପ ସଂଯୋଜକ ସଶାନ୍ତ ସିଂ, ଉପଜିଲାପାଳ କୁମାର ନାଗଭୂଷଣ ଯୋଗଦେଇ ଲୋକଙ୍କ ବିଭିନ୍ନ ସମସ୍ୟା ବୁଝିବା ସହ ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବ୍ଲକର ବିଭିନ୍ନ ଗାଁରୁ ୪୫ଜଣ ଅଭିଯୋଗକାରୀ ବିଭିନ୍ନ ସମସ୍ୟା ଉପରେ ଲିଖିତଭାବେ ଅଭିଯୋଗ କରିଥିଲେ । ଏଥିସହିତ ଉପରଝର ପଞ୍ଚାୟତ କୁହିମୁଣ୍ଡା ଗାଁକୁ ସ୍ଥାୟୀ ରାସ୍ତା ପାଇଁ ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଦାବି କରିଥିଲେ। ଉପରଝର ଗାଁର ଜଣେ ବ୍ୟକ୍ତି ରାସ୍ତାକୁ ଅକ୍ତିଆର କରିଥିବା ଅଭିଯୋଗ ପାଇବା ପରେ ଏ ଦିଗରେ ତୁରନ୍ତ ପଦକ୍ଷେପ ନେଇ ରାସ୍ତାନିର୍ମାଣ ଦିଗରେ ପଦକ୍ଷେପ ନେବାକୁ ତହସିଲଦାର ଯୁଗଳ କିଶୋର ବିଶ୍ୱାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବ୍ଲକ ସରପଞ୍ଚ ସଂଘ ସଭାପତି ଗୋପାଳ ଚନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ ସରପଞ୍ଚ ସଂଘ ଜିଲାପାଳଙ୍କୁ ସାକ୍ଷାତ କରି ବିଭିନ୍ନ ସମସ୍ୟା ନେଇ ଏକ ଦାବିପତ୍ର ପ୍ରଦନ କରିଥିଲେ । ହାତିସରା ପଞ୍ଚାୟତ ମୁଖ୍ୟାଳୟରେ ନୂତନ ହାଇସ୍କୁଲ ଓ ଦାବଲିକାନୀରେ ବନ୍ଦ ପଡିଥିବା ପ୍ରାଥମିକ ବିଦ୍ୟାଳୟକୁ ପୁନଃଚାଲୁ କରିବାପାଇଁ ସମିତି ସଭ୍ୟ ବିଶ୍ୱଜିତ ପାତ୍ର ଦୃଷ୍ଟି ଆକର୍ଷଣ କରିଥିଲେ । ଶିବିରରେ ନବବିବାହିତ ୪ ଦିବ୍ୟାଙ୍ଗ ପରିବାରକୁ ୨ଲକ୍ଷ ୫୦ହଜାର ଲେଖାଏ ଅର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଜନ ଶୁଣାଣିରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୟାନିଧି ଖମାରୀ, ବିଡିଓ ରାମଦେଓ ଭୋଇ, ଅତିରିକ୍ତ ବିଡିଓ ପୁଷ୍ପାଞ୍ଜଳି ନାଏକ, ସହକାରୀ ଯନ୍ତ୍ରୀ ମୋହନ ମହାଲିକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନବ କିଶୋର ସାହୁ, ଦେଓଗାଁ ଥାନାଧିକାରୀ ତାରାବତୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।



ଅଧିକାରୀମାନେ ଆପତ୍ତି ଅଭିଯୋଗର ଶୁଣାଣି କରୁଛନ୍ତି।

## ସଂକ୍ଷେପରେ

### ଟ୍ରେନରେ କଟି ମହିଳାଙ୍କ ମୃତ୍ୟୁ

**ରାଜଗାଙ୍ଗପୁର, ୮।୮(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଅଞ୍ଚଳର କୁମାରକେଲା ଫାଟକର କିଛି ଦୂରରେ ସୋମବାର ସକାଳେ ଟ୍ରେନ୍‌ରେ କଟି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସହରର ୨୦ ନଂ. ୱାର୍ଡର ବାସିନ୍ଦା ଇସମତ ବାନୋ(୩୮)। ରେଳ ଧାରଣା ପାର ହେଉଥିବା ସମୟରେ ଏକ ଟ୍ରେନ ଧକ୍କା ଦେଇଥିଲା। ଖବରପାଇ ରାଜଗାଙ୍ଗପୁର ରେଳବାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ରାଜଗାଙ୍ଗପୁର ସରକାରୀ ଚିକିତ୍ସାଳୟକୁ ନେଇଥିଲେ ଓ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ।

### ଆମ୍ବେଦକର କ୍ଲବର ନୂତନ କର୍ମକର୍ତ୍ତା ଚୟନ

**ଦେବଗଡ଼, ୮।୮(ଡି.ଏନ.ଏ):** ଦେବଗଡ଼ ସହର ଆମ୍ବେଦକର କ୍ଲବର ନୂତନ କର୍ମକର୍ତ୍ତା ଚୟନ ହେଇଯାଇଛି। ସର୍ବସମ୍ମତି କ୍ରମେ ସଭାପତି ଭାବେ କ୍ଷମାନିଧି ପାତ୍ର ଉପ ସଭାପତି ଖଗେଶ୍ୱର ଶାଣିନି, ସମ୍ପାଦକ ଭାବେ ସନ୍ତୋଷ ମୁଖୀ, ସହସମ୍ପାଦକ ଅରକ୍ଷୀତ ପାତ୍ର, କୋଷାଧକ୍ଷ ଅଜୟ ପାତ୍ର, ସାଂସ୍କୃତିକ ସମ୍ପାଦକ ରାଜୀବ ପାତ୍ର, ସହସମ୍ପାଦକ ହେମନ୍ତ ହସ୍ତୀ, ମିଡିଆ ସେଲ ସୂର୍ଯ୍ୟକାନ୍ତ ସହିସ, ଆଇନ ପରାମର୍ଶଦାତା ପ୍ରତାପ ପାତ୍ର, ଉପଦେଷ୍ଟା ମଣ୍ଡଳି ଭାବେ ପ୍ରଦୀପ କୁମାର ପାତ୍ର, ଭଲେଶ୍ୱର ପାତ୍ର, ପୂର୍ଣ୍ଣଚନ୍ଦ୍ର ପାତ୍ର, କୋମଲ ବୁଡା, ପର୍ଶୁରାମ ପାତ୍ର, ଅଞ୍ଜନ ପ୍ରଧାନ, ସୁଜିତ ସୁନା ମନୋନୀତ ହୋଇଥିଲେ।

### ଜିଲାପାଳଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି

**ଦେବଗଡ଼, ୮।୮(ଡି.ଏନ୍.ଏ.):** ସୋମବାର ରିଆମାଳ ବ୍ଲକର ଗୁଣ୍ଡିଆପାଲିଠାରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଜନଶୁଣାଣି ଶିବିରରେ ଯୋଗଦେଇଥିଲେ। ସର୍ବପ୍ରଥମେ ଗୁଣ୍ଡିଆପାଲି ଗ୍ରାମପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ବୃକ୍ଷ ରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆରକ୍ଷୀ ଅଧୀକ୍ଷକ, ପ୍ରକଳ୍ପ ନିର୍ଦ୍ଦେଶକ ଓ ଜିଲ୍ଲାସ୍ତରୀୟ ଅଧିକାରୀମାନେ ବୃକ୍ଷ ରୋପଣ କରିଥିଲେ। ପରେ ଗୁଣ୍ଡିଆପାଲି ଗ୍ରାମପଞ୍ଚାୟତ ସଭାଗୃହରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ଜିଲ୍ଲାପାଳ ଉପାଧ୍ୟାୟ ଯୋଗଦେଇ ପଞ୍ଚାୟତରୁ ଆସିଥିବା ୩୬ଟି ଅଭିଯୋଗ ଶୁଣାଣି କରି ଏହା ଉପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅଭିଯୋଗ ଶୁଣାଣି ମଧ୍ୟରୁ ୨୧ଟି ବ୍ୟକ୍ତି ସମସ୍ୟା ଏବଂ ୧୫ଟି ସାମୂହିକ ସମସ୍ୟା ଉପରେ ଆଧାରିତ ଥିଲା। ଶିବିରରେ ବିଭିନ୍ନ ସମସ୍ୟା ଯଥା -ଡ୍ରେନ ମରାମତି, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ବିଦ୍ୟାଳୟ ଉନ୍ନତିକରଣ। ଶିବିରରେ ଆରକ୍ଷୀ ଅଧୀକ୍ଷକ ପ୍ରମୋଦ କୁମାର ରଥ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଲୁକାଶ ପ୍ରଧାନ, ଉପଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ ଓ ବହୁ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

### ଶୈବପୀଠରେ କାଉଡିଆଙ୍କ ଭିଡ଼

**କୁଆଁରମୁଣ୍ଡା,୮।୮(ଡି.ଏନ.ଏ):** ଶ୍ରାବଣର ଶେଷ ସୋମବାର ଥିବାରୁ ବିଭିନ୍ନ ଶୈବପୀଠଗୁଡିକରେ କାଉଡ଼ିଆ ତଥା ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଛି। କୁଆଁରମୁଣ୍ଡା ବ୍ଲକ ଅଞ୍ଚଳର ପୁଟ୍ରିଖମଣ ନିକଟସ୍ଥ ଜଟିଆ ବାବା, ଜଗଦୀଶପୁର ତୁରତୁରୀ ଧାମ୍, ଦୁମାଙ୍ଗଦିହି ଶୈବପୀଠ, ବ୍ଲକ କଲୋନୀ ଚନ୍ଦ୍ରଚୂଡଙ୍କ ପୀଠ, ବ୍ୟାଙ୍କ ଅଫ ଇଣ୍ଡିଆ ନିକଟ ଲୋକନାଥ ମନ୍ଦିର, ବଜରଙ୍ଗ ଛକ ଶିବ ମନ୍ଦିରରେ କାଉଡିଆ ଏବଂ ଶ୍ରଦ୍ଧାଳଙ୍କ ଭିଡ ପରିଲକ୍ଷିତ ହୋଇଛି।

# କୋଇଡ଼ା ରେଞ୍ଜ ଅଫିସ ଘେରିଲେ ଗ୍ରାମବାସୀ

- ଗାଁରେ ଆତଙ୍କ କରୁଛି ଗୋଠଛଡ଼ା ଦନ୍ତାହାତୀ
- ଅଳ୍ପକେ ବର୍ତ୍ତିଲେ ଦୁଇ ପରିବାରର ଲୋକ

**ଟେନ୍‌ସା,୮।୮(ଡି.ଏନ.ଏ)**

ଗୋଠଛଡ଼ା ଦନ୍ତା ହାତୀକୁ ଟ୍ରାଙ୍କୁଲାଇଜ କରୁନାହାନ୍ତି ବଣାଇ ବନବିଭାଗ। ଦିନରାତି ଗାଁରେ ଆତଙ୍କ ଚଳାଉଛି ଗୋଠଛଡ଼ା ଦନ୍ତା ହାତୀ। ରବିବାର ବିଳମ୍ବିତ ରାତିରେ ସୁନ୍ଦରଗଡ଼ ଜିଲା କୋଇଡ଼ା ବନାଞ୍ଚଳ ରାଣୀଶାଳ ଫରେଷ୍ଟ ବିଟ ଅନ୍ତର୍ଗତ ବଲଡିହି ଓ ପୋଡା ଗ୍ରାମରେ ଦନ୍ତା ହାତୀ ଆତଙ୍କ ଖେଳାଇଛି। ବଲଡିହି ଗ୍ରାମର ରବି ପାତ୍ର (୩୫) ତାଙ୍କ ସ୍ତ୍ରୀ ରିତା(୨୮) ଓ ୪ ଜଣ ପିଲାଙ୍କୁ ନେଇ ଶୋଇଥିବାବେଳେ ହଠାତ ନରହନ୍ତା ଦନ୍ତା ହାତୀ ପଶି ଆସି ଘର ଉପରେ ଆକ୍ରମଣ କରିଥିଲା। ସ୍ୱାମୀ, ସ୍ତ୍ରୀ ଉଠିପଡ଼ି ଛୁଆ ପିଲାଙ୍କୁ ଧରି ଦୌଡ଼ି ପଳେଇଥିଲେ। ଛୋଟ ଝିଅଟି ଭୟରେ ଦୌଡ଼ି ଯାଇ ମକା କିଆରି ଭିତରେ ଲୁଚିରୁ ଅଳ୍ପକେ ବର୍ତ୍ତି ଯାଇଥିଲା। ଶବ୍ଦ ଶୁଣି ସାହିପଡିଶା ଲୋକମାନେ ହୋ ହାଲ୍ଲା କରି ବାଣ ଫୁଟାଇ ହାତୀକୁ ଘଉଡାଇବାରୁ ହାତୀଟି ଚାଲି ଯାଇ ପୋଡାଡ଼ିହି ଗ୍ରାମରେ ପହଞ୍ଚିଥିଲା। ସେଠାରେ ମୋହନ ଦେହୁରୀ ଓ ତାଙ୍କ ସ୍ତ୍ରୀ ଇନ୍ଦୁ ଦେହୁରୀ ଘରେ ଥିବାବେଳେ ହାତୀ ଆକ୍ରମଣ କରି ଘର ଭାଙ୍ଗି ଦେଇଥିଲା। ଭୟରେ ଦୌଡ଼ି ପଳେଇବାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ଗାଁ ଲୋକେ ସମସ୍ତେ ମିଶି ହାତୀକୁ ଘଉଡାଇବାରୁ ହାତୀଟି ପଳାଇ ଯାଇଥିଲା । ବହୁ ସମୟ ଧରି ହାତୀ ଘରଦ୍ୱାର ଭାଙ୍ଗିବା ସହ ଧାନ ଚାଉଳ ଖାଇ ନଷ୍ଟ କରିଦେଇଥିଲା। କୋଇଡା ବନ ବିଭାଗକୁ ଖବର ଦେଇଥିଲେ ମଧ ବନ ବିଭାଗ ଘଟଣା ସ୍ଥଳେ ପହଞ୍ଚି ନ ଥିଲେ। ଗାଁ ଲୋକେ ସମସ୍ତେ ମିଶି ହାତୀକୁ ଘଉଡାଇବାରୁ ହାତୀ ଜଙ୍ଗଲ ଭିତରକୁ ପଳାଇ ଯାଇଥିଲା। ହାତୀଟି ଗାଁଗାଁ ବୁଲୁଛି। ଲୋକେ ଭୟଭୀତରେ କାଳାତିପାତ କରୁଛନ୍ତି। ଭୋକଶୋଷ ଭୁଲି ଜୀବନ ବଞ୍ଚାଇବାକୁ ସାହାରା ପାଉନାହାନ୍ତି। ଘରେ ରହିଲେ ଦନ୍ତା ହାତୀ ଘର ଭାଙ୍ଗି ମଣିଷ ମାରୁଛି। ସ୍ଥାନୀୟ ଲୋକେ ଦଳ ହୋଇ ହାତୀକୁ ଘଡାଉଛନ୍ତି। ଏହିପରି ଏକ କରୁଣ ଦୃଶ୍ୟ ସୁନ୍ଦରଗଡ଼ ଜିଲା କୋଇଡା ରେଞ୍ଜ ଅଞ୍ଚଳରେ ସବୁଦିନେ ଦେଖିବାକୁ ମିଳୁଛି। ଥମିବାର ନାଁ ଧରୁନି ଗୋଠଛଡ଼ା ଦନ୍ତା ହାତୀର ଉତ୍ପାତ। ଏକ ମାସ ମଧରେ ଦୁଇ ଲୋକଙ୍କୁ ମାରିବା ସହ ଦୁଇ ଶିଶୁ ଏବେ ମୃତ୍ୟୁ ସହିତ ସଂଗ୍ରାମ କରି ବଞ୍ଚିଯାଇଛନ୍ତି। ଏଣୁ ଭୟଭୀତ ଅବସ୍ଥାରେ ଅଞ୍ଚଳବାସୀ ଘରୁ ବାହାରୁ ନାହାନ୍ତି। ବାରମ୍ବାର ହାତୀ ଆକ୍ରମଣରେ ପ୍ରାଣ ହାନି ନେଇ ଅଞ୍ଚଳବାସୀ ହାତୀକୁ ଟ୍ରାଙ୍କୁଲାଇଜ କରିବା ପାଇଁ ବନ ବିଭାଗକୁ ଅଭିଯୋଗ କରି ଆସୁଥିବାବେଳେ ବିଭାଗୀୟ ଅଧିକାରୀମାନେ ଚୁପ। ବଲଡିହି ଓ ପୋଡାଡିହି ଗ୍ରାମ ସମେତ ମୋଟ ଚାରିଟା ଗାଁର ଲୋକ ଏକତ୍ରିତ ହୋଇ କୋଇଡା ରେଞ୍ଜ ଅଫିସ ଘେରାଉ କରି ଧାରଣାରେ ବସିଛନ୍ତି। ତାଙ୍କର ଦାବି ଅଛି ଡିଏଫଓ ଆସନ୍ତୁ ଘଟଣାର ତଦନ୍ତ କରି ହାତୀକୁ ଟ୍ରାଙ୍କୁଲାଇଜ କରି ଅନ୍ୟତ୍ର ନେଇ ଛାଡ଼ି ଦିଆଯାଉ, କ୍ଷତିଗ୍ରସ୍ତ ପରିବାରକୁ କ୍ଷତି ପୂରଣ ଦିଆଯାଉ। ହାତୀ କବଳରୁ ଆମ ଗ୍ରାମବାସୀ ଓ ପରିବାରକୁ ସୁରକ୍ଷା ଦିଆଯାଉ ବୋଲି ବିକ୍ଷୋଭକାରୀମାନେ ଦାବି କରିଛନ୍ତି। ଏଥିପ୍ରତି ଜିଲା କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି।



ବନବିଭାଗ କାର୍ଯ୍ୟାଳୟ ଘେରାଉ କରିଛନ୍ତି ଅଞ୍ଚଳବାସୀ।

### ସୁନ୍ଦରଗଡ ସରକାରୀ କଲେଜରେ ଆଇଏଏସ ଗୌରବ ଅଗ୍ରୱାଲଙ୍କୁ ସମ୍ବର୍ଦ୍ଧନା

**ସୁନ୍ଦରଗଡ଼,୮।୮(ଡି.ଏନ.ଏ.)**

ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟରେ ମୋ'କଲେଜ ଅଭିଯାନ ତରଫରୁ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଚଳିତବର୍ଷ ଭାରତୀୟ ପ୍ରଶାସନିକ ସେବା ପରୀକ୍ଷାରେ ୮୬ତମ ସ୍ଥାନ ରଖି କୃତକାର୍ଯ୍ୟ ହୋଇଥିବା ସୁନ୍ଦରଗଡର ଗୌରବ ଅଗ୍ରୱାଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ:ଲଳିତ ରଞ୍ଜନା ସାହୁ ଏହି ସଭାରେ ସଭାପତିତ୍ୱ କରି ଗୌରବଙ୍କୁ ସଫଳତା ପାଇଁ ଶୁଭେଚ୍ଛା ଜଣାଇଥିଲେ। ତାଙ୍କ ଭଳି ଛାତ୍ରୀଛାତ୍ରମାନେ କଠିନ ପରିଶ୍ରମ ଓ ଦୃଢ ଆତ୍ମ ବିଶ୍ୱାସ ରଖି ଜୀବନରେ ସଫଳତା ହିସଲ କରିବାକୁ ପରାମର୍ଶ ଦେଇଥିଲେ। ଆଇଏଏସ ଅଗ୍ରୱାଲ ତାଙ୍କ ବକ୍ତବ୍ୟରେ ପ୍ରଶାସନିକ ସେବା ପରୀକ୍ଷା ପାଇଁ କିଭଳି ପ୍ରସ୍ତୁତିରହିଥିଲା ସେ ସମ୍ପର୍କରେ ଛାତ୍ରୀଛାତ୍ରଙ୍କ ସହ ନିଜର ଭାବବିନିମୟ କରିଥିଲେ। ଏଥିସହ ଅନ୍ୟତମ ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟର ପୁରାତନ ଛାତ୍ର ତଥା ଗୌରବଙ୍କ ବାପା ସଜ୍ଜନ ଅଗ୍ରୱାଲ, ସୁମିତ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ମହାବିଦ୍ୟାଳୟର ମୋ'କଲେଜ ଅଭିଯାନର ସଂଯୋଜିକା ଡ.କୁମୁଦିନୀ ରାଉତରାୟ ଧନ୍ୟବାଦ ଦେଇଥିଲେ।

## ଜାତୀୟ କୃମି ନାଶକ ଦିବସ


ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ସାଧନା ଦାଶଙ୍କ ଅଧ୍ୟକ୍ଷତାରେ ବୈଠକ।

**ଦେବଗଡ଼ ୮।୮(ଡି.ଏନ୍.ଏ.)**

ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟର ସଭା ଗୃହଠାରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ସାଧନା ଦାଶଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ୧ ରୁ ୧୯ବର୍ଷର ପିଲାମାନଙ୍କୁ ବିଦ୍ୟାଳୟ ଓ ଅଙ୍ଗନୱାଡି ମାଧ୍ୟମରେ କୃମି ନାଶକ ବଟିକା ଓ ସିରପ ମାଗଣାରେ ଦିଆଯିବା ନେଇ ଆଲୋଚନା ହୋଇଥିଲା। ଏହି ଔଷଧ ଆଶା, ଅଙ୍ଗନୱାଡି ଓ ମହିଳା ସ୍ୱାସ୍ଥ୍ୟ କର୍ମୀମାନେ ଘରକୁ ଘର ବୁଲି ଦେବେ। ୧ ରୁ ୩ ବର୍ଷର ପିଲାମାନଙ୍କୁ ସିରପ, ୪ରୁ ୧୯ ବର୍ଷର ପିଲାଙ୍କୁ ବଟିକା ଦିଆଯିବ। ଏହି କାର୍ଯ୍ୟକ୍ରମ ଚଳିତ ମାସ ୧୨ରୁ ଶୁଭାରମ୍ଭ ହେବ। ଏହି ବୈଠକରେ ଡ଼. ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଡ଼. ମାସାଙ୍ଗ ମୁର୍ମୁ, ପ୍ରୋଗ୍ରାମ ମ୍ୟାନେଜେର ଉମେଶ ପ୍ରସାଦ ଷଡ଼ଙ୍ଗୀ, ପୌରପରିଷଦ ଅଧିକାରୀ ବନମାଳୀ ସେଠୀ, ଡେପୁଟି ମ୍ୟାନେଜେର ଜ୍ୟୋତ୍ସ୍ନା ଶର୍ମା, ସ୍କୁଲ ଓ ମହାବିଦ୍ୟାଳୟ ଶିକ୍ଷା ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ଭଏସ୍ ଜିନିୟସ୍ ସିଜନ୍ ୯ପାଇଁ ପ୍ରତିଯୋଗୀ ଚୂଡାନ୍ତ

**ଦେବଗଡ଼,୮।୮(ଡି.ଏନ.ଏ.)**

ଦେବଗଡ଼ର ସାଂସ୍କୃତିକ ଅନୁଷ୍ଠାନ ସଙ୍ଗମ୍ ଏଣ୍ଡ୍ ସଙ୍ଗମ୍‌ର ୨୫ବର୍ଷ ପୂର୍ତ୍ତି ତଥା ରୌପ୍ୟ ଜୟନ୍ତୀ ପାଳନ ପାଇଁ ଆଗାମୀ ଅଗଷ୍ଟ ୧୫ରେ ହେବାକୁ ଥିବା ବିଦ୍ୟାଳୟସ୍ତରୀୟ ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ 'ଭଏସ୍ ଜିନିୟସ-ସିଜିନ-୯' ପାଇଁ ପ୍ରତିଯୋଗୀ ଚୂଡାନ୍ତ ହୋଇଯାଇଛି। ୫୦ ଜଣରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଶ୍ରେଷ୍ଠ ୧୧ ପ୍ରତିଯୋଗୀଙ୍କୁ ଅଡିସନ ମାଧ୍ୟମରେ ଚୟନ କରାଯାଇଥିଲା। ଚୂଡାନ୍ତ ପ୍ରତିଯୋଗୀଙ୍କୁ ଓଡିଶାର ବିଭିନ୍ନ ସ୍ଥାନରୁ ଆସୁଥିବା ବିଶିଷ୍ଟ କଳାକାର ତଥା ସଙ୍ଗୀତ ପ୍ରଶିକ୍ଷକଙ୍କ ଦ୍ୱାରା ପ୍ରଶିକ୍ଷଣ ଦେବା ପରେ ଆସନ୍ତା ଅଗଷ୍ଟ ୧୩, ୧୪ ଓ ୧୫ ତାରିଖ ତିନି ଦିନ ଧରି ସ୍ଥାନୀୟ ଟାଉନହଲ୍‌ରେ ହେବାକୁ ଥିବା କାର୍ଯ୍ୟକ୍ରମରେ ନିଜର ଶ୍ରେଷ୍ଠତା ପ୍ରତିପାଦନ କରିବା ସହ ଫାଇନାଲ ଦିନ ନିମନ୍ତ୍ରିତ ଅତିଥିମାନଙ୍କ ଦ୍ୱାରା ଆକର୍ଷଣୀୟ ପୁରସ୍କାର ସହ ମାନପତ୍ର, ଅର୍ଥରାଶି ପ୍ରଦାନ କରାଯିବ ବୋଲି କ୍ଲବ ତରଫରୁ ସୂଚନା ପ୍ରଦାନ କରାଯାଇଛି। ସେହିପରି କ୍ଲବ ତରଫରୁ ଚଳିତବର୍ଷ ବରିଷ୍ଠ ବର୍ଗରେ ବିଭିନ୍ନ କଲେଜର ଛାତ୍ରୀଛାତ୍ରଙ୍କୁ ନେଇ ଅନ୍ତାକ୍ଷରୀ ରିଟର୍ନ୍ସ କାର୍ଯ୍ୟକ୍ରମ ତଥା ଭେଟେରାନ ଏବଂ ବିଶିଷ୍ଟ କଳାକାର ମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ତଥା କ୍ଲବର ସ୍ମରଣିକା ଉନ୍ମୋଚନ ଇତ୍ୟାଦି କାର୍ଯ୍ୟକ୍ରମ ଆୟୋଜନ ହେବ ବୋଲି ସ୍ଥିର କରାଯାଇଛି। ଏହି ସମସ୍ତ ଅଡିସନ କାର୍ଯ୍ୟକ୍ରମରେ କ୍ଲବର ସଭାପତି ଉମାଶଙ୍କର ସାହୁ ଏବଂ ସମ୍ପାଦକ ଶଶାଙ୍କ ଶେଖର ଝାଙ୍କରଙ୍କ ତତ୍ତ୍ୱାବଧାନରେ କ୍ଲବର ବରିଷ୍ଠ ସଦସ୍ୟ ବାସୁଦେବ ମିଶ୍ର, ବିକାଶ କୁମାର ପ୍ରଧାନ, ଆଶିଷ କୁମାର ସାହୁ, ଅନୁଜ କୁମାର ପ୍ରଧାନ, ମନୋରଞ୍ଜନ ନାୟକ, ପ୍ରିତମ କୁମାର ବେହେରା, ଜନ୍ମେଜୟ ନାୟକ, ପ୍ରତାପ କିଶୋର ନାୟକ, ପ୍ରତାପ ପାତ୍ର, କୋଷାଧ୍ୟକ୍ଷ ବିକାଶ ରଂଜନ ଖଡିରତ୍ନ ସହଯୋଗ କରିଥିଲେ।

## ଛାତ୍ର କଂଗ୍ରେସ କର୍ମକର୍ତ୍ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଛାତ୍ର କଂଗ୍ରେସ କର୍ମକର୍ତ୍ତାବୃନ୍ଦ।

**ରାଉରକେଲା ଅଫିସ,୮।୮**

ରାଉରକେଲା ଛାତ୍ର କଂଗ୍ରେସ କମିଟି ସଭାପତି ସୂର୍ଯ୍ୟକାନ୍ତ ବାରିକଙ୍କ ଅଧ୍ୟକ୍ଷତାରେ ସେକ୍ଟର-୨୧ସ୍ଥିତ କଂଗ୍ରେସ ଭବନରେ ରାଉରକେଲା ଛାତ୍ର କଂଗ୍ରେସର ନୂତନ କର୍ମକର୍ତ୍ତାମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ସମାରୋହରେ ଉପସଭାପତି ଭାବେ ଅମନ ଅଗ୍ରୱାଲ, ଅଭିଭା ପ୍ରସାଦ ସାହୁ, ମନୋରଞ୍ଜନ ଦାସ, ଏମ୍‌ଡ଼ି. ଆଫ୍ରିଦି, ଅଜିତ କୁମାର ସାମନ୍ତରାୟ, ସୁଶୀଲ କୁମାର ରଣା, ମୋତିଲାଲ ଦୀପ, ସାଧାରଣ ସମ୍ପାଦକ ବିକାଶ ବାଗ, ଆଲୋକ କୁମାର ବାରିକ, ପ୍ରସନ୍ନ ନନ୍ଦ, ଚିତ୍ତରଞ୍ଜନ ପ୍ରଧାନ, ଏ. କେ. ସାକିର, ଅଖିଲେଶ ପୁରୋହିତଙ୍କୁ ସ୍ୱାଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା କାର୍ଯ୍ୟକାରୀ ସଭାପତି ଦେବବ୍ରତ ବିହାରୀ, ବିରେନ ସେନାପତି, ପ୍ରବୋଧ ଦାସ, ଶିବୁ ଦୀପ, ଇଜାଜ୍ ଅହମ୍ମଦ, ବିଜୟ ଶଙ୍କର ପୁରୋହିତ, ବାସୁଦେବ ବାନାର୍ଜୀ, ନିରୂପମା ବଳିଆରସିଂ, ଏମ୍‌ଡି ଫିରଦୋସ, ବାବୁ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜଗାଙ୍ଗପୁରରେ ଶାନ୍ତି କମିଟି ବୈଠକ

**ରାଜଗାଙ୍ଗପୁର, ୮।୮(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁରରେ ମଙ୍ଗଳବାର ମୁସଲିମ ସମ୍ପ୍ରଦାୟର ମହରମ ପର୍ବ ପାଳନକୁ ନେଇ ଜିଲା ପୋଲିସ ପ୍ରଶାସନ ଦ୍ୱାରା ଏକ ସର୍ବଧର୍ମ ସମନ୍ୱୟର ଶାନ୍ତିକମିଟି ବୈଠକ ସ୍ଥାନୀୟ ଡାକବଙ୍ଗଳାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସୁନ୍ଦରଗଡ଼ ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ, ସୁନ୍ଦରଗଡ଼ ସଦର ଉପଜିଲାପାଳ ଅଭିମନ୍ୟୁ ବେହେରା,ଏସ୍‌ଡିପିଓ ଡାକ୍ତର ଶଶାଙ୍କ ଶେଖର ବେହୁରା, ଥାନା ଅଧିକାରୀ ବିଭସ ପ୍ରଧାନ, ବିଡିଓ ପିୟୁସ ଲୁହାର, ରାଜଗାଙ୍ଗପୁର ନିର୍ବାହୀ ଅଫିସର ମାଥେଦିୟୁସ ଲାକ୍ରା ପ୍ରମୁଖ ପ୍ରଶାସନ ପକ୍ଷରୁ ଉପସ୍ଥିତ ରହିଥିଲେ। ରାଜଗାଙ୍ଗପୁର ପୌରାଧକ୍ଷା ମାଧୁରୀ ଲୁଗୁନ, ଉପନଗରପାଳ ମହମ୍ମଦ ଇରଫାନ, ପରିଷଦ ସଦସ୍ୟ, ରାଜଗାଙ୍ଗପୁର ବିଜେଡିର ପୂର୍ବତନ ସଭାପତି ଅମରେଶ ପଣ୍ଡା,ସିଟିଜନ ଫୋରମ ସଭାପତି ଅଶୋକ ଦାସ, ବିଧାୟକ ଡାକ୍ତର ସିଏସ ରାଜନ ଏକ୍କା, ୯ଟି ତାଜିଆ କମିଟିର ସଭାପତି ଓ ସମ୍ପାଦକ, ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ମହରମରେ ହେବାକୁ ଥିବା ଶୋଭାଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରି ପ୍ରଶାସନ ପାଇଁ ଏକ ଉଦାହରଣ ସୃଷ୍ଟି କରିବୁ ବୋଲି ମତ ରଖିଥିଲେ। ଆରକ୍ଷୀ ଅଧୀକ୍ଷକ ନିଜର ବକ୍ତବ୍ୟରେ ନିଜ ଭିତରେ ଭାତୃତ୍ୱ ଭାବ ରଖି ଠିକ ସମୟରେ ଶୋଭାଯାତ୍ରା ବାହାରକରି ଠିକ ସମୟରେ ସାରିବା ପାଇଁ କହିଥିଲେ। ତତ୍‌ସଙ୍ଗେ ସଙ୍ଗେ ଶୋଭାଯାତ୍ରାରେ କୌଣସି ମାରଣାସ୍ତ୍ର ନ ଧରିବା ପାଇଁ କହିଥିଲେ। ଅନ୍ୟ ପ୍ରଶାସନିକ ଅଧିକାରୀମାନେ ମଧ ନିଜର ବକ୍ତବ୍ୟ ରଖିଥିଲେ। ଥାନା ଅଧିକାରୀ ବିଭସ ପ୍ରଧାନ ଏହି ବୈଠକକୁ ପରିଚାଳନା କରିଥିଲେ। ଏସଡିପିଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

### ଜଙ୍ଗଲରେ ବେଆଇନ ମଦ ରନ୍ଧା କାରବାର

**ଲେଫ୍ରିପଡ଼ା,୮।୮(ଡି.ଏନ୍.ଏ)**

ସୁନ୍ଦରଗଡ଼ ଜିଲାମ ଲେଫ୍ରିପଡ଼ା ଥାନା ଅଞ୍ଚଳର ବିଭିନ୍ନ ଜଙ୍ଗଲ ନିକଟବର୍ତ୍ତୀ ଗାଁରେ ବେଆଇନ ଭାବେ ଦେଶୀ ମଦ ରନ୍ଧା କାରବାର ବୃଦ୍ଧି ପାଉଥିବା ଅଭିଯୋଗ ହେଉଛି। ଅଞ୍ଚଳର ବହୁ ଯୁବ ବର୍ଗ ଏଥିରେ ଲିପ୍ତ ରହୁଥିବା ଜଣାପଡିଛି। ବୈରାଗିବାହାଲ, ସୁଆରୀଯୋର, ବଡ଼ଗାଁମାଲ, କୁଲାବିରା ମିଲୁପଡା, ଦଲକି ସମତେ ବିଭିନ୍ନ ଜଙ୍ଗଲରେ ନାନା ପ୍ରକାର ରାସାୟନିକ ପଦାର୍ଥ ଏବଂ ବିଷାକ୍ତ ଗଛର ପତ୍ର ଓ ଛାଲି ମିଶ୍ରଣ କରି ମଦ ପ୍ରସ୍ତୁତି କରୁଥିବା ଜଣାଯାଇଛି। ଏହି ଅପମିଶ୍ରଣ ପ୍ରସ୍ତୁତି ମଦକୁ ବେଆଇନ ଭାବେ ବିଭିନ୍ନ ଗ୍ରାମରେ ଏଜେଣ୍ଟ ଭାବେ ନିୟୋଜିତ କରି ବିକ୍ରି କରାଯାଉଥିବାରୁ ଲୋକେ ଏହି ମଦକୁ ପିଇ ରୋଗରେ ପଡି ମୃତ୍ୟୁବରଣ କରୁଥିବା ଅଞ୍ଚଳର ଜନସାଧାରଣ ଗଣମାଧମ ସାମ୍ନାରେ ପ୍ରକାଶ କରିଛନ୍ତି। ଦିନକୁ ଦିନ ଅତ୍ୟଧିକ ମାତ୍ରାରେ ଏହା ବୃଦ୍ଧି ପାଉଥିବାବେଳେ ଅପମିଶ୍ରଣ ମଦ ପିଇ କିଡ଼ନୀ ରୋଗରେ ଆକ୍ରାନ୍ତ ହୋଇ ଧନଜୀବନ ନଷ୍ଟ ହେଉଥିବା ଦେଖା ଦେଇଛି। ଅପମିଶ୍ରଣ ମଦ ତିଆରି କରୁଥିବା ମାଫିଆମାନେ ଜଙ୍ଗଲରେ ଗାତ ଖୋଳି ମହୁଲ ପୋଚ ସମେତ ବିଭିନ୍ନ ସରଞ୍ଜାମକୁ ପୋତି ରଖି ରାତି ସାରା ମଦ ରାନ୍ଧୁଥିବା ଜଣାଯାଇଛି। ତେଣୁ ଏ ଦିଗରେ ସ୍ଥାନୀୟ ପୋଲିସ ପ୍ରଶାସନ ଏବଂ ଅବକାରୀ ବିଭାଗ ପଦକ୍ଷେପ ନେବା ପାଇଁ ଦାବି ହେଉଛି।

## ଜିଲା ପ୍ରଶାସନର ଯୁଗ୍ମ ଜନଶୁଣାଣି

**ରାଉରକେଲା ଅଫିସ,୮।୮**

ସୁନ୍ଦରଗଡ ଜିଲା ପ୍ରଶାସନ ପକ୍ଷରୁ ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟ ପରିସରରେ ଯୁଗ୍ମ ଜନଶୁଣାଣି କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ସୁନ୍ଦରଗଡ ଜିଲ୍ଲାପାଳ ଡାକ୍ତର ପରାଗ ହର୍ଷଦ ଗାଭାଲି, ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର, ରାଉରକେଲା ଏସ୍‌ପି ମୁକେଶ କୁମାର ଭାମୁ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ଓ ଅଭିଯୋଗର ଶୁଣାଣି କରିଥିଲେ। ଏହି ଜନ ଶୁଣାଣି କାର୍ଯ୍ୟକ୍ରମରେ ମୋଟ ୩୮ଟି ଅଭିଯୋଗ ହୋଇଥିଲା। ସେଥିମଧ୍ୟରୁ ୬ଟି ଅଭିଯୋଗର ଶୁଣାଣି କରି ସମାଧାନ କରାଯାଇଥିଲା। ଅନ୍ୟ ଅଭିଯୋଗଗୁଡ଼ିକୁ ତୁରନ୍ତ ସମାଧାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଭୈରବ ସିଂ ପଟେଲ, ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସରୋଜ କୁମାର ମିଶ୍ର, ପାନପୋଷ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ସରୋଜିନୀ ପ୍ରସନ୍ନ କୁଲୁ, ପିଡି ଡୁଡା, ରିତା ଡାଙ୍ଗ, ଉପଜିଲାପାଳ ଦୌଲତ ଚନ୍ଦ୍ରାକର, ତହସିଲଦାର ଚନ୍ଦ୍ରକାନ୍ତ ମଲ୍ଲିକ, ଆରଏମ୍‌ସି ଡେପୁଟି କମିସନର ସୁଧାଂଶୁ ଶେଖର ଭୋଇ, ସୀତାଦେବା ମାଝି, ଗୌରବ ମୟୀ ପ୍ରଧାନ, ରୋନିତ କୁମାର ଓ ଜିଲା ଡେପୁଟି କଲେକ୍ଟର କୁନ୍ତିରାଣୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।


ଜନଶୁଣାଣିରେ ମଞ୍ଚାସୀନ ସରକାରୀ ପଦାଧିକାରୀବୃନ୍ଦ।

## ମାହେଶ୍ୱରୀ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁଟ ପକ୍ଷରୁ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ


ମାହେଶ୍ୱରୀ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁଟର ସେବିକା ଛାତ୍ରୀମାନେ ବୁଝାଉଛନ୍ତି।

**ସୁନ୍ଦରଗଡ଼,୮।୮(ଡି.ଏନ୍.ଏ.)**

ମାହେଶ୍ୱରୀ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁଟର ସେବିକା ଛାତ୍ରୀଙ୍କ ଦ୍ୱାରା ସୋମବାର ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ସେବିକା ଛାତ୍ରୀମାନେ ସ୍ତନ୍ୟପାନ ଶିଶୁ ଏବଂ ମା'ଙ୍କ ପାଇଁ କେତେ ଉପଯୋଗୀ ସେ ସମ୍ପର୍କରେ ସଚେତନ କରାଇଥିଲେ। ଅନୁଷ୍ଠାନର ସମ୍ପାଦିକା ସନ୍ତୋଷିନୀ କର୍ଣ୍ଣ ଏବଂ ନିର୍ଦ୍ଦେଶକ ଫକୀର କର୍ଣ୍ଣ ଯୋଗ ଦେଇ ମା'କ୍ଷୀର ଶିଶୁ ପାଇଁ ଅମୃତ ତୁଲ୍ୟ ବୋଲି କହିଥିଲେ। ଏଣୁ ପ୍ରତ୍ୟେକ ମାଆମାନେ ନିଜ ଶିଶୁକୁ ସ୍ତନ୍ୟପାନ କରାଇବା ନିତାନ୍ତ ଜରୁରୀ। ଏହା ଦ୍ୱାରା ଶିଶୁର ଶାରୀରିକ ଓ ମାନସିକ ବିକାଶ ଠିକ୍ ଭାବେ ହୋଇଥାଏ ବୋଲି କହିଥିଲେ। ଅନୁଷ୍ଠାନର ଅଧକ୍ଷାଙ୍କ ତତ୍ତ୍ୱାବଧାନରେ ପରେ ସେବିକା ଛାତ୍ରୀଛାତ୍ରମାନେ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ମାଆମାନଙ୍କୁ ସ୍ତନ୍ୟପାନର ଉପକାରିତା ସମ୍ପର୍କରେ ବୁଝାଇ ଏହା ଦ୍ୱାରା ଶିଶୁର ରୋଗ ପ୍ରତିଷେଧକ ଶକ୍ତି ବୃଦ୍ଧି ଘଟିଥାଏ ବୋଲି କହିଥିଲେ।

## ଉପଜିଲାପାଳ - ଅନଶନକାରୀ ଆଲୋଚନା ବିଫଳ

**ଦେବଗଡ଼,୮।୮(ଡି.ଏନ.ଏ)**

ଦେବଗଡ ପୌର ପରିଷଦରେ ଦେଖା ଦେଇଥିବା ବିଭିନ୍ନ ଅନିୟମିତତା ଏବଂ ଦୁର୍ନୀତିରେ ତଦନ୍ତ ଦାବିରେ ଗତ ୨୫ ତାରିଖଠାରୁ ୬ଜଣ ଭାଜପା କାଉନସିଲର ଏବଂ ଜଣେ ସ୍ୱାଧୀନ କାଉନସିଲର ଚଳାଇଥିବା ଆମରଣ ଅନଶନ ସୋମବାର ୧୫ ଦିନରେ ପହଞ୍ଚିଛି। ଏହା ସତ୍ତ୍ୱେ ଦାବିପୂରଣ ନେଇ ଜିଲା ପ୍ରଶାସନ ପକ୍ଷରୁ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଅନ୍ୟପକ୍ଷରେ ସୋମବାର ସମାଧାନ ପାଇଁ ଉପଜିଲାପାଳ ବ୍ରଜବନ୍ଧୁ ଭୋଇ ଓ ଅନଶନରତ କାଉନସିଲରମାନଙ୍କ ମଧ୍ୟରେ ହୋଇଥିବା ଆଲୋଚନା ବିଫଳ ହୋଇଥିବା ଜଣାପଡିଛି। ଫଳରେ କାଉନସିଲରମାନେ ପୂର୍ବବତ୍ ଅନଶନ ଜାରି ରଖିଛନ୍ତି। ସନ୍ଧ୍ୟାରେ ଦେବଗଡ଼ ଉପଜିଲାପାଳ ଭୋଇ ପୌର ପରିଷଦ କାର୍ଯ୍ୟାଳୟକୁ ଯାଇ ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ବନମାଳୀ ସେଠୀଙ୍କ ଉପସ୍ଥିତିରେ ଅନଶନରତ କାଉନସିଲଙ୍କ ସହିତ ସେମାନଙ୍କର ଦାବିଗୁଡିକ ସମ୍ପର୍କରେ ଆଲୋଚନା କରିଥିଲେ। ଅନଶନ ପ୍ରତ୍ୟାହାର ପାଇଁ ଅନୁରୋଧ କରିଥିଲେ। ମାତ୍ର ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅନଶନଜାରୀ ରହିବ ବୋଲି ସେମାନେ ରୋକଠୋକ ଶୁଣାଇଥିବା ସୂଚନା ମିଳିଛି।


ଉପଜିଲାପାଳ ବ୍ରଜବନ୍ଧୁ ଭୋଇ ଓ ଅନଶନରତ କାଉନସିଲରମାନଙ୍କ ମଧ୍ୟରେ ଆଲୋଚନା।

**୧୫ ଦିନରେ ପହଞ୍ଚିଲା ୭ଜଣ କାଉନସିଲଙ୍କ ଆମରଣ ଅନଶନ**

ସୂଚନାଯୋଗ୍ୟ ଯେ, ଦେବଗଡ ପୌର ପରିଷଦରେ ବିଭିନ୍ନ ଦୁର୍ନୀତି ଏବଂ ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା ହୋଇଥିବା ଦର୍ଶାଇ ଏହାର ତଦନ୍ତ ଦାବିରେ ଦେବଗଡ଼ ପୌର ପରିଷଦର ଉପାଧ୍ୟକ୍ଷ ତଥା ଭାଜପା କାଉନସିଲର ପ୍ରଜିତ କୁମାର ଭୋଜ, ସ୍ୱାଧୀନ କାଉନସିଲର ଧର୍ମେନ୍ଦ୍ର କୁମାର ଦେବତା, ଭାଜପା କାଉନସିଲର ମଧୁସୂଦନ ବାଘ, ପିଙ୍କି ସାହୁ, ସରୋଜିନୀ ମୁଣ୍ଡା, ଇତିଶ୍ରୀ ମିଶ୍ର ଓ କାର୍ତ୍ତିକ ମହାକୁଳ ଗତ ୨୫ ତାରିଖ ଠାରୁ ପୌର ପରିଷଦ କାର୍ଯ୍ୟାଳୟ ବାରଣ୍ଡାରେ ଅନଶନରେ ବସିଛନ୍ତି।



# ଭାରତୀୟ ପୁରୁଷ ହକି ଦଳକୁ ରୌପ୍ୟ

ବର୍ମିଂହାମ୍, ୮।୮


ବର୍ମିଂହାମ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତୀୟ ପୁରୁଷ ହକି ଦଳ ରୌପ୍ୟ ପଦକ ହାସଲ କରିଛି। ଟୁର୍ନାମେଣ୍ଟରେ ଆଧିପତ୍ୟ ବିସ୍ତାର କରି ଖେଳିଥିଲେ ହେଁ ମନପ୍ରୀତ ସିଂଙ୍କ ନେତୃତ୍ୱାଧୀନ ଦଳ ଫାଇନାଲ ମୁକାବିଲାରେ ଅଷ୍ଟ୍ରେଲିଆ ବିପକ୍ଷରେ ଆଶାନୁରୂପ ପ୍ରଦର୍ଶନ କରି ନ ପାରି ୦-୭ ଗୋଲରେ ପରାଜିତ ହୋଇଛି। ୧୯୯୮ରେ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ହକି ଅନ୍ତର୍ଭୁକ୍ତ ହେବା ପରଠାରୁ ଭାରତୀୟ ପୁରୁଷ ଦଳର ଏହା ୩ୟ ରୌପ୍ୟ ପଦକ ସଫଳତା। ଅଷ୍ଟ୍ରେଲିଆ ଦଳ ଆରମ୍ଭରୁ ପ୍ରଭାବୀ ପ୍ରଦର୍ଶନ କରି ଭାରତର ସ୍ୱର୍ଣ୍ଣ ପଦକ ଆଶାକୁ ଧୂଳିସାତ କରିଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ବ୍ଲେକ୍ ଗୋଭର୍ସ ୯ମ, ନାଥାନ ଇଫ୍ରାଉମ୍ସ ୧୪ ଓ ୪୨, ଜ୍ୟାକବ ଆଣ୍ଡରସନ ୨୨ ଓ ୨୭, ଟମ୍ ୱିକ୍‌ହାମ୍ ୨୬ ଏବଂ ଫ୍ଲିନ୍ ଓଗିଲିଭେ ୪୬ତମ ମିନିଟରେ ଗୋଲ ଦେଇଥିଲେ। ଡାହାଣ କାନ୍ଧରେ ଆଘାତ ପାଇବାରୁ ଅଧିନାୟକ ମନପ୍ରୀତ ମ୍ୟାଚ ମଝିରୁ ଓହରିବାକୁ ବାଧ ହୋଇଥିଲେ। ଫାଇନାଲ ପୂର୍ବରୁ ଭାରତ ଘାନାକୁ ୧୧-୦ରେ ହରାଇଥିବାବେଳେ ଇଂଲଣ୍ଡ ବିପକ୍ଷ ମ୍ୟାଚକୁ ୪-୪ ଗୋଲରେ ଡ୍ର ରଖିଥିଲା। ଏହାପରେ କାନାଡ଼ାକୁ ୮-୦ ଓ ୱେଲ୍ସକୁ ୪-୧ ଗୋଲରେ ହରାଇବାପରେ ସେମିଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ୩-୨ ଗୋଲରେ ପରାସ୍ତ କରିଥିଲା। ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଅଷ୍ଟ୍ରେଲିଆର ଏହାଥିଲା ୭ମ ସ୍ୱର୍ଣ୍ଣ ପଦକ।

### ଭାରତର ପଦକ

**ସ୍ୱର୍ଣ୍ଣ**
ପି.ଭି. ସିନ୍ଧୁ: ବ୍ୟାଡ୍‌ମିଣ୍ଟନ ମହିଳା ସିଙ୍ଗଲ୍ସ
ଲକ୍ଷ୍ୟ ସେନ୍ : ବ୍ୟାଡ୍‌ମିଣ୍ଟନ ପୁରୁଷ ସିଙ୍ଗଲ
ଚିରାଗ ଶେଟ୍ଟି ଓ ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ: ପୁରୁଷ ଡବଲ୍ସ ବ୍ୟାଡ୍‌ମିଣ୍ଟନ
ଅଚନ୍ତ ଶରଥ କମଲ: ପୁରୁଷ ସିଙ୍ଗଲ୍ସ ଟେବୁଲ ଟେନିସ
**ରୌପ୍ୟ**
ଭାରତୀୟ ଦଳ: ପୁରୁଷ ହକି ଦଳ
**ବ୍ରୋଞ୍ଜ**
ଜି. ସାଥିଆଁ: ପୁରୁଷ ସିଙ୍ଗଲ୍ସ ଟେବୁଲ ଟେନିସ


ବର୍ମିଂହାମରେ ସୋମବାର ଶେଷ ହୋଇଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାର ପୁରୁଷ ହକିରେ ରୌପ୍ୟ ପଦକ ବିଜୟୀ ଭାରତୀୟ ଦଳ।


ବ୍ରୋଞ୍ଜ ବିଜୟୀ ଜି. ସାଥିଆଁ ।


ପୁରୁଷ ଡବଲ୍ସ ଟାଇଟଲ ବିଜେତା ଚିରାଗ ଶେଟ୍ଟୀ ଓ ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ।

# ୧୬ ବର୍ଷ ପରେ ଜିତିଲେ ସିଙ୍ଗଲ୍ସ ସ୍ୱର୍ଣ୍ଣ

ବର୍ମିଂହାମ୍, ୮।୮(ପି.ଟି.)

ରାଜ୍ୟଗୋଷ୍ଠୀ କ୍ରୀଡ଼ା ଟେବୁଲ ଟେନିସ୍ ଇଭେଣ୍ଟରେ ଉଦାହରଣ ସୃଷ୍ଟି କରିଛନ୍ତି ଭାରତର ଅଚନ୍ତ ଶରଥ କମଲ। ୪୦ ବର୍ଷ ବୟସରେ ମଧ୍ୟ ସେ ଦୃଢ଼ତା ଦେଖାଇଛନ୍ତି ଏବଂ ଏହା କେବଳ ଏକ ସଂଖ୍ୟା ବୋଲି ପ୍ରମାଣ କରିଛନ୍ତି। ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସେ କ୍ୟାରିୟରର ସର୍ବଶ୍ରେଷ୍ଠ ପ୍ରଦର୍ଶନ କରି ଟେବୁଲ ଟେନିସ୍‌ର ପୁରୁଷ ସିଙ୍ଗଲ୍ସ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ପ୍ରଥମ ଗେମ୍‌ରେ ହାରିଥିଲେ ମଧ୍ୟ ସେ ସୋମବାର ଅନୁଷ୍ଠିତ ଫାଇନାଲରେ ସଫଳ ପ୍ରତ୍ୟାବର୍ତ୍ତନ କରି ଇଂଲଣ୍ଡର ଯୁବ ଖେଳାଳି ଲିଆମ ପିଚ୍‌ଫୋର୍ଡଙ୍କୁ ୧୧-୧୩, ୧୧-୭, ୧୧-୨, ୧୧-୬, ୧୧-୮ରେ ପରାସ୍ତ କରିଛନ୍ତି। ଶରଥ ଏହା ପୂର୍ବରୁ ୨୦୦୬ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ପାଇଥିଲେ। ଅର୍ଥାତ୍ ୧୬ ବର୍ଷ ବ୍ୟବଧାନରେ ସେ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ଏହାକୁ ମିଶାଇ ସେ ବର୍ମିଂହାମ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ମୋଟ ୩ଟି ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ପୂର୍ବରୁ ସେ ଦଳଗତ ଇଭେଣ୍ଟ ଏବଂ ଶ୍ରୀଜା ଆକୁଲାଙ୍କୁ ସାଥିକରି ମିକ୍ସଡ ଡବଲ୍ସ ଇଭେଣ୍ଟରେ ସ୍ୱର୍ଣ୍ଣ ପାଇଥିଲେ। ଏଥରର ପ୍ରଦର୍ଶନକୁ ମିଶାଇଲେ ୫ଟି ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଶରଥ ମୋଟ ୧୩ଟି ପଦକ ହାସଲ କରିଛନ୍ତି। ଏଠାରେ ପ୍ରଥମ ଓ ଅନ୍ତିମ ଗେମ୍‌ରେ ଶରଥଙ୍କୁ ଚ୍ୟାଲେଞ୍ଜ ଦେଇଥିଲେ ପିଚ୍‌ଫୋର୍ଡ। ପ୍ରଥମ ଗେମ୍‌କୁ ଜିତିବା ସହ ଅନ୍ତିମ ଗେମ୍‌ରେ ଏକଦା ପଛୁଆ ରହିଥିଲେ ହେଁ ପରେ ସ୍କୋରକୁ ୫-୬ କରିଥିଲେ।


ଅଚନ୍ତ ଶରଥ କମଲ।

### ୪୦ ବର୍ଷରେ ବି ଶରଥ ଦୃଢ଼

**ଜି. ସାଥିଆଁଙ୍କୁ ବ୍ରୋଞ୍ଜ**

ଭାରତର ଜି. ସାଥିଆଁ ପୁରୁଷ ସିଙ୍ଗଲ୍ସରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ରାଜ୍ୟଗୋଷ୍ଠୀ କ୍ରୀଡ଼ାର ସିଙ୍ଗଲ୍ସ ଇଭେଣ୍ଟରେ ଏହା ତାଙ୍କର ପ୍ରଥମ ପଦକ। ଏକ ମାରାଥନ ମ୍ୟାଚ୍‌ରେ ସେ ଘରୋଇ ଫେଭରାଇଟ ପଲ୍ ଡ୍ରିଙ୍ଖ୍‌ହଲ୍‌ଙ୍କୁ ୪-୩ (୧୧-୯, ୧୧-୩, ୧୧-୫, ୮-୧୧, ୯-୧୧, ୧୦-୧୨ ଓ ୧୧-୯)ରେ ପରାସ୍ତ କରିଥିଲେ। ଏହି ବ୍ରୋଞ୍ଜ ପଦକ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସାଥିଆଁଙ୍କର ଥିଲା ଓଭରଅଲ୍ ୬ଷ୍ଠ ପଦକ। ରବିବାର ସେ ଶରଥଙ୍କ ସହ ମିଶି ପୁରୁଷ ଡବଲ୍ସରେ ରୌପ୍ୟ ପଦକ ଲାଭ କରିଥିଲେ। ଫାଇନାଲରେ ଏହି ଯୋଡ଼ି ଇଂଲଣ୍ଡର ଡ୍ରିଙ୍କ୍‌ହଲ୍ ଓ ପିଚ୍‌ଫୋର୍ଡ ଯୋଡ଼ିକୁ ପରାସ୍ତ କରିଥିଲା।

# ଅମିତଙ୍କୁ ରୌପ୍ୟ, ଦୀପ୍‌ଗ୍ରେସଙ୍କୁ ବ୍ରୋଞ୍ଜ

**ଭୁବନେଶ୍ୱର, ୮।୮ (କ୍ରୀଡ଼ା ପ୍ରତିନିଧି):** ରାଜ୍ୟଗୋଷ୍ଠୀ କ୍ରୀଡ଼ାର ୨୨ତମ ସଂସ୍କରଣ ବର୍ମିଂହାମରେ ସୋମବାର ଶେଷ ହୋଇଛି। ଶୁଟିଂ ଇଭେଣ୍ଟ ବାଦ୍ ପଡ଼ିଥିଲେ ମଧ୍ୟ ଏଥର ଭାରତର ପ୍ରଦର୍ଶନ ଆଶାନୁରୂପ ରହିଛି।





ଏଥର ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ମୋଟ ୫ ଓଡ଼ିଆ ଖେଳାଳି ସାମିଲ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଅମିତ ରୋହିଦାସ ରୌପ୍ୟ ଓ ଦୀପ୍ ଗ୍ରେସ୍ ଏକ୍କା ବ୍ରୋଞ୍ଜ ପଦକ ହାସଲର ସୌଭାଗ୍ୟ ପାଇଛନ୍ତି। କାରଣ ଅମିତ ରୌପ୍ୟ ପଦକ ବିଜୟୀ ଭାରତୀୟ ପୁରୁଷ ଦଳ ଏବଂ ଦୀପ୍‌ଗ୍ରେସ ବ୍ରୋଞ୍ଜ ବିଜୟିନୀ ଭାରତୀୟ ମହିଳା ଦଳର ସଦସ୍ୟା ଥିଲେ। ପ୍ରତିଯୋଗିତାରେ ଭାଗ ନେଇଥିବା ଅନ୍ୟ ୩ ଓଡ଼ିଆ ପ୍ରତିଯୋଗୀ ହେଲେ ଦୂତୀ ଚାନ୍ଦ, ଶ୍ରାବଣୀ ନନ୍ଦ ଓ ଦୀନେଶ କୁମାର। ଦୂତୀ ମହିଳା ୧୦୦ ମିଟର ଓ ୪X୧୦୦ ମିଟର ରିଲେ, ଶ୍ରାବଣୀ ୪X୧୦୦ ମିଟର ରିଲେ ଏବଂ ଦୀନେଶ ସାଇକ୍ଲିଂ ଇଭେଣ୍ଟରେ ଭାଗ ନେଇଥିଲେ।

### ରାଜ୍ୟଗୋଷ୍ଠୀ କ୍ରୀଡ଼ା ପଦକ ତାଲିକା

| ଦଳ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଅଷ୍ଟ୍ରେଲିଆ | ୬୭ | ୫୭ | ୫୪ | ୧୭୮ |
| ଇଂଲଣ୍ଡ | ୫୭ | ୬୬ | ୫୩ | ୧୭୬ |
| କାନାଡ଼ା | ୨୬ | ୩୨ | ୩୪ | ୯୨ |
| **ଭାରତ** | **୨୨** | **୧୬** | **୨୩** | **୬୧** |
| ନ୍ୟୁଜିଲାଣ୍ଡ | ୨୦ | ୧୨ | ୧୭ | ୪୯ |
| ସ୍କଟଲାଣ୍ଡ | ୧୩ | ୧୧ | ୨୭ | ୫୧ |
| ନାଇଜେରିଆ | ୧୨ | ୯ | ୧୪ | ୩୫ |
| ୱେଲ୍ସ | ୮ | ୬ | ୧୪ | ୨୮ |
| ଦକ୍ଷିଣ ଆଫ୍ରିକା | ୭ | ୯ | ୧୧ | ୨୭ |
| ମାଲେସିଆ | ୭ | ୮ | ୮ | ୨୩ |
| ନଦର୍ଣ୍ଣ ଆୟାର୍ଲାଣ୍ଡ | ୭ | ୭ | ୪ | ୧୮ |
| ଜାମାଇକା | ୬ | ୬ | ୩ | ୧୫ |
| କେନିଆ | ୬ | ୫ | ୧୦ | ୨୧ |
| ସିଙ୍ଗାପୁର | ୪ | ୪ | ୪ | ୧୨ |
| ତ୍ରିନିଦାଦ ଆଣ୍ଡ ଟବାଗୋ | ୩ | ୨ | ୧ | ୬ |
| ଉଗାଣ୍ଡା | ୩ | ୦ | ୨ | ୫ |
| ସାଇପ୍ରସ୍ | ୨ | ୩ | ୬ | ୧୧ |
| ପାକିସ୍ତାନ | ୨ | ୩ | ୩ | ୮ |
| ସମୋଆ | ୧ | ୪ | ୦ | ୫ |
| ବାର୍ବାଡୋସ | ୧ | ୧ | ୧ | ୩ |
| କ୍ୟାମେରନ୍ | ୧ | ୧ | ୧ | ୩ |
| ଜାମ୍ବିଆ | ୧ | ୧ | ୧ | ୩ |
| ଗ୍ରେନାଡା | ୧ | ୧ | ୦ | ୨ |
| ବାହାମାସ | ୧ | ୧ | ୦ | ୨ |
| ବର୍ମୁଡା | ୧ | ୦ | ୧ | ୨ |
| ବ୍ରିଟିଶ ଭର୍ଜିନ ଆଇଲ୍ୟାଣ୍ଡ | ୧ | ୦ | ୦ | ୧ |
| ମରିସସ | ୦ | ୩ | ୨ | ୫ |
| ଘାନା | ୦ | ୨ | ୩ | ୫ |
| ଫିଜି | ୦ | ୨ | ୨ | ୪ |
| ମୋଜାମ୍ବିକ୍ | ୦ | ୨ | ୧ | ୩ |
| ଶ୍ରୀଲଙ୍କା | ୦ | ୧ | ୩ | ୪ |
| ତାଞ୍ଜାନିଆ | ୦ | ୧ | ୨ | ୩ |
| ବୋସ୍ୱାନା | ୦ | ୧ | ୧ | ୨ |
| ଗର୍ନସେ | ୦ | ୧ | ୧ | ୨ |
| ଡୋମିନିକା | ୦ | ୧ | ୦ | ୧ |
| ପପୁଆ ନ୍ୟୁ ଗିନି | ୦ | ୧ | ୦ | ୧ |
| ସେଣ୍ଟ ଲୁସିଆ | ୦ | ୧ | ୦ | ୧ |
| ଗାମ୍ବିଆ | ୦ | ୧ | ୦ | ୧ |
| ନାମ୍ବିଆ | ୦ | ୦ | ୪ | ୪ |
| ମାଲଟା | ୦ | ୦ | ୧ | ୧ |
| ନାଉରୁ | ୦ | ୦ | ୧ | ୧ |
| ନିଉଏ | ୦ | ୦ | ୧ | ୧ |
| ଭାନୁଆଟୁ | ୦ | ୦ | ୧ | ୧ |


ମହିଳା ସିଙ୍ଗଲ୍ସ ବ୍ୟାଡ୍‌ମିଣ୍ଟନ ସ୍ୱର୍ଣ୍ଣ ପଦକ ବିଜୟିନୀ ଭାରତର ପି.ଭି. ସିନ୍ଧୁ।

# ସିନ୍ଧୁ, ସେନ୍, ଚିରାଗ-ସାତ୍ତ୍ୱିକଙ୍କୁ ସ୍ୱର୍ଣ୍ଣ

ବର୍ମିଂହାମ୍, ୮।୮(ପି.ଟି.)

ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଅନ୍ତିମ ଦିବସରେ ଚମକ ସୃଷ୍ଟି କରିଛନ୍ତି ଭାରତୀୟ ବ୍ୟାଡ୍‌ମିଣ୍ଟନ ତାରକା। ଶେଷଦିନରେ ଭାରତ ୪ ସ୍ୱର୍ଣ୍ଣ ପାଇଥିବାବେଳେ କେବଳ ଏହି ଇଭେଣ୍ଟରୁ ୩ ସ୍ୱର୍ଣ୍ଣିମ ସଫଳତା ମିଳିଛି। ମହିଳା ସିଙ୍ଗଲ୍ସରେ ପି.ଭି. ସିନ୍ଧୁ ପୁଣି ଭାରତକୁ ଗର୍ବିତ କରିଥିବାବେଳେ ଯୁବ ଖେଳାଳି ଲକ୍ଷ୍ୟ ସେନ୍ ନିଜ ପ୍ରଥମ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ବାଜି ମାରିଛନ୍ତି। ଭାରତ ପ୍ରଥମଥର ପାଇଁ ବ୍ୟାଡ୍‌ମିଣ୍ଟନର ଉଭୟ ସିଙ୍ଗଲ୍ସ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଲାଭ କରିଛି। ସେହିପରି ପୁରୁଷ ଡବଲ୍ସରେ ଚିରାଗ ଶେଟ୍ଟି ଓ ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଦେଶ ପାଇଁ ବ୍ୟାଡ୍‌ମିଣ୍ଟନ କୋର୍ଟରୁ ୩ୟ ସ୍ୱର୍ଣ୍ଣ ଲାଭ କରିଛନ୍ତି।

ଭାରତର ସ୍ପୋର୍ଟିଂ ଆଇକନ୍ ସିନ୍ଧୁ ନିଜ ଜାଜ୍ଜ୍ୱଲ୍ୟମାନ କ୍ୟାରିୟରରେ ଆଉ ଏକ ସ୍ୱର୍ଣ୍ଣ ପଦକ ଯୋଡ଼ିଛନ୍ତି। ସୋମବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ଫାଇନାଲରେ ୭ମ ସିଡ୍ ସିନ୍ଧୁ ୧୩ଶ ର୍‍ୟାଙ୍କ୍‌ପ୍ରାପ୍ତ କାନାଡ଼ାର ମିଚେଲି ଲୀ'ଙ୍କୁ ସିଧାସଳଖ ୨୧-୧୫, ୨୧-୧୩ରେ ପରାସ୍ତ କରିଛନ୍ତି। ସିନ୍ଧୁଙ୍କୁ ହରାଇବାକୁ ୩୦ ବର୍ଷୀୟା ମିଚେଲିଙ୍କୁ କରିସ୍ମା ଦେଖାଇବା ଆବଶ୍ୟକ ଥିଲା। ମାତ୍ର ସିନ୍ଧୁ କେବେହେଲେ ସୁଯୋଗ ଦେଇ ନ ଥିଲେ। ସେହିପରି ପୁରୁଷ ସିଙ୍ଗଲ୍ସ ଫାଇନାଲରେ ୧୦ମ ର୍‍ୟାଙ୍କ୍ ସେନ୍ ପ୍ରଥମ ସେଟ୍ ହାତଛଡ଼ା କରିଥିଲେ ହେଁ ପରେ ସଫଳ ପ୍ରତ୍ୟାବର୍ତ୍ତନ କରି ବିଶ୍ୱର ୪୨ତମ ର୍‍ୟାଙ୍କ୍ ଖେଳାଳି ମାଲେସିଆର ନେଗ୍ ତେଜ୍ ୟଙ୍ଗଙ୍କୁ ୧୯-୨୧, ୨୧-୯, ୨୧-୧୬ରେ ହରାଇ ଦେଇଥିଲେ। ୨୦ ବର୍ଷୀୟ ସେନ୍ ପ୍ରଥମ ଗେମ୍‌ରେ ଅଧିକାଂଶ ସମୟ ପଛୁଆ ରହିଥିଲେ ହେଁ ସ୍କୋରକୁ ପାଖାପାଖି ନେବାକୁ ସକ୍ଷମ ହୋଇଥିଲେ। ତାଙ୍କ ମାଲେସୀୟ ପ୍ରତିଦ୍ୱନ୍ଦ୍ୱୀ ପୂର୍ବ ୨ଟି ମ୍ୟାଚ୍‌ରେ ବିଶ୍ୱ ଚାମ୍ପିୟନ ୟିଉ କିଅନ ଲୋ ଏବଂ କିଡାମ୍ବି ଶ୍ରୀକାନ୍ତଙ୍କୁ ହରାଇଥିଲେ। ମାତ୍ର ଫାଇନାଲରେ ସେନ୍ ଚାପର ବଶବର୍ତ୍ତୀ ହୋଇ ନ ଥିଲେ। ଦ୍ୱିତୀୟ ଗେମ୍‌କୁ ସହଜରେ ଜିତିବା ପରେ ତାଙ୍କ ମନୋବଳ ଦୃଢ଼ ହୋଇଥିଲା।

### ବ୍ୟାଡ୍‌ମିଣ୍ଟନ

ପୁରୁଷ ଡବଲ୍ସ ଫାଇନାଲରେ ଚିରାଗ-ସାତ୍ତ୍ୱିକ ଯୋଡ଼ି ଇଂଲଣ୍ଡର ବେନ୍ ଲେନ୍ ଓ ସିଅନ ମେନ୍‌ଡିଙ୍କୁ ସିଧାସଳଖ ଗେମ୍‌ରେ ପରାସ୍ତ କରିଥିଲେ। ଏହି ଭାରତୀୟ ଯୋଡ଼ି ୨୧-୧୫ ଓ ୨୧-୧୩ ଗେମ୍‌ରେ ବିଜୟୀ ହୋଇଥିଲେ। ବର୍ମିଂହାମ ରାଜ୍ୟଗୋଷ୍ଠୀ କ୍ରୀଡ଼ାରୁ ଭାରତ ୩ ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୨ ବ୍ରୋଞ୍ଜ୍ ପଦକ ସହ ଅଭିଯାନ ଶେଷ କରିଛି। ଟିମ୍ ଚାମ୍ପିୟନଶିପ୍‌ରୁ ଭାରତ ରୌପ୍ୟ ପାଇଥିବାବେଳେ ପୁରୁଷ ସିଙ୍ଗଲ୍ସରେ କିଡାମ୍ବି ଶ୍ରୀକାନ୍ତ ଏବଂ ମହିଳା ଡବଲ୍ସରେ ତ୍ରିସା ଜୋଲି-ଗାୟତ୍ରୀ ଗୋପୀଚାନ୍ଦ ଯୋଡ଼ି ବ୍ରୋଞ୍ଜ୍ ପଦକ ଲାଭ କରିଥିଲା।


ସ୍ୱର୍ଣ୍ଣ ପଦକ ଜିତିବାପରେ ଖୁସି ମନାଉଛନ୍ତି ଭାରତର ଲକ୍ଷ୍ୟ ସେନ୍।

CLASSIFIED DISPLAY
MORE SPACE • SAME PRICE
TARIFF GST 5%

India's No.1 Company
ପ୍ରଥମ ଥର ଓଡିଶାରେ ଏମିତି ଅଫର୍
ନିଜର ଖାଲିଥିବା ଜମି ଓ ଛାତ
Plot ରେ ଟ୍ୱାଓର 4G/5G ବସାଇ
ଅଗ୍ରୀମ 80,000,00/-
ପାଆନ୍ତୁ ଓ ମାସକୁ
ଭଡା 80,000/-
ଟଙ୍କା ପାଆନ୍ତୁ +
ବାଇକ୍ ପାଆନ୍ତୁ
Belaundi, Amarpura, Kaimur, Bihar - 821109
Call or SMS
7735130553


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି
ଦ୍ୱାଦଶାହ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତା ଚନ୍ଦ୍ରାବତୀ ପାତ୍ର
କୋରଡ଼ାପିପଲ, ବରୀ, ଯାଜପୁର
ତିରୋଧାନ: ୨୯।୦୭।୨୦୨୨
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ ।
ନ ଚୈନଂ କ୍ଳେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ: ପୁତ୍ର-ପୁତ୍ରବଧୂମାନେ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ବନ୍ଧୁବାନ୍ଧବ ଓ ପରିବାରବର୍ଗ ।
ଧ-୧୨୧୯

# ଓଜନ କମାଇବାକୁ ହେଲେ ଯୋଗ କରନ୍ତୁ

**ଯୋଗ କରିବା ଦ୍ୱାରା ଶରୀରର ଓଜନ କମାଇପାରିବେ। ଏଥିସହ ଆପଣ ହେଲ୍‌ଦୀ ଡାଏଟ୍ ନିଅନ୍ତୁ। ଏହା ଆପଣଙ୍କ ଓଜନ କମାଇବା, ମସ୍ତିଷ୍କ ଓ ଶରୀର ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ। ଆପଣ ଯଦି ଓଜନ କମାଇବାକୁ ଚାହୁଁଛନ୍ତି ତେବେ ନିମ୍ନରେ ଦିଆହୋଇଥିବା କେତୋଟି ଟିପ୍ସ ଆପଣାନ୍ତୁ ...**



**ଚତୁରଙ୍ଗ ଦଣ୍ଡାସନ:** ଚତୁରଙ୍ଗ ଦଣ୍ଡାସନ ଆପଣଙ୍କ ପେଟକୁ ମଜଭୁତ କରିଥାଏ। ଏହି ଆସନ ଦେଖିବାକୁ ଯେତେ ସହଜ ଲାଗେ, ତା'ର ଫାଇଦା ସେତେ ଅଧିକ। ଆପଣ ଯେତେବେଳେ ଏହି ମୁଦ୍ରାରେ ଥାନ୍ତି, ସେତେବେଳେ ଆପଣ ନିଜ ପେଟ ମାଂସପେଶୀର ତୀବ୍ରତା ଅନୁଭୂତ ହୋଇଥାଏ।

**ବୀରଭଦ୍ରାସନ:** ଯଦି ଆପଣ ଜଙ୍ଘ ଏବଂ କାନ୍ଧକୁ ଷ୍ଟ୍ରଙ୍ଗ୍ କରିବାକୁ ଚାହାନ୍ତି ତେବେ ଏହି ଆସନ ଆପଣଙ୍କୁ ସାହାଯ୍ୟ କରିପାରେ। ବୀରଭଦ୍ରାସନ କରିବାର କିଛି ସମୟ ପରେ ମାଂସପେଶୀ ଟାଇଟ୍ ହେଲା ପରି ଲାଗିବ। ଏହି ଯୋଗାସନ ଆପଣଙ୍କ ପିଠିର ଶେଷଭାଗ, ପାଦ ଏବଂ ବାହୁକୁ ଆରାମ ଦେଇଥାଏ। ଏହି ଆସନ ଆପଣଙ୍କ ପେଟ କମାଇବାରେ ସାହାଯ୍ୟ କରେ।

**ତ୍ରିକୋଣାସନ:** ତ୍ରିକୋଣାସନ ପାଚନ କ୍ରିୟାକୁ ସହଜ କରିବା ସହିତ ପେଟ ଏବଂ ଅଣ୍ଟାରେ ଜମା ହୋଇଥିବା ଚର୍ବିକୁ କମ୍ କରିବାରେ ସାହାଯ୍ୟ କରିଥାଏ। ଏହା ପୂରା ଶରୀରରେ ବ୍ଲଡ୍ ସର୍କୁଲେଶନ କରିଥାଏ। ଏହି ଆସନ କରିବା ଦ୍ୱାରା ଏକଗ୍ରତା ବଢ଼ିଥାଏ।

**ଅଧାମୁଖ ଶ୍ୱନାସନ:** ଏହି ଆସନ କରିବା ଦ୍ୱାରା ପେଟର ତଳ ମାଂସପେଶୀ ମଜଭୁତ ହୋଇଥାଏ। ଉକ୍ତ ଆସନ ମଝି ହାଡ଼କୁ ସପୋର୍ଟ ଦେଇଥାଏ। ଏହି ଆସନ କରିବା ଦ୍ୱାରା ମନର ଏକାଗ୍ରତା ଓ ବ୍ଲଡ୍ ସର୍କୁଲେସନ ଠିକ୍ ରୁହେ।

**ସର୍ବାଙ୍ଗାସନ:** ଏହି ଆସନ କରିବା ଦ୍ୱାରା ହଜମ ଭଲ ହୁଏ ଓ ଶରୀରକୁ ଶକ୍ତି ମିଳେ। ଉକ୍ତ ଆସନ ଶରୀରର ମେଟାବୋଲିଜମ୍ ଓ ଥାଇରଏଡ୍ ଲେଭଲ ସନ୍ତୁଳନ ରକ୍ଷା କରିଥାଏ।

# ବର୍ଷାଦିନେ ସତର୍କତା



- ପ୍ରତିଦିନ ସନ୍ଧ୍ୟାରେ ଘରେ ନିମପତ୍ର ଧୂଆଁ ଦିଅନ୍ତୁ। ଏହା ଏତେ କାମରେ ଆସିଥାଏ ଯେ ଘରେ ଯଦି କୌଣସି କୋଣରେ ପୋକ ଜୋକ ରହିଥାନ୍ତି ସେମାନେ ଘର ବାହାରକୁ ପଳାଇ ଥାନ୍ତି। ଏମିତିରେ ବି ଘରେ ସନ୍ଧ୍ୟା ସମୟରେ ମଶାଙ୍କ ପ୍ରାଦୁର୍ଭାବ ନ କହିଲେ ଭଲ, ସେମାନେ ବି ଏ ଗନ୍ଧରେ ଘର ଭିତରକୁ ପ୍ରବେଶ କରିପାରନ୍ତି ନାହିଁ।
- ଘରେ ଯଦି ଛୋଟ ଛିଦ୍ର ଅଛି, ତାକୁ ବର୍ଷାଦିନ ପୂର୍ବରୁ ବନ୍ଦ କରି ଦିଅନ୍ତୁ। ନ ହେଲେ ମଶା ସେମାନଙ୍କ ଘର ବନାଇ ରହିଯିବେ। ପିମ୍ପୁଡ଼ିମାନଙ୍କଠୁ ରକ୍ଷା ପାଇବାକୁ ହେଲେ ହଳଦୀ ପାଉଡ଼ର ଓ ବୋରାକ୍ସ ପାଉଡରକୁ ମିକ୍ସ କରି କଣା ହୋଇଥିବା ଗାତ ଭର୍ତ୍ତିକରି ବନ୍ଦ କରି ଦିଅନ୍ତୁ।




- ବେଳେବେଳେ ଦେଖାଯାଏ ସିଙ୍କ୍ ଓ ବେସିନ ହୋଲ୍‌ରେ ଅସରପା ଏବଂ ଅନ୍ୟ ପୋକ ଦେଖିବାକୁ ମିଳେ। ଏମିତିରେ ସେଠାରେ କର୍ପୂର ରଖନ୍ତୁ। କର୍ପୂର ବଲକୁ କପଡ଼ା, ବହି ଥାକ, ବେଡ୍ ତଳେ, ଫର୍ନିଚର ତଳେ ନିଶ୍ଚିତ ରଖନ୍ତୁ। ଏହିସବୁ ସ୍ଥାନ ପୋକମାନଙ୍କର ପସନ୍ଦ ଜାଗା।
- ପୁଦିନା ଏବଂ ତୁଳସୀ ଗଛକୁ ଆପଣ ଝରକା ପାଖରେ ରଖନ୍ତୁ। ଏହା ରଖିବା ଦ୍ୱାରା ମଶା ଘରକୁ ପ୍ରବେଶ କରନ୍ତି ନାହିଁ।
- ଘର ପୋଛାହେଉଥିବା ସମୟରେ ସିର୍କାରେ ଲେମ୍ବୁ, କର୍ପୂର ଓ ଫିଟିକିରି ମିଶାନ୍ତୁ। ଏହାଦ୍ୱାରା ବୁଢ଼ିଆଣୀ, ପିମ୍ପୁଡ଼ି ଓ ଛୋଟ ପୋକ ଦାଉରୁ ରକ୍ଷା ମିଳିଥାଏ।

## ଖାଦ୍ୟରୁଚି
# ଭେଣ୍ଡି ଫ୍ରାଏ



**ଆବଶ୍ୟକ ସାମଗ୍ରୀ:** ଭେଣ୍ଡି ୫୦୦ଗ୍ରାମ୍, ତେଲ ବଡ଼ ୪ଚାମଚ, ଜୀରା ଦେଢ଼ ଚାମଚ, ପିଆଜ ୨ଟି ବଡ଼, କଞ୍ଚାଲଙ୍କା ୩-୪ଟି, ଲଙ୍କାଗୁଣ୍ଡ ୧ ଚାମଚ, ଧନିଆ ପାଉଡ଼ର ଅଧା ଚାମଚ, ହଳଦୀ ପାଉଡର ଅଳ୍ପ ପରିମାଣର, ଆମଚୁର ପାଉଡର ୨ ଚାମଚ।

**ପ୍ରସ୍ତୁତି ପ୍ରଣାଳୀ:** ଭେଣ୍ଡିକୁ ଭଲଭାବେ ଧୋଇ ପୋଛିଦିଅନ୍ତୁ। ଭେଣ୍ଡିର ଦୁଇମୁଣ୍ଡକୁ କାଟି ୨ ଇଞ୍ଚ ଲେଖାଏ ଆକାରରେ ୨ଖଣ୍ଡ କରି କାଟିଦିଅନ୍ତୁ। ଏବେ କଡ଼େଇରେ ତେଲ ଗରମ କରନ୍ତୁ। ସେଥିରେ ଜିରା, ଜିରାର କଲର ବଦଳିବା ପରେ ସେଥିରେ କଟାହୋଇଥିବା ପିଆଜକୁ ପକାଇ ଭାଜନ୍ତୁ। ପିଆଜ ରଙ୍ଗ ଟିକେ ଲାଲ ହେଲା ପରେ ସେଥିରେ କଞ୍ଚାଲଙ୍କା ପକାଇ ଅଧା ମିନିଟ୍ ଭାଜନ୍ତୁ। ଏହାପରେ ଭେଣ୍ଡି, ଲଙ୍କା ପାଉଡର, ଧନିଆ ପାଉଡର ଓ ହଳଦୀ ପକାନ୍ତୁ। ଏସବୁ ପକାଇଲା ପରେ ତାକୁ ଭଲଭାବେ ମିଶାଇ ଦିଅନ୍ତୁ। ଏବେ ଏଥିରେ ଲୁଣ ଓ ଆମଚୁର ପାଉଡର ପକାନ୍ତୁ। ଯେତେବେଳେ ଭେଣ୍ଡି ଟିକେ ନରମ ହେଲା ପରି ଲାଗିବ ଆଞ୍ଚକୁ ଟିକେ ଜୋର୍‌ରେ ଦେଇ ତାକୁ ଟିକେ ସିଝିବାକୁ ଛାଡ଼ି ଦିଅନ୍ତୁ।




# ସ୍ମାର୍ଟଫୋନ୍
## ଆଣିପାରେ ବିପଦ



ଏବେ ହାଇଟେକ୍ ଯୁଗ। ସ୍ମାର୍ଟଫୋନ୍ ବା ମୋବାଇଲର ବ୍ୟବହାର ସହ ପ୍ରାୟ ସମସ୍ତେ ଜଡ଼ିତ। ଦିନରାତି ଫୋନ୍ ସହ ଯୋଡ଼ିହୋଇ ରହିବାର ଅଭ୍ୟାସ ମଧ୍ୟ ଅନେକଙ୍କର ଅଛି। ଏହା ହୁଏତ ଦୂରଦୂରାନ୍ତରେ ରହୁଥିବା ଲୋକଙ୍କୁ ଆପଣଙ୍କ ସହ ବାନ୍ଧି ରଖିଥାଏ, କିନ୍ତୁ ଆପଣଙ୍କ ଦୃଷ୍ଟିଶକ୍ତିକୁ ବିଗାଡ଼ିବାରେ ଏହାର ପ୍ରମୁଖ ଭୂମିକା ରହିଛି। ଆଖି ଗୋଟିଏ ସ୍ଥାନରେ ଆବଶ୍ୟକତାଠାରୁ ଅଧିକ ସମୟ ଲାଖି ରହିବା ଦ୍ୱାରା ଦୃଷ୍ଟିଶକ୍ତି ପ୍ରଭାବିତ ହୋଇଥାଏ। ତେଣୁ ନିୟମିତି ସମୟ ଅନ୍ତରାଳରେ ଆଖିକୁ ବିଶ୍ରାମ ଦରକାର। ଆସନ୍ତୁ, ଜାଣିବା ମୋବାଇଲ୍ ଫୋନ୍ କିପରି ଚତୁରତାର ସହ ଆଖିକୁ ଖରାପ କରୁଛି।

**ରେଟିନା ଉପରେ ପ୍ରଭାବ:** ରାତିରେ ଯେତେବେଳ ମୋବାଇଲ ଫୋନ୍ ବ୍ୟବହାର କରୁଛନ୍ତି, ସେଥିରୁ ବାହାରୁଥିବା ଲାଇଟ୍ ସିଧାସଳଖ ଆଖିର ରେଟିନା ଉପରେ ପ୍ରଭାବ ପକାଇଥାଏ। ଏହାଦ୍ୱାରା ଆପଣଙ୍କ ଆଖି ଜଲ୍‌ଦି ଖରାପ ହେବାର ଆଶଙ୍କା ରହିଛି। ଦେଖିବାର କ୍ଷମତା ଧୀରେ ଧୀରେ କମିବାକୁ ଲାଗେ।

**ଡ୍ରାଏନେସ୍:** ଦିନତମାମ କାମ ମଧ୍ୟରେ ଆଖିକୁ ଟିକେ ବିଶ୍ରାମ ମିଳେ ନାହିଁ। ଏମିତିରେ ରାତିରେ ଶୋଇବା ବଦଳରେ ଯଦି ଅଧିକ ସମୟ ଫୋନ୍ ସହ ବିତେ ତେବେ ଏହା ଆଖିକୁ ଡ୍ରାଏ କରି ଦେଇଥାଏ। ଏମିତିରେ ଆଖି କୁଣ୍ଡାଇ ହେବା ଓ ଜ୍ୱଳନ ହୋଇଥାଏ। ଲଗାତର ଏପରି କରିବା ଦ୍ୱାରା ଅଶ୍ରୁଗ୍ରନ୍ଥି ଉପରେ ପ୍ରଭାବ ପଡ଼ିଥାଏ।



**ଆଇସାଇଟ୍ ଡ୍ୟାମେଜ:** ଆପଣ ଜାଣିଛନ୍ତି କି ସ୍ମାର୍ଟଫୋନ୍ ଆପଣଙ୍କ ଆଖିର ଉଜ୍ଜ୍ୱଳତାକୁ ନଷ୍ଟ କରିପାରେ। ଆଜ୍ଞା ହଁ, କେତେ ଗବେଷଣାରେ ପ୍ରମାଣ ହୋଇଗଲାଣି ଫୋନ୍‌ରୁ ବାହାରୁଥିବା ବ୍ଲୁ ଲାଇଟ୍ ଆଖିକୁ ସମ୍ପୂର୍ଣ୍ଣ ରୂପେ ଡ୍ୟାମେଜ କରିପାରେ।

**ଆଖିରୁ ପାଣି ବାହାରିବା:** କେଇଘଣ୍ଟା ପର୍ଯ୍ୟନ୍ତ ମୋବାଇଲ ସହ ଜଡ଼ିତ ରହିବା ଯୋଗୁ ଆଖିରୁ ପାଣି ବାହାରିଥାଏ। ଏହା ମୋବାଇଲରୁ ବାହାରୁଥିବା କ୍ଷତିକାରକ ବିକିରଣ ପାଇଁ ହୋଇଥାଏ। ଲଗାତର ମୋବାଇଲ ଦେଖିବା ଦ୍ୱାରା ପଲକ ପଡ଼ିବା ବନ୍ଦ ହୋଇଯାଏ। ଏହାଦ୍ୱାରା ଆଖିକୁ ବିଶ୍ରାମ ମିଳେ ନାହିଁ, ଫଳରେ ଆଖିରୁ ଲୁହ ବାହାରେ।



**ଚଷମା ଲଗାଇବା:** ମୋବାଇଲ ଫୋନ୍ ହୁଏତ ଆପଣଙ୍କୁ ସୋସିଆଲ ସାଇଟ୍‌ରେ ଯୋଡ଼ି ରଖିପାରୁଥାଏ, କିନ୍ତୁ ଏହା ଦ୍ୱାରା ଜଲ୍‌ଦି ଚଷମା ପିନ୍ଧିବାକୁ ପଡ଼ିପାରେ। ଖାଲି ଏତିକି ନୁହେଁ, ଧୀରେ ଧୀରେ ଆଖିର ପାୱାର ନମ୍ବର ବଢ଼ିବାକୁ ଲାଗେ। ପତଳା ଚଷମା ମୋଟା ହେବାକୁ ଲାଗେ। କିଛି ବର୍ଷ ପରେ ଆଖିର ଅପରେଶନ କରିବାକୁ ପଡ଼ିପାରେ। ଆଖିର କୋଷ ଶୁଖିବାକୁ ଲାଗେ। ଏହାଦ୍ୱାରା ମୁଣ୍ଡବିନ୍ଧା ସମସ୍ୟା ମଧ୍ୟ ଦେଖାଯାଇପାରେ।



**ଆଖି ଲାଲ୍ ହୋଇଯିବା:** ଲଗାତର ମୋବାଇଲ ଦେଖିବା ଦ୍ୱାରା ଆଖିର ଧଳାଭାଗ ଲାଲ୍ ଦେଖାଯିବା ଏବଂ ଆଖିରେ ଆଇଡ୍ରପ୍ ପକାଇଲେ ତାହାର ସମସ୍ୟାର ସମାଧାନ ହୋଇ ନ ପାରେ। ଆଖି ଲାଲ୍ ହେବା ସହ ତାହା ନିଦୁଆ ଭଳି ଦେଖାଯାଏ।

**ଟେମ୍ପୋରାରି ବ୍ଲାଇଣ୍ଡନେସ୍:** ଲଗାତର ଆପଣ ମୋବାଇଲ ଦେଖିବା ଦ୍ୱାରା ଅଚାନକ ଯଦି ଅନ୍ୟ କ'ଣ ଦେଖୁଛନ୍ତି ତେବେ ତାହା କିଛି ସମୟ ଲାଗି ବ୍ଲାକ୍ ହୋଇଯାଏ। ଆଖି ସାମ୍ନାରେ ସବୁ କିଛି ଅନ୍ଧାର ଦେଖାଯାଏ। ଏହା ଆପଣଙ୍କ ଆଖି ଲାଗି ଭଲ ସଂକେତ ହୋଇ ନ ପାରେ।

**ଲେଖା ସ୍ପଷ୍ଟ ନ ଦେଖାଯିବା:** ସ୍ମାର୍ଟଫୋନ୍‌ର ଅଧିକ ବ୍ୟବହାର ଯୋଗୁ କିଛି ବି ସ୍ପଷ୍ଟ ଦେଖାଯାଏନି। ଇଂରାଜୀରେ ଏହାକୁ ବ୍ଲାଇଣ୍ଡ ଭିଜନ କୁହାଯାଏ।

**କିପରି ରକ୍ଷା ପାଇବେ:** ଯଦି ଆପଣ ଚାହୁଁଛନ୍ତି ଆପଣଙ୍କ ଆଖି ଖରାପ ନ ହେଉ ତେବେ ନିମ୍ନରେ ଦିଆହୋଇଥିବା ନିର୍ଦ୍ଦେଶାବଳୀକୁ ପଢ଼ିବା ନିହାତି ଜରୁରୀ।

**ଦୂରତା ବଜାୟ ରଖନ୍ତୁ**
ମୋବାଇଲଠାରୁ ନିଜକୁ ଯଥା ସମ୍ଭବ ଦୂରେଇ ରହିବାକୁ ଚେଷ୍ଟା କରନ୍ତୁ। କିଛି ସମୟ ପର୍ଯ୍ୟନ୍ତ ଆଖିଠାରୁ ଦୂରରୁ ରଖିଲେ ଆଖିକୁ ସେଫ୍ ରଖିପାରିବେ।

### ସ୍ମାର୍ଟଫୋନ୍ ବ୍ୟବହାର ସୀମିତ ହେବା ଭଲ


ଯେଉଁମାନେ ସ୍ମାର୍ଟଫୋନ୍ ବ୍ୟବହାର କରୁଛନ୍ତି ସେମାନେ କେତୋଟି କଥାକୁ ଗୁରୁତ୍ୱ ଦେବା ନିହାତି ଦରକାର। ପ୍ରଥମ କଥା ହେଲା ସ୍ମାର୍ଟଫୋନ୍‌ର ବ୍ୟବହାରକୁ ଆମେ ଦୁଇ ଭାଗରେ-ଏସେନ୍‌ସିଆଲ ୟୁଜ୍ ଆଉ ନନ୍‌ଏସେନ୍‌ସିଆଲ ୟୁଜ୍ ଭାବରେ ବିଭକ୍ତ କରିପାରିବା। ଯଦି ହ୍ୱାଟସଆପ୍ କିମ୍ବା ମେଲ୍‌ରେ ଷ୍ଟଡି ମ୍ୟାଟେରିଆଲ୍ ଆସୁଛି ତାକୁ ଆମେ ଏସେନ୍‌ସିଆଲ ୟୁଜ୍ ବୋଲି କହିପାରିବା। ସୋସିଆଲ୍ ସାଇଟ୍ ବ୍ୟବହାର କରିବା ଏବଂ ଗେମ୍ ଖେଳିବା ଆଦି ହେଉଛି ନନ୍ ଏସେନ୍‌ସିଆଲ ୟୁଜ୍। ସବୁଠାରୁ ଖାସ୍ କଥା ହେଲା, ସ୍ମାର୍ଟଫୋନ୍‌ର ବ୍ୟବହାରକୁ ଆମକୁ ସୀମିତ କରିବାକୁ ପଡିବ। ଆବଶ୍ୟକତା ନ ଥିଲେ ଏହାଠାରୁ ନିଜକୁ ଦୂରେଇ ରଖିବା ହିଁ ବିଜ୍ଞତାର ପରିଚାୟକ। ଯେହେତୁ ଏବେ ଏସେନ୍‌ସିଆଲ ୟୁଜ୍ ବଢ଼ିଯାଇଛି ତେଣୁ ନନ୍ ଏସେନ୍‌ସିଆଲ ୟୁଜ୍‌କୁ ଆମକୁ କଟ୍‌ଡାଉନ୍ କରିବାକୁ ପଡ଼ିବ। ଯେଉଁ ଜାଗାରେ ବସି ମୋବାଇଲ ଦେଖୁଛନ୍ତି ସେ ଜାଗାର ଲାଇଟ୍ ଭଲ ହେବା ଦରକାର। ଅନ୍ଧାରରେ ଆଦୌ ମୋବାଇଲ ଦେଖନ୍ତୁ ନାହିଁ। ସାଧାରଣତଃ ଥରକରେ ଆଖି ୧୨ଥର ବ୍ଲିଙ୍କ୍ ହୁଏ। ଯଦି ସେଇଟା ବନ୍ଦ ହୋଇଯାଏ ତେବେ ଆଖିର ଡ୍ରାଏନେସ୍ ଦେଖାହେବା ଆଶଙ୍କା ରହିଛି। ମୋବାଇଲ୍ ଦେଖିବା ସମୟରେ ମନେରଖି ଆମକୁ ଆଖି ବ୍ଲିଙ୍କ୍ କରିବା ଦରକାର। ଏହାକୁ ଆମେ '୨୦:୨୦:୨୦ ରୁଲ୍' କହିଥାଉ। ଅର୍ଥାତ୍ ପ୍ରତି ୨୦ମିନିଟ୍‌ରେ ୨୦ ସେକେଣ୍ଡରେ ଆଖିକୁ ବ୍ରେକ୍‌ଦେବା ଦରକାର ଏବଂ ୨୦ଫୁଟ୍ ଦୂରରେ ରହିଥିବା ବସ୍ତୁକୁ ଦେଖିବା ଦରକାର। ଶୋଇକରି ଫୋନ୍ ଦେଖିଲେ ଆମ ବେକ ଏବଂ ସ୍ପାଇନ୍ ଉପରେ ପ୍ରଭାବ ପଡ଼ିଥାଏ। ତେଣୁ ସବୁବେଳେ ସିଧା ବସିକରି ଫୋନ୍ ଦେଖିବା ଦରକାର। ମୋବାଇଲ ଯଦି ଅଧିକ ସମୟ ପର୍ଯ୍ୟନ୍ତ ଦେଖିବାର ଅଛି ତେବେ କୌଣସି ସ୍ଥାନରେ ଫିକ୍ସ କରି ରଖିବା କିମ୍ବା ଷ୍ଟାଣ୍ଡରେ ରଖି ଦେଖନ୍ତୁ। ଫୋନ୍‌ର ପୋଜିସନିଂ ସବୁବେଳେ ଆଖି ତଳେ ରହିବା ଦରକାର। ଯେତେ ସମ୍ଭବ ପାରିବା ବହିଖାତାରୁ ପାଠ ପଢ଼ିବାକୁ ଚେଷ୍ଟା କରିବା। ବେଳେବେଳେ ଫୋନ୍‌ର ସାହାଯ୍ୟ ନେଇପାରିବା, କିନ୍ତୁ ତାହା ଅଳ୍ପ ସମୟ ପାଇଁ। ତାହାଠୁ ଅଧିକ ହେଲେ ତାହା ଆଖି ପାଇଁ ସମସ୍ୟା ହୋଇପାରେ। ଏ ତ ଗଲା ୟଙ୍ଗ୍ ଜେନେରେଶନଙ୍କ କଥା। ଯେଉଁମାନଙ୍କର ଚାଳିଶା ଅଛି ସେମାନେ ମୋବାଇଲ ଦେଖିବା ସମୟରେ ଚଷମା ବ୍ୟବହାର କରିବା ନିହାତି ଦରକାର।

*-ଡା. ଅନୁରାଗ ମିଶ୍ର*
*ମ୍ୟାନେଜିଂ ଡାଇରେକ୍ଟର, ରାଧାରମଣ ହସ୍ପିଟାଲ, ପୁରୀଘାଟ, କଟକ*

ଯେତେବେଳେ ବି ଫୋନ୍ ବ୍ୟବହାର କରୁଛନ୍ତି ଫୋନ୍ ଆଖି ପାଖରେ ଯେପରି ନ ରୁହେ ସେଥିପ୍ରତି ଯତ୍ନବାନ୍ ହୁଅନ୍ତୁ।

**ନୋ ନାଇଟ୍ ୱାଚ୍ :** ରାତି ହୋଇଛି ଶୋଇବା ପାଇଁ, ଦିନସାରା କାମ ଓ ରାତିରେ ଫୋନ୍‌ରେ ଚାଟିଂ, ଭିଡିଓ ୱାଚିଂ ଆଦି ଆପଣଙ୍କୁ ଥକାଇ ଦେଇଥାଏ। ଆପଣ ନିଜେ ହିଁ ଲିମିଟ୍ ରଖନ୍ତୁ ଯେ ଦିନକୁ କେତେ ସମୟ ମୋବାଇଲ ବ୍ୟବହାର କରିବେ। ରାତିରେ ଏକ ନିର୍ଦ୍ଦିଷ୍ଟ ସମୟରେ ମୋବାଇଲ ବ୍ୟବହାର କରନ୍ତୁ ନାହିଁ। ଅଧିକ ରାତି ପର୍ଯ୍ୟନ୍ତ ମୋବାଇଲ ଦେଖିବା ଦ୍ୱାରା ନିଦ୍ରାହୀନତା ସମସ୍ୟା ଦେଖାଯାଇପାରେ। ଏହାଦ୍ୱାରା ଆଖି ତଳ ଡାର୍କ ସର୍କଲ ସମସ୍ୟା ହୋଇପାରେ।

**ଲାଇଟ୍ କମ୍ କରନ୍ତୁ:** ଆରମ୍ଭରୁ ଫୋନ୍ ବ୍ୟବହାର ଅଭ୍ୟାସଠାରୁ ରକ୍ଷା ପାଇବା ବହୁତ କଷ୍ଟ। ଧୀରେ ଧୀରେ ଏହି ଅଭ୍ୟାସକୁ ଆପଣ କମାଇପାରିବେ। ଏଥିପାଇଁ ଭଲହେବ ଫୋନ୍‌ର ବ୍ରାଇଟ୍‌ନେସ କମ୍ କରି ଦିଅନ୍ତୁ। ଏହାଦ୍ୱାରା ଆଖିର ପ୍ରେସର କମ୍ ପଡ଼ିବ।



**-ମହାଶ୍ୱେତା ନାୟକ**

## ସୌନ୍ଦର୍ଯ୍ୟ
# ଟମାଟୋ ଫେସ୍‌ପ୍ୟାକ୍

**ଟମାଟୋ ସ୍କିନ୍ ପାଇଁ ବହୁତ ଉପକାରୀ। ଯେତେବେଳେ ଆପଣ ଭାବୁଛନ୍ତି କି ଆପଣଙ୍କ ତ୍ୱଚା ଟିକେ ସଫା ଦେଖାଯିବ ସେତେବେଳେ ଆପଣ ଟମାଟୋର ସାହାଯ୍ୟ ନେଇପାରିବେ। ଆପଣ ଯଦି ଚାହୁଁଛନ୍ତି ଫେୟାର ତ୍ୱଚା ତେବେ ଟମାଟୋ ଫେସିଆଲ୍‌କୁ ଆପଣାଇପାରିବେ...**



**ଷ୍ଟେପ୍-୧: କ୍ଲିଜିଂ**
ଫେସିଆଲ ପୂର୍ବ ଷ୍ଟେପ୍ କ୍ଲିଜିଙ୍ଗ। ଏଥିପାଇଁ ଟମାଟୋ ରସ ଓ କଞ୍ଚାକ୍ଷୀରକୁ ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ଆପଣ କଟନ୍‌ବଲ ସାହାଯ୍ୟରେ ବେକ ଏବଂ ମୁହଁରେ ଲଗାନ୍ତୁ।

**ଷ୍ଟେପ୍-୨: ସ୍କ୍ରବିଂ**
ଫେସିଆଲର ଦ୍ୱିତୀୟ ଷ୍ଟେପ୍ ସ୍କ୍ରବିଂ। ଏଥିପାଇଁ ଆପଣ ଅଧା ଟମାଟୋ ନିଅନ୍ତୁ। ଏହି କଟାଯାଇଥିବା ଟମାଟୋ ଫାଳରେ କିଛି ଚିନି ଲଗାଇ ଦିଅନ୍ତୁ। ଏବେ ଏହାକୁ ମୁହଁରେ ଧୀରେ ଧୀରେ ସ୍କ୍ରବ୍ କରି ମସାଜ୍ କରନ୍ତୁ। ଏହି ଷ୍ଟେପ୍‌କୁ ଜୋର୍‌ରେ କରନ୍ତୁ ନାହିଁ, ଚିନିର ଦାନା ଆପଣଙ୍କୁ ଅସୁବିଧାରେ ପକାଇପାରେ।

**ଷ୍ଟେପ୍-୩: ଷ୍ଟିମିଂ**
ଟମାଟୋର ଫେସିଆଲର ତୃତୀୟ ଷ୍ଟେପ୍ ଷ୍ଟିମିଂ କରନ୍ତୁ। ଏଥିପାଇଁ ଇଲେକ୍ଟ୍ରିକ୍ ଫେସିଆଲ ଷ୍ଟିମରକୁ ନିଅନ୍ତୁ, ଏହାକୁ ୫ମିନିଟ୍ ପର୍ଯ୍ୟନ୍ତ ଗରମ ହେବାକୁ ଛାଡ଼ିଦିଅନ୍ତୁ। ଏବେ ଆପଣଙ୍କ ମୁହଁକୁ ପାଖାପାଖି ୫ରୁ ୭ମିନିଟ୍ ପର୍ଯ୍ୟନ୍ତ ଷ୍ଟିମ୍ ଦିଅନ୍ତୁ।



**ଷ୍ଟେପ୍-୪**
ଟମାଟୋ ଫେସିଆଲର ଚତୁର୍ଥ ଷ୍ଟେପ୍‌ରେ ଆପଣଙ୍କୁ ପ୍ୟାକ୍ ପ୍ରସ୍ତୁତ କରିବା ପାଇଁ ଟମାଟୋ ରସ, ଚନ୍ଦନ ପାଉଡ଼ର ଓ ମହୁ ଆବଶ୍ୟକ ହୋଇଥାଏ। ଏହିସବୁ ସାମଗ୍ରୀକୁ ଭଲଭାବେ ମିଶାଇ ଦିଅନ୍ତୁ। ପୁଣି ଏହାକୁ ଆପଣ ନିଜ ମୁହଁରେ ଏବଂ ବେକରେ ଲଗାନ୍ତୁ। ଏହାକୁ ୧୫ମିନିଟ୍ ପର୍ଯ୍ୟନ୍ତ ମୁହଁରେ ଲଗାଇ ରଖନ୍ତୁ। ତା'ପରେ ଥଣ୍ଡା ପାଣିରେ ମୁହଁକୁ ଭଲ ଭାବେ ଧୋଇ ଦିଅନ୍ତୁ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ମଙ୍ଗଳବାର, ଅଗଷ୍ଟ ୯/୨୦୨୨ Sambalpur, Tuesday, August 9/ 2022

# ଏସିଆ କପ୍‌ରେ ଖେଳିବେ ନାହିଁ ବୁମ୍‌ରା




**ନୂଆଦିଲ୍ଲୀ, ୮।୮ (ପି.ଟି.):** ଭାରତର ସିନିୟର ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ଏସିଆ କପ୍ ଟି୨୦ ଟୁର୍ନାମେଣ୍ଟରେ ଖେଳିବେ ନାହିଁ। ତାଙ୍କ ପିଠିରେ ଆଘାତ ଲାଗିଥିବାରୁ ସୁସ୍ଥ ହେବା ପାଇଁ ତାଙ୍କୁ କିଛି ସମୟ ଲାଗିବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ଜଣେ ବରିଷ୍ଠ କର୍ମକର୍ତ୍ତା ଭିତିରି ସୂଚନା ଦେଇ କହିଛନ୍ତି ଯେ, ଆଗକୁ ଟି୨୦ ବିଶ୍ୱକପ୍ ରହିଛି। ବୁମ୍‌ରା ଆମର ଜଣେ ପ୍ରମୁଖ ବୋଲର। ତାଙ୍କୁ ଏସିଆ କପ୍‌ରେ ଖେଳାଇ ଆମେ ରିସ୍କ ନେବାକୁ ଚାହୁଁନା। କାରଣ ଏହାଦ୍ୱାରା ତାଙ୍କ ଇଞ୍ଜୁରୀ ହୁଏତ ବଢିଯାଇପାରେ। ବୁମ୍‌ରା ଶେଷ ଥର ପାଇଁ ବିଦେଶରେ ଇଂଲଣ୍ଡ ବିପକ୍ଷରେ ଅନ୍ତର୍ଜାତୀୟ ଦିନିକିଆ ସିରିଜ ଖେଳିଥିଲେ। ପରେ ତାଙ୍କୁ ୱେଷ୍ଟଇଣ୍ଡିଜ ବିପକ୍ଷରେ ଏବଂ ଆଗାମି ଜିମ୍ବାୱେ ବିପକ୍ଷ ସିରିଜରୁ ବିଶ୍ରାମ ଦିଆଯାଇଛି। ପିଠିରେ ଇଞ୍ଜୁରି ପାଇଁ ତାଙ୍କୁ ବର୍ତ୍ତମାନ ବେଙ୍ଗାଲୁରୁସ୍ଥିତ ନ୍ୟାଶନାଲ କ୍ରିକେଟ ଏକାଡେମୀ (ଏନ୍‌ସିଏ)ରେ ରିହାବିଲିଟେଶନରେ ରହିବାକୁ ପଡ଼ିବ। ତାଙ୍କୁ ସେପ୍ଟେମ୍ବର-ଅକ୍ଟୋବରରେ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ବିପକ୍ଷ ଘରୋଇ ହ୍ୱାଇଟ୍‌ବଲ ସିରିଜ ପୂର୍ବରୁ ଫିଟ୍ ହେବାକୁ ପଡ଼ିବ। ବୁମ୍‌ରାଙ୍କ ନିକଟରେ କିଛିବର୍ଷ ପୂର୍ବେ ଏହି ସମସ୍ୟା ଦେଖା ଦେଇଥିଲା ଏବଂ ସେ ଦିନ ଖେଳରୁ ଦୂରେଇ ରହିଥିଲେ। ବର୍ତ୍ତମାନ ଏହି ପେସ୍ ବୋଲର ଜଣକ ତାଙ୍କ ପରିବାର ସହ ଯୁକ୍ତରାଷ୍ଟ୍ର ଆମେରିକାରେ ଛୁଟି କଟାଉଛନ୍ତି।

# କୋହଲି, ରାହୁଲ ଫେରିଲେ, ଆୟାର ଷ୍ଟାଣ୍ଡବାଇ

**ନୂଆଦିଲ୍ଲୀ, ୮।୮ (ପି.ଟି.)**

ଏସିଆ କପ୍ ପାଇଁ ସୋମବାର ୧୫ ଜଣିଆ ଭାରତୀୟ ଟି୨୦ କ୍ରିକେଟ ଦଳ ଘୋଷଣା କରାଯାଇଛି। ପୂର୍ବତନ ଅଧିନାୟକ ବିରାଟ କୋହଲି ଏବଂ ଫିଟ୍ ହେବାପରେ ଉପ ଅଧିନାୟକ କେ.ଏଲ୍. ରାହୁଲ ପୁଣି ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଅନ୍ୟପକ୍ଷରେ ପିଠିରେ ଆଘାତପ୍ରାପ୍ତ ଯୋଗୁ ସିନିୟର ପେସ୍ ବୋଲର ଯଶପ୍ରୀତ୍ ବୁମ୍‌ରାଙ୍କୁ ଦଳରେ ସ୍ଥାନ ମିଳି ନାହିଁ। କୋଭିଡ୍ ଯୋଗୁ ରାହୁଲ ୱେଷ୍ଟଇଣ୍ଡିଜ ବିପକ୍ଷ ଟି୨୦ ସିରିଜ ଖେଳି ପାରି ନ ଥିଲେ। ହାର୍ନିଆ ଅସ୍ତ୍ରୋପଚାର ପାର ସେ ଦଳକୁ ଫେରିଛନ୍ତି। ଦଳରୁ ବାଦ୍ ପଡ଼ିଥିବା ପ୍ରମୁଖ ଖେଳାଳିମାନଙ୍କ ମଧ୍ୟରେ ରହିଛନ୍ତି ବ୍ୟାଟର ଶ୍ରେୟାସ ଆୟାର ଓ ଡାହାଣହାତି ସ୍ପିନର ଅକ୍ଷର ପଟେଲ, ସିମ୍ ବୋଲର ଦୀପକ ଚହର। ତେବେ ସେମାନଙ୍କୁ ଷ୍ଟାଣ୍ଡବାଇ ଖେଳାଳି ଭାବେ ରଖାଯାଇଛି। ଦଳରୁ ବାଦ୍ ପଡ଼ିଥିବା ଅନ୍ୟତମ ଖେଳାଳି ହେଲେ ହର୍ଷଲ ପଟେଲ। ତାଙ୍କ ପଞ୍ଜରାରେ ଆଘାତ ଲାଗିଛି। ଆଘାତଜନିତ କାରଣରୁ ବୁମ୍‌ରା ଓ ପଟେଲ ସିଲେକ୍ସନ ପାଇଁ ଉପଲବ୍ଧ ନ ଥିଲେ। ଦୁବାଇରେ ହେବାକୁଥିବା ଟି୨୦ ଏସିଆ କପ୍‌ରେ ଭାରତ ଏହାର ପ୍ରଥମ ମୁକାବିଲା ଅଗଷ୍ଟ ୨୮ରେ ପାକିସ୍ତାନ ସହ କରିବ। ସେପ୍ଟେମ୍ବର ୧୧ରେ ଟୁର୍ନାମେଣ୍ଟର ଫାଇନାଲ ଖେଳାଯିବ।


ବିରାଟ କୋହଲି ଓ ଲୋକେଶ ରାହୁଲ।

**ଭାରତୀୟ ଟି୨୦ କ୍ରିକେଟ ଦଳ:** ରୋହିତ ଶର୍ମା (ଅଧିନାୟକ), କେ.ଏଲ୍ ରାହୁଲ (ଉପଅଧିନାୟକ), ବିରାଟ କୋହଲି, ସୂର୍ଯ୍ୟକୁମାର ଯାଦବ, ଦୀପକ ହୁଡା, ରିଷଭ ପନ୍ତ (ଉଇକେଟକିପର), ଦୀନେଶ କାର୍ତ୍ତିକ (ଉଇକେଟକିପର), ହାର୍ଦ୍ଦିକ ପାଣ୍ଡ୍ୟା, ରବୀନ୍ଦ୍ର ଜାଡେଜା, ଆର. ଅଶ୍ୱିନ, ଯୁଜବେନ୍ଦ୍ର ଚହଲ, ରବି ବିଷ୍ଣୋଇ, ଭୁବନେଶ୍ୱର କୁମାର, ଅର୍ଶଦୀପ ସିଂ, ଆଭେଶ ଖାଁ। **ଷ୍ଟାଣ୍ଡ ବାଇ ଖେଳାଳି:** ଶ୍ରେୟାସ ଆୟାର, ଅକ୍ଷର ପଟେଲ ଓ ଦୀପକ ଚହର।

# ପୁରୁଣା ଫର୍ମାଟ୍‌ରେ ହେବ ଦୁଲିପ ଟ୍ରଫି

## ବିସିସିଆଇର ଘରୋଇ କ୍ରିକେଟ କାର୍ଯ୍ୟସୂଚୀ

**ନୂଆଦିଲ୍ଲୀ, ୮।୮(ପି.ଟି.)**

ଭାରତୀୟ ଘରୋଇ କ୍ରିକେଟ ସିଜନ ସେପ୍ଟେମ୍ବର ୮ରୁ ଆରମ୍ଭ ହେବ। ୬ ମାସ ମଧ୍ୟରେ ସବୁ ବୟସ ବର୍ଗର ମୋଟ୍ ୧୫୦୦ ଗେମ୍ ଖେଳାଯିବ। ୩ ବର୍ଷ ପରେ ଦୁଲିପ ଟ୍ରଫି ଏହାର ପୁରୁଣା ଜୋନାଲ ଫର୍ମାଟରେ ଖେଳାଯିବ। ଇରାନୀ କପ୍ ମଧ୍ୟ ଫେରିବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ଜୟ ଶାହା ସୋମବାର ଏକ ପ୍ରେସ୍ ଇସ୍ତାହାରରେ ଏହି ସୂଚନା ଦେଇଛନ୍ତି। ଦୁଲିପ ଟ୍ରଫି (ସେପ୍ଟେମ୍ବର ୮ରୁ୨୫)ରେ ୬ଟି ଜୋନ୍ (ଉତ୍ତର, ଦକ୍ଷିଣ, କେନ୍ଦ୍ର, ପଶ୍ଚିମ, ପୂର୍ବ ଏବଂ ଉତ୍ତରପୂର୍ବ) ମଧ୍ୟରେ ମୁକାବିଲା ନକ୍‌ଆଉଟ୍ ଭିତ୍ତିରେ ଖେଳାଯିବ। ଗତ କିଛି ସିଜନ ହେଲା ବିସିସିଆଇ ଜୋନାଲ ଫର୍ମାଟ ଅନୁସରଣ କରୁ ନ ଥିଲା। ଏହା ପରିବର୍ତ୍ତେ ଇଣ୍ଡିଆ ରେଡ୍, ବ୍ଲୁ ଓ ଗ୍ରୀନ୍ ମଧ୍ୟରେ ପ୍ରତିଯୋଗିତା ହେଉଥିଲା। ପୂର୍ବରୁ ୫ଟି ଜୋନ୍ ମଧ୍ୟରେ ହେଉଥିଲା। ଏଥର ଅତିରିକ୍ତ ଉତ୍ତର ପୂର୍ବକୁ ସାମିଲ କରାଯାଇଛି। ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫି ଅକ୍ଟୋବର ୧୧ରୁ ନଭେମ୍ବର ୫ ପର୍ଯ୍ୟନ୍ତ ଖେଳାଯିବ। ବିଜୟ ହଜାରେ ଟ୍ରଫି ନଭେମ୍ବର ୧୨ରୁ ଡିସେମ୍ବର ୨ ପର୍ଯ୍ୟନ୍ତ ହେବ। ଏହି ଦୁଇଟି ହ୍ୱାଇଟ୍ ବଲ ଟୁର୍ନାମେଣ୍ଟ ୩୮ଟି ଦଳକୁ ନେଇ ହେବ। ଏଥିରେ ୮ଟି ଲେଖାଏଁ ଦଳକୁ ନେଇ ତିନୋଟି ଗ୍ରୁପ୍ ଏବଂ ୭ଟି ଲେଖାଏଁ ଦଳକୁ ନେଇ ଦୁଇଟି ଗ୍ରୁପ୍ ପ୍ରତିଯୋଗିତାରେ ଭାଗନେବେ। ରଣ୍‌ଜୀ ଟ୍ରଫି ଏହାର ପୁରୁଣା ଫର୍ମାଟକୁ ଫେରିବ। ଏହା ଡିସେମ୍ବର ୧୩ରୁ ଆରମ୍ଭ ହୋଇ ଫେବୃୟାରୀ ୨୦ରେ ଶେଷ ହେବ। ଏଲିଟ୍ ଓ ପ୍ଲେଟ୍ ଗ୍ରୁପ୍ ଫେରିବ। ଏଲିଟ୍ ଗ୍ରୁପ୍‌ରେ ୩୨ଟି ଦଳ ରହିବେ। ସେମାନଙ୍କୁ ୪ଟି ଗ୍ରୁପ୍‌ରେ ବିଭକ୍ତ କରାଯିବ। ପ୍ରତ୍ୟେକ ଗ୍ରୁପ୍‌ରେ ୮ଟି ଦଳ ରହିବେ। ଏହା ହୋମ୍ ଓ ଆୱେ ଫର୍ମାଟ୍‌ରେ ଖେଳାଯିବ। ପ୍ରତିଟି ଦଳ ଲିଗ୍ ପର୍ଯ୍ୟାୟରେ ୭ଟି ଲେଖାଏଁ ମ୍ୟାଚ ଖେଳିବେ। ଚାରୋଟି ଗ୍ରୁପ୍‌ରୁ ଶ୍ରେଷ୍ଠ ଦୁଇ ଦଳ ସିଧାସଳଖ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବେ। ପ୍ଲେଟ୍ ଗ୍ରୁପ୍‌ରେ ୬ଟି ଦଳ ରହିବେ। ଏଥିରେ ୧୫ଟି ଲିଗ୍ ମ୍ୟାଚ ଖେଳାଯିବ। ଶ୍ରେଷ୍ଠ ଚାରୋଟି ଦଳ ସିଧାସଳଖ ସେମିଫାଇନାଲ କ୍ୱାଲିଫାଏ କରିବେ। ନିମ୍ନ ସ୍ଥାନରେ ରହିଥିବା ଦୁଇ ଦଳ ୫ମ ଓ ୬ଷ୍ଠ ସ୍ଥାନ ପାଇଁ ମ୍ୟାଚ୍ ଖେଳିବେ। ଉଭୟ ଏଲିଟ୍ ଓ ପ୍ଲେଟ୍ ଗ୍ରୁପ୍ ଲିଗ୍ ମ୍ୟାଚ୍‌ଗୁଡ଼ିକ ଡିସେମ୍ବର ୧୩ରୁ ଆରମ୍ଭ ହେବ। ପ୍ଲେଟ୍ ଲିଗ୍ ଜାନୁୟାରୀ ୨୯ରେ ଏବଂ ଏଲିଟ୍ ଗ୍ରୁପ୍ ମ୍ୟାଚ୍ ଫେବୃୟାରୀ ୨୦ରେ ଶେଷ ହେବ।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ